# ନୀଳକଂଠ ସ୍ମାରକୀ

## ତୃତୀୟ ଖଣ୍ଡ

ନୀଳକଂଠଙ୍କ ଭାଷା ବିଚାର



ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଂଠ

ପଣ୍ଡିତ ନୀଳକଂଠ ସ୍ମୃତି ସମିତି

Digitized by PPRACHIN, SOA

# ନୀଳକଂଠ ସ୍ମାରକୀ

## ତୃତୀୟ ଖଂଡ

ପ୍ରଥମ ଭାଗ— **ନୀଳକଣ୍ଠଙ୍କ ଭାଷା ବିଚାର**

ସଂକଳନ— **ଡ଼ଃ. ଗଗନେନ୍ଦ୍ର ନାଥ ଦାଶ**

ଦ୍ୱିତୀୟ ଭାଗ— **ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଂଠ**
**ଡଃ. ପ୍ରତାପ ଚନ୍ଦ୍ର ଚନ୍ଦର**

ମର୍ମାନୁବାଦ— **ଅଧ୍ୟାପକ ବନମାଳି ମିଶ୍ର**
**ଇଂ ମଧୁସୂଦନ ଦାଶ**

ପଣ୍ଡିତ ନୀଳକଂଠ ସ୍ମୃତି ସମିତି
୩୦୩ ଖାରବେଳ ନଗର
ଭୁବନେଶ୍ୱର - ୭୫୧୦୦୧

Digitized by PPRACHIN, SOA

# ନୀଳକଣ୍ଠ ସ୍ମାରକୀ-ତୃତୀୟ ଖଣ୍ଡ

୧ମ ଭାଗ— **ନୀଳକଣ୍ଠଙ୍କ ଭାଷା ବିଚାର**

**ସଂକଳନ—**

ଡଃ. ଗଗନେନ୍ଦ୍ର ନାଥ ଦାଶ

୨ୟ ଭାଗ—**ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଣ୍ଠ**

**ମର୍ମାନୁବାଦ—**

ଅଧ୍ୟାପକ ବନମାଳି ମିଶ୍ର

ଇଂ ମଧୁସୂଦନ ଦାଶ

**ପ୍ରକାଶକ—**

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

୩୦୩, ଖାରବେଳ ନଗର

ଭୁବନେଶ୍ୱର-୭୫୧୦୦୧

ପ୍ରଥମ ସଂସ୍କରଣ—୧୯୮୬

**ମୁଦ୍ରାକର—**

ଏକାମ୍ର ପ୍ରେସ, ଭୁବନେଶ୍ୱର-୭

**ମୂଲ୍ୟ—**

ସାଧା ବନ୍ଧେଇ—ଟ ୧୪-୦୦

ବୋର୍ଡ ବନ୍ଧାଇ—ଟ ୧୮-୦୦

**Nilakantha Smaraki Vol. III**

Ist Part—Nilakanthanka Bhasha Bichar

**Editor**

Dr. Gaganendra Nath Dash

2nd Part—Rastriya Byabastapaka Nilakantha

**Gist Translation**

Sri Banamali Misra

Eng. Madhusudan Das

**Publishers**

Pandit Nilakantha Smruti Samiti

303, Kharavela Nagar, BBSR-1

Fist Edition—1986

**Printers**

Ekamra Press, BBSR-7

**Price**

Paper Pack—Rs 14 00

Board Bound—Rs. 18-00

Digitized by PPRACHIN, SOA

# ଆଭାସ

ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ଗଠିତ ହେବାର ଦୁଇ ବର୍ଷ ମଧ୍ୟରେ, ୧୯୮୦ ମସିହାରେ "ନୀଳକଣ୍ଠ ସ୍ମାରକୀ" ପ୍ରଥମ ଖଣ୍ଡ ପ୍ରକାଶିତ ହେଲା । ତା' ପରେ ଆରମ୍ଭ ହେଲା ତାଙ୍କର ଶତବାର୍ଷିକୀ କାର୍ଯ୍ୟକ୍ରମ । ଦୁଇବର୍ଷ ଧରି ଏ ଉତ୍ସବ ଓଡ଼ିଶାରେ ଏବଂ ଓଡ଼ିଶା ବାହାରେ ସମାରୋହରେ ଅନୁଷ୍ଠିତ ହେଲା । ୧୯୮୪ ମସିହା ଅଗଷ୍ଟ ପାଞ୍ଚ ତାରିଖରେ, ତାଙ୍କର ଜନ୍ମତିଥିରେ "ନୀଳକଣ୍ଠ ସ୍ମାରକୀ" ଦ୍ୱିତୀୟ ଖଣ୍ଡ ଉନ୍ମୋଚିତ ହେଲା । ଏ ଦୁଇଖଣ୍ଡି ସ୍ମାରକୀରେ ଅଛି ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳୀ ବିଷୟରେ ବହୁ ବିଶିଷ୍ଟ ଲେଖକଙ୍କର ପ୍ରବନ୍ଧ ଓ କବିତା । ଏଥିରେ ମଧ୍ୟ ସନ୍ନିବିଷ୍ଟ ହୋଇଛି ତାଙ୍କ କୃତି ଏବଂ ପ୍ରତିଭା ସମ୍ବନ୍ଧରେ କେତେକ ଆଲୋଚନା ପ୍ରବନ୍ଧ ଏବଂ ନୀଳକଣ୍ଠଙ୍କ ରଚନାର କେତେକାଂଶ । ଏ ଦୁଇଟି ସହିତ ପ୍ରକାଶ ପାଇଛି ତାଙ୍କର ଜୀବନୀ, କୃତି ଓ ପ୍ରତିଭା ବିଷୟରେ କେତୋଟି ଖଣ୍ଡି ପୁସ୍ତକ । ସେଥିରୁ ଖଣ୍ଡିଏ ମୁଖ୍ୟତଃ ନୀଳକଣ୍ଠଙ୍କ ସତ୍ୟବାଦୀ ଜୀବନ ଉପରେ ଲେଖା—ଲେଖିଛନ୍ତି, ତାଙ୍କ ବନ ବିଦ୍ୟାଳୟର ଛାତ୍ର ଅଧ୍ୟାପକ ଚିନ୍ତାମଣି ଦାଶ । ଆଉ ଖଣ୍ଡିଏ ଇଂରାଜୀରେ ଲେଖା, ନୀଳକଣ୍ଠଙ୍କ ଜୀବନୀ—ଲେଖିଛନ୍ତି, କଲିକତାର ବିଶିଷ୍ଟ ଲେଖିକା ଲୀଳା ରାୟ । ପ୍ରଥମଟି ୧୯୮୧ ମସିହାରେ ଓ ଦ୍ୱିତୀୟଟି ନୀଳକଣ୍ଠଙ୍କ ଗତ ଜନ୍ମ ତିଥିରେ ପ୍ରକାଶ ପାଇଛି ।

ନୀଳକଣ୍ଠଙ୍କର ଅଗାଧ ପାଣ୍ଡିତ୍ୟ । ଅପରିମିତ ପରିସର ମଧ୍ୟରେ ପ୍ରସାରିତ ହୋଇଛି । ଭାଷା ଓ ସାହିତ୍ୟ, କାବ୍ୟ ଓ କବିତା, ସଂସ୍କାର ଓ ସଂସ୍କୃତି, ଐତିହ୍ୟ ଓ ଦର୍ଶନ ଏବଂ ପ୍ରାଚୀନ ସାହିତ୍ୟ ଓ ଆର୍ଯ୍ୟ ଦର୍ଶନ—କୌଣସିଟି ବାଦ ପଡ଼ିନାହିଁ । କୌଣସି କ୍ଷେତ୍ରରେ ସେ ଗତାନୁଗତିକ ପରମ୍ପରା ସମର୍ଥନ କରି ନାହାନ୍ତି । ସବୁଥିରେ ତାଙ୍କର ମୌଳିକ ଚିନ୍ତା ଆଉ ବୌଦ୍ଧିକ ବିଚାର ।

ସ୍ମୃତି ସମିତି ସ୍ଥିର କଲେ ଯେ ପ୍ରତିବର୍ଷ ଗୋଟିଏ ଗୋଟିଏ ବିଷୟରେ ନୀଳକଣ୍ଠଙ୍କର ଅବଦାନ ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଏହାର ସମୀକ୍ଷା ନିବନ୍ଧ ଆକାରରେ ଉପସ୍ଥାପିତ ହେବ ଏବଂ ତହିଁର ଆଲୋଚନା କରାଯିବ । ସେ ଆଲୋଚନା ବିଚାର କରି ଲେଖକ ଆବଶ୍ୟକ ମତେ ନିବନ୍ଧର ପରିବର୍ଦ୍ଧନ ବା ପରିବର୍ତ୍ତନ କରିବେ ଏବଂ ନିବନ୍ଧ ଗୁଡ଼ିକ ପୁସ୍ତିକା ଆକାରରେ ପ୍ରକାଶିତ ହେବ ।

Digitized by PPRACHIN, SOA

ଭାଷା ବିଜ୍ଞାନ ସମ୍ବନ୍ଧରେ ନୀଳକଣ୍ଠ ବହୁ ସମୀକ୍ଷା କରିଛନ୍ତି । ବହୁ ଦିଗରୁ ବିଚାର କରିଛନ୍ତି । ଭାଷାଚର୍ଚ୍ଚା ଅନୁଶୀଳନ କରି ସେ ଓଡ଼ିଆ ଭାଷାକୁ ସଂସ୍କୃତ ବ୍ୟାକରଣରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଆ ଭାଷାର ନିଜସ୍ୱ ଏକ ବ୍ୟାକରଣର ସୂଚନା ଦେଇଛନ୍ତି । ଲେଖା ଏବଂ ଉଚ୍ଚାରଣ ମଧ୍ୟରେ ପାର୍ଥକ୍ୟ ଭାଷାର ଏକ ସମସ୍ୟା । ନୀଳକଣ୍ଠ ଏ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଛନ୍ତି । ଏହାର ତାତ୍ପର୍ଯ୍ୟ ଏବଂ ସମୀଚୀନତା ପ୍ରଣିଧାନ ଯୋଗ୍ୟ । ଓଡ଼ିଆ ଲିପିରେ ଅଛି ନାନା ଜଟିଳତା । ସେଥିରୁ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡୁଛି । ଏ ସବୁ ଗୁଡ଼ିକ ପରସ୍ପର ଜଡ଼ିତ । ଅନୁଧ୍ୟାନ କଲେ ଆହୁରି କେତେକ ଅଭାବ ଅସୁବିଧା ଆଖିରେ ପଡ଼ିବ । ବର୍ଣ୍ଣମାଳାରେ ଆମେ ପଢ଼ିଲୁ ବର୍ଗ୍ୟ ବ, ଅବର୍ଗ୍ୟ ବ ଦୁଇଟା ବ ସୃଷ୍ଟି କରିଛି ଏକ ସମସ୍ୟା । ଅବର୍ଗ୍ୟ 'ବ'ଟି ଆପେ ଆପେ "ଓ୍ୱ"ରେ ପରିଣତ ହୋଇ ଯାଇଛି । ଭାଷା ବିଚାର ସାହିତ୍ୟ ଏବଂ ସଂସ୍କୃତି ସହିତ ଜଡ଼ିତ । ଭାଷାବିଜ୍ଞାନୀମାନେ ଏଥିରେ ତତ୍ପର ହୋଇଛନ୍ତି ।

ନୀଳକଣ୍ଠ ଭାଷା ଚର୍ଚ୍ଚାରେ ଯେଉଁ ସବୁ ବିଚାର ପ୍ରତିପାଦନ କରିଛନ୍ତି ତାହାର ଅନୁଧ୍ୟାନ କରି ସାତଜଣ ଗବେଷକ ନିବନ୍ଧ ଲେଖିଛନ୍ତି । ସେ ଗୁଡ଼ିକ ଏକତ୍ର ସନ୍ନିବିଷ୍ଟ କରି ଏ ପୁସ୍ତିକାଟି ରଚିତ ହୋଇଛି । "ନୀଳକଣ୍ଠ ସ୍ମାରକୀ"ର ତୃତୀୟ ଖଣ୍ଡ ଭାବରେ ନାମିତ ହୋଇଛି । ତାଙ୍କର ୧୦୩ତମ ଜନ୍ମ ଦିନରେ ପ୍ରକାଶ ପାଉଛି । ସ୍ମୃତି ସମିତି ତରଫରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି ।

ପ୍ରତିବର୍ଷ ନୀଳକଣ୍ଠ ସ୍ମାରକୀ ବକ୍ତୃତାମାଳା ଲାଗି ଅର୍ଥ ବ୍ୟବସ୍ଥା କରା ଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଆଦର ସହିତ ଏ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏ ବକ୍ତୃତା ଗୁଡ଼ିକ ପୁସ୍ତିକା ଆକାରରେ ପ୍ରକାଶିତ ହେଉଛି । "ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଣ୍ଠ" ଶିରୋନାମାରେ ଦୁଇଟି ବକ୍ତୃତା ଦେଇଥିଲେ କଲିକତାର ଡକ୍ଟର ପ୍ରତାପ ଚନ୍ଦ୍ର ଚନ୍ଦର । ଏ ବିଷୟରେ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ଥିଲା । ସେ ଇଂରେଜୀରେ ଭାଷଣ ଦେଇଥିଲେ । ତାହାର ଓଡ଼ିଆ ମର୍ମାନୁବାଦ ଏ ପୁସ୍ତିକାରେ ସନ୍ନିବିଷ୍ଟ ହୋଇଛି ।

ଆମର ଆଶା, ପାଠକମାନେ ଏ 'ନୀଳକଣ୍ଠ ସ୍ମାରକୀ ତୃତୀୟ ଖଣ୍ଡ'ରେ ବୌଦ୍ଧିକତାର ଆସ୍ୱାଦନ ପାଇବେ । ସ୍ମୃତି ସମିତିର ଏ ଉଦ୍ୟମ ଅବ୍ୟାହତ ରହିବ । ପାଠକ ମାନଙ୍କର ଅନୁରାଗ ହେବ ଏ ଉଦ୍ୟମର ପାଥେୟ ।

**ସଦାଶିବ ମିଶ୍ର**

୪ । ୮ । ୮୬

Digitized by PPRACHIN, SOA

# ସୂଚୀପତ୍ର

## ୧ମ ଭାଗ—ନୀଳକଂଠଂକ ଭାଷା ବିଚାର


| | | | ପୃଷ୍ଠାଙ୍କ |
|---|---|---|---|
| ୧) | ଭାଷା ସଂଗ୍ରାମୀ ପଣ୍ଡିତ ନୀଳକଣ୍ଠ | — ଗଗନେନ୍ଦ୍ର ନାଥ ଦାଶ | ୧ |
| ୨) | ଓଡ଼ିଆ ଲିପିରେ ସଂସ୍କାର ଦରକାର | — ନୀଳକଣ୍ଠ ଦାସ | ୨୯ |
| ୩) | ଓଡ଼ିଆ ଭାଷା ସଂଗ୍ରାମୀ ନୀଳକଣ୍ଠ | — ସଚ୍ଚିଦାନନ୍ଦ ମିଶ୍ର | ୩୦ |
| ୪) | ନୀଳକଣ୍ଠ ଓ ଓଡ଼ିଆ ଲିପି ସଂସ୍କାର | — ପଞ୍ଚାନନ ମହାନ୍ତି | ୪୧ |
| ୫) | ଭାଷା ସଂଗ୍ରାମୀ ନୀଳକଣ୍ଠ ଓ ଓଡ଼ିଆ ବର୍ଣ୍ଣ ବିଚାର | — ଗୋପବନ୍ଧୁ ଦାଶ | ୫୩ |
| ୬) | ପଣ୍ଡିତ ନୀଳକଣ୍ଠ ଓ ଓଡ଼ିଆ ବ୍ୟାକରଣ— ପଦ ବିଚାର | — ଉପେନ୍ଦ୍ର ପ୍ରସାଦ ଦଳାଇ | ୬୫ |
| ୭) | ଓଡ଼ିଆ ଭାଷା ଓ ବ୍ୟାକରଣର ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ୟମ | – କୁମୁଦିନୀ ମିଶ୍ର | ୭୯ |
| ୮) | ରାଷ୍ଟ୍ର ଗଠନ, ଭାଷା ରାଜନୀତି ଓ ପଣ୍ଡିତ ନୀଳକଣ୍ଠଙ୍କ ଭାଷାଚର୍ଚ୍ଚା | — ଭବଗ୍ରାହୀ ମିଶ୍ର | ୧୦୨ |
| ୯) | ଲେଖକ ପରିଚୟ | — — — | ୧୧୧ |


## ୨ୟ ଭାଗ—ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଂଠ

ଡଃ ପ୍ରତାପ ଚନ୍ଦ୍ର ଚନ୍ଦର

ମର୍ମାନୁବାଦ—ଅଧ୍ୟାପକ ବନମାଳି ମିଶ୍ର

ଇଂ ମଧୁସୂଦନ ଦାଶ

Digitized by PPRACHIN, SOA

# ନୀଳକଂଠଂକ ଭାଷା ବିଚାର

Digitized by PPRACHIN, SOA

# ଭାଷାବିଜ୍ଞାନୀ ପଣ୍ଡିତ ନୀଳକଣ୍ଠ

**ଗଗନେନ୍ଦ୍ର ନାଥ ଦାଶ**

## ୧. ୦ – ନୀଳକଣ୍ଠଙ୍କ ବହୁମୁଖୀ ପ୍ରତିଭାର ଏକ ଅନାଲୋଚିତ ଦିଗ—ଭାଷାଚର୍ଚ୍ଚା :

ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ରାଜନୀତି, ଶିକ୍ଷା, ସମାଜସେବା ଓ ସଂସ୍କାର, ସର୍ଜନଶୀଳ ସାହିତ୍ୟ ରଚନା/ସୃଷ୍ଟି, ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚା ତଥା ଦେଶସେବା ଆଦି ବହୁ କ୍ଷେତ୍ରରେ ନେତୃତ୍ୱ ନେଇଥିଲେ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ସେସବୁ କ୍ଷେତ୍ରରେ ସେ ଅନେକ ଅଧିକ କାମ କରିଛନ୍ତି ଓ ତାଙ୍କର ଅନେକ ଅଧିକ ଅବଦାନ ଅଛି । ପୁଣି ସେସବୁ ଏତେ ଅଧିକ ଜଣା ଓ ଚର୍ଚ୍ଚିତ ଯେ ଓଡ଼ିଆ ଭାଷାଚର୍ଚ୍ଚାରେ ତାଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଆଜି ତୁଳନାତ୍ମକ ଭାବରେ ଅବହେଳିତ ଓ ଫଳରେ ଅଜ୍ଞାତ ରହିଯାଇଛି । ଭାଷାଚର୍ଚ୍ଚା ତୁଳନାତ୍ମକ ଭାବରେ କିଛିଟା ଟେକ୍ନିକାଲ ତଥା ସାଧାରଣ ଲୋକ ପକ୍ଷରେ ନୀରସ ହୋଇଥିବାରୁ ମଧ୍ୟ ସେ ସମ୍ପର୍କରେ ବିଶେଷ ଆଲୋଚନାର ବାତାବରଣ ସୃଷ୍ଟି ହୋଇପାରିନାହିଁ ।

ନୀଳକଣ୍ଠଙ୍କ ଭାଷା ବିଜ୍ଞାନଚର୍ଚ୍ଚା କେବଳ ଓଡ଼ିଆ ଭାଷାକେନ୍ଦ୍ରିକ । ପୁଣି ନୀଳକଣ୍ଠ ଅବଶ୍ୟ ପେଷାଦାର ଭାଷାବିଜ୍ଞାନୀ ନ ଥିଲେ ବା ଭାଷାବିଜ୍ଞାନ ଚର୍ଚ୍ଚା ତାଙ୍କର ପେଷା ନ ଥିଲା ; ବୃତ୍ତିଜୀବୀ ଭାବରେ ତାଙ୍କର ଧିଷଣା—ମନନ ମନ୍ଥନର ଏକମାତ୍ର କ୍ଷେତ୍ର ମଧ୍ୟ ନ ଥିଲା । ସେଥିପାଇଁ କେହି କେହି ତାଙ୍କୁ ଭାଷାବିଜ୍ଞାନୀ ନୀଳକଣ୍ଠ ବୋଲି ଅଭିହିତ କରିବାରେ—ତାଙ୍କ ପ୍ରତି ସମସ୍ତ ଶ୍ରଦ୍ଧା ଓ ସମ୍ମାନ ସତ୍ତ୍ୱେ—କିଞ୍ଚିତ୍ କୁଣ୍ଠା ପ୍ରକାଶ କରି ପାରନ୍ତି । ତେଣୁ ମୂଳରୁ କହିଦେବା ଯଥାର୍ଥ ହେବ ଯେ ନୀଳକଣ୍ଠ ରାଜନୀତି, ଶିକ୍ଷା, ସମାଜସେବା ଓ ସଂସ୍କାର, ସର୍ଜନଶୀଳ ସାହିତ୍ୟ ସୃଷ୍ଟି, ସାହିତ୍ୟ ସଂସ୍କୃତିର ଚର୍ଚ୍ଚା ଓ ସମାଲୋଚନା, ଦେଶସେବା ଆଦି କିଛି ନ କରି କେବଳ ଯେତିକି ଭାଷାଚର୍ଚ୍ଚା କରିଛନ୍ତି, ମାତ୍ର ସେତିକି ଯଦି କରିଥାନ୍ତେ, ତାହେଲେ ବି ଜଣେ ଭାଷାବିଜ୍ଞାନୀର ସ୍ୱୀକୃତି ପାଇଥାନ୍ତେ ଅନ୍ତତଃ ଓଡ଼ିଆ ଭାଷାଚର୍ଚ୍ଚା କ୍ଷେତ୍ରରେ । କେବଳ ସେତିକି ନୁହେଁ ବର୍ତ୍ତମାନ ତାଙ୍କୁ ଭାଷାବିଜ୍ଞାନୀ ଭାବରେ ଯେତିକି ସ୍ୱୀକୃତି ଓ ସମ୍ମାନ ଦିଆଯାଉଛି ତା ଅପେକ୍ଷା ଅଧିକ ସ୍ୱୀକୃତି ଓ ସମ୍ମାନ ବୋଧହୁଏ ମିଳିଥାଆନ୍ତା । କାରଣ ସେହି ବହୁମୁଖୀ ପ୍ରତିଭାର ଅନ୍ୟାନ୍ୟ କ୍ଷେତ୍ରରେ ତାଙ୍କର ବିଶେଷ କୃତିତ୍ୱ ଓ ସାଫଲ୍ୟ ତଥା ସ୍ୱୀକୃତି ଆଦି ତାଙ୍କ ଭାଷାଚର୍ଚ୍ଚାକୁ ତଥା ତାଙ୍କ ଭାଷାବିଜ୍ଞାନୀ ସ୍ୱରୂପକୁ ଆବୃତ କରି ପକାଇଛି । (ପୁଣି ରାଜନୀତି ଆଦି ବହୁ କ୍ଷେତ୍ରରେ ଅବତୀର୍ଣ୍ଣ ନ ହୋଇ ଭାଷାଚର୍ଚ୍ଚା

Digitized by PPRACHIN, SOA

ପାଇଁ ଆହୁରି ଅଧିକ ସମୟ ଦେଇଥିଲେ ତାଙ୍କ ଭାଷାଚର୍ଚ୍ଚାର ପରିମାଣ ଓ ଗୁଣାତ୍ମକ ମାନ ଆହୁରି ବୃଦ୍ଧି ପାଇଥାଆନ୍ତା ବୋଧହୁଏ । ସେ କଥା ଏଠାରେ କିନ୍ତୁ ଅପ୍ରାସଙ୍ଗିକ ତଥା ନିଷ୍ପ୍ରୟୋଜନ । ତେବେ କହିବାର କଥା ନୀଳକଣ୍ଠ ଇଂରାଜୀ Linguistics ଅର୍ଥରେ ହିଁ ଓଡ଼ିଆରେ ଭାଷାବିଜ୍ଞାନ ଶବ୍ଦର ପ୍ରୟୋଗ କରିଥିଲେ । ତା ସେ ପ୍ରଥମେ ବୋଧହୁଏ କରିଥିଲେ ୧୯୨୭ରେ । ଏହା ପୂର୍ବରୁ ଅନ୍ୟ କେହି ଓଡ଼ିଆରେ "ଭାଷାବିଜ୍ଞାନ" ଶବ୍ଦ ବା ପରିଭାଷା ବ୍ୟବହାର କରିଥିବାର ଜଣାନାହିଁ । ପୁଣି ସେ ଥିଲେ ସ୍ନାତକୋତ୍ତର ଶ୍ରେଣୀରେ ଓଡ଼ିଆ ସହ ତୁଳନାତ୍ମକ ଭାଷାତତ୍ତ୍ୱ ବା ଐତିହାସିକ ଭାଷାବିଜ୍ଞାନର ପ୍ରଥମ ଓଡ଼ିଆ ଅଧ୍ୟାପକ । ତେଣୁ ଆଜି ନୀଳକଣ୍ଠଙ୍କୁ ଭାଷାବିଜ୍ଞାନୀ ବୋଲି ଅଭିହିତ କରିବା ଯଥାର୍ଥ ହେବ ।

## ୧.୧.—ନୀଳକଣ୍ଠଙ୍କ ଭାଷା ବିଷୟକ ଅଧ୍ୟୟନ :

ନୀଳକଣ୍ଠଙ୍କ ଭାଷା ବିଷୟକ ଅଧ୍ୟୟନର କଳନା କରିବା ପାଇଁ ସାମାନ୍ୟ କିଛି ସୂଚନା ସେ ପ୍ରସଙ୍ଗାନୁରୋଧରେ ଛାଡ଼ିଦେଇ ଯାଇଥିଲେ ହେଁ ସେ ସମ୍ପର୍କରେ ସ୍ପଷ୍ଟ ଧାରଣା କରିବା ଏବେ ସମ୍ଭବ ନୁହେଁ । ଏହି ସୂଚନା ସବୁରୁ ଜଣାଯାଏ ଯେ ସେ ଯାସ୍କ, ପାଣିନି, ପତଞ୍ଜଳି 'ସାରସ୍ୱତ ଚନ୍ଦ୍ରିକା' କାର ଆଦି ଭାରତୀୟ ବୈୟାକରଣ ତଥା କେତେକ ପାଶ୍ଚାତ୍ୟ ପଣ୍ଡିତଙ୍କ ସଂସ୍କୃତ ଭାଷାଚର୍ଚ୍ଚା ଓ ସେହିପରି ବରରୁଚି, କାତ୍ୟାୟନ ଆଦିଙ୍କ ପ୍ରାକୃତ ଓ ପାଲି ଭାଷାଚର୍ଚ୍ଚା ସହ କେବଳ ପରିଚିତ ନ ଥିଲେ, ସେ କ୍ଷେତ୍ରରେ ସମଧିକ ବ୍ୟୁତ୍ପତ୍ତି ମଧ୍ୟ ଲାଭ କରିଥିଲେ । ୧୯ଶ ଶତକରେ ଇଉରୋପରେ ଉଦ୍ଭବ ଓ ବିକାଶ ଲାଭ କରିଥିବା ତୁଳନାତ୍ମକ ଭାଷାତତ୍ତ୍ୱ ସମ୍ପର୍କରେ ମଧ୍ୟ ସେ ବେଶ୍ ଅବହିତ ଥିଲେ । ପୁଣି ଭାରତୀୟ ଭାଷାଗୁଡ଼ିକ ସମ୍ପର୍କରେ ଗ୍ରୀୟରସନ୍‌ଙ୍କ ବିସ୍ତୃତ ଆଲୋଚନା, ବୀମ୍ସଙ୍କ ଭାରତୀୟ ଆର୍ଯ୍ୟଭାଷା ଗୁଡିକ ସମ୍ପର୍କରେ ଚର୍ଚ୍ଚା, ରେଭରେଣ୍ଡ ନାଉଲକରଙ୍କ ମରାଠୀ ଭାଷାଚର୍ଚ୍ଚା ଓ ରବୀନ୍ଦ୍ରନାଥ, ବିଜୟ ଚନ୍ଦ୍ର ମଜୁମଦାର ଓ ସୁନୀତି କୁମାର ଚାଟାର୍ଜୀଙ୍କ ବଙ୍ଗ ଭାଷାଚର୍ଚ୍ଚା ସହ ମଧ୍ୟ ତାଙ୍କର ପରିଚୟ ଥିଲା । ସେହିପରି ତାଙ୍କର ଭାଷା ବିଷୟକ ଅଧ୍ୟୟନର ଅନ୍ତର୍ଗତ ଥିଲା ରେଭରେଣ୍ଡ କାଲ୍‌ଡୱେଲ୍ ଓ ରେଭରେଣ୍ଡ କିଟେଲଙ୍କ ଦ୍ରାବିଡ଼ ଭାଷାଚର୍ଚ୍ଚା । । ଅଷ୍ଟ୍ରୋ-ଏସିଆଟିକ୍ ଭାଷା ପରିବାର ଓ ସେଇ ପରିବାର ଅନ୍ତର୍ଗତ ଭାଷା ଗୁଡ଼ିକର ଚର୍ଚ୍ଚା ମଧ୍ୟ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଓଡ଼ିଆ ଭାଷାଚର୍ଚ୍ଚା କ୍ଷେତ୍ରରେ ଆର୍ତ୍ତତ୍ରାଣ ଶତପଥୀଙ୍କ 'ଅଗ୍ରଭଙ୍ଗ ବୋଧିନୀ', ରାଧାନାଥ ରାୟଙ୍କ 'ବ୍ୟାକରଣ ପ୍ରବେଶ', ନମାଇଁ ବଲ୍ଲଭ ଭଟ୍ଟାଚାର୍ଯ୍ୟଙ୍କ 'ସର୍ବସାର ବ୍ୟାକରଣ' ଚନ୍ଦ୍ରମୋହନ ମହାରଣାଙ୍କ ବ୍ୟାକରଣ, ବିନାୟକ ମିଶ୍ରଙ୍କ ବ୍ୟାକରଣ, ଶ୍ୟାମସୁନ୍ଦର ରାଜଗୁରୁ ଓ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ 'ଭାଷାଚର୍ଚ୍ଚା' ଓ ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ସହ ତାଙ୍କର ନିବିଡ଼ ଓ ଘନିଷ୍ଠ ପରିଚିତି ଥିଲା । କିନ୍ତୁ କେବଳ ଏଇଥିରୁ ତାଙ୍କ ଭାଷା-ବିଷୟକ ଅଧ୍ୟୟନର ସ୍ପଷ୍ଟ ଧାରଣା କରିବା ଆଜି ଆଉ ସମ୍ଭବ ନୁହେଁ । ପୁଣି ଭାଷାବିଜ୍ଞାନରେ ବା ଭାଷାଚର୍ଚ୍ଚା କ୍ଷେତ୍ରରେ ଅଧ୍ୟୟନ ଅପେକ୍ଷା ମନନ ଓ ଅବବୋଧର ଗୁରୁତ୍ୱ ବହୁତ ବେଶି । ନୀଳକଣ୍ଠଙ୍କ ବିପୁଳ ଅଧ୍ୟୟନ

Digitized by PPRACHIN, SOA

ତ ଥିଲା, କିନ୍ତୁ ତା ସହିତ ଥିଲା ଗମ୍ଭୀର ମନନ ଓ ସ୍ପଷ୍ଟ ଅବବୋଧ । ତା ଫଳରେ ସେ ଆଜି ଜଣେ ବିଶିଷ୍ଟ ଭାଷାବିଜ୍ଞାନୀର ସ୍ୱୀକୃତି ଓ ସମ୍ମାନ ପାଇବାରେ ହକଦାର ।

## ୧.୨—ନୀଳକଣ୍ଠଙ୍କ ଭାଷାଚର୍ଚ୍ଚାର କାଳାନୁଶୀଳନ ଓ ପରିଚୟ :

ନୀଳକଣ୍ଠ କିନ୍ତୁ ନିରବଚ୍ଛିନ୍ନ ଭାବରେ ଭାଷାଚର୍ଚ୍ଚାର ସମୟ ଓ ସୁଯୋଗ ପାଇନଥିଲେ । ଯାହା ଜଣାଯାଏ, ଭାଷାଚର୍ଚ୍ଚା ଦିଗରେ ତାଙ୍କର ପ୍ରାଥମିକ ଉଦ୍ୟମ ଲିପି ସଂସ୍କାର ଦିଗରେ ଗତି କରିଥିଲା । ଏହାର ସମୟ ହେବ ୧୯୧୩ ଖ୍ରୀଷ୍ଟାବ୍ଦ । ଏହାପରେ ୧୯୧୭ରେ ମାସିକ 'ସତ୍ୟବାଦୀ' ପତ୍ରିକାରେ ତାଙ୍କର ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା ପ୍ରକାଶ ପାଇଥିଲା । ଏହି ପ୍ରବନ୍ଧରେ ସେ ଲିପି ଓ ବର୍ଣ୍ଣ ବା ଧ୍ୱନି ଭିତରେ ଥିବା ପାର୍ଥକ୍ୟ ଓ ସମ୍ପର୍କ ନିର୍ଦ୍ଦେଶ କରି ଲିଖନ ପ୍ରଣାଳୀ ଉଚ୍ଚାରଣ ଭିତ୍ତିକ ହେବା ଉଚିତ ବୋଲି ମତ ଦେଇଛନ୍ତି ; ମାନକ ଉପଭାଷା (ବା ତାଙ୍କ ଭାଷାରେ "ସାଧୁଭାଷା")ର ଭିତ୍ତି ଓ ସ୍ୱରୂପ ନିରୂପଣ କରିବା ପାଇଁ ଚେଷ୍ଟା କରିଛନ୍ତି ; ପୁଣି ସଂସ୍କୃତ ଠାରୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଦର୍ଶାଇ ଓଡ଼ିଆ ଲିପିକୁ ସଂସ୍କୃତ ପ୍ରଭାବରୁ ମୁକ୍ତ କରିବାପାଇଁ ଚେଷ୍ଟା କରିଛନ୍ତି । ଏହାପରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ତଥା ତୁଳନାତ୍ମକ ଭାଷାତତ୍ତ୍ୱର ଅଧ୍ୟାପକ ଭାବରେ ଯୋଗଦେବା ପରେ ଏହି ଭାଷାଚର୍ଚ୍ଚାରେ ଯେଉଁ ବ୍ୟାପ୍ତି ଓ ଗଭୀରତାର ଫୁଲ ଫୁଟିଥାଆନ୍ତା ତାହା ନୀଳକଣ୍ଠ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ହେତୁ କଳି ଅବସ୍ଥାରେ ହିଁ ଝଡ଼ିପଡ଼ିଲା । ୧୯୨୧ର ଶେଷ ଆଡ଼କୁ ସତ୍ୟବାଦୀରେ ଜାତୀୟ ବିଦ୍ୟାଳୟ ବା କଲେଜରେ ଓଡ଼ିଆ ଅଧ୍ୟାପନା ପ୍ରସଙ୍ଗରେ ସଂସ୍କୃତ ପ୍ରଭାବ ବିମୁକ୍ତ ଓ ବିଜ୍ଞାନ ସମ୍ମତ ଓଡ଼ିଆ ବ୍ୟାକରଣ ରଚନାର ପରିକଳ୍ପନା କରି ସେ ଯେଉଁ କାର୍ଯ୍ୟାରମ୍ଭ କରିଥିଲେ ତାର ଆଂଶିକ ଫଳଶ୍ରୁତି ହେଉଛି, ୧୯୩୫ (୧୩୪୨) ରେ ପ୍ରକାଶିତ 'ଓଡ଼ିଆ ବ୍ୟାକରଣ' ପୁସ୍ତକ । ଏହି ବ୍ୟାକରଣରେ ସମ୍ପୂର୍ଣ୍ଣ ନୂତନ ଦୃଷ୍ଟିକୋଣର ପ୍ରତିଫଳନ ଆବିଷ୍କାର କରାଯାଇ ପାରେ । ଆଧୁନିକ ସଂରଚନାତ୍ମକ ଭାଷାବିଜ୍ଞାନର ସଂସ୍ପର୍ଶରେ ଆସିବାର ସୁଯୋଗ ବୋଧହୁଏ ସେ ପାଇ ନଥିଲେ । କିନ୍ତୁ ଆଧୁନିକ ସଂରଚନାତ୍ମକ ଭାଷାବିଜ୍ଞାନ ସହିତ ତାଳମିଳାଇ, ଏକ୍ଷା ଅର୍ଥାନୁଚ୍ଛେ, ରୂପର ଭିତ୍ତିଭୂମି ଉପରେ ସେ ଓଡ଼ିଆ ଭାଷାଚର୍ଚ୍ଚା ଓ ବ୍ୟାକରଣ ରଚନାର ଅଦ୍ୟମାତ୍ମେ ଏଥିରେ, କରିଥିଲେ । ପରେ ୧୯୨୭ରେ ପଣ୍ଡିତ ଗୋପୀନାଥ ନନ୍ଦଶର୍ମାଙ୍କ "ଓଡ଼ିଆ ଭାଷାତତ୍ତ୍ୱ"ର ମୁଖବନ୍ଧ ସ୍ୱରୂପ ଯେଉଁ ପାଣ୍ଡିତ୍ୟପୂର୍ଣ୍ଣ "ଭାଷାତତ୍ତ୍ୱ ପ୍ରବେଶ" ସେ ଲେଖିଥିଲେ. ସେଥିରେ ବ୍ୟାକରଣ ରଚନାର ଲକ୍ଷ୍ୟ, ବ୍ୟାକରଣ ରଚନାର ଉପାଦାନ ଓ ସାଫଲ୍ୟ ସମ୍ପର୍କରେ ବୈଜ୍ଞାନିକ ଆଲୋଚନା କରି ଓଡ଼ିଆ ଭାଷାର ଇତିହାସ, ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ଭାଷାର ପ୍ରଭାବ, ଓଡ଼ିଆ ଲିପି ଓ ଉଚ୍ଚାରଣ ମଧ୍ୟରେ ଥିବା ସମ୍ପର୍କ, ଓଡ଼ିଆ ମଧ୍ୟ ଓ ନବ୍ୟ ଭାରତୀୟ ଆର୍ଯ୍ୟଭାଷା ସମ୍ପର୍କିତ ଆଲୋଚନାରେ ଫୁଟିଥିବା ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ ମଧ୍ୟ କରିଛନ୍ତି । ଏହାପରେ ନବଭାରତ ପୃଷ୍ଠାରେ ପ୍ରକାଶିତ "ଲିପିରେ ଅନୁସ୍ୱାର" (୧୯୩୫, ଜୁଲାଇ), "ଓଡ଼ିଆ ବର୍ଣ୍ଣ ଓ

Digitized by PPRACHIN, SOA

ଲୁପ୍ତି'' (୧୯୩୯, ଜୁଲାଇ), ସାଧୁଭାଷା ଓ ସାହିତ୍ୟ'' (୧୯୩୯, ନଭେମ୍ବର), "ଓଡ଼ିଆ ଭାଷା ଓ ବ୍ୟାକରଣ" (୧୯୪୦, ଫେବୃଆରୀ), "ଓଡ଼ିଆ ବ୍ୟାକରଣର କେତୋଟି ସମସ୍ୟା'' (୧୯୪୦, ଏପ୍ରିଲ), ପ୍ରବନ୍ଧ/ଟିପ୍ପଣୀ ଗୁଡ଼ିକରେ ନୂତନ ଉଦାହରଣ ଓ ଯୁକ୍ତି ଉପରେ ଦେଇ ତାଙ୍କ ପୂର୍ବୋକ୍ତ ଦୃଷ୍ଟିଭଙ୍ଗୀର ଅନୁବର୍ତ୍ତନ ତଥା ଦୃଷ୍ଟିଦିଗନ୍ତର ସମ୍ପ୍ରସାରଣ ପରିଲକ୍ଷିତ ହୁଏ । ଏ ପ୍ରସଙ୍ଗରେ ତାଙ୍କ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରାଚ୍ୟବିଦ୍ୟା ସମ୍ମିଳନୀ (୨୦ଶ ଅଧିବେଶନ, ୧୯୫୯)ରେ Local Language & Orissa ପ୍ରବନ୍ଧ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ୧. ୩ -ତାଙ୍କର ଭାଷାକୈନ୍ଦ୍ରିକ ଓ ଭାଷାଭିତ୍ତିକ ସଂସ୍କୃତିଚର୍ଚ୍ଚା :

ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ପ୍ରଭାବକୁ ଆବିଷ୍କାର ଓ ସ୍ୱୀକୃତ ଦେବାରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଥିବା ଭାଷାବିଜ୍ଞାନୀମାନଙ୍କ ମଧ୍ୟରେ ନୀଳକଣ୍ଠ ଥିଲେ ଅନ୍ୟତମ । କେବଳ ସେତିକି ନୁହେଁ ଦ୍ରାବିଡ଼ ଭାଷା ସହ ପ୍ରାଚୀନ ସୁମେରୀୟ ଭାଷାର ସମ୍ପର୍କ ରହିଛି ବୋଲି ସେତେବେଳର କେତେକ ଗବେଷକ ପଣ୍ଡିତମାନଙ୍କର ପ୍ରକଳ୍ପ (hypothesis) ମଧ୍ୟ ତାଙ୍କୁ ବିଶେଷ ଭାବରେ ଆକର୍ଷିତ ଓ ପ୍ରଭାବିତ କରିଥିଲା ବୋଲି ମନେହୁଏ । ତାହାର ଫଳସ୍ୱରୂପ ଏ ଶତକର ୪ର୍ଥ ଦଶକର ଶେଷ ଆଡକୁ ଦ୍ରାବିଡ଼ ସଂସ୍କୃତି ବାଟଦେଇ ପ୍ରାଚୀନ ସୁମେରୀୟ ସଂସ୍କୃତି (ଓ ସୁମେରୀୟ ସଂସ୍କୃତିକୁ ଗର୍ଭିତ କରି ପଲ୍ଲବିତ ହୋଇଥିବା ସେମିଟିକ୍ ଭାଷା-ଭିତ୍ତିକ ବେବିଲୋନୀୟ ଆସିରୀୟ ବା ଅସୁର ଅନ୍ୟ କଥାରେ ପ୍ରାଚୀନ ଆକ୍କାଡ଼ୀୟ ସଂସ୍କୃତି) ଓ ଏପରିକି ଇଣ୍ଡୋ-ଇଉରୋପୀୟ ଭାଷା-ଭିତ୍ତିକ ମିଟାନୀୟ ସଂସ୍କୃତି ସହ ଓଡ଼ିଆ ସଂସ୍କୃତିର ସାମଞ୍ଜସ୍ୟ ଓ ସମ୍ପର୍କ ଆବିଷ୍କାର କଲେ । ଗୀତାର ମୁଖବନ୍ଧ ଓ ୧୯୩୬ ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀରେ ସଭାପତିଙ୍କ ଅଭିଭାଷଣରୁ, ୧୯୩୮ରେ ତାଙ୍କର ଏଇ ଦୃଷ୍ଟିଭଙ୍ଗୀର ଆଦ୍ୟ ସୂଚନା ମିଳୁଥିବା ବେଳେ ପରବର୍ତ୍ତୀ କାଳରେ ପ୍ରକାଶିତ "ସଂସ୍କୃତି ଓ ସଂସ୍କୃତି" (୧୯୫୧) ଓ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'' (୧୯୪୮ ଓ ୧୯୫୩) ଓ Orissa Historical Research Journal ରେ ପ୍ରକାଶିତ Oriya Language and Culture ରେ ଏହା ଆହୁରି ବିକଶିତ ରୂପରେ ଦେଖିବାପାଇଁ ମିଳେ । ମୋଟ ଉପରେ ତାଙ୍କ ଭାଷାଚର୍ଚ୍ଚାକୁ କେନ୍ଦ୍ରକରି ହିଁ ତାଙ୍କ ଓଡ଼ିଆ ସଂସ୍କୃତି-କଳନାର ଅଭ୍ୟୁଦୟ ଓ ବିକାଶ ହୋଇଥିଲା । ଆଉ ତାଙ୍କ ସଂସ୍କୃତି ଚେତନାର ପ୍ରାଣକେନ୍ଦ୍ରରେ ଭାଷାତତ୍ତ୍ୱ ଓ ଭାଷାଚର୍ଚ୍ଚାକୁ ଆବିଷ୍କାର କରାଯାଇ ପାରେ । ସୂଚାଇ ଦେବାର କଥା ଯେ ନୀଳକଣ୍ଠ ସବୁବେଳେ ନିର୍ଦ୍ଦିଷ୍ଟ ସଂସ୍କୃତିର ପ୍ରାଣକେନ୍ଦ୍ର ନିର୍ଦ୍ଦିଷ୍ଟ ଭାଷା ବୋଲି ଗ୍ରହଣ କରି ଆସିଛନ୍ତି । ତେଣୁ ସଂସ୍କୃତିବିଦ୍ ନୀଳକଣ୍ଠଙ୍କ ଚିନ୍ତାଧାର ଓ ତାଙ୍କ ସଂସ୍କୃତିଚର୍ଚ୍ଚାର କଳନା କରି ଯଥାର୍ଥ ମୂଲ୍ୟାୟନ କରିବାର ପ୍ରଧାନ ଶର୍ତ୍ତ ହେଉଛି ତାଙ୍କର ଭାଷାବିଜ୍ଞାନ ଚର୍ଚ୍ଚା । ସଂସ୍କୃତିବିଦ୍ ନୀଳକଣ୍ଠଙ୍କ ପଶ୍ଚାତରେ ଆତ୍ମଗୋପନ କରିଛନ୍ତି ଭାଷାତତ୍ତ୍ୱବିଦ୍ ନୀଳକଣ୍ଠ ।

Digitized by PPRACHIN, SOA

## ୧. ୪.-ନୀଳକଣ୍ଠଙ୍କ ଭାଷାଚର୍ଚ୍ଚାର ଦୁଇଟି ପ୍ରଧାନ ଦିଗ :

ମୋଟ ଉପରେ ନୀଳକଣ୍ଠଙ୍କ ଭାଷାବିଜ୍ଞାନ ଚର୍ଚ୍ଚାର ଦୁଇଟି ଦିଗ ହେଲା :

( ୧ ) ଏକକାଳିକ—ଭାଷାବିଜ୍ଞାନ ( Synchronic Linguistics ) ଚର୍ଚ୍ଚା । ଏହା ମଧ୍ୟରେ ଅନ୍ତର୍ଗତ

( କ ) ଲିପି ଓ ଧ୍ୱନିର ସମ୍ପର୍କ ବିଗ୍ରହ

( ଖ ) ଭାଷାର ବୈଶିଷ୍ଟ୍ୟ ତଥା ବ୍ୟାକରଣର ଉପାଦାନ, ଆଦର୍ଶ ଓ ସାଫଲ୍ୟ ନିରୂପଣ ।

( ଗ ) ପାରମ୍ପରିକତା ସଂସ୍କୃତ ପ୍ରଭାବମୁକ୍ତ ରୂପଭିତ୍ତିକ ଓଡ଼ିଆ ବ୍ୟାକରଣ ରଚନାର ଉଦ୍ୟମ ।

( ଘ ) ମାନକ ଉପଭାଷା ବା ନୀଳକଣ୍ଠଙ୍କ ପରିଭାଷାରେ "ସାଧୁଭାଷା"ର ଭିତ୍ତିଭୂମି ନିରୂପଣ ।

( ଙ ) ସଂସ୍କୃତର ମୂଳଭିତ୍ତି ରୂପରେ ଭାଷାର ଆବିଷ୍କାର ।

( ୨ ) କାଳାନୁକ୍ରମିକ—ଭାଷାବିଜ୍ଞାନ ( Diachronic Linguistics ) ଚର୍ଚ୍ଚା । ଏହା ମଧ୍ୟରେ ଅନ୍ତର୍ଗତ :

( କ ) ଓଡ଼ିଆ ଭାଷାର ଅନ୍ତରଙ୍ଗ ଓ ବହିରଙ୍ଗ ଇତିହାସ ଆବିଷ୍କାରର ଉଦ୍ୟମ ଭିତର ଦେଇ ଓଡ଼ିଆ ଶବ୍ଦ ଭଣ୍ଡାର ଓ ବ୍ୟାକରଣ ଉପରେ ଦ୍ରାବିଡ ଭାଷାର ପ୍ରଭାବ ନିରୂପଣ ଓ ସେହି ସୂତ୍ରରେ ପ୍ରାଚୀନ ସୁମେରୀୟ ସଂସ୍କୃତି ସହ ଓଡ଼ିଆ ସଂସ୍କୃତିର ସାମଞ୍ଜସ୍ୟ ଓ ସମ୍ପର୍କ ଅନୁଶୀଳନ ।

( ଖ ) ସଂସ୍କୃତ ଓ ପ୍ରାକୃତର ସମ୍ପର୍କ ନିର୍ଦ୍ଧାରଣ ।

## ୧. ୫.-ଭାଷାଚର୍ଚ୍ଚାରେ ନୀଳକଣ୍ଠଙ୍କ ଅବଦାନ :

ଓଡ଼ିଆ ଭାଷାଚର୍ଚ୍ଚାରେ ନୀଳକଣ୍ଠଙ୍କ ଅବଦାନ ହେଲା :

( ୧ ) ସଂସ୍କୃତ ବ୍ୟାକରଣର ନାଗପାଶରୁ ମୁକ୍ତ କରି, ପ୍ରାଚୀନ ଓଡ଼ିଆ ବିଶେଷ ଭାବରେ ସାହିତ୍ୟିକ ଓ ପଦ୍ୟର ଭାଷା ପରିବର୍ତ୍ତେ ବର୍ତ୍ତମାନର କଥିତ ଭାଷାର ଭିତ୍ତିଭୂମି ଉପରେ ଓଡ଼ିଆ ବ୍ୟାକରଣ ରଚନାର ଉଦ୍ୟମ । ଆଉ ତା ଭିତର ଦେଇ ବ୍ୟାକରଣ ରଚନା କ୍ଷେତ୍ରରେ ଓଡ଼ିଆକୁ ସ୍ୱାଧୀନ ଓ ସ୍ୱତନ୍ତ୍ର ଭାଷାର ସମ୍ମାନ ଓ ସ୍ୱୀକୃତି ଦାନ ।

( ୨ ) ଓଡ଼ିଆ ବ୍ୟାକରଣ ରଚନାରେ ରୂପକୁ ପ୍ରାଧାନ୍ୟ ଦେବା ତଥା ନିଜର ଅଜ୍ଞାତସାରରେ ଆଧୁନିକ ଭାଷାବିଜ୍ଞାନର ସିଦ୍ଧାନ୍ତ ଓ ତତ୍ତ୍ୱକୁ ଓଡ଼ିଆ ପ୍ରତି ପ୍ରୟୋଗ କରିବାରେ ଅଗ୍ରଗାମୀତ୍ୱ ।

( ୩ ) ମାନକ ଉପଭାଷା ( standard dialect ) ବା ନୀଳକଣ୍ଠଙ୍କ ପରିଭାଷାରେ "ସାଧୁଭାଷା" ର ଭିତ୍ତିଭୂମି ନିରୂପଣ ।

( ୪ ) ଓଡ଼ିଆ ଭାଷାର ଶବ୍ଦଭଣ୍ଡାର ଓ ବ୍ୟାକରଣରେ ଦ୍ରାବିଡ ପ୍ରଭାବ ଆବିଷ୍କାର

Digitized by PPRACHIN, SOA

କରିବାରେ ଅଗ୍ରଗାମୀତ୍ୱ ଗ୍ରହଣ (ଓ ସେହି ସୂତ୍ର ଧରି ପ୍ରାଚୀନ ସୁମେରୀୟ ଓ ଆକ୍‌କାଡ଼ୀୟ ସଂସ୍କୃତି ସହ ଓଡ଼ିଆ ସଂସ୍କୃତିର ସାମଞ୍ଜସ୍ୟ ଓ ସମ୍ପର୍କ ଆବିଷ୍କାର ) ତଥା ଭାଷାକୁ ଭିତ୍ତିକରି ସଂସ୍କୃତିର କଳନା ।

( ୫ ) ଓଡ଼ିଆ ଲିପି ସଂସ୍କାର ।

( ୬ ) କେତେକ ପାରିଭାଷିକ ଶବ୍ଦର ସୃଷ୍ଟି ଓ ପ୍ରଚଳନ ।

## ୨. ୦.—ନୀଳକଣ୍ଠଙ୍କ ଦୃଷ୍ଟିରେ ଏକକାଳିକ ଓ କାଳାନୁକ୍ରମିକ ଭାଷାବିଜ୍ଞାନ :

ବର୍ତ୍ତମାନ ଓଡ଼ିଆ ଭାଷାଚର୍ଚ୍ଚାରେ ନୀଳକଣ୍ଠଙ୍କ ଅବଦାନକୁ ଆଖି ଆଗରେ ରଖି ଓ ଆବଶ୍ୟକ ସ୍ଥଳେ ସେଇଥିରୁ ଉଦାହରଣ ଦେଇ ତାଙ୍କ ଭାଷାବିଜ୍ଞାନ ଚର୍ଚ୍ଚାର ଦୁଇଟି ମୁଖ୍ୟ ଦିଗ ଉପରେ ସାମାନ୍ୟ ଅଧିକ ଆଲୋକପାତର ଚେଷ୍ଟା ଓ ଭବିଷ୍ୟତ ଗବେଷଣାର ଦିଗ୍‌ଦର୍ଶନ କରାଯିବ । ଉପରେ କୁହାଯାଇଥିବା ସେ ଦୁଇଟି ମୁଖ୍ୟଦିଗ ହେଲା :

୧) ଏକକାଳିକ ଭାଷାବିଜ୍ଞାନ (Synchronic Linguistics) ଚର୍ଚ୍ଚା ।

୨) କାଳାନୁକ୍ରମିକ ଭାଷାବିଜ୍ଞାନ (Diachronic Linguistics) ଚର୍ଚ୍ଚା ।

ମୂଳରୁ କହିଦେବାର କଥା ଭାଷାବିଜ୍ଞାନର ଏକକାଳିକ ଓ କାଳାନୁକ୍ରମିକ ଏ ଦୁଇଟି ପରସ୍ପରଠାରୁ ସ୍ୱତନ୍ତ୍ର ଓ ସ୍ୱାଧୀନ ଦିଗର ବୋଲି ପରିକଳ୍ପନା କରିଥିଲେ ବିଖ୍ୟାତ ସୁଇସ୍ ଭାଷାବିଜ୍ଞାନୀ Ferdinand de Saussure (1857-1913) । ଏହି ତତ୍ତ୍ୱ ପ୍ରଥମେ ତାଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ୧୯୧୬ରେ ଫରାସୀ ଭାଷାରେ ପ୍ରକାଶିତ Cours de linguistique generale ପୁସ୍ତକରେ ଦିଆ ଯାଇଥିଲା । ଏହି ପୁସ୍ତକର ଇଂରାଜୀ ଅନୁବାଦ ପ୍ରକାଶିତ ହେଲା ବହୁତ ପରେ, ପ୍ରଥମେ ବୋଧହୁଏ ୧୯୫୯ରେ । ତେଣୁ ନୀଳକଣ୍ଠ ଏ ପୁସ୍ତକ ପଢ଼ିବାର ସୁଯୋଗ ପାଇ ନଥିବେ । ଏହାର ଅସ୍ତିତ୍ୱ ବିଷୟରେ ମଧ୍ୟ ସେ ହୁଏତ ଜାଣି ନଥିବେ । କିନ୍ତୁ ୧୯୨୭ରେ ଗୋପୀନାଥ ନନ୍ଦଶର୍ମାଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ଗ୍ରନ୍ଥର ମୁଖବନ୍ଧ ସ୍ୱରୂପ 'ଭାଷାତତ୍ତ୍ୱ-ପ୍ରବେଶ' ଲେଖିବା ବେଳେ ତାଙ୍କର ଏ ସମ୍ପର୍କୀୟ ସଚେତନତା ପ୍ରକାଶ ପାଇଥିଲା । ଗୋପୀନାଥ ନନ୍ଦଶର୍ମାଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ଏକକାଳିକ ବର୍ଣ୍ଣନାତ୍ମକ ବ୍ୟାକରଣ ହୋଇ ନଥିବାରୁ ତାଙ୍କୁ ସେ ସମାଲୋଚନା କରି ପୁଣି କହି, ପୁନଶ୍ଚ ପ୍ରଭୃତି ପଦରେ ଯୁକ୍ତ ବିଭକ୍ତି ବିଚାର ପ୍ରସଙ୍ଗରେ କହିଥିଲେ, 'କିନ୍ତୁ କେବଳ ଆଧୁନିକ ବିଭକ୍ତିମାନଙ୍କର ମୂଳ ନିର୍ଣ୍ଣୟ କରିବାରେ ସେ ସବୁର ବ୍ୟବହାର ଯେତିକି ଦରକାର ସେତିକିରେ ଆଲୋଚନା ସୀମାବଦ୍ଧ ରଖିଥିଲେ ଯଥେଷ୍ଟ ହୋଇଥାଆନ୍ତା । ଖ୍ରୀଷ୍ଟ ପଞ୍ଚଦଶ ଶତାବ୍ଦୀର ପଦ୍ୟ ସାହିତ୍ୟରୁ ବିଭକ୍ତି କାଟି ତାକୁ ଆଧୁନିକ ସାହିତ୍ୟର ବିଭକ୍ତି ସଙ୍ଗେ ସମାନ ଆସନ ଦେଇ ବିଚାର କରିବାରେ ଯଥେଷ୍ଟ ଅସୁବିଧା ହେବାର କଥା ।" (୧୯୫୮, ପୃ. ୨୯) । ଏହା ଭିତର ଦେଇ ସେ ଏକକାଳିକ ଓ କାଳାନୁକ୍ରମିକ ଭାଷାଚର୍ଚ୍ଚା ମଧ୍ୟରେ ପାର୍ଥକ୍ୟର

Digitized by PPRACHIN, SOA

ସୀମାରେଖା ଟାଣିବାପାଇଁ ଯାଇଛନ୍ତି ଓ ଏହି ସୀମାରେଖା ଅସ୍ପଷ୍ଟ ହେଲେ ବକ୍ତୃର ବିଭ୍ରାନ୍ତ ହେବ ବୋଲି କହିଛନ୍ତି । ଏହି ତତ୍ତ୍ୱ ସେ ଅପଣାଗୁଏଁ ହୃଦୟଙ୍ଗମ କରିଥିଲେ, ଇଉରୋପ ଓ ଆମେରିକାର ବହୁ ବିଜ୍ଞାନୀ ଏ ତତ୍ତ୍ୱ ସମ୍ପୂର୍ଣ୍ଣ ଭାବେ ହୃଦୟଙ୍ଗମ କରିବା ପୂର୍ବରୁ । ଏହା ତାଙ୍କ ପକ୍ଷରେ କମ୍ ଗୌରବର କଥା ନୁହେଁ । ଆଉ ସେଇଥିପାଇଁ ନୀଳକଣ୍ଠଙ୍କ ଭାଷାବିଜ୍ଞାନ ଚର୍ଚ୍ଚାର ଏ ଦୁଇଟିଯାକ ଦିଗକୁ ସ୍ୱତନ୍ତ୍ର ଭାବରେ ଆଲୋଚନା କରିବା ଯଥାର୍ଥ ହେବ ।

ତେବେ ନୀଳକଣ୍ଠ ଏ ଦୁଇଟି ସ୍ୱତନ୍ତ୍ର ଦିଗର ପରିକଳ୍ପନା କରିଥିଲେ ମଧ୍ୟ ତାଙ୍କ ଦୃଷ୍ଟିରେ ଏ ଦୁଇଟି ଯାକ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ଓ ସ୍ୱାଧୀନ ନୁହଁନ୍ତି ; ବରଂ ପରସ୍ପର ପରସ୍ପର ସହ ସମ୍ପର୍କାନ୍ୱିତ ଓ ପରସ୍ପର ପରସ୍ପରର ପରିପୂରକ । ଉଦାହରଣ ସ୍ୱରୂପ ଓଡ଼ିଆ ଶବ୍ଦଭଣ୍ଡାର ଓ ବ୍ୟାକରଣରେ ଦ୍ରାବିଡ଼ ପ୍ରଭାବ ଆବିଷ୍କାର କରିବା ଭିତରେ ଯେପରି ଏକ ଦିଗରେ ସଂସ୍କୃତ-ପ୍ରଭାବ-ମୁକ୍ତ ଏକକାଳିକ ବା ବର୍ଣ୍ଣନାତ୍ମକ ଓଡ଼ିଆ ବ୍ୟାକରଣ ରଚନାର ପ୍ରେରଣା ନିହିତ, ସେହିପରି ଅନ୍ୟଦିଗରେ ଓଡ଼ିଆ ଭାଷାର ଇତିହାସ ରଚନାର ଓ ସେହି ଦ୍ରାବିଡ଼ ଭାଷା ଓ ସଂସ୍କୃତି ବାଟ ଦେଇ ମେସୋପଟାମିଆର ପ୍ରାଚୀନ ସୁମେରୀୟ ଓ ଅନ୍ୟାନ୍ୟ ସଭ୍ୟତା ସଂସ୍କୃତି ସହ ସାମଞ୍ଜସ୍ୟ ଓ ସମ୍ପର୍କ ଆବିଷ୍କାରର ପ୍ରେରଣା ନିହିତ ।

## ୨. ୧.—ଏକକାଳିକ ଭାଷାବିଜ୍ଞାନ ଚର୍ଚ୍ଚା ଓ ସେଥିରେ ନୀଳକଣ୍ଠଙ୍କ ମୌଳିକତା :

ପ୍ରଥମେ ତାଙ୍କ ଏକକାଳିକ ଭାଷାବିଜ୍ଞାନ ଚର୍ଚ୍ଚା ଉପରେ କିଞ୍ଚିତ ଆଲୋକପାତ କରାଯାଉ । ନୀଳକଣ୍ଠ ୧୯୨୦-୨୧ରେ ମାତ୍ର ୩/୪ ମାସ ପାଇଁ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ-ତଥା-ତୁଳନାତ୍ମକ ଭାଷାତତ୍ତ୍ୱର ଅଧ୍ୟାପକ ଥିଲେ ହେଁ ଆଧୁନିକ ଭାଷାବିଜ୍ଞାନ ସମ୍ପର୍କରେ ବିଶେଷ କିଛି ଜାଣିବାର ସୁଯୋଗ ତାଙ୍କର ନଥିଲା । ଡ଼ି ସସ୍ସୁର ( de Saussure ) ଙ୍କ କଥା ଛୁଆଯାଉଛି । Edward Sapirଙ୍କ ବିଖ୍ୟାତ Language : An Introduction to the Study of Speech ପୁସ୍ତକ ଆମେରିକାରେ ୧୯୨୧ରେ ପ୍ରକାଶିତ ହୋଇଥିଲା । କିନ୍ତୁ ସେଇ ୧୯୨୧ ଜାନୁଆରୀ ପ୍ରଥମ ସପ୍ତାହରେ ନୀଳକଣ୍ଠ ଚାକିରୀରୁ ଇସ୍ତଫା ଦେଇ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ତା ପରର ରାଜନୀତିକ ଅସ୍ଥିରତା ଭିତରେ ଏ ପୁସ୍ତକ ବା ୧୯୩୩ରେ ପ୍ରକାଶିତ Leonard Bloomfieldଙ୍କର ଜାଣିକାର Language ପୁସ୍ତକର ସଂସ୍ପର୍ଶରେ ଆସିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନଥିବ । ଏହାର କୌଣସି ସୂଚନା ମଧ୍ୟ ତାଙ୍କ ଲେଖାରେ ମିଳେନାହିଁ । ପୁଣି ୧୯୩୩ ପୂର୍ବରୁ ବ୍ୟାକରଣର ପ୍ରକୃତି, ଆଦର୍ଶ ଓ ଉପାଦାନ ସମ୍ପର୍କରେ ତଥା ଭାଷାର ପ୍ରକୃତି ସମ୍ପର୍କରେ ସେ ଯାହା ଅନୁଶୀଳନ ଓ ଚିନ୍ତା କରି ସାରିଥିଲେ ଶେଷ ପର୍ଯ୍ୟନ୍ତ ସେ ତାହାର

Digitized by PPRACHIN, SOA

ଅନୁବର୍ତ୍ତନ ବା ସଂପ୍ରସାରିତ ଅନୁବର୍ତ୍ତନ ହିଁ କରିଥିଲେ ବୋଲି ମନେହୁଏ । ତେଣୁ ଭାଷାବିଜ୍ଞାନୀ ନୀଳକଣ୍ଠଙ୍କ ଚର୍ଚ୍ଚାର ପ୍ରଧାନ ଉପାଦାନ ୧୯୬୭ରେ ପ୍ରକାଶିତ "ଭାଷାତତ୍ତ୍ୱ-ପ୍ରବେଶ" । ତାଙ୍କର "ଓଡ଼ିଆ ବ୍ୟାକରଣ" ୧୯୩୫ରେ ପ୍ରଥମେ ପ୍ରକାଶିତ ହୋଇଥିଲେ ହେଁ ଏହା ପ୍ରକୃତ ପକ୍ଷେ ଥିଲି ପୂର୍ବେ ବ୍ୟକ୍ତ ହୋଇଥିବା ତାଙ୍କ ଚିନ୍ତାର ଏକ ପ୍ରୟୋଗାତ୍ମକ ରୂପମାତ୍ର । ମୋଟ ଉପରେ ଆଧୁନିକ ଓ ଏପରିକି ଅତ୍ୟାଧୁନିକ ଭାଷାବିଜ୍ଞାନ ସହ ଓ ବିଶେଷ ଭାବରେ ସଂରଚନାତ୍ମକ ଭାଷାବିଜ୍ଞାନ ସହ ନୀଳକଣ୍ଠଙ୍କ ଚିନ୍ତାଧାରାର ବିଶେଷ ସାମଞ୍ଜସ୍ୟ ଥିଲେ ମଧ୍ୟ ସେ ସବୁ ଥିଲା ନୀଳକଣ୍ଠଙ୍କର ସମ୍ପୂର୍ଣ୍ଣ ଭାବରେ ମୌଳିକ ଚିନ୍ତାଧାରା । ଏହା ବିସ୍ମୟଜନକ ମନେ ହୋଇପାରେ କିନ୍ତୁ ସତ୍ୟ ।

## ୨.୧.୧.-ବ୍ୟାକରଣ ଓ ଭାଷାର ସମ୍ପର୍କ ଓ ଓଡ଼ିଆ ଭାଷାର ବ୍ୟାକରଣ :

ନୀଳକଣ୍ଠ କହନ୍ତି, "ଭାଷାରୁ ବ୍ୟାକରଣ ହୁଏ, ବ୍ୟାକରଣରୁ ଭାଷା ହୁଏନାହିଁ ।" (୧୯୫୮, ପୃ. ୧୦୦) । ଏଥିରେ ବ୍ୟାକରଣର ବର୍ଣ୍ଣନାତ୍ମକ ଧର୍ମ ଉପରେ ବିଶେଷ ଗୁରୁତ୍ୱ ଦିଆହୋଇ ଏହା ଶୁଦ୍ଧ ବା ଅଶୁଦ୍ଧ ଭାଷା ବ୍ୟବହାରର ଅନୁଶାସନ ଗ୍ରନ୍ଥ ନୁହେଁ ଓ କଥିତ ଭାଷାର ବର୍ଣ୍ଣନା ମାତ୍ର ବୋଲି କୁହାଯାଇଛି । ଏହା ହେଉଛି ଆଧୁନିକ ଏକକାଳିକ ଭାଷାବିଜ୍ଞାନର ମୂଳତତ୍ତ୍ୱ । ତେବେ ଏହି କଥିତ ଭାଷା ଉପରେ ଗୁରୁତ୍ୱ ଦେବା ଫଳରେ ସେ ବିଭିନ୍ନ ଉପଭାଷା ସହ ମାନକ ଉପଭାଷା ( Standard dialect ) ବା ତାଙ୍କ ଭାଷାରେ ଆଦର୍ଶ ଭାଷା ଓ ସାଧୁଭାଷାର ସମ୍ପର୍କ ନିର୍ଦ୍ଧାରଣ କରିଛନ୍ତି ଓ ବ୍ୟାକରଣ ବିଭିନ୍ନ ଉପଭାଷାରୁ ରସଗ୍ରହଣ କରି ପୁଷ୍ଟ ହୋଇଥିବା ମାନକ ଉପଭାଷା ବା ଆଦର୍ଶ ଭାଷା କୈନ୍ଦ୍ରିକ ହେବା ଉଚିତ୍ ବୋଲି ସୂଚନା ଦେଇ ୧୯୬୧ରେ କହନ୍ତି, "ଭିନ୍ନ ଭିନ୍ନ ସ୍ଥାନର ଓ ଭିନ୍ନ ଭିନ୍ନ ଜାତିର ଲୋକେ ଏକ ଶବ୍ଦକୁ ଭିନ୍ନ ଭିନ୍ନ ଭାବରେ ଉଚ୍ଚାରଣ କରନ୍ତି । ଏ ସମସ୍ତ ମଧ୍ୟରେ ଗୋଟିଏ ଆଦର୍ଶ ନ ରହିଲେ ଭାଷାର କୌଣସି ସ୍ଥିରତା ରହିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଭାଷା ଓ ଲେଖା ଭିନ୍ନ ଭିନ୍ନ ହେଲେ ଭାଷାଟି ଜାତୀୟ ଭାଷା ହେବ କିପରି ? ସେଥିପାଇଁ ଭାଷାର ଆଦର୍ଶ ରହିବ ..." (୧୯୫୮, ପୃ. ୯-୧୦) । ଆହୁରି ମଧ୍ୟ ଅନ୍ୟତ୍ର (୧୯୬୭) ସେ କହନ୍ତି, "ଭାଷାର ସ୍ୱାତନ୍ତ୍ର୍ୟ ବଢାଇବାକୁ ଯାଇ ସାର୍ବଜନୀନତା ପ୍ରତି ଦୃଷ୍ଟି ନ ଦେଲେ ଭାଷା ଗ୍ରାମ୍ୟ ହୁଏ, ଏବଂ ବରାବର ସାର୍ବଜନୀନତା ଦେଖିବାରେ ଆତ୍ମବିସ୍ମୃତ ହେଲେ ଭାଷା କୃତ୍ରିମ ହୁଏ ।" (୧୯୫୮, ପୃ. ୧୫) । ତେଣୁ ତାଙ୍କ ମତରେ ଭାରସାମ୍ୟ ରକ୍ଷା କରିବା ପାଇଁ ହେବ । ସେ ଲଗାମଛଡ଼ା ହେବାକୁ ଉପଦେଶ ଦେଇ ନାହାନ୍ତି ।

ଓଡ଼ିଆ ବୈୟାକରଣମାନେ ଏ ସମ୍ପର୍କରେ ଆଦୌ ସଚେତନ ନ ଥାଇ ଗତାନୁଗତିକତା ଓ ପାରଂପରିକତାର ନାଗପାଶ ବନ୍ଧନରେ ପଡ଼ି ସଂସ୍କୃତ ବ୍ୟାକରଣକୁ

Digitized by PPRACHIN, SOA

ଅନୁସରଣ କରି ସେଇ ଛାଞ୍ଚରେ ଓଡ଼ିଆ ବ୍ୟାକରଣ ରଚନାର ପ୍ରଚେଷ୍ଟା କରିଥିବାରୁ ନୀଳକଣ୍ଠ ବାରମ୍ବାର ଆକ୍ଷେପ କରି କହିଛନ୍ତି ; ୧୯୧୭ରେ "ଓଡ଼ିଆ ଭାଷାର ସଂସ୍କୃତ ଭାଷା ସଙ୍ଗେ ସମ୍ବନ୍ଧ ଅଛି । କିନ୍ତୁ ଓଡ଼ିଆ ବ୍ୟବହାରରେ, ପଦ ବିନ୍ୟାସରେ ତଥା ଉଚ୍ଚାରଣରେ—କାହିଁରେ ସଂସ୍କୃତ ନୁହେଁ । ......... ତେବେ ଯେଉଁମାନେ ଉଚ୍ଚାରଣ, ବର୍ଣ୍ଣବିନ୍ୟାସ ତଥା ବାକ୍ୟଗଠନ ପ୍ରଭୃତି ପ୍ରକ୍ରିୟାରେ ସଂସ୍କୃତର ଅନୁକରଣ କରିବେ, ସେମାନଙ୍କର କେବଳ ପୁରୋଦୃଷ୍ଟିର ଅଭାବ ବୁଝିବାକୁ ହେବ ।" (୧୯୫୮, ପୃ ୭-୮) ।

୧୯୨୭ରେ "ସ୍ଥୂଳତଃ ଏତିକି ମାତ୍ର କହିଲେ ଯଥେଷ୍ଟ ହେବ ଯେ ପ୍ରାକୃତ ବା ପ୍ରାକୃତିକ ଚଳିତ ଓ ଜୀବନ୍ତ ଭାଷାର ବର୍ଣ୍ଣ ଶବ୍ଦ ବ୍ୟାକରଣାଦି ଜଡ଼ ସଂସ୍କୃତର କୃତ୍ରିମ ଛାଞ୍ଚରେ ବ୍ୟକ୍ତ କରିବାର ପ୍ରୟାସ ସବୁଠାରୁ ପ୍ରଭାବ ବିସ୍ତାର କରି ରହିଅଛି" (୧୯୫୮, ପୃ. ୧୭) । ୧୯୪୦, ଫେବୃଆରୀରେ, "ଏବେ ଓଡ଼ିଆରେ ଯେଉଁ ବ୍ୟାକରଣ ଏହି ଯୁଗରେ ଲେଖାହୋଇ ଆସୁଛି, ତାହାର ଗତି ଅନ୍ୟ ଆଡ଼େ । ଏହା ପୁଣି ଓଡ଼ିଆକୁ ସମ୍ପୂର୍ଣ୍ଣ ରୂପେ ସଂସ୍କୃତ ଖୁଣ୍ଟରେ ବାନ୍ଧି ଦେବାକୁ ଚାହେଁ । ......... ... ଏଥିରେ କେବଳ ଯେ ପ୍ରାକୃତ ସ୍ୱରନିୟମର ବିଚାର ନାହିଁ ସେତିକି ନୁହେଁ, ଓଡ଼ିଆର ଶବ୍ଦ, ପ୍ରକୃତି, ପ୍ରତ୍ୟୟ, ଧାତୁ ଓ ଶବ୍ଦରୂପ ସବୁ ସଂସ୍କୃତ ଛାଞ୍ଚରେ ଢଳା । ଓଡ଼ିଆର ଉଚ୍ଚାରଣ ନିୟମରେ 'ଭୋଗ ମଣ୍ଡପ' ହୁଏ 'ଭଅଣ୍ଡ'; 'ପୁରୁଷୋତ୍ତମ' ହୁଏ 'ପୁରସ୍ତମ' ବା 'ପ୍ରସ୍ତଂ'; 'ବର୍ତ୍ତମାନ' ହୁଏ 'ବ୍ରତମାନ'; 'ସ୍ନାନ' ହୁଏ 'ସ୍ନାହାନ'; 'ପୁଷକାଳ' ହୁଏ 'ପୂଷ କାହାଳ'; 'ବେଶ' ହୁଏ 'ବେହେଶ' ବା 'ଭେଶ' । ମାତ୍ର ଓଡ଼ିଆ ବ୍ୟାକରଣରେ ଏସବୁ ଏବେ ହେଉଛି ଅଶୁଦ୍ଧ । ସେହିପରି ଯୋଡପାହାରିଆ, କଳାକାଣ୍ଡୋଇ, ମଣସମର ପ୍ରଭୃତିର ବିଚାର ନାହିଁ । ଥିଲେ ମଧ୍ୟ ଏହା ଅସାଧୁ, ଭକ୍ତି, ପ୍ରୀତି ପ୍ରଭୃତି ସଙ୍ଗେ ଖାଉତି, ଲଗୁଡ଼ି, ସିଲାଇର ବିଚାର କିଛି ନାହିଁ । ଧାତୁ ରୂପରେ ଉପସର୍ଗ ଅଛି, କିନ୍ତୁ ସାହାଯ୍ୟକାରୀ ବା ଦ୍ୟୋତକ କ୍ରିୟା ମୋଟେ ବିଚାରକୁ ଆସୁ ନାହିଁ ଇତ୍ୟାଦି । ବହୁଭାବରେ ଦେଖିଲେ ଦେଖାଯାଏ, ଏବର ଓଡ଼ିଆ ବ୍ୟାକରଣ ଆଦୌ ଓଡ଼ିଆ ଭାଷାର ବ୍ୟାକରଣ ନୁହେଁ ।" (୧୯୫୮, ପୃ. ୯୯) ୧୯୪୦ ଏପ୍ରିଲରେ, "ଆମେ ବାରମ୍ବାର କହୁଚୁ, ବର୍ତ୍ତମାନ ବି କହୁଚୁ, ଓଡ଼ିଆ ଭାଷାର ବ୍ୟାକରଣ ଭାବରେ ବ୍ୟାକରଣ ଆଲୋଚନା କରିବାର ବାଟ ଫିଟି ନାହିଁ ।" (୧୯୫୮, ପୃ.୧୦୦) ଅନ୍ୟତ୍ର "ପ୍ରଚଳିତ ବ୍ୟାକରଣ ମାନଙ୍କରେ ଓଡ଼ିଆ ଶବ୍ଦର ବିଚାର ନାହିଁ, ଯାହା ବା ଅଛି ତାହା ଅନାଦରରେ ଅଭିଶପ୍ତ ପରି ପୁସ୍ତକରେ ଲାଗି ରହିଛି ମାତ୍ର । ପିଲାଏ ସ୍କୁଲ ବାହାରେ ସବୁଠାରୁ ଯେଉଁ ଭାଷା ଶୁଣୁଛନ୍ତି, କହୁଛନ୍ତି, ସ୍କୁଲରେ ତାର ପରିଚୟ ପାଉନାହାନ୍ତି ।" (୧୯୫୮, ପୃ. ୧୦୫) ।

କଥିତ ଭାଷାରୁ ଉପାଦାନ ସଂଗ୍ରହ କରି ଓ ସଂସ୍କୃତ ବ୍ୟାକରଣର ଛାଞ୍ଚରୁ ମୁକ୍ତ କରି ପ୍ରକୃତ ଓଡ଼ିଆ ବ୍ୟାକରଣ ରଚନା କରିବା ପାଇଁ ନୀଳକଣ୍ଠ ଯେଉଁ ଦିଗ୍-

Digitized by PPRACHIN, SOA

ଦର୍ଶନ ଦେଇଥିଲେ ତାହା ସହ ସଂରଚନାବାଦୀ ଭାଷାବିଜ୍ଞାନର ଆଭିମୁଖ୍ୟ ମୋଟାମୋଟି ସମାନ । କାରଣ ନୀଳକଣ୍ଠଙ୍କ ଉଦ୍ଦେଶ୍ୟ ଥିଲା କଥିତ ଭାଷାଭିତ୍ତିକ, ଏକକାଳିକ, ଅନୁଶାସନ ଓ ଅନ୍ୟ ଭାଷାର ବ୍ୟାକରଣ ପ୍ରଭାବ ମୁକ୍ତ, ରୂପଭିତ୍ତିକ ବ୍ୟାକରଣ ରଚନା । ଆଉ ତା ଥିଲା ସଂରଚନାତ୍ମକ ଭାଷାବିଜ୍ଞାନର ଲକ୍ଷ୍ୟ ।

## ୨.୧.୨—ବ୍ୟାକରଣର ସଫଳତା ମପାହେବ କିପରି :

ବ୍ୟାକରଣର ସଫଳତାର ବିଚାର ପାଇଁ ସେ ଯେଉଁ ମାନଦଣ୍ଡଟି ସ୍ଥିର କରିଥିଲେ ତା ତାଙ୍କ ଭାଷାରେ ହେଉଛି, "କୌଣସି ଭାଷାର ବ୍ୟାକରଣ ଲେଖିଲେ ତାହାର ଯଥାର୍ଥ ପରୀକ୍ଷା ହେଉଛି, ବିଦେଶୀ ସେହି ବ୍ୟାକରଣ (ପଢ଼ି) ସେହି ଭାଷାକୁ ଅଭ୍ୟସ୍ତ କରିପାରିବ ।" (୧୯୫୮, ପୃ. ୧୦୦) । ଆହୁରି ମଧ୍ୟ କୌଣସି ବିଦେଶୀ "ଆମ ବ୍ୟାକରଣ ଧରି ପଢ଼ିଲେ ସେ ଓଡ଼ିଶାରେ ଆସି ଓଡ଼ିଆଙ୍କ କଥା ବୁଝି ପାରିବ ତ ? ସେମାନଙ୍କ କଥା ଲେଖି କହି ପାରିବ ତ ?" (୧୯୫୮, ପୃ. ୧୦୦) । ଏହି ପ୍ରସଙ୍ଗରେ ସେ ମି. ଷ୍ଟାର୍କିନ୍ସଙ୍କର ଉଦାହରଣ ବାରମ୍ବାର ଦେଇଛନ୍ତି (୧୯୫୮, ପୃ. ୯, ୩୧, ୧୦୧) । ଗୋଟିଏ ଭାଷାର ବହୁ ରକମର ବ୍ୟାକରଣ ରଚନା କରାଯାଇ ପାରେ, ବିଭିନ୍ନ ସିଦ୍ଧାନ୍ତ ଓ ଉଦ୍ଦେଶ୍ୟକୁ କେନ୍ଦ୍ର କରି । ଏଠାରେ ନୀଳକଣ୍ଠ କୌଣସି ସୈଦ୍ଧାନ୍ତିକ ପ୍ରଶ୍ନ ଉତ୍ଥାପନ ନ କରି ଭାଷାଶିକ୍ଷା ରୂପକ ଉଦ୍ଦେଶ୍ୟକୁ ପ୍ରାଧାନ୍ୟ ଦେଇଛନ୍ତି । ଏହି ଭାଷାଶିକ୍ଷା ସହାୟକ ବ୍ୟାକରଣ ବା Pedagogical Grammar ମଧ୍ୟ ବିଭିନ୍ନ ସିଦ୍ଧାନ୍ତକୁ କେନ୍ଦ୍ର କରି ବିଭିନ୍ନ ପ୍ରକାରର ହୋଇପାରେ । ବିଭିନ୍ନ ପ୍ରକାର ସିଦ୍ଧାନ୍ତକୁ କେନ୍ଦ୍ର କରି ରଚିତ ବିଭିନ୍ନ ବ୍ୟାକରଣ ଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ବ୍ୟାକରଣ ବାଛିବାର ମାପକାଠି କଅଣ ? ନୀଳକଣ୍ଠ ଏ ସମ୍ପର୍କରେ ନୀରବ ରହିଛନ୍ତି । ତେବେ ଓଡ଼ିଆ ବ୍ୟାକରଣ ରଚନାରେ ଯେଉଁ ଉଦ୍ୟମ ବା ପରୀକ୍ଷା ନିରୀକ୍ଷା କରିଛନ୍ତି, ସେଥିରୁ ମନେହୁଏ ରୂପଭିତ୍ତିକ ବର୍ଣ୍ଣନାତ୍ମକ ବ୍ୟାକରଣ ବା ସଂରଚନାତ୍ମକ ବ୍ୟାକରଣକୁ ହିଁ ସେ ପ୍ରକୃତ ଓ ସାର୍ଥକ ବ୍ୟାକରଣ ବୋଲି ବୁଝିଥିଲେ । ସେ କିନ୍ତୁ ଏହି ସଂରଚନାତ୍ମକ ବ୍ୟାକରଣ ଓ ଭାଷାଶିକ୍ଷା ସହାୟକ ବ୍ୟାକରଣ ମଧ୍ୟରେ ପାର୍ଥକ୍ୟର ସୀମାରେଖା ଟାଣି ନ ଥିଲେ । ପୁଣି ଭାଷାଶିକ୍ଷା ସହାୟକ ବ୍ୟାକରଣ ଭାଷା ଗ୍ରହୀତାର ମାତୃଭାଷାକୁ କେନ୍ଦ୍ର କରି ଯେ ବିଭିନ୍ନ ପ୍ରକାରର ହୋଇପାରେ କିନ୍ତୁ ସଂରଚନାତ୍ମକ ବ୍ୟାକରଣ ତା ହୋଇପାରେ ନାହିଁ —ସେ ସମ୍ପର୍କରେ ମଧ୍ୟ ସେ ଆଦୌ ସଚେତନ ନ ଥିଲେ ।

## ୨.୧.୩— ଭାଷାରେ ଧ୍ୱନିର ଗୁରୁତ୍ୱ ସ୍ୱୀକାର ଓ ତାର ଯଥାର୍ଥ୍ୟ :

ଭାଷା ଓ ବ୍ୟାକରଣ ସମ୍ପର୍କରେ ସେ କହନ୍ତି, "ଭାଷାର ପ୍ରକୃତି କାହିଁରେ ? ଶବ୍ଦର ଆଦାନ ପ୍ରଦାନରେ ଭାଷାର ପ୍ରକୃତି ବଦଳି ଯାଏ ନାହିଁ ।…………

Digitized by PPRACHIN, SOA

...ଯେଉଁସବୁ ଶବ୍ଦ ଭାଷାକୁ ଆସୁଅଛନ୍ତି, ତାହା କିନ୍ତୁ ଅବିକଳ ସେହିପରି ରହୁନାହିଁ; ଭାଷାର ସ୍ୱତନ୍ତ୍ର ପ୍ରକୃତିରେ ପଡ଼ି ପରିବର୍ତ୍ତିତ ହେଉଅଛି । ସେମାନଙ୍କ ସ୍ୱର ବ୍ୟଞ୍ଜନ ବିନ୍ୟାସର ଯଥେଷ୍ଟ ଆକୁଞ୍ଚନ, ପ୍ରସାରଣ ଓ ବିବର୍ତ୍ତନ ହେଉଅଛି । ଏହି ସ୍ୱର ବା ବର୍ଣ୍ଣ ନିୟମର ପରିଣତି ପ୍ରକ୍ରିୟା ଓ ପ୍ରଣାଳୀକୁ ଭାଷାର ପ୍ରାଣ ଓ ବ୍ୟାକରଣ ନିୟମକୁ ତାହାର ସ୍ଥୂଳ ଶରୀର କହିଲେ ଚଳେ ।" (୧୯୫୮, ପୃ. ୬୭-୬୮) । ସଂରଚନାବାଦୀ ଭାଷା-ବିଜ୍ଞାନୀମାନେ ଭାଷାକୁ ପାଞ୍ଚଟି ଉପ-ଶୃଙ୍ଖଳାର ଏକ ସମନ୍ୱିତ ଶୃଙ୍ଖଳା (system) ରୂପେ ଦେଖିଛନ୍ତି । ଏହି ପାଞ୍ଚଟି ଉପଶୃଙ୍ଖଳା ହେଲା : ଧ୍ୱନିଭିତ୍ତିକ, ଧ୍ୱନିମ୍‌ଭିତ୍ତିକ, ରୂପ-ଧ୍ୱନିମିକ, ବ୍ୟାକରଣ ( ବା ପଦ ଓ ବାକ୍ୟ ଗଠନ ) ଭିତ୍ତିକ ଓ ଅର୍ଥଭିତ୍ତିକ ଉପଶୃଙ୍ଖଳା । ଏ ମଧ୍ୟରୁ ପ୍ରଥମ ଓ ଶେଷ ଅନ୍ୟ କଥାରେ ଧ୍ୱନି ଓ ଅର୍ଥଭିତ୍ତିକ ଉପ-ଶୃଙ୍ଖଳାକୁ ପାର୍ଶ୍ୱିକ ( peripheral ) ଉପଶୃଙ୍ଖଳା ଓ ଅନ୍ୟ ତିନୋଟିକୁ କେନ୍ଦ୍ରୀୟ ଉପଶୃଙ୍ଖଳା କୁହାଯାଏ । ଭାଷାର ଅନୁଶୀଳନରେ ସଂରଚନାବାଦୀମାନେ ଏହି ପାର୍ଶ୍ୱିକ ଉପଶୃଙ୍ଖଳା ଦୁଇଟି ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ସଂରଚନାବାଦୀ ଭାଷାବିଜ୍ଞାନୀ ନୁହନ୍ତି, ବହୁ ଅତ୍ୟାଧୁନିକ ଭାଷାବିଜ୍ଞାନୀ ମଧ୍ୟ ଧ୍ୱନିଭିତ୍ତିକ ଉପଶୃଙ୍ଖଳା ଉପରେ ଆଦୌ ଗୁରୁତ୍ୱ ଆରୋପ କରନ୍ତି ନାହିଁ ଓ କେତେକ ତାହାକୁ ଉପେକ୍ଷା କରନ୍ତି । ନୀଳକଣ୍ଠ କିନ୍ତୁ ଧ୍ୱନି ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇ ଓ ବ୍ୟାକରଣ ଭିତ୍ତିକ ଉପଶୃଙ୍ଖଳା ଉପରେ ଧ୍ୱନିଭିତ୍ତିକ ଉପଶୃଙ୍ଖଳାକୁ ସ୍ଥାନ ଦେଇ ଧ୍ୱନି ( ଓ ଧ୍ୱନି ପରିବର୍ତ୍ତନ )କୁ ଭାଷାର ପ୍ରାଣ ଓ ବ୍ୟାକରଣ ନିୟମକୁ ଭାଷାର ସ୍ଥୂଳ ଶରୀର ବୋଲି କହିଛନ୍ତି ।

ମନେହୁଏ ଏହା ନୀଳକଣ୍ଠଙ୍କ ଉପରେ ଊନବିଂଶ ଶତକର ତୁଳନାମୂଳକ ଭାଷାତତ୍ତ୍ୱବିଦ୍ ଓ ଜର୍ମାନୀର ନବୀନ ବୈୟାକରଣ ( Junggrammatiker ) ମାନଙ୍କ ପ୍ରଭାବର ଫଳ । ଏମାନେ ସମସ୍ତେ ଧ୍ୱନି ପରିବର୍ତ୍ତନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ଏଣେ ନୀଳକଣ୍ଠ ମଧ୍ୟ ଧ୍ୱନି ପରିବର୍ତ୍ତନର ସୁଦୂର ପ୍ରସାରୀ ପ୍ରଭାବରେ ଶବ୍ଦ, ବିଭକ୍ତି ଓ ପ୍ରତ୍ୟୟର ପରିବର୍ତ୍ତନ ଭିତର ଦେଇ ବ୍ୟାକରଣର ପରିବର୍ତ୍ତନ ହୁଏ, ଏହି ସିଦ୍ଧାନ୍ତରେ ପହଞ୍ଚି ବ୍ୟାକରଣ ଉପରେ ଧ୍ୱନି ( ବା ଧ୍ୱନି ପରିବର୍ତ୍ତନ )କୁ ସ୍ଥାନ ଦେଲେ । ସେଥିପାଇଁ ତାଙ୍କ ବ୍ୟାକରଣରେ କ୍ରିୟାର କାଳମୂଳକ ବିଭକ୍ତି ସମ୍ପର୍କରେ ସେ କହନ୍ତି "... କାଳକ୍ରମେ ଲି, ବି ପ୍ରଭୃତି ଇଲି, ଇବି ପ୍ରଭୃତି ବିଭକ୍ତିରେ ପରିଣତ ହୋଇଅଛି ......... ।" (୧୯୭୯, ପୃ. ୯୨) କାଳାନୁକ୍ରମିକ ଧ୍ୱନି ପରିବର୍ତ୍ତନର ସର୍ବଗ୍ରାସୀ ବିଶ୍ୱରୂପ ନିକଟରେ ଏକ-କାଳିକ ବ୍ୟାକରଣ-ନିୟମକୁ, ବହୁ ବିନ୍ଦୁର ସମାହାରରେ ଗଠିତ ରେଖା ମଧ୍ୟ ସ୍ଥିର ଏକବିନ୍ଦୁ ବୋଲି ସେ ଚିହ୍ନଣ କରିଥିଲେ । ଏଠାରେ ନୀଳକଣ୍ଠଙ୍କ ଦୃଷ୍ଟିଭଙ୍ଗୀ ବ୍ୟାପକ ଓ ଐତିହାସିକ । ଏକକାଳିକ ଭାଷାର ବିଶ୍ଳେଷଣରେ ଧ୍ୱନିର ସ୍ଥାନ ଗୁରୁତ୍ୱପୂର୍ଣ୍ଣ ନ ହେଲେ ମଧ୍ୟ ସାମଗ୍ରିକ ଦୃଷ୍ଟିରୁ ଦେଖିଲେ ତଥା କାଳାନୁକ୍ରମରେ ବିଚାର କଲେ ଧ୍ୱନି ତଥା ଧ୍ୱନି ପରିବର୍ତ୍ତନକୁ ଗୁରୁତ୍ୱ

Digitized by PPRACHIN, SOA

ଦେବାକୁ ହେବ । ଏଠାରେ ନୀଳକଣ୍ଠଙ୍କ ଭୁଲ ବୁଝିବାର ଅବକାଶ ନାହିଁ । ଆଉ ଧ୍ୱନି ଉପରେ ଏପରି ଗୁରୁତ୍ୱ ଦେଉଥିବାରୁ ସେ ପାଣିନି ବ୍ୟାକରଣର ଏହି ଧ୍ୱନି ପରିବର୍ତ୍ତନ ସମ୍ପର୍କୀୟ ଆଲୋଚନା ବା ସୂତ୍ରକୁ ପାଣିନିଙ୍କ ବଡ ବୈଶିଷ୍ଟ୍ୟ ଓ ତାଙ୍କର ସବୁଠାରୁ ବଡ଼ ଅବଦାନ ବୋଲି ଗ୍ରହଣ କରିଥିଲେ । (ଦ୍ରଷ୍ଟବ୍ୟ, ୧୯୫୧, ପୃ. ୭୪-୭୮ ) ।

## ୨. ୧. ୪. ୦.— ରୂପଭିତ୍ତିକ ଭାଷା ବିଶ୍ଳେଷଣର ଆଦ୍ୟ ସୂଚନା :

ନୀଳକଣ୍ଠ ତୁଳନାତ୍ମକ ଭାଷାତତ୍ତ୍ୱବିଦ୍ ଓ ନବୀନ ବୈୟାକରଣମାନଙ୍କ ପ୍ରଭାବରେ ଭାଷାର ଧ୍ୱନି ଓ ଧ୍ୱନି ପରିବର୍ତ୍ତନ ଉପରେ ଏପରି ଅଧିକ ଗୁରୁତ୍ୱ ଦେଇ ତାହାକୁ ଭାଷାର ପ୍ରାଣ ଓ ବ୍ୟାକରଣର ନିୟମକୁ ଭାଷାର ସ୍ଥୂଳ ଶରୀର ବୋଲି କହିଥିଲେ ହେଁ ବ୍ୟାକରଣର ସ୍ୱରୂପ ସମ୍ପର୍କରେ ତାଙ୍କର ସ୍ପଷ୍ଟ ଧାରଣା ଥିଲା ଓ ଭାଷା-ଚର୍ଚ୍ଚାରେ ଏହାର ଗୁରୁତ୍ୱକୁ ମଧ୍ୟ ସେ ସ୍ୱୀକୃତି ଦେଇଥିଲେ । ସେ କହନ୍ତି "ପଦ-ମାନଙ୍କର ଅନ୍ୱୟର ଧାରା ବ୍ୟାକରଣର ପ୍ରଧାନ ଉପାଦାନ, ଏବଂ ଏହି ଅନ୍ୱୟଧାରାରେ ବିଭକ୍ତି, ବିଶିଷ୍ଟ ଆଲୋଚ୍ୟ ବସ୍ତୁ । ସେହି ବିଭକ୍ତି ଦୁଇଭାଗ—କାରକ ଓ କ୍ରିୟା ବିଭକ୍ତି । ଫଳତଃ ବାକ୍ୟଟି ଦୁଇ ପ୍ରଧାନ ଭାଗରେ ବିଭକ୍ତ । ଯଥା କାରକ ବା ବିଷୟ ଭାଗ ; ଓ କ୍ରିୟା ବା ବାଚ୍ୟ ଭାଗ । ଏ ଦୁଇଟି ମଧ୍ୟରେ କ୍ରିୟା ବା ବାଚ୍ୟ ଭାଗ ପ୍ରଧାନ ।" (୧୯୫୮, ପୃ. ୨୮) । ସେ ଏଠାରେ ଇଂରାଜୀ inflection ଅର୍ଥରେ ହିଁ 'ବିଭକ୍ତି', ଏଇ ପରିଭାଷାର ବ୍ୟବହାର କରିଛନ୍ତି । ଆଉ ଏହାରି ଭିତରେ ରୂପଭିତ୍ତିକ ଭାଷା ବିଶ୍ଳେଷଣର ବାଟ ସଫା କରିବା ପାଇଁ ଯେପରିକି ପ୍ରସ୍ତୁତି ନେଇଛନ୍ତି ଓ ନିଜର ଅଜ୍ଞାତସାରରେ ସଂରଚନାତ୍ମକ ଭାଷା ବିଶ୍ଳେଷଣର ଅନ୍ୟତମ ଆଦ୍ୟସୂଚନା କରିଛନ୍ତି ।

## ୨. ୧. ୪. ୧.—ଉଦାହରଣରେ ଓଡ଼ିଆ କ୍ରିୟାର କାଳ ବିଚାର :

ପୁଣି ଏ ପ୍ରସଙ୍ଗରେ—ଏବର Case grammarର ପ୍ରତିପାଦ୍ୟ—କାରକ ଭିତ୍ତିକ ଭାଷା ବିଶ୍ଳେଷଣକୁ ବେଶ୍ ଗୁରୁତ୍ୱ ଦେଲେ ହେଁ କ୍ରିୟାର ରୂପଭିତ୍ତିକ ବିଶ୍ଳେଷଣକୁ ତୁଳନାତ୍ମକ ଭାବରେ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି । ମନେହୁଏ, ଏଇ ରୂପକୁ ଭିତ୍ତିଭୂମି କରି ଧରିବାରେ ତାଙ୍କର ପ୍ରେରଣାର ଉତ୍ସ ଥିଲା ପାଣିନିଙ୍କ ଅଷ୍ଟାଧ୍ୟାୟୀ ବ୍ୟାକରଣ । ଏହି ଅଷ୍ଟାଧ୍ୟାୟୀ ବ୍ୟାକରଣକୁ ଆଦର୍ଶ କରି ଧରି ସେ ଭାଷାର ରୂପଭିତ୍ତିକ ବିଶ୍ଳେଷଣରେ ପ୍ରବୃତ୍ତ ହୋଇଥିଲେ ବୋଲି ମନେ କରିବାର ଯଥେଷ୍ଟ କାରଣ ଅଛି । ପାଣିନିଙ୍କୁ ଓ ପାଣିନିଙ୍କ ବ୍ୟାକରଣକୁ ସେ କେଉଁ ଦୃଷ୍ଟିରେ ଦେଖୁଥିଲେ ଓ କପରି ସମ୍ମାନ କରୁଥିଲେ ସେ ସମ୍ପର୍କରେ ଏ ପ୍ରବନ୍ଧର ଅନ୍ୟତ୍ର ସୂଚନା ଦିଆଯିବ । ତେବେ ବର୍ତ୍ତମାନ ଓଡ଼ିଆ ସମାପିକା କ୍ରିୟାର କାଳ ବିଚାରକୁ ଧରି ନୀଳକଣ୍ଠଙ୍କ ରୂପାତ୍ମକ ବା ରୂପଭିତ୍ତିକ ଦୃଷ୍ଟିଭଙ୍ଗୀର ସାମାନ୍ୟ ପରିଚୟ ଦିଆ ଯାଇପାରେ ।

Digitized by PPRACHIN, SOA

ନୀଳକଣ୍ଠଙ୍କ ପୂର୍ବରୁ ପାରମ୍ପରିକ ବ୍ୟାକରଣର ସ୍ୱୀକୃତ ଅନୁଯାୟୀ ଅର୍ଥର ଭିତ୍ତିଭୂମି ଉପରେ ଓଡ଼ିଆ ସମାପିକା କ୍ରିୟାର ଜ୍ଞାନ ବିସ୍ତୃତ କରାଯାଉଥିଲା । ନୀଳକଣ୍ଠଙ୍କ "ଓଡ଼ିଆ ବ୍ୟାକରଣ" ପ୍ରକାଶ ପାଇବାର ମାତ୍ର ସ୍ୱଳ୍ପ କିଛି ପୂର୍ବେ, ୧୯୩୧ରେ ପ୍ରକାଶିତ ରାଧାନାଥ ରାୟଙ୍କ "ବ୍ୟାକରଣ ପ୍ରବେଶ"ର ୧୪ଶ ସଂସ୍କରଣରେ ଏ ପ୍ରସଙ୍ଗରେ କୁହାଯାଇଛି, "କ୍ରିୟାର ସମୟକୁ କାଳ ବୋଲାଯାଏ ।" (ରାୟ, ରାଧାନାଥ, ୧୯୩୧, ପୃ. ୬୪) । ଫଳରେ ସେଥିରେ ଓଡ଼ିଆ ସମାପିକା କ୍ରିୟାର ବର୍ତ୍ତମାନ, ଭୂତ ଓ ଭବିଷ୍ୟତ କାଳ ଥିବାର ପରିକଳ୍ପନା କରାଯାଇଥିଲା । କେବଳ ସେତିକି ନୁହେଁ, ବର୍ତ୍ତମାନ କାଳର ୪ ପ୍ରକାର (ବିଶୁଦ୍ଧ, ନିତ୍ୟ ପ୍ରବୃତ୍ତ, ଆନୁମାନିକ ଓ ସମ୍ଭାବ୍ୟ), ଭୂତ କାଳର ୭ ପ୍ରକାର (ଅଦ୍ୟତନ, ଅନଦ୍ୟତନ, ନିତ୍ୟପ୍ରବୃତ୍ତ, ଆନୁମାନିକ, ଅସମ୍ପନ୍ନ, ପରୋକ୍ଷ ଓ ସମ୍ଭାବ୍ୟ) ଓ ଭବିଷ୍ୟତ କାଳର ୫ ପ୍ରକାର (ଶୁଦ୍ଧ, ଅସମ୍ପନ୍ନ, ଆନୁମାନିକ ପ୍ରାଗ୍ ଭବିଷ୍ୟତ ଓ ସମ୍ଭାବ୍ୟ) ଭେଦର କଳ୍ପନା କରାଯାଇଥିଲା । କାରଣ ଓଡ଼ିଆ ସମାପିକା କ୍ରିୟାର କାଳକୁ ଅର୍ଥର ଭିତ୍ତିଭୂମି ଉପରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ (ବା ଭୂତ, ବର୍ତ୍ତମାନ ଓ ଭବିଷ୍ୟତ) ମାତ୍ର ଏଇ ତିନିଭାଗରେ ବିଭକ୍ତ କଲେ ତଜ୍ଜନିତ କୃତ୍ରିମତା ହେତୁ ବିଭିନ୍ନ କାଳର କୃତ୍ରିମ ଭେଦକୁ ସ୍ୱୀକାର କରିବା ପାଇଁ ହେବ ।

ନୀଳକଣ୍ଠ ଏହି କୃତ୍ରିମତାକୁ ତୀବ୍ରଭାବରେ ସମାଲୋଚନା କରିଛନ୍ତି । ସେ ସେନ୍‌ଟ୍ରାଲ ସ୍କୁଲରେ ଓଡ଼ିଆ ବ୍ୟାକରଣର ଅଧ୍ୟାପନା ପ୍ରସଙ୍ଗରେ କହନ୍ତି, "ବ୍ୟାକରଣ ପ୍ରବେଶ' ପ୍ରଭୃତିରେ ଅଦ୍ୟତନ, ଅନଦ୍ୟତନ, ସମ୍ଭାବ୍ୟ, ନିତ୍ୟପ୍ରବୃତ୍ତ ପ୍ରଭୃତି ଅତି ବିଶୃଙ୍ଖଳ ଅବୈଜ୍ଞାନିକ କାଳଭଙ୍ଗୀର ବିଭାଗ ସବୁ ନୂତନ ଶିକ୍ଷକ ସମସ୍ତଙ୍କୁ ଘାରୁଥାଏ । ଶେଷକୁ ସେମାନେ ନ୍ୟାୟଶାସ୍ତ୍ର ଧରି ଯୁକ୍ତି ଆରମ୍ଭ କରିଦେଲେ, 'ମୁଁ କରିଅଛି' ପ୍ରୟୋଗରେ କ୍ରିୟାଟି ଅତୀତ ହୋଇ ଯାଇଛି । ଅତଏବ ଅଦ୍ୟତନ ଭୂତ କହିବା ସମୀଚୀନ । ସେ ପୁଣି ଅତୀତ-ସାମୀପ୍ୟ ବର୍ତ୍ତମାନ ହେବ କିପରି ? ଏ ତର୍କଶାସ୍ତ୍ର ଯୁକ୍ତିରେ ମୁଁ କି ଉତ୍ତର ବା ଦିଅନ୍ତି ? ବୁଝାଇ ବସିଲି ବ୍ୟାକରଣର 'ଲ' କାର ଘଟଣାରେ କାଳର ମାପ ନୁହେଁ । କିନ୍ତୁ ଦେଖିଲି ଏ ସବୁ ବୁଝିବାର ପରିସ୍ଥିତି ସେଠି ନ ଥିଲା ।" (୧୯୫୮, ଉତ୍କଳ ପ୍ରବେଶ, ପୃ. ୧୦) । ଅନ୍ୟତ୍ର ମଧ୍ୟ "ଅନଦ୍ୟତନ, ପ୍ରାଗ୍ ଭବିଷ୍ୟତ ପ୍ରଭୃତି ପରିଭାଷା, କିଏ କେବେ ଭର୍ତ୍ତି କଲା ଠିକ୍ ଜଣା ହେଉନାହିଁ । ନମାଇଁ ବଲ୍ଲଭ ବିଦ୍ୟାସାଗର 'ସଂସାର ବ୍ୟାକରଣ'ରେ ଏହା ଆରମ୍ଭ କରିଥିଲେ । ରାଧାନାଥ ରାୟ ଏହାର ମାତ୍ରା ବଢ଼ାଇଛନ୍ତି ବୋଲି ମନେହୁଏ ।" (୧୯୫୮, ପୃ. ୧୦୩) ତେବେ ୧୮୦୬ରେ ଗଦାଧର ତର୍କବାଗୀଶଙ୍କ ଦ୍ୱାରା ରଚିତ ପ୍ରଥମ ଓଡ଼ିଆ ବ୍ୟାକରଣରେ ଓଡ଼ିଆ କ୍ରିୟାର ବର୍ତ୍ତମାନ, ଭୂତ ଓ ଭବିଷ୍ୟତ ଏଇ ତିନି ପ୍ରକାର କାଳର ପରିକଳ୍ପନା କରାଯାଇ ବର୍ତ୍ତମାନକୁ ନିତ୍ୟପ୍ରବୃତ୍ତ ଓ ଶୁଦ୍ଧ ଏପରି ଦୁଇଟି, ଭୂତକୁ ଅପୋରକ୍ଷ, ଅଦ୍ୟତନ, ଶୁଦ୍ଧ, ଅଦ୍ୟତନାନଦ୍ୟତନ, ଅନଦ୍ୟତନ ଏପରି ୫ଟି ଓ ଭବିଷ୍ୟତକୁ ମାତ୍ର ଗୋଟିଏ ବିଭାଗରେ ବିଭକ୍ତ କରାଯାଇଥିଲା ।

Digitized by PPRACHIN, SOA

ଯାହା ଜଣାଯାଉଛି, ଇଂରାଜୀ tense ଅର୍ଥରେ 'କାଳ' ପରିଭାଷାର ବ୍ୟବହାର ହେତୁ ଭୁଲ ବୁଝାମଣା ସୃଷ୍ଟି ହୋଇଛି ଓ କାଳର 'ସମୟ' ଅର୍ଥକୁ (ଅନ୍ୟ କଥାରେ ସମୟ ଦ୍ୱାରା ଘଟଣାର ପରିମାପ ଅର୍ଥକୁ) ଗ୍ରହଣ କରି ଓ ତାର ପାରିଭାଷିକ ଅର୍ଥକୁ ଗ୍ରହଣ ନ କରି ତାହାକୁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏଇ ତିନି ଭାଗରେ ବିଭକ୍ତ କରିଯାଇଛି । ଏହିପରି ଭ୍ରମ ଧାରଣା ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇବା ପାଇଁ ବୋଧହୁଏ ପାଣିନି ତାଙ୍କ ବ୍ୟାକରଣରେ 'କାଳ' ପରିଭାଷାକୁ ବ୍ୟବହାର ନ କରି ଓ କାଳ ପରିବର୍ତ୍ତେ "'ଲ' କାର" ପରିଭାଷାର ବ୍ୟବହାର କରିଥିଲେ । ଏ କାରଣରୁ ପାଣିନିଙ୍କ ଅଷ୍ଟାଧ୍ୟାୟୀକୁ 'ଅକାଳକ' ବୋଲି "କାଶିକା"କାର ଜୟାଦିତ୍ୟ ଓ ବାମନ ଅଭିହିତ କରିଛନ୍ତି ।

ଏହି 'କାଳ' ପରିଭାଷାର ବ୍ୟବହାର ସତ୍ତ୍ୱେ ନୀଳକଣ୍ଠ ରୂପର ଭିତ୍ତିରେ ଓଡ଼ିଆ ସମାପିକା କ୍ରିୟାର ୫ଟି କାଳର ପରିକଳ୍ପନା କରିଛନ୍ତି ଯଥା : ଅନୁଜ୍ଞା, ସମ୍ଭାବନା, ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ ଓ ପ୍ରତ୍ୟେକ କାଳର ୩ପ୍ରକାର ଭେଦ ନିରୂପଣ କରିଛନ୍ତି । (ଦ୍ରଷ୍ଟବ୍ୟ : ୧୯୩୯, ପୃ. ୮୯ ; ୧୯୫୮, ପ. ୧୦୩, ଗ୍ରନ୍ଥ ପ୍ରବେଶ, ପୃ ୧୦; ୧୯୭୩ ୧ମ,ପୃ. ୮୯-୯୦) । 'କାଳ'ର ସମୟ ଅର୍ଥରେ ଅନୁଜ୍ଞା ଓ ସମ୍ଭାବନାକୁ କାଳ ବୋଲି ଗ୍ରହଣ କରିବା ହୁଏତ ସମ୍ଭବ ନୁହେଁ । କିନ୍ତୁ 'କାଳ'କୁ ବ୍ୟାକରଣର 'ଲ' କାର ବା tense ଅର୍ଥରେ ଗ୍ରହଣ କଲେ ଓଡ଼ିଆ ସମାପିକା କ୍ରିୟାପଦର ସମ୍ଭାବନା ଓ ଅନୁଜ୍ଞା ସହ ୫ଟି କାଳକୁ ସ୍ୱୀକାର କରିବା ପାଇଁ ହେବ । ନୀଳକଣ୍ଠ ଅବଶ୍ୟ ଏହାକୁ ଇଂରାଜୀ ବ୍ୟାକରଣ ଢାଞ୍ଚର ଅନୁବର୍ତ୍ତନ ବୋଲି ବହୁ ବର୍ଷ ପରେ କହିଥିଲେ (୧୯୫୮, ଗ୍ରନ୍ଥ ପ୍ରବେଶ, ପୃ ୯) । କିନ୍ତୁ ପାରମ୍ପରିକ ଇଂରାଜୀ ବ୍ୟାକରଣ ଏକ ରୂପଭିତ୍ତିକ ତ ନୁହେଁ, ଦ୍ୱିତୀୟରେ ୫ଟି କାଳକୁ ମଧ୍ୟ ସ୍ୱୀକାର କରେନାହିଁ । ଆଉ ଏଠାରେ ନୀଳକଣ୍ଠ ପାରମ୍ପରିକ ଇଂରାଜୀ ବ୍ୟାକରଣର ସୂଚନା ହିଁ ଦେଇଛନ୍ତି । ବରଂ ସେ 'ଲ' କାର ପରିଭାଷା ବ୍ୟବହାର କରିଥିବାରୁ ସେ ଅଜ୍ଞାତସାରରେ ପାଣିନୀଙ୍କ ପରମ୍ପରାର ଅନୁବର୍ତ୍ତନ କରିଥିଲେ ବୋଲି ମନେହୁଏ ।

ଓଡ଼ିଆ ସମାପିକା କ୍ରିୟା ସମ୍ପର୍କରେ ସେ ତାଙ୍କ 'ଓଡ଼ିଆ ବ୍ୟାକରଣ'ର ଠାଏ କହିଛନ୍ତି, "କର୍ତ୍ତା ସଙ୍ଗେ ଏହିପରି କ୍ରିୟାର ବଚନର ଓ ପୁରୁଷର ପରିବର୍ତ୍ତନ ହୁଏ । ଯେଉଁଠାରେ କୌଣସି ପଦ କ୍ରିୟା ବୁଝାଇ ମଧ୍ୟ ତାର ସେପରି ପରିବର୍ତ୍ତନ ହୁଏ ନାହିଁ, ସେଠାରେ ତାହା ସମାପିକା କ୍ରିୟା ନୁହେ । (୧୯୩୯, ପୃ. ୧୧-୧୨) । ଏହା ଭିତରେ ସମାପିକା କ୍ରିୟାପଦର ବିଷୟରେ ରୂପ-ସଚେତନତା ପ୍ରତିଫଳିତ ।

### ୧. ୧. ୫.—ତେବେ ନୀଳକଣ୍ଠ ଅର୍ଥକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ି ପାରି ନାହାନ୍ତି :

କିନ୍ତୁ ନୀଳକଣ୍ଠ ଓଡ଼ିଆ ବ୍ୟାକରଣ ରଚନା ପ୍ରସଙ୍ଗରେ ସବୁବେଳେ ରୂପକୈନ୍ଦ୍ରିକ ହୋଇ ରହିପାରି ନାହାନ୍ତି । ତେଣୁ ସେଇ "ଓଡ଼ିଆ ବ୍ୟାକରଣ"ର

Digitized by PPRACHIN, SOA

ଅନ୍ୟତ୍ର ସେଇ ସମାପିକା କ୍ରିୟାର ସଜ୍ଞା ନିରୂପଣ ପ୍ରସଙ୍ଗରେ "ଧାନ ପାଚୁଛି" "ଗାଈ ଚରୁଛି" ପରି ବାକ୍ୟର ଉଲ୍ଲେଖ କରି କହନ୍ତି, 'ପାଚୁଛି', 'ଚରୁଛି' ପରି ଯେଉଁ ଗୁଡ଼ିକ ବାକ୍ୟରେ ବିଧେୟର କ୍ରିୟା ବା କାର୍ଯ୍ୟ ନିର୍ଦ୍ଦେଶ କରନ୍ତି, ସେମାନଙ୍କୁ କ୍ରିୟାପଦ କହନ୍ତି ।" (୧୯୩୯, ପୃ. ୬) । ଆହୁରି ମଧ୍ୟ ଅନ୍ୟତ୍ର, "ଗଉଡ଼ ଗାଆଁ ମୁଣ୍ଡରେ ବାଡ଼ି ହାତରେ ଧରି ଗାଈ ଜଗିଛି' ସମାପିକା କ୍ରିୟା ଅର୍ଥାତ୍ ଜଗିଛି କ୍ରିୟାରେ ବାକ୍ୟର ଭାବ ସମାପ୍ତ ହେଉଛି ।" ୧୯୩୯. ପୃ ୧୧) । ଏ ସବୁ ସଜ୍ଞା ନିରୂପଣ ବା ବର୍ଣ୍ଣନା ଭିତରେ ରୂପ ନୁହେଁ, ପାରମ୍ପରିକ ବ୍ୟାକରଣ ପରି ଅର୍ଥ ବା ଧାରଣା (notion) ଉପରେ ଗୁରୁତ୍ୱ ଆରୋପ କରା ହୋଇଛି । ସେହିପରି ବିଶେଷ୍ୟର ସଜ୍ଞା ପ୍ରସଙ୍ଗରେ ସେ କହନ୍ତି, "......ବାକ୍ୟ ଭିତରେ ଥିବା ବସ୍ତୁ, ଜନ୍ତୁ, କାର୍ଯ୍ୟ ପ୍ରଭୃତିର ନାମକୁ ବିଶେଷ୍ୟ ପଦ କହନ୍ତି । ରାମ, ମାଙ୍କଡ଼, ଫଳ, ଖାଇବା ଦେବା, କରିବା—ପ୍ରଭୃତି ପରି ନାମ ଗୁଡ଼ିକ ବାକ୍ୟ ଭିତରେ ଲାଗିଲେ ସେମାନେ ବିଶେଷ୍ୟ ପଦ ହୁଅନ୍ତି ।" (୧୯୩୯, ପୃ. ୬ ।

ଏହା ଇଂରାଜୀ ବ୍ୟାକରଣର ଆଦର୍ଶକୁ ଗ୍ରହଣ କରି ଓଡ଼ିଆ ବ୍ୟାକରଣ ରଚନା କରିବାର ଉଦ୍ୟମର ପରିଣତି ମାତ୍ର । ଇଂରାଜୀ ବ୍ୟାକରଣର ଆଦର୍ଶକୁ ଗ୍ରହଣ କରିବାର କାରଣ ଓ ସମର୍ଥନ ପ୍ରସଙ୍ଗରେ ସେ କହନ୍ତି, "ସଂସ୍କୃତରେ କିନ୍ତୁ ପଦ ଦୁଇ ପ୍ରକାର । ଯଥା :—୧-ସୁବନ୍ତ ବା କାରକ ବିଭକ୍ତି ଯୁକ୍ତ ପଦ । ୨-ତିଙନ୍ତ ବା କ୍ରିୟା ବିଭକ୍ତି ଯୁକ୍ତ ପଦ । ବିଭକ୍ତି ନ ଥିବାରୁ ଅବ୍ୟୟକୁ ଆଉ ଏକ ପ୍ରକାର ପଦ ବୋଲି ଧରିଥାନ୍ତି, ମାତ୍ର ବିଶେଷଣ ପ୍ରଭୃତିରେ ମଧ୍ୟ ଓଡ଼ିଆରେ ବିଭକ୍ତି ନାହିଁ । ଏପରି କେତେକ ଅସୁବିଧାରୁ ଓ ବୁଝିବାର ସୁବିଧା ପାଇଁ ଓଡ଼ିଆ ବ୍ୟାକରଣରେ ଏବେ ଯେପରି ପଦର ବିଭାଗ ଓ ବ୍ୟାଖ୍ୟା କରାଯାଉଅଛି, ତାହା ବହୁ ପରିମାଣରେ ଇଂରାଜୀ ବ୍ୟାକରଣର ଆଦର୍ଶରେ ଗଠିତ ହୋଇଛି । ଏଠାରେ ବୁଝିବାର ସୁବିଧା ପାଇଁ ସେପରି ଲେଖାଗଲା । ଏଥିରେ ମଧ୍ୟ ପରେ ଓଡ଼ିଆ ଭାଷା ବ୍ୟାକରଣର ଚର୍ଚ୍ଚାରେ ବିଶେଷ ସୁବିଧା ହେବ । ଉଦ୍ଦେଶ୍ୟ ବିଧେୟ ବିଚାରରେ ମଧ୍ୟ ସଂସ୍କୃତ ବ୍ୟାକରଣର କାରକ ବିଚାରର ଅସୁବିଧା ବହୁତ କମିଯିବ ।

ସଂସ୍କୃତ ଏକ ପ୍ରାଚୀନ ଆର୍ଯ୍ୟ ଭାଷା । ମାତ୍ର ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ, ମରହଟ୍ଟୀ, ସିନ୍ଧି, ପଞ୍ଜାବ ପ୍ରଭୃତି ଇଂରାଜୀ ପରି ଗୋଟିଏ ଗୋଟିଏ ପ୍ରାଚୀନ ଆର୍ଯ୍ୟ ଭାଷାର ବଂଶଧର ବା ସେଥିରୁ ଜାତ ଚଳିତ ଭାଷା । ସେଥିପାଇଁ ଇଂରାଜୀ ଭାଷାର ବ୍ୟାକରଣ ସଙ୍ଗେ ଓଡ଼ିଆ ପ୍ରଭୃତିର ସାମ୍ୟ ରହିବାର କଥା ।"(୧୯୩୯, ପୃ. ୭) । ତେବେ ନୀଳକଣ୍ଠ ଏଠାରେ ଜାଣି ମଧ୍ୟ ବିସ୍ମୃତ ହୋଇଛନ୍ତି ଯେ ସେତେବେଳର ଇଂରାଜୀ ବ୍ୟାକରଣ ମଧ୍ୟ ଲାଟିନ ବ୍ୟାକରଣର ଛାଞ୍ଚରେ ପ୍ରସ୍ତୁତ ଏକ କୃତ୍ରିମ ବ୍ୟାକରଣ ଥିଲା । ଏହା ଥିଲା ଅବୈଜ୍ଞାନିକ ଓ ରୂପ ନୁହେଁ, ଅର୍ଥର ଭିତ୍ତିରେ ପ୍ରସ୍ତୁତ ( ନୀଳକଣ୍ଠ ଏହା ଜାଣିଥିଲେ । ଦ୍ରଷ୍ଟବ୍ୟ-୧୯୫୮, ପୃ. ୧୫ ) । ପୁଣି ଉଭୟ ଇଂରାଜୀ ଓ ଓଡ଼ିଆ ମୂଳ

Digitized by PPRACHIN, SOA

ଇଣ୍ଡୋ-ଇଉରୋପୀୟ ଭାଷାରୁ ନିଷ୍ପନ୍ନ ହୋଇଥିବା ବର୍ତ୍ତମାନର କଥିତ ଭାଷା ହୋଇଥିଲେ ହେଁ ଉଭୟଙ୍କ ମଧ୍ୟରେ ବହୁ ସଂରଚନାଗତ ପାର୍ଥକ୍ୟ ରହିଅଛି ।

## ୨. ୧. ୭.—ଅର୍ଥକୁ ଛାଡ଼ି ନ ପାରିବାର ସମ୍ଭାବ୍ୟ କାରଣ :

ମୋଟ ଉପରେ ନୀଳକଣ୍ଠ ଏକ ଦିଗରେ ପାଣିନିଙ୍କ ସଂସ୍କୃତ ବ୍ୟାକରଣର ଆଦର୍ଶରେ ଅନୁପ୍ରେରିତ ହୋଇ ରୂପର ଭିତ୍ତିଭୂମି ଉପରେ ଓଡ଼ିଆ ବ୍ୟାକରଣ ରଚନାର ଉଦ୍ୟମ କରିବା ବେଳେ ଅନ୍ୟଦିଗରେ ସଂସ୍କୃତ ବ୍ୟାକରଣର ପ୍ରଭାବରୁ ଓଡ଼ିଆ ବ୍ୟାକରଣକୁ ମୁକ୍ତ କରିବାର ପ୍ରଚେଷ୍ଟା କରିଛନ୍ତି । ତେଣୁ ମନେହୁଏ, ପାଣିନିଙ୍କ ସଂସ୍କୃତ ବ୍ୟାକରଣର ଆଦର୍ଶରେ ଅନୁପ୍ରାଣିତ ହୋଇ ରୂପର ଭିତ୍ତିଭୂମି ଉପରେ ଓଡ଼ିଆ ବ୍ୟାକରଣ ରଚନା ଓ ସଂସ୍କୃତ ବ୍ୟାକରଣ ପ୍ରଭାବମୁକ୍ତ ଓଡ଼ିଆ ବ୍ୟାକରଣ ରଚନା ମଧ୍ୟରେ ଥିବା, ପ୍ରକୃତ ବିରୋଧ ନୁହେଁ, ଆପାତ ବିରୋଧ ଭିତରେ ନୀଳକଣ୍ଠ ଯେପରି ବାଟବଣା ହୋଇ ପଡ଼ିଛନ୍ତି ଓ ଭାରସାମ୍ୟ ରକ୍ଷା କରି ପାରିନାହାନ୍ତି । ଫଳରେ ଇଂରାଜୀ ବ୍ୟାକରଣ ଯେପରି ହୋଇଛି ତାଙ୍କର "କରଧୃତ କମ୍ପିତ ଶୋଭିତ ଦଣ୍ଡ" ।

ଏ ସବୁ ସତ୍ତ୍ୱେ ସ୍ୱୀକାର କରିବା ପାଇଁ ହେବ ଯେ ସେ ହିଁ ପ୍ରଥମେ ଓଡ଼ିଆ ବ୍ୟାକରଣ ରଚନାରେ ରୂପ ଉପରେ ଗୁରୁତ୍ୱ ଦେବାକୁ ଆରମ୍ଭ କରି ନିଜର ଅଜ୍ଞାତ-ସାରରେ ସଂରଚନାତ୍ମକ ବ୍ୟାକରଣ ରଚନାର ପୂର୍ବ ସୂଚନା କରିଥିଲେ ଯଦିଓ ବେଳେ ବେଳେ ସେ ଏହି ନୀତିରୁ ବିଚ୍ୟୁତ ହୋଇଛନ୍ତି ।

## ୨. ୧. ୭. ୦.— ନୀଳକଣ୍ଠଙ୍କ ଓଡ଼ିଆ ଭାଷା ଚର୍ଚ୍ଚାର ଆଉ କେତେକ ବୈଶିଷ୍ଟ୍ୟ :

ନୀଳକଣ୍ଠଙ୍କ ଓଡ଼ିଆ ଭାଷା ବିଶ୍ଳେଷଣର ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ମଧ୍ୟ ରହିଛି :

### ୨. ୧. ୭. ୧.—ବାକ୍ୟର ପରିବର୍ତ୍ତନ :

ଏ ସମ୍ପର୍କରେ ସେ କହନ୍ତି, "ଅର୍ଥରେ କୌଣସି ପ୍ରକାର ପରିବର୍ତ୍ତନ ନ ହୋଇ ଏକପ୍ରକାର ବାକ୍ୟ ଅନ୍ୟ ଏକ ପ୍ରକାର ବାକ୍ୟରେ ପରିବର୍ତ୍ତିତ ହୋଇପାରେ । ଯଥା :-ତୁ ଆସିଲେ ମୁଁ ଯିବି; ତୁ ଯଦି ଆସୁ, ମୁଁ ଯିବି; ତୁ ଆସ (ଓ) ମୁଁ ଯିବି । ବଳୁଆ ଲୋକ ସବୁ କରିପାରେ ; ଯାହାର ବଳ ଅଛି ସେ ସବୁ କରିପାରେ ; ବଳ ଅଛି ତ (ତେବେ) ଲୋକ ସବୁ କରିପାରେ" ଇତ୍ୟାଦି (୧୯୩୯, ପୃ. ୨୩) ଓ ଅନ୍ୟତ୍ର "ମୋର ସେଠାକୁ ଯିବା ଉଚିତ ନୁହେଁ, ମୁଁ ସେଠାକୁ ଯିବା ଉଚିତ ନୁହେଁ । ଦୁଇଟି ଯାକ ପ୍ରୟୋଗ ସାଧୁ । ଓଡ଼ିଆରେ ଏହା ଛଡ଼ା ମଧ୍ୟ ସ୍ପଷ୍ଟ ଭାବରେ ବିକଳ୍ପେ କର୍ତ୍ତାରେ ଷଷ୍ଠୀ ବିଭକ୍ତି ହୁଏ । ଯଥା ରାମ ମୁଁ ଦିହେଁ ଯିବୁ ; ରାମର ମୋର ଦିହେଁ ଯିବୁ ।" (୧୯୫୮,

Digitized by PPRACHIN, SOA

ପୃ. ୧୦୨) । ଏହା ଭିତରେ ନୀଳକଣ୍ଠ ଯେପରି ନିଜର ଅଜ୍ଞାତସାରରେ ଅତ୍ୟାଧୁନିକ ଭାଷାବିଜ୍ଞାନର ଅନ୍ୟତମ ପ୍ରବକ୍ତା Noam Chomskyଙ୍କ ଦ୍ୱାରା ଉପସ୍ଥାପିତ Deep Structure ଓ Surface Structure ସିଦ୍ଧାନ୍ତ ସମ୍ପର୍କୀୟ ସଚେତନତା ପ୍ରକାଶ କରିଛନ୍ତି ।

## ୨. ୧. ୭. ୨.—ସନ୍ଧି :

ସେହିପରି ନୀଳକଣ୍ଠ ସନ୍ଧି ପ୍ରସଙ୍ଗରେ ସଂସ୍କୃତଠାରୁ ଓଡ଼ିଆ ସନ୍ଧି ନିୟମର ପାର୍ଥକ୍ୟ ଓ ସ୍ୱାତନ୍ତ୍ର୍ୟ ଦର୍ଶାଇଛନ୍ତି (୧୯୫୮, ପୃ. ୬୯, ୧୦୧) । କେବଳ ସେତିକି ନୁହେଁ, "ସନ୍ଧି ନିୟମରେ ବି ଓଡ଼ିଆ ମୈଳର ବିଚାର କୁହାପି ନାହିଁ । 'କହ' ଧାତୁ ଆକାରାନ୍ତ ପ୍ରତ୍ୟୟରେ ହେଲା---'କୁହା', ସେହିପରି 'ବହ'--'ବୁହା', 'ନଅଁ'--ନୁଆଁ' … …(୧୯୫୮, ପୃ. ୧୦୧) ଓ ଅନ୍ୟତ୍ର ସ୍ପଷ୍ଟ କହିବେ, ବହୁବଚନର ବିଭକ୍ତି ପୂର୍ବରୁ 'ମାନ' ବୋଲି ଗୋଟିଏ ରୂପ ବିଭକ୍ତି ଲଗେ ।" (୧୯୩୯, ପୃ. ୫୧) ଆଦି କହିବା ଭିତରେ ତାଙ୍କର ଆଧୁନିକ ସଂରଚନାତ୍ମକ ଭାଷାବିଜ୍ଞାନର Morphophonemics ବା ସନ୍ଧି ପ୍ରସଙ୍ଗରେ ବ୍ୟବହୃତ ରୂପମ୍ ଓ ସଂରୂପ ବା morpheme ଓ allo-morph ସମ୍ପର୍କୀୟ ସଚେତନତାର ଆବିଷ୍କାର କରାଯାଇ ପାରେ । [ ତେବେ ନୀଳକଣ୍ଠଙ୍କ ମତରେ 'ଜନ' (ବା 'ଜଣ') ଓ 'ଆର' ସହ 'ଏକ' ଯୁକ୍ତ ହୋଇ 'ଜଣକ' ଓ 'ଆରକ' ପଦ ନିଷ୍ପନ୍ନ ହୋଇଛି । କିନ୍ତୁ 'ଜଣ' ଓ 'ଆର' ସହ ପ୍ରତ୍ୟୟବାଚୀ 'କ' ଯୁକ୍ତ ହୋଇଥିବାର ସମ୍ଭାବନା ପ୍ରତି ସେ ଦୃଷ୍ଟି ଦେଇ ନାହାନ୍ତି । ]

## ୨. ୧. ୭. ୩.—କ୍ରିୟାର ରୂପ :

ସେହିପରି କ୍ରିୟାର ରୂପ ପ୍ରସଙ୍ଗରେ ପ୍ରଥମ ପୁରୁଷ ବହୁବଚନରେ ଶ୍ରୋତା ବହିର୍ଭୂତ (exlusive) ଓ ଶ୍ରୋତା ଅନ୍ତର୍ଭୁକ୍ତ (inclusive) କ୍ରିୟାର ରୂପ ଯଥା :—ଆମେ ଯିବୁ ଓ ଆମେ ଯିବା ପ୍ରଭୃତି ଆବିଷ୍କାର କରି (୧୯୩୯, ପୃ. ୯୨ ; ୧୯୫୧, ପୃ. ୩୯ ; ୧୯୫୮, ଗ୍ରନ୍ଥ ପ୍ରବେଶ; ପୃ. ୯) ଓ ଏହା ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ଭାଷାର ପ୍ରଭାବ ବୋଲି ନିରୂପଣ କରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଦର୍ଶାଇଛନ୍ତି ।

## ୨. ୧. ୭. ୪.—ଲିପିରେ 'ଡ' 'ଡ଼' 'ଢ' 'ଢ଼'ରେ ଭେଦ :

ପୁଣି ତାଙ୍କ ମତରେ ଲିପିରେ ଡ, ଡ଼, ଢ, ଢ଼,ର ଭେଦ ଦର୍ଶାଇବା ଆବଶ୍ୟକ ନାହିଁ କାରଣ ତାଙ୍କ ମତରେ ଥିବା "ଉଚ୍ଚାରଣ ଭେଦ ବ୍ୟାକରଣରେ ନିର୍ଦ୍ଦେଶ କରିହେବ" (୧୯୫୮, ପୃ. ୧୦୪-୧୦୫) । ଏହି ପ୍ରସଙ୍ଗରେ ଭାଷାର ଡ, ଡ଼, ଓ ଢ, ଢ଼,ର ବିତରଣ (distribution)କୁ ମଧ୍ୟ ବିଚାରକୁ ନେଇ ସଂରଚନାତ୍ମକ ଭାଷାବିଜ୍ଞାନର ଧ୍ୱନିମ୍ ( phoneme ) ଓ ଉପସ୍ୱନ ସଂସ୍ୱନ ( allophone ) ସମ୍ପର୍କୀୟ ସଚେତନା ଯେପରି ନିଜର ଅଜ୍ଞାତସାରରେ ପ୍ରକାଶ କରିଥିଲେ ।

Digitized by PPRACHIN, SOA

## ୨.୧.୮.—ନୀଳକଂଠଙ୍କ ନୂତନ ଦୃଷ୍ଟିଭଂଗୀର ମୂଳ ଉତ୍ସ ଅନୁସନ୍ଧାନ :

ବର୍ତ୍ତମାନ ପ୍ରଶ୍ନ ଉଠେ ଓଡ଼ିଆ ଭାଷାଚର୍ଚ୍ଚାରେ ତଥା ଭାଷାବିଜ୍ଞାନ କ୍ଷେତ୍ରରେ ସେ ଯେଉଁ ନୂତନ ଦୃଷ୍ଟିଭଙ୍ଗୀ ଓ ବିଚାରଦର୍ଶନର ସୂଚନା ଦେଇଛନ୍ତି ତା.ର ପ୍ରେରଣାର ଉତ୍ସ କ'ଣ ଥିଲା ଓ କେଉଁଠି ଥିଲା ?

### ୨.୧.୮.୧.—ଦର୍ଶନ, ମନୋବିଜ୍ଞାନ ଓ ନୀଳକଂଠ :

ଆଧୁନିକ ଓ ଅତ୍ୟାଧୁନିକ ଭାଷାବିଜ୍ଞାନୀମାନେ ନିର୍ଦ୍ଦିଷ୍ଟ ଦାର୍ଶନିକ ଓ ମନସ୍ତାତ୍ତ୍ୱିକ ତତ୍ତ୍ୱର ଭିତ୍ତିଭୂମି ଉପରେ ଦଣ୍ଡାୟମାନ ହୋଇ ଭାଷାବିଜ୍ଞାନରେ ନୂତନ ବିଚାର ଓ ଦୃଷ୍ଟିକୋଣର ସନ୍ଧାନ ଦେଇଛନ୍ତି । ଏମ୍. ଏ. ଶ୍ରେଣୀରେ ନୀଳକଣ୍ଠ ଦର୍ଶନର ଛାତ୍ର ଥିଲେ । ତେଣୁ ନୀଳକଣ୍ଠଙ୍କ ଭାଷାବିଜ୍ଞାନ ଚର୍ଚ୍ଚାରେ ଦାର୍ଶନିକ Rene Descartes (୧୫୯୬-୧୬୫୦) ଓ ମନୋବିଜ୍ଞାନୀ Wilhelm Wundt (୧୮୩୨-୧୯୨୮) ଆଦିଙ୍କ ଅବଦାନ ଥିଲା କି ନାହିଁ ; ଥିଲେ କ'ଣ ଥିଲା ଓ କେତେ ଥିଲା ଆଦି ପ୍ରଶ୍ନର ଉତ୍ତର ଭବିଷ୍ୟତ ଗବେଷଣାର ଅପେକ୍ଷା ରଖେ ।

### ୨.୧.୮.୨.—ପାଣିନି ଓ ନୀଳକଂଠ :

ନୀଳକଂଠ ଆଧୁନିକ ସଂରଚନାତ୍ମକ ଭାଷାବିଜ୍ଞାନର ସଂସ୍ପର୍ଶରେ ଆସିବାର ସୁଯୋଗ ପାଇ ନ ଥିଲେ ଓ ସେ କାରଣରୁ ବୋଧହୁଏ ଆଧୁନିକ ଭାଷାବିଜ୍ଞାନ ସମ୍ପର୍କରେ ବିଶେଷ କିଛି ଜାଣି ନ ଥିଲେ । ମନେହୁଏ ଏ କ୍ଷେତ୍ରରେ ତାଙ୍କର ପ୍ରଧାନ ପ୍ରେରଣାର ଉତ୍ସ ଥିଲା ପାଣିନିଙ୍କ ବ୍ୟାକରଣ । ପାଶ୍ଚାତ୍ୟ ଦେଶରେ ପାଣିନିଙ୍କ ବ୍ୟାକରଣ ଉଭୟ ଏକକାଳିକ ଭାଷାବିଜ୍ଞାନ ଓ କାଳାନୁକ୍ରମିକ ଭାଷାବିଜ୍ଞାନର ବିକାଶରେ ପ୍ରେରଣା ଯୋଗାଇଥିଲା, ନୂତନ ବିଚାରର ସନ୍ଧାନ ଦେଇଥିଲା । ପାଣିନିଙ୍କ ବ୍ୟାକରଣ ସମ୍ପର୍କରେ ଆଧୁନିକ ସଂରଚନାତ୍ମକ ଭାଷାବିଜ୍ଞାନର ପ୍ରତିଷ୍ଠାତା Leonard Bloomfield ତାଙ୍କ Language ପୁସ୍ତକରେ କହନ୍ତି "This grammar ... ... is one of the greatest monuments of human intelligence. It, describes with the minutest detail, every syntactic usage of its author's speech. No other language, to this day, has been so perfectly described." ( Bloomfield, 1980, P. 11 ). ଅନ୍ୟ କଥାରେ ଆଧୁନିକ ସଂରଚନାତ୍ମକ ଭାଷାବିଜ୍ଞାନର ପ୍ରତିଷ୍ଠାତା Bloomfieldଙ୍କ ଦୃଷ୍ଟିରେ ପାଣିନି ବ୍ୟାକରଣ ଥିଲା ସାର୍ଥକ ଓ ସଫଳ ରୂପତତ୍ତ୍ୱିକ ସଂରଚନାତ୍ମକ ବ୍ୟାକରଣ । ଏ ପ୍ରସଙ୍ଗରେ ପୂର୍ବେ ସୂଚିତ ପାଣିନି ବ୍ୟାକରଣରେ କ୍ରିୟାପଦର ଲ୍' କାର ସମ୍ପର୍କିତ

Digitized by PPRACHIN, SOA

ଅ.ଲୋଚନା ସ୍ମରଣ କରଯାଇପାରେ । ତେଣୁ ପାଣିନିଙ୍କ ବ୍ୟାକରଣ ନୀଳକଣ୍ଠଙ୍କ ପ୍ରେରଣାର ଉତ୍ସ ହେବାରେ ବିସ୍ମିତ ହେବାର କିଛି ନାହିଁ ।

ପାଣିନିଙ୍କ ସମ୍ପର୍କରେ ନୀଳକଣ୍ଠ କହନ୍ତି, "ଏଇ ହିସାବରେ ପାଣିନି ହେଉଛି ବିଶ୍ୱ ସଭ୍ୟତା ଓ ସଂସ୍କୃତିକୁ ଏକ ମହାଦାନ । ହେଲେ ହେଁ, ବହୁକାଳ ଏ ଦେଶରେ ଲୋକେ ଏହା ବୁଝି ନ ଥିଲେ । ଆଜିକୁ ଠିକ ୧୦୭ ବର୍ଷ ତଳେ (୧୮୪୦ ଖ୍ରୀଷ୍ଟାବ୍ଦରେ) ଜଣେ ଜର୍ମାନ ପଣ୍ଡିତ ଏଇ ତଥ୍ୟ ଆବିଷ୍କାର କରି ପ୍ରଥମେ ପ୍ରଚାର କଲେ । ...... ସେ ଦିନ ଯେଉଁ ଆଲୋକ ଜଳି ଉଠିଲା, ସେଥିରେ ସମସ୍ତ ହିନ୍ଦ୍-ଇଉରୋପୀୟ ସଭ୍ୟତା, ସାହିତ୍ୟ, ସଂସ୍କୃତି ସଙ୍ଗେ ସମସ୍ତ ଜଗତ ଆଲୋକରେ ଉଦ୍ଭାସିତ ହେଲା ।" (୧୯୫୧, ପୃ ୭୯-୮୦) । ଏଠାରେ ନୀଳକଣ୍ଠ ଯେଉଁ ଜର୍ମନ ପଣ୍ଡିତଙ୍କ କଥା କହନ୍ତି ବୋଧହୁଏ ସେ ହେଉଛନ୍ତି ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥିବା ଶ୍ରେଷ୍ଠ ସଂସ୍କୃତ ଅଭିଧାନ · Sanskrit-worter buch ବା st. Petersberg Dictionary )ର ଅନ୍ୟତମ ସଂକଳକ Otto B'o'htlingk । ସେ ୧୮୩୯-୪୦ରେ ପାଣିନିଙ୍କ ଅଷ୍ଟାଧ୍ୟାୟୀର ପ୍ରଥମ ଅଧ୍ୟାୟର ଜର୍ମାନ ଅନୁବାଦ ଓ ତାର ବ୍ୟାଖ୍ୟା ପ୍ରକାଶ କରିଥିଲେ । ପାଣିନିଙ୍କ ସମ୍ପର୍କରେ ନୀଳକଣ୍ଠ ଅତିରି କହନ୍ତି, "ଏଇପରି ପାଣିନିର ଏଇ ନୂତନ ଆବିଷ୍କାରରେ ଆମେରିକା, ଆଙ୍ଗ୍ଲୋ-ଆଫ୍ରିକା ଓ ଅଷ୍ଟ୍ରେଲିଆ ସମେତ ଇଂଲଣ୍ଡ, ଇଟାଲି, ଫ୍ରାନସ, ଜର୍ମାନ, ଲାଟିନ ଆମେରିକା ସମେତ ସ୍ପେନ୍, ପର୍ତ୍ତୁଗାଲ, ରୁଷିଆ, ବଲ୍କାନସ, ଗ୍ରୀସ୍ ଠାରୁ ପାରସ୍ୟ ଭାରତ ପର୍ଯ୍ୟନ୍ତ ଭାଷା ଓ ସେଇ ଭାଷା ସଙ୍ଗେ ସଭ୍ୟତାର ଇତିହାସ ପୁନର୍ଜୀବନ ପାଇ ନିଜର ପରମ ପୀଠରେ ଶତ ଶତ ଶାଖା ପ୍ରଶାଖାରେ ଜୀବନ୍ତ ହେଲା ।" (୧୯୫୧, ପୃ. ୮୧) । ପୁଣି "ଏବେ ଦିନେ ଇଉରୋପୀୟମାନେ ବୁଝିଲେ ଭାଷାବିଜ୍ଞାନ ତଥା ତହିଁରେ ବର୍ଣ୍ଣ ପରିଣାମ (phonetics) ବୋଲି ସାହିତ୍ୟର ଗୋଟିଏ ବିଭାଗ ଅଛି । ତାହା ମଧ୍ୟ ଏବେ ପାଣିନୀୟ ଶିକ୍ଷା ଧରି ପଢ଼ିବାରେ ବିକାଶ ପାଉଛି ।" (୧୯୫୧, ପୃ. ୮୧-୮୨) । ଏଥିରୁ ଜଣାଯାଏ ନୀଳକଣ୍ଠ ପାଣିନିଙ୍କୁ ତଥା ତାଙ୍କ ବ୍ୟାକରଣକୁ କି ଦୃଷ୍ଟିରେ ଦେଖୁଥିଲେ ଓ କେତେ ସମ୍ମାନ ଦେଉଥିଲେ । ତେଣୁ ମନେହୁଏ ପାଣିନି ବ୍ୟାକରଣ ହିଁ ଥିଲା ତାଙ୍କର ପଥ ପ୍ରଦର୍ଶକ ।

## ୨. ୧. ୮. ୩.—ରବୀନ୍ଦ୍ରନାଥ ଓ ନୀଳକଣ୍ଠ :

ସେହିପରି ସମକାଳୀନ-ଭାଷାବିଜ୍ଞାନ ଚର୍ଚ୍ଚା ତଥା ସଂସ୍କୃତ ପ୍ରଭାବମୁକ୍ତ ନୂତନ ବ୍ୟାକରଣ ସାଧନାରେ ବିଶ୍ୱକବି ରବୀନ୍ଦ୍ରନାଥ ମଧ୍ୟ ତାଙ୍କର ଅନ୍ୟତମ ପଥ ପ୍ରଦର୍ଶକ ଥିଲେ ବୋଲି ମନେହୁଏ । ଓଡ଼ିଆ ଓ କେତେକ ବଙ୍ଗାଳୀ ବୁଦ୍ଧିଜୀବୀ ହୁଏତ ଜାଣି ନଥିବେ ଯେ ରବୀନ୍ଦ୍ରନାଥ କେବଳ ସରସ କାବ୍ୟ ଜଗତରେ ବାସ କରୁ ନଥିଲେ, ନୀରସ ଭାଷାଚର୍ଚ୍ଚାରେ ମଧ୍ୟ ବେଶ୍ ଆଗ୍ରହ ପ୍ରକାଶ କରିଥିଲେ ଓ ପାରଦର୍ଶିତା ଦେଖାଇ ପାରିଥିଲେ । ସେ ୧୮୮୫ରୁ ୧୯୦୪ ମଧ୍ୟରେ ବିଭିନ୍ନ ସାହିତ୍ୟ ପତ୍ରରେ ବଙ୍ଗଳା ଭାଷା

Digitized by PPRACHIN, SOA

ସମ୍ପର୍କରେ ୨୦ଟି ପ୍ରବନ୍ଧ ଓ ଟିପ୍ପଣୀ ପ୍ରକାଶ କରିଥିଲେ । ପୁଣି ୧୯୦୧ରେ ସଂସ୍କୃତ-ପ୍ରଭାବ-ବିମୁକ୍ତ ବିଜ୍ଞାନ ସମ୍ମତ ଓ ରୂପତତ୍ତ୍ୱିକ ବଙ୍ଗଳା ବ୍ୟାକରଣ ରଚନା ପାଇଁ ଯେଉଁ ଆନ୍ଦୋଳନ ହୋଇଥିଲା, ତାର ପୁରୋଭାଗରେ ଥିଲେ ରବୀନ୍ଦ୍ରନାଥ । ସଂସ୍କୃତ ପ୍ରଭାବ ବିମୁକ୍ତ ବର୍ଣ୍ଣନାତ୍ମକ ବଙ୍ଗଳା ବ୍ୟାକରଣ ରଚନାର ଅନ୍ୟତମ ପ୍ରଥମ ପଥିକୃତ ସେ । ଏଇ ପ୍ରସଙ୍ଗରେ ୧୮୮୫ ବେଳକୁ ସେ ଲେଖିଥିଲେ, "ଏଖାନେ ଇହା ଓ ବଲା ଆବଶ୍ୟକ ଯେ, ପ୍ରକୃତ ବାଂଲା ବ୍ୟାକରଣ ଏକଖାନ ଓ ପ୍ରକାଶିତ ହୟନାଇ । ସଂସ୍କୃତ ବ୍ୟାକରଣେର ଏକଟୁ ଇତସ୍ତତ କରିୟା ତାହାକେ ବାଂଲା ବ୍ୟାକରଣ ନାମ ଦେଓୟା ହୟ ।" (ଠାକୁର, ୧୯୭୩, ୧୨ଶ, ପୃ. ୩୪୨) । ବୀମସ୍‌ଙ୍କ ରଚିତ ବଙ୍ଗଳା ଭାଷାର ବ୍ୟାକରଣ (Grammar of the Bengali Language, 1891, Oxfort)ର ସମୀକ୍ଷା ପ୍ରସଙ୍ଗରେ ସେ କହନ୍ତି, "ବିଦେଶୀ ଭାଷାର ବ୍ୟାକରଣ ରଚନା ସ୍ପର୍ଦ୍ଧାର ବିଷୟ; ପେଟେର ଦାୟେ ଦରଖାସ୍ତ ରଚନାର ସହିତ ଇହାର ତୁଳନା ହଇତେ ପାରେନା । ଅତଏବ ସେଇ ବ୍ୟାକରଣେ ଯଦି ପଦେ ପଦେ ଏମନ ସକଲ ଭୁଲ ଦେଖା-ଯାୟ, ଯାହା ବଙ୍ଗାଲି ମାତ୍ରେରଇ କାଛେ ଅସଙ୍ଗତ ଠେକେ, ତେବେ ସେଇ ସାହେବ ଅଜ୍ଞତାକେ ପରିହାସ କରିବାର ପ୍ରଲୋଭନ ସମ୍ବରଣ କରା କଠିନ ହଇୟା ଉଠେ ।

କିନ୍ତୁ ଯଖନ ଦେଖି ଆଜ ପର୍ଯ୍ୟନ୍ତ କୋନୋ ବାଙ୍ଗାଲି ପ୍ରକୃତ ବାଂଲା ବ୍ୟାକରଣ ରଚନାୟ ହସ୍ତକ୍ଷେପ କରେନ୍ ନାଇ, ତଖନ ପ୍ରଲୋଭନ ସମ୍ବରଣ କରିତେ ହୟ । ଆମରା କେନ ବାଂଲାବ୍ୟାକରଣ ଲିଖିତେ ଗିୟା ସଂସ୍କୃତ ବ୍ୟାକରଣ ଲିଖି, ଆମାଦେର କୋନୋ ଶିକ୍ଷିତ ଲୋକକେଓ ବାଂଲାଭାଷାୟ ବ୍ୟାକରଣେର ନିୟମ ଜିଜ୍ଞାସା କରିଲେ ତାହାଁର ଚକ୍ଷୁସ୍ଥିର ହଇୟା ଯାୟ କେନ, ଏ ସବ କଥା ଭାବିୟା ଦେଖିଲେ ନିଜେର ଉପର ଧିକ୍କାର ଏବଂ ସାହେବର ଉପର ଶ୍ରଦ୍ଧା ଜନ୍ମେ ।" (ଠାକୁର, ୧୯୭୩, ପୃ. ୩୬୧) ।

ଏହାର କମ ପ୍ରତିବାଦ ମଧ୍ୟ ସେ ସମୟରେ ହୋଇ ନଥିଲା । ସେଇ ସମ୍ପର୍କରେ ରବୀନ୍ଦ୍ରନାଥ ଲେଖିଥିଲେ, "ବାଂଲା ବ୍ୟାକରଣ ବାଂଲା ନିୟମେ ଚଲିବେ, ସଂସ୍କୃତ ନିୟମେ ଚଲିବେନା,ଏ କଥାର ପ୍ରତିବାଦ କେନହୟ ବୁଝି ନା ।" (ଠାକୁର,୧୯୭୩, ପୃ.୬୩୩) ପୁଣି କଥିତ ବଙ୍ଗଳା ଭାଷା ସମ୍ପର୍କରେ ସେ କହନ୍ତି, "ପ୍ରତିବାଦୀ ବଲିବେନ, ଅକସ୍ମାତ୍-କର କଥାଗୁଲେ ବାଂଲାୟ ଢୋକାଇୟା ତୁମି ଭାଷାଟାକେ ମାଟି କରିବାର ଚେଷ୍ଟାୟ ଆଛ । ଆମାର ବିନୀତ ଉତ୍ତର ଏଇ ଯେ,ଐ କଥାଗୁଲେ ଆମାର ଏବଂ ତାହାର ବହୁପୂର୍ବେ ପିତାମହ-ପିତାମହୀରା ପ୍ରଚଳିତ କରିୟା ଗେଛେନ, ଆମି ତାହାଦେର ରାଖିବାର ଇ ବା କେ, ମାରିବାର ଇ ବା କେ ।" (ତତ୍ରୈବ, ପୃ. ୫୭୭-୭୮) । ବ୍ୟାକରଣର ଆଦର୍ଶ ଓ ବର୍ଣ୍ଣନାତ୍ମକ ଧର୍ମ ଉପରେ ଗୁରୁତ୍ୱ ଦେଇ ସେଇ ପ୍ରବନ୍ଧରେ ସେ ପୁଣି କହିଥିଲେ, "ବାଂଲା ବଲିଆ ଏକଟା ଭାଷା ଆଛେ, ତାହାର ଗୁରୁତ୍ୱ ମାଧୁର୍ଯ୍ୟ ଓଜନକରା ବ୍ୟାକରଣକାରେର କାଜ ନହେ, ସେଇ ଭାଷାର ନିୟମ ବାହିର କରିୟା ଲିପିବଦ୍ଧ

Digitized by PPRACHIN, SOA

କରାଇ ତାହାର କାଳ । ... ... ତାହାରେ ପ୍ରଚ୍ଛ ଚାହିଁବାର କୋନୋ ଆଦେଶ ନାଇ, ଅନୁଶାସନ ନାଇ ।” (ତତ୍ରୈବ, ପୃ. ୫୭୩) । ଏହା ସହ ନୀଳକଣ୍ଠଙ୍କ ମତର ବିଶେଷ ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଇ ପାରେ । ନୀଳକଣ୍ଠ ମଧ୍ୟ ଏହି ମତ ସହ ବେଶ୍ ପରିଚିତ ଥିଲେ ବୋଲି ସୂଚନା ଦେଇ କହନ୍ତି, “ବଙ୍ଗ ଦେଶରେ ରବୀନ୍ଦ୍ରନାଥ କେତେକ ପ୍ରବନ୍ଧରେ ସ୍ୱାଧୀନ ବଙ୍ଗ ଭାଷା ଚର୍ଚ୍ଚାର ଗଭୀର ଇଙ୍ଗିତ ଦେଇଥିଲେ··· ·· ।” (୧୯୫୮, ପୃ ୨୦) । ତେଣୁ ରବୀନ୍ଦ୍ରନାଥଙ୍କ ବଙ୍ଗ ଭାଷାଚର୍ଚ୍ଚା ନୀଳକଣ୍ଠଙ୍କ ଏକକାଳିକ-ଭାଷାଚର୍ଚ୍ଚା ତଥା ସଂସ୍କୃତ ବ୍ୟାକରଣ-ପ୍ରଭାବ-ବିମୁକ୍ତ ଓଡ଼ିଆ ବ୍ୟାକରଣ ସାଧନାର ଅନ୍ୟତମ ପ୍ରେରଣାର ଉତ୍ସ ଥିଲା ବୋଲି ଗ୍ରହଣ କରାଯାଇ ପାରେ ।

## ୨. ୧. ୮. ୪.—ନାଭଲକର, ବିଜୟଚନ୍ଦ୍ର ମଜୁମଦାର ଓ ନୀଳକଣ୍ଠ :

ପାଣିନି ଓ ରବୀନ୍ଦ୍ରନାଥଙ୍କ ସହ Rev. G. R. Navalkarଙ୍କ ମରାଠୀ ବ୍ୟାକରଣ ଓ ବିଜୟଚନ୍ଦ୍ର ମଜୁମଦାରଙ୍କ The History of Bengali Language (1927) ମଧ୍ୟ ନୀଳକଣ୍ଠଙ୍କୁ ଏ ଦିଗରେ କିଛି ପ୍ରେରଣା ଯୋଗାଇଥିଲା ବୋଲି ମନେହୁଏ । ସେ ସେମାନଙ୍କ ନାମ ଶ୍ରଦ୍ଧାର ସହ ଉଲ୍ଲେଖ କରିଥିଲେ (ଦ୍ରଷ୍ଟବ୍ୟ, ୧୯୫୮, ପୃ. ୧୯-୨୦) ।

## ୨. ୧. ୯.—ଏକକାଳିକ-ଭାଷାବିଜ୍ଞାନ ଚର୍ଚ୍ଚାରେ ନୀଳକଣ୍ଠଙ୍କ ପୂର୍ବୋଦୃଷ୍ଟି ବିସ୍ମୟଜନକ :

କିନ୍ତୁ ଏକକାଳିକ ଭାଷାବିଜ୍ଞାନ ଚର୍ଚ୍ଚାରେ ନୀଳକଣ୍ଠଙ୍କ ପୂର୍ବଦୃଷ୍ଟି ଓ ଦୃଷ୍ଟି-ଭଂଗୀର ବ୍ୟାପକତା ସ୍ୱୀକାର କରିବା ପାଇଁ ହେବ । ଆଧୁନିକ ପରିଭାଷାରେ କହିଲେ ରବୀନ୍ଦ୍ରନାଥ ତାଙ୍କ ଭାଷାଚର୍ଚ୍ଚାକୁ ଧ୍ୱନିମ୍ ବିଜ୍ଞାନ (phonemics) ଓ ପଦ ବିଜ୍ଞାନ (morphology) ମଧ୍ୟରେ ସୀମିତ ରଖିଥିବା ବେଳେ ନୀଳକଣ୍ଠ ତାଙ୍କ “ଓଡ଼ିଆ ବ୍ୟାକରଣ”ରେ ବାକ୍ୟ ବିଚାରରେ ମଧ୍ୟ ପ୍ରବୃତ୍ତ ହୋଇଛନ୍ତି ଓ ହୁଏତ ଅଜ୍ଞାତ ସ୍ପଷ୍ଟ ଭାବରେ ଧ୍ୱନିମ୍, ସଧ୍ୱନି, ରୂପିମ୍, ସରୂପ, Deep Structure ଓ Surface Structure ସମ୍ପର୍କୀୟ ସଚେତନତାକୁ ପ୍ରକାଶ କରି ପାରିଛନ୍ତି । ନୀଳକଣ୍ଠଙ୍କର ପୂର୍ବୋଦୃଷ୍ଟି ଓ ଦୃଷ୍ଟିଭଂଗୀର ବ୍ୟାପକତା ବିସ୍ମୟକର । ୧୯୩୩ରେ ପ୍ରକାଶିତ ତାଙ୍କର Language ଗ୍ରନ୍ଥ ମାଧ୍ୟମରେ Leonard Bloomfield ଭାଷା ବିଜ୍ଞାନକୁ ବିଜ୍ଞାନ ଭିତ୍ତିକ କରି ତାହାକୁ ଏକ ସ୍ୱାଧୀନ ଓ ସ୍ୱତନ୍ତ୍ର ଶୃଙ୍ଖଳାର ପ୍ରତିଷ୍ଠା ଦେଲେ ବୋଲି ବୁଝାଯାଏ । କିନ୍ତୁ ୧୯୨୭ରେ ଲିଖିତ ‘ଭାଷାତତ୍ତ୍ୱ-ପ୍ରବେଶ’ରେ ନୀଳକଣ୍ଠ ଭାଷାବିଜ୍ଞାନକୁ ଏକ ସ୍ୱାଧୀନ ଓ ସ୍ୱତନ୍ତ୍ର ଶୃଙ୍ଖଳା ରୂପେ ଦେଖିଥିଲେ ବୋଲି ଧାରଣା ହୁଏ । ଇଉରୋପ ଓ ଆମେରିକାରୁ ବହୁ ଦୂରରେ ଥାଇ ଓ ସେଠାରେ ହେଉଥିବା

Digitized by PPRACHIN, SOA

ଭାଷାବିଜ୍ଞାନ ଚର୍ଚ୍ଚାର ସମ୍ପର୍କରେ ନ ଆସି ଓଡ଼ିଆ ଭାଷାଚର୍ଚ୍ଚା ପ୍ରସଂଗରେ ଏପରି ପୂର୍ବଦୃଷ୍ଟି ଦେବା, ଭାଷାବିଜ୍ଞାନର ନୂତନ ଦିଗନ୍ତର ସନ୍ଧାନ କରିବା ଯଥାର୍ଥରେ ବିସ୍ମୟକର। ପୁଣି ଏହା ପଛରେ ତାଙ୍କର ଗଭୀର ମନନ ଓ ଅବବୋଧ ଶକ୍ତି ଓ ନବନବୋନ୍ମେଷଶାଳିନୀ ପ୍ରଜ୍ଞାକୁ ଆବିଷ୍କାର କରାଯାଇ ପାରେ। ଏଠାରେ ଅପ୍ରାସଂଗିକ ହେଲେ ମଧ୍ୟ କହିଦେବାର କଥା ଯେ, ଏହି ୧୯୨୭ ଓଡ଼ିଆ ଭାଷାଚର୍ଚ୍ଚାରେ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ଏ ବର୍ଷ ଗୋପୀନାଥ ନନ୍ଦଶର୍ମାଙ୍କ ଭାଷାତତ୍ତ୍ୱ ଓ ତଦ୍ଧିତରେ ସଂଯୁକ୍ତ 'ଭାଷାତତ୍ତ୍ୱ-ପ୍ରବେଶ' ପ୍ରକାଶ ପାଇଥିଲା। ପୁଣି ପ୍ରକାଶ ପାଇଥିଲା ବିନାୟକ ମିଶ୍ରଙ୍କ ଓଡ଼ିଆ ଭାଷାର ଇତିହାସ ଏହି ୧୯୨୭ରେ। ସେଥିରେ ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ଭାଷା ଗୁଡ଼ିକର ପ୍ରଭାବକୁ ମଧ୍ୟ ସ୍ୱୀକାର କରାଯାଇ ଥିଲା।

## ୨.୨.୧.—କାଳାନୁକ୍ରମିକ ଭାଷାଚର୍ଚ୍ଚା ପ୍ରସଙ୍ଗରେ ଓଡ଼ିଆ ଉପରେ ଦ୍ରାବିଡ ପ୍ରଭାବ ଆବିଷ୍କାରରେ ଅଗ୍ରଗାମୀତ୍ୱ :

ତା ପରେ ନୀଳକଣ୍ଠଙ୍କ କାଳାନୁକ୍ରମିକ ଭାଷାବିଜ୍ଞାନ ଚର୍ଚ୍ଚାର କଥା। ଓଡ଼ିଆ ଭାଷାର ଅନ୍ତରଂଗ ଇତିହାସ ରଚନା ପ୍ରସଂଗରେ ଊନବିଂଶ ଶତକର ଭାଷାବିଜ୍ଞାନୀ Beames, Hoernle ଓ ଭଣ୍ଡାରକର ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ପ୍ରଭାବକୁ ସ୍ୱୀକାର କରିବା ପାଇଁ କେବଳ କୁଣ୍ଠା ପ୍ରକାଶ କରି ନ ଥିଲେ, ଅସ୍ୱୀକାର କରିଥିଲେ ବୋଲି କହିଲେ ଚଳେ। ଏ ପ୍ରସଂଗରେ Beames କହିଥିଲେ "Aryans were superior morally as well as physically to the aborigins, and probably therefore imparted to them more than they received." ( Beames, 1966, I, P. 10 ) ନବ୍ୟଭାରତୀୟ ଆର୍ଯ୍ୟଭାଷା ଗୁଡ଼ିକରେ ପରିଲକ୍ଷିତ ହେଉଥିବା ଦେଶଜ ଶବ୍ଦ ସମ୍ପର୍କରେ ସେ କହନ୍ତି, "It is therefore not presumptuous to say that further research, and a better acquaintance with laws of development of these languages, will probably enable us ere long very much to diminish the number of these Desajas by tracing them back through newly discovered processes either to Sanskrit or to Prakrit." ( Ibid, P. 13 )। ତେଣୁ ସେ ତେଲୁଗୁ ଓ ଓଡ଼ିଆ କ୍ରିୟାପଦ ମଧ୍ୟରେ ରୂପଗତ ସାମଞ୍ଜସ୍ୟ ଲକ୍ଷ୍ୟ କରିଥିଲେ ହେଁ ଓଡ଼ିଆ ଉପରେ ତେଲୁଗୁର ପ୍ରଭାବ ସ୍ୱୀକାର ନ କରି କହିଥିଲେ, "... ... as it (Telugu) has received a large number of Sanskrit and Prakrit words there are often great similarities between it and Oriya ... ..." ( Ibid, II, P. 285 )।

Digitized by PPRACHIN, SOA

( ସେ କେବଳ କୁଂଠାର ସହ ଓଡ଼ିଆ 'ଳ' ଧ୍ୱନି ମଧ୍ୟରେ ଦ୍ରାବିଡ଼ ବା କୋଲ ଭାଷା ଗୋଷ୍ଠୀର ପ୍ରଭାବ ଥାଇପାରେ ବୋଲି ସ୍ୱୀକାର କରିଥିଲେ । ) Beams ଏ ଯେଉଁ ନୂତନ ଚିନ୍ତାଧାରାର ସୂତ୍ରପାତ କଲେ ତା ସହ Hoernle ଓ ଭଣ୍ଡାରକର ମଧ୍ୟ ଏକ ମତ ଥିଲେ । ଉଦାହରଣ ସ୍ୱରୂପ ନବ୍ୟ ଭାରତୀୟ ଆର୍ଯ୍ୟଭାଷା ସମ୍ପର୍କରେ ଭଣ୍ଡାରକର କହନ୍ତି"But in our whole investigation we have not met a Dravidian influence in the grammars of our language." ( Bhandarkar, 1929, P. 526 ) । ଏ କ୍ଷେତ୍ରରେ Robert Caldwell ପ୍ରଥମେ କେତେକ ସୂଚନା ମାତ୍ର ଦେଇଥିଲେ ହେଁ ଊନବିଂଶ ଶତକର ଶେଷ ଆଡ଼କୁ ମନମୋହନ ଚକ୍ରବର୍ତ୍ତୀ ଓଡ଼ିଆ ଉପରେ ତେଲୁଗୁ ପ୍ରଭାବର ବହୁ ଉଦାହରଣ ଦେଇ ତାହାକୁ ପ୍ରମାଣିତ କରିଥିଲେ । କିନ୍ତୁ ୧୮୯୭ରେ Journal of Asiatic Society of Bengalର ପୃଷ୍ଠାରେ ପ୍ରକାଶିତ ମନମୋହନ ଚକ୍ରବର୍ତ୍ତୀଙ୍କ ପ୍ରବନ୍ଧ ବୋଧେ ନୀଳକଂଠଙ୍କ ଆଖିରେ ପଡ଼ିନଥିଲା । କାରଣ ଓଡ଼ିଆ ଲିପି ଉପରେ ଦ୍ରାବିଡ଼ ପ୍ରଭାବ ଫଳରେ ଓଡ଼ିଆ ଲିପି ଗୋଲାକୃତ ହୋଇଛି ବୋଲି ଚକ୍ରବର୍ତ୍ତୀ ସ୍ପଷ୍ଟ ଭାବରେ କହିଥିଲେ ହେଁ (Chakravarti, 1897, p. 222) ଓଡ଼ିଆ ଉପରେ ଦ୍ରାବିଡ଼ ପ୍ରଭାବ ଆବିଷ୍କାର କରିବାରେ ପ୍ରବଣତା ଦେଖାଇଥିବା ନୀଳକଂଠ କିନ୍ତୁ, ଚକ୍ରବର୍ତ୍ତୀ ନୁହେଁ, ବାମ୍ସ୍‌ଙ୍କ ମତାନୁସାରେ (ଦ୍ରଷ୍ଟବ୍ୟ Beames, 1966, I, pp. 64-65, ବାମ୍ସ୍ ତାଙ୍କ ମତ ପ୍ରସଂଗରେ ତାଳ ବରଡ଼ାର ଛବି ଦେଇଛନ୍ତି) "ଉପରର ସିଧା ଗାର ସବୁ ତାଳପତ୍ରଟି ଫାଟିଯିବା ଭୟରେ ଲୋକେ ଗୋଲ କରି ଲେଖି ଲେଖି କାଳକ୍ରମେ ବର୍ତ୍ତମାନର ଓଡ଼ିଆ ଅକ୍ଷର ହୋଇ ଯାଇଛି ।" (୧୯୫୮, ପୃ. ୯୩) ବୋଲି କହିଛନ୍ତି । ଏହାର ଏକମାତ୍ର କାରଣ ସେ ଚକ୍ରବର୍ତ୍ତୀଙ୍କ ମତ ସହ ଆଦୌ ପରିଚିତ ନ ଥିଲେ । ପୁଣି ବିଂଶ ଶତକରେ ଶ୍ୟାମସୁନ୍ଦର ରାଜଗୁରୁ ଓ ଗୋପୀନାଥ ନନ୍ଦ ଶର୍ମା ମଧ୍ୟ ଓଡ଼ିଆ ଭାଷା ଉପରେ ଦ୍ରାବିଡ ପ୍ରଭାବ ସ୍ୱୀକାର କରିବା ପାଇଁ କୁଂଠା ପ୍ରକାଶ କରିଥିଲେ । (ରାଜଗୁରୁ କହନ୍ତି, "... ପ୍ରାଚୀନ ତେଲେଙ୍ଗାମାନଙ୍କ ସହିତ ପ୍ରାଚୀନ ଓଡ଼ିଆମାନଙ୍କର କେବେ ହେଲେ ସଂସ୍ରବ ଥିଲା ପରି କୌଣସି ଐତିହାସିକ ପ୍ରମାଣ ମିଳେ ନାହିଁ । ଦ୍ରଷ୍ଟବ୍ୟ, ରାଜଗୁରୁ, ୧୯୬୪, ପୃ. ୧୩୦ । ପୁଣି ଗୋପୀନାଥ ନନ୍ଦଶର୍ମାଙ୍କ ସମ୍ପର୍କରେ "ବିଶେଷରେ ଓଡ଼ିଆ ଉପରେ କୌଣସି ପ୍ରକାର ତୈଲଙ୍ଗ ବା ଦ୍ରାବିଡ଼ ପ୍ରଭାବ ଆଲୋଚନାରେ ସେ ଯେପରି ପରାଙ୍ମୁଖ ।" ବୋଲି କହି ନୀଳକଂଠ ତାଙ୍କ ପ୍ରତି କଟାକ୍ଷ କରିଛନ୍ତି ; ଦ୍ରଷ୍ଟବ୍ୟ, ୧୯୫୮, ପୃ. ୪୧) । ଏଇ ପରିପ୍ରେକ୍ଷୀରେ ଦେଖିଲେ ନୀଳକଂଠ ଓଡ଼ିଆ ଦ୍ରାବିଡ ପ୍ରଭାବ ଆବିଷ୍କାରରେ ପ୍ରବଣତା ତ ଦେଖାଇଥିଲେ; ୧୯୨୭ରେ 'ଭାଷାତତ୍ତ୍ୱ-ପ୍ରବେଶ'ରେ ସେ ଏହି ଦ୍ରାବିଡ଼ ପ୍ରଭାବକୁ ଗ୍ରହଣ କରି ଅଗ୍ରଗାମୀତ୍ୱର ଭୂମିକା ମଧ୍ୟ ଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ସେ ଏଇ ମତର ସଂପ୍ରସାରିତ ଅନୁବର୍ତ୍ତନ କରିଛନ୍ତି ।

Digitized by PPRACHIN, SOA

ନୀଳକଂଠ ଓଡ଼ିଆ ଭାଷାର ବହୁ ଶବ୍ଦ ଦ୍ରାବିଡ଼ ଭାଷାମାନଙ୍କରୁ ଆହରିତ ବୋଲି ମତ ଦେଇଥିଲେ; ସେ କହନ୍ତି "ଓଡ଼ିଆ, ବଙ୍ଗଳାର ଶବ୍ଦ ସଂଗ୍ରହ ପରୀକ୍ଷା କଲେ ଦେଖାଯିବ, ଅଧିକରୁ ବେଶି ଶବ୍ଦର ମୂଳ ଦ୍ରାବିଡ ।" (୧୯୫୮, ପୃ. ୨୭) । ଏହି ସବୁ ଦ୍ରାବିଡ଼ ଶବ୍ଦର ଟାଣି ଓଟାରି କୃତ୍ରିମ ଭାବରେ ସଂସ୍କୃତ ମୂଳ ବାହାର କରିବା ମୂଳରେ Beamesଙ୍କ ପୂର୍ବ ସୂଚିତ ଚିନ୍ତାଧାରାକୁ ଆବିଷ୍କାର କରିଯାଇପାରେ । Beames ଏ ପ୍ରକାରର ଉଦ୍ୟମ ପାଇଁ ପ୍ରତ୍ୟକ୍ଷରେ ନ ହେଲେ ମଧ୍ୟ ପରୋକ୍ଷ ଭାବରେ ଦାୟୀ । ନୀଳକଂଠ ଏ ପ୍ରକାର ମନୋବୃତ୍ତିର ତୀବ୍ର ସମାଲୋଚନା କରିଥିଲେ । ବାରମ୍ବାର ଏହି ପ୍ରକାରର ସବୁ ଶବ୍ଦର ମୂଳ ସଂସ୍କୃତରେ ଆବିଷ୍କାର କରିବା ମନୋବୃତ୍ତିକୁ ଥଟ୍ଟା କରି ସେ ନିମ୍ନ ହିନ୍ଦୀ ପ୍ରବଚନ ଉଦ୍ଧାର କରିଥିଲେ :

"ଉତ୍ସାହ'ସେ ପ୍ରତ୍ୟୟ କିୟା

'ଡାଲିକ୍', 'ଡ଼ିଅାଁ', 'ଡୌଲିନା'

'ମ' ଧାତୁ ସେ ସିଦ୍ଧ ହୁଆ

'ମାଲିକ୍', 'ମିଅାଁ', 'ମୌଲିନା' ।"

( ୧୯୫୧, ପୃ. ୩୭ )

କେବଳ ସେତିକି ନୁହେଁ Trump, Beames, Hoernle, ଭଣ୍ଡାରକର ଆଦି ଦେଇଥିବା ମତକୁ (ନବ୍ୟଭାରତୀୟ ଆର୍ଯ୍ୟ ଭାଷାରୁ ସଂଗୃହୀତ ତୁଳନାତ୍ମକ ଉପାଦାନର ସମର୍ଥନରେ ଓଡ଼ିଆ ବିଭକ୍ତି '—କୁ' ସଂସ୍କୃତ 'କୃତେ'ରୁ ନିଷ୍ପନ୍ନ ବୋଲି ପରୋକ୍ଷ ସୂଚନା E. Trump ଦେଇଥିଲେ । Beames ଓ Hoernleଙ୍କ ମତରେ ଏହା ସଂସ୍କୃତ 'କକ୍ଷେ'ରୁ ବ୍ୟୁତ୍ପନ୍ନ ଓ ଭଣ୍ଡାରକରଙ୍କ ମତରେ ଏହା ସଂସ୍କୃତ 'କମ'ରୁ ବ୍ୟୁତ୍ପନ୍ନ । ଦ୍ରଷ୍ଟବ୍ୟ : ଦାଶ, ଗଗନେନ୍ଦ୍ର ନାଥ, ୧୯୮୩, ପୃ. ୬୧, ୭୩ ଓ ୭୫) ସମ୍ପୂର୍ଣ୍ଣ ରୂପେ ଓ ବିନା କାରଣ ପ୍ରଦର୍ଶନରେ ଅଗ୍ରାହ୍ୟ କରି ଆଉ Trumpଙ୍କ ମତାନୁସରଣ କରିଥିବା ଗୋପୀନାଥ ନନ୍ଦଶର୍ମାଙ୍କୁ ସମାଲୋଚନା କରି ଓଡ଼ିଆ ଚତୁର୍ଥୀ ବିଭକ୍ତିର ଚିହ୍ନ '—କୁ'ର ମୂଳ ଦ୍ରାବିଡ଼ ଭାଷାରେ ପାଇ ଓଡ଼ିଆ ବ୍ୟାକରଣ ଉପରେ ମଧ୍ୟ ଦ୍ରାବିଡ ପ୍ରଭାବ ଆବିଷ୍କାର କରିଛନ୍ତି (୧୯୫୮, ପୃ. ୩୪) । ସେହିପରି ଓଡ଼ିଆ ସମାପିକା କ୍ରିୟାପଦରେ ପ୍ରତିଫଳିତ ପ୍ରଥମ ପୁରୁଷ ବହୁବଚନର ଶ୍ରୋତା ଅନ୍ତର୍ଭୁକ୍ତ ଓ ଶ୍ରୋତା ବହିର୍ଭୂତ ଥିବାର ସୂଚନାରେ ମଧ୍ୟ ଓଡ଼ିଆ ବ୍ୟାକରଣ ଉପରେ ଦ୍ରାବିଡ ପ୍ରଭାବ ଖୋଜି ପାଇଛନ୍ତି (୧୯୫୧, ପୃ. ୩୯ । ଦକ୍ଷିଣାଞ୍ଚଳୀୟ ଓଡ଼ିଆରେ ଓ କେନ୍ଦ୍ରାଞ୍ଚଳୀୟ ଓଡ଼ିଆମାନଙ୍କ ଓଡ଼ିଆରେ ଏହା ଦେଖାଯାଏ । କିନ୍ତୁ ଉତ୍ତରାଞ୍ଚଳୀୟ ଓଡ଼ିଆରେ ନୁହେଁ । ତେଣୁ ନୀଳକଂଠଙ୍କ ସିଦ୍ଧାନ୍ତ ବୋଧହୁଏ ଠିକ୍ । କହିବାର କଥା ମନମୋହନ ଚକ୍ରବର୍ତ୍ତୀ ଦେଇଥିବା କୌଣସି ଉଦାହରଣ ନୀଳକଂଠ ଆଦୌ ବ୍ୟବହାର କରିନାହାନ୍ତି । ଏହାର କାରଣ ବୋଧହୁଏ ସେ ମନମୋହନ ଚକ୍ରବର୍ତ୍ତୀଙ୍କ ପ୍ରବନ୍ଧ ଦେଖି ନଥିଲେ ଓ ତାଙ୍କ ମତ ସହ ପରିଚିତ ନଥିଲେ । ତେବେ ମନେହୁଏ

Digitized by PPRACHIN, SOA

Beamesଙ୍କ ମତରେ ପ୍ରତନିସ୍ୱାରେ ସେ ଯେପରି ଟାଣି ଓଟାରି ବହୁ ଓଡ଼ିଆ ଶବ୍ଦର ଓ ଚତୁର୍ଥ ବିଭକ୍ତି—କୁ'ର ଦ୍ରାବିଡ଼ ମୂଳ ଆବିଷ୍କାର କରିବାରେ ପ୍ରବଣତା ଓ ଆଗ୍ରହ ଦେଖାଇଥିଲେ ।

## ୨. ୨. ୨—ନୀଳକଣ୍ଠଙ୍କ ସଂସ୍କୃତି ଚର୍ଚ୍ଚାର ମୂଳଭିତ୍ତି ତାଙ୍କ ଭାଷାଚର୍ଚ୍ଚା :

ପରବର୍ତ୍ତୀ କାଳରେ ଏହା ତାଙ୍କର ଓଡ଼ିଆ-ସଂସ୍କୃତିର ଅନୁଶୀଳନକୁ ବହୁ ପରିମାଣରେ ପ୍ରଭାବିତ ଓ ଆଚ୍ଛନ୍ନ କରିଛି ବୋଲି ମନେ ହୁଏ । କାରଣ ନୀଳକଣ୍ଠଙ୍କ ମତରେ ଭାଷା ହେଉଛି ସଂସ୍କୃତିର ମୂଳଭିତ୍ତି ବା ମୂଳପିଣ୍ଡ । ସେ ୧୯୨୭ରେ କହିଥିଲେ "ଭାଷା ହିଁ ସାହିତ୍ୟ ତଥା ସଭ୍ୟତାର ଆଧାର ।" (୧୯୫୮, ପୃ. ୧୬) । ଏହାର ବହୁ ବର୍ଷ ପରେ ୧୯୪୮ ରେ ମଧ୍ୟ ତାଙ୍କର ମତ ଠିକ୍ ତାହାହିଁ ଥିଲା । ଯଥା : "ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ନିବଦ୍ଧ ଭାଷା ଓ ସାହିତ୍ୟକୁ ମୂଳ କରି ମାନବ ସମାଜର ବିକାଶ କରିବା ଓ କରାଇବା, ପୁଣି ସେଇ ଭିତ୍ତିରେ ଅର୍ଥନୀତି ଓ ରାଷ୍ଟ୍ରନୀତି ଫୁଟାଇବା ହେଉଛି ସମାଜ ବିକାଶର ସ୍ୱାଭାବିକ ଧାରା ।" (୧୯୬୭, ଓସ୍ତ୍ର, ପୃ. ୭) । ପୁଣି "ଗୋଷ୍ଠୀକୁ ମୂଳକରି ମାନବ ସମାଜ କଳନା କରାଯାଏ । ... ... ଏହି ଗୋଷ୍ଠୀ ରକ୍ତ ସମ୍ପର୍କ ଯେପରି ହୋଇପାରେ, ଧର୍ମ ଯେପରି ହୋଇପାରେ, ଅନ୍ୟର ଶୋଷଣ ପାଇଁ, ରଜା ବା ନେତାଙ୍କ ପ୍ରତିଷ୍ଠା ପାଇଁ ଭକ୍ତ ବା ରାଜ୍ୟାନୁରକ୍ତର ଅଂଧତାରେ ହୋଇପାରେ କିମ୍ବା ଭାଷା ଓ ସାହିତ୍ୟକୁ ଧରି ହୋଇପାରେ । ଏ ସବୁ ମଧ୍ୟରେ ସାହିତ୍ୟକୁ ଧରି ଗୋଷ୍ଠୀର ଯେଉଁ ବିକାଶ ସେଇ ଏକା ମାନବ ସମାଜର ଶ୍ରେଷ୍ଠ ବିକାଶ ।" (ତତ୍ରୈବ, ପୃ ୭) ।

ଭାଷାଭିତ୍ତିକ ସଂସ୍କୃତିର ପରିକଳ୍ପନାରେ ଓଡ଼ିଆ ସଂସ୍କୃତି କଳନା କରିବା ପାଇଁ ଯାଇ ଓ କାଳର ପ୍ରତିଲୋମରେ ଗତି କରି ସେ ଦର୍ଶାଇଛନ୍ତି ଯେ ମୁଖ୍ୟତଃ ଶବର ବା ଅଷ୍ଟ୍ରୋ-ଏସିଆଟିକ ଭାଷାଭାଷୀ ଶବର, ଭୂୟାଁ, ଜୁଆଙ୍ଗ (ବା ଜୁଙ୍ଗଲ) ଓ ତାମିଲ ବା ଦ୍ରାବିଡ଼ ଭାଷାଭାଷୀ ଓଡ଼୍, କଳିଙ୍ଗ ଜାତିମାନଙ୍କ ସହ ଆର୍ଯ୍ୟମାନଙ୍କ ସମ୍ମିଶ୍ରଣରେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ମୂଳଦୁଆ ପଡ଼ିଥିଲା । (କିରାତ ବା ଚୀନ—ତିବତୀୟ ଭାଷାଭାଷୀଙ୍କ ସାମାନ୍ୟ ସଂଖ୍ୟକ ମଧ୍ୟ ଏମାନଙ୍କ ସହ ଥିଲେ ।) ଏମାନଙ୍କ ମଧ୍ୟରେ ଦ୍ରାବିଡ ଭାଷାଭାଷୀଙ୍କ ସଭ୍ୟତା ଓ ସଂସ୍କୃତି ଅନ୍ୟମାନଙ୍କୁ ବିଶେଷ ଭାବରେ ଅଭିଭୂତ କରିଥିଲା । ଏମାନେ ସମସ୍ତେ କିନ୍ତୁ ପରିଣାମରେ ଆର୍ଯ୍ୟଭାଷା ଦ୍ୱାରା ଅଭିଭୂତ ହୋଇ ତାହାକୁ ଗ୍ରହଣ କଲେ ହେଁ ଏମାନଙ୍କ ମଧ୍ୟରେ ଏଇ ଦ୍ରାବିଡୀୟ ସାଂସ୍କୃତିକ ଚେତନା ସମସ୍ତ ବିକାଶ ଓ ବିପ୍ଳବ ଭିତରେ ନିଜର ସତ୍ତା ଅକ୍ଷୁଣ୍ଣ ରଖିପାରିଛି । ଏହାର ପ୍ରମାଣ ସେ ଭାଷାର ଶବ୍ଦ ଭଣ୍ଡାର ଓ ବ୍ୟାକରଣରେ ଦ୍ରାବିଡ଼ ପ୍ରଭାବ ଆବିଷ୍କାର କରିବା ଭିତରେ ପାଇଥିଲେ ।

Digitized by PPRACHIN, SOA

କେବଳ ସେତକ ନୁହେଁ, ସେତେବେଳର କେତେକ ଗବେଷକ ପଣ୍ଡିତ ଓ ଭାଷାବଜ୍ଞାନୀ ମତ ବ୍ୟକ୍ତ କରିଥିଲେ ଯେ ଦ୍ରାବିଡ ଭାଷାଗୁଡ଼ିକ ସହ ପ୍ରାଚୀନ ସୁମେରୀୟ ଭାଷା ସମ୍ପର୍କାନ୍ୱିତ । ଉଦାହରଣ ସ୍ୱରୂପ R. S. Vaidyanath ୧୯୬୯ରେ Sumer-Dravidian and Hittite-Aryan ଶୀର୍ଷକ ପ୍ରବନ୍ଧ ଲେଖି ଦ୍ରାବିଡ ଭାଷାଗୋଷ୍ଠୀ ସହ ପ୍ରାଚୀନ ସୁମେରୀୟ ଭାଷାର ପାରିବାରିକ ସମ୍ପର୍କ ପ୍ରତିଷ୍ଠା କରିବାର ଚେଷ୍ଟା କରିଥିଲେ (ଦ୍ରଷ୍ଟବ୍ୟ QJMS, Vol. XIX) । ସେହିପରି C. W. Brown ୧୯୩୦ରେ The possibility of a connection between Mitani and the Dravidian Language ଶୀର୍ଷକ ଏକ ପ୍ରବନ୍ଧ ( Journal of American Oriental Society ) ପ୍ରକାଶ କରି ପ୍ରାଚୀନ ମିତାନୀୟ ଭାଷା ସହ ଦ୍ରାବିଡ ଭାଷା ଗୋଷ୍ଠୀର ପାରିବାରିକ ସମ୍ପର୍କ ଆବିଷ୍କାରର ପ୍ରଚେଷ୍ଟା କରିଥିଲେ । ସେହିପରି Ernest Mackayଙ୍କ Sumerien Connexions with Ancient India ୧୯୬୫ରେ (JRASରେ) ପ୍ରକାଶିତ ହୋଇଥିଲା । ପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିତ୍ John Marshall ମଧ୍ୟ ଏହି ପ୍ରକଳ୍ପ ବା hypothesis କୁ ତାଙ୍କ Indo-Sumerian ନାମକ ପ୍ରବନ୍ଧରେ ଏକ ପ୍ରତ୍ନତାତ୍ତ୍ୱିକ ଭିତ୍ତି ଦେବାର ଚେଷ୍ଟା କରିଥିଲେ ( ଯାହା ୧୯୬୬ରେ Illustrated London Weeklyରେ ଓ Illustrated Weekly of Indiaରେ ପ୍ରକାଶିତ ହୋଇଥିଲା ) ।

ନୀଳକଣ୍ଠ କେତେଦୂର ଏଇସବୁ ପ୍ରବନ୍ଧ ପଢ଼ିବାର ସୁଯୋଗ ପାଇଥିଲେ ତା ଜାଣିବାର କୌଣସି ଉପାଦାନ ନାହିଁ । ତେବେ ସେ ଏ ସମ୍ପର୍କୀୟ ଆଲୋଚନା ସମ୍ବନ୍ଧରେ କିଛିଟା ଅବହିତ ଥିବାର ଧାରଣା ହୁଏ । ସେ ଏଇ ସବୁ ପ୍ରକଳ୍ପ ପ୍ରତି ବିଶେଷ ଆକର୍ଷିତ ହୋଇଥିଲେ । ମନେହୁଏ ସେ ଏଥିପ୍ରତି ଏତେଦୂର ଆକର୍ଷଣ ଅନୁଭବ କରିଥିଲେ ଯେ ତାଙ୍କ ଦୃଷ୍ଟିରେ ଏହା ପ୍ରକଳ୍ପ (hypothesis) ନ ହୋଇ ପ୍ରତିପାଦିତ ସିଦ୍ଧାନ୍ତ (Theory)ର ସ୍ତରକୁ ସ୍ପର୍ଶ କରିଥିଲା ।

ପ୍ରାଚୀନ ଦ୍ରାବିଡ଼ ଭାଷା (ଓ ସଂସ୍କୃତ) ସହ ପ୍ରାଚୀନ ସୁମେରୀୟ ଭାଷା (ଓ ସଂସ୍କୃତ)ର ପାରିବାରିକ ସମ୍ପର୍କ ଗ୍ରହଣ କରି ଓ ସେଇ ବାଟଦେଇ ଓଡ଼ିଆ ସଂସ୍କୃତି ସହ ପ୍ରାଚୀନ ସୁମେରୀୟ ଭାଷା ଓ ସଂସ୍କୃତି ଓ ସେଇ ସଂସ୍କୃତିକୁ ଗଢ଼ିତ କରି ପରିପୁଷ୍ଟ ହୋଇଥିବା ସେମିଟିକ୍ ଭାଷା-ଭିତ୍ତିକ ଅକ୍କାଡ଼ୀୟ (ବା ଅସୁର/ଆସିରୀୟ ଓ ବେବିଲୋନୀୟ) ଭାଷା ଓ ସଂସ୍କୃତି ସହ ଓଡ଼ିଆ ଭାଷା ଓ ସଂସ୍କୃତିର ସାମଞ୍ଜସ୍ୟ ଓ ସମ୍ପର୍କ ଆବିଷ୍କାର କରିବାରେ ନୀଳକଣ୍ଠ କେବଳ ପ୍ରବୃତ୍ତ ହେଲେ କହିଲେ ଠିକ ହେବ ନାହିଁ, ପ୍ରବଣତା ଦେଖାଇଥିଲେ ।

Digitized by PPRACHIN, SOA

## ୨. ୨. ୩—ନୀଳକଣ୍ଠଙ୍କ କାଳାନୁକ୍ରମିକ ଭାଷାଚର୍ଚ୍ଚାର ଅନ୍ୟାନ୍ୟ ଦିଗର ସୂଚନା :

ତାଙ୍କ କାଳାନୁକ୍ରମିକ ଭାଷାବିଜ୍ଞାନ ଚର୍ଚ୍ଚାର ଅନ୍ୟ ଏକ ଦିଗ ହେଉଛି, ସଂସ୍କୃତ ସହ ପ୍ରାକୃତର ସମ୍ବନ୍ଧ ବିଚାର ଓ ବିଭିନ୍ନ ସଂସ୍କୃତ ଓ ପ୍ରାକୃତ ବ୍ୟାକରଣ ସମ୍ପର୍କରେ ପ୍ରାସଙ୍ଗିକ ଭାବରେ ଆଲୋଚନା ।

## ୩.—ଉପସଂହାର :

ଶେଷରେ ନୀଳକଣ୍ଠ କେବଳ ପ୍ରସଙ୍ଗାନୁରୋଧରେ ଭାଷା, ଭାଷାବିଜ୍ଞାନ ଓ ବ୍ୟାକରଣ ସମ୍ପର୍କରେ କେତେକ ମତ ପ୍ରକାଶ କରିଥିଲେ ମଧ୍ୟ ସେ ସମ୍ପର୍କୀୟ କୌଣସି ସୈଦ୍ଧାନ୍ତିକ ଆଲୋଚନାରେ ପ୍ରବୃତ୍ତ ହୋଇ ନ ଥିଲେ । ସେଥିପାଇଁ ତତ୍କାଳୀନ ଓଡ଼ିଶାରେ କୌଣସି ସୁଯୋଗ ମଧ୍ୟ ନ ଥିଲା । ସେଥିପାଇଁ ଓଡ଼ିଶାରେ ବାତାବରଣ ଅନୁକୂଳ ନ ଥିଲା କହିବା ଅପେକ୍ଷା, ବାତାବରଣ ସୃଷ୍ଟି ହୋଇ ନ ଥିଲା କହିବା ବରଂ ଯଥାର୍ଥ ହେବ । ତା ସତ୍ତ୍ୱେ ତାଙ୍କୁ ଭାଷାବିଜ୍ଞାନୀ ବୋଲି ଅଭିହିତ କରିବାରେ କୌଣସି ବାଧା ନାହିଁ । ସେ ସମ୍ଭବତଃ ପ୍ରଥମେ ଓଡ଼ିଆରେ ଭାଷା-ବିଜ୍ଞାନ ଶବ୍ଦର ପ୍ରୟୋଗ କରି-ଥିଲେ । କେବଳ ସେତିକି ନୁହେଁ, ସେ ବିଷୟଟିର ବୈଜ୍ଞାନିକତା ସମ୍ପର୍କରେ ସର୍ବଦା ସଚେତନ ଥିଲେ । ତାହା ତାଙ୍କ ଲେଖାରେ ବାରମ୍ବାର ପ୍ରକାଶ ପାଇଛି (ଦ୍ରଷ୍ଟବ୍ୟ ୧୯୫୧, ପୃ. ୭୭ ଓ ୮୨ ; ୧୯୫୮, ପୃ. ୧୪, ୧୫, ୩୮, ୧୦୪) । ପୁଣି ଆଜି ବହୁ ଭାଷାବିଜ୍ଞାନୀ କୌଣସି ସୈଦ୍ଧାନ୍ତିକ ଆଲୋଚନାରେ ଅଂଶ ଗ୍ରହଣ ନ କରି କେବଳ ଭାଷାବିଜ୍ଞାନର ନିୟମକୁ କୌଣସି ନିର୍ଦ୍ଦିଷ୍ଟ ଭାଷା ପ୍ରତି ପ୍ରୟୋଗ କରି ଭାଷାବିଜ୍ଞାନୀର ସ୍ୱୀକୃତି ଓ ସମ୍ମାନ ପାଉଛନ୍ତି । ନୀଳକଣ୍ଠଙ୍କ କ୍ଷେତ୍ରରେ ଏହା ଅନ୍ୟଥା ହେବାର କୌଣସି କାରଣ ନାହିଁ ।

## ଉପାଦାନ ପଞ୍ଜିକା

ଦାଶ, ଗଗନେନ୍ଦ୍ର ନାଥ, ୧୯୮୩, ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା

ଦାସ, ନୀଳକଣ୍ଠ, ୧୯୩୮, ସଭାପତିଙ୍କ ଅଭିଭାଷଣ (ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ)

୧୯୩୯, ଓଡ଼ିଆ ବ୍ୟାକରଣ

୧୯୫୧, ସଂସ୍କୃତ ଓ ସଂସ୍କୃତି

ଦାସ, ନୀଳକଣ୍ଠ, ୧୯୫୮, ଓଡ଼ିଆ ଭାଷା ଓ ସାହିତ୍ୟ

୧୯୫୯, Oriya Language and Culture,

Digitized by PPRACHIN, SOA

in : Orissa Historical Research Journal. VIII,1

୧୯୬୨, Local Languages of Orissa. in : Proceedings of Indian Oriental Conference (20th session, Bhubaneswar) XX, 1,

୧୯୬୭, ନୀଳକଣ୍ଠ ଗ୍ରନ୍ଥାବଳୀ (୩ୟ ଭାଗ)

୧୯୬୯, ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ ଭାଗ)

ରାଜଗୁରୁ, ଶ୍ୟାମସୁନ୍ଦର, ୧୯୬୪, ପ୍ରବନ୍ଧାବଳୀ

ଠାକୁର, ରବୀନ୍ଦ୍ରନାଥ, ୧୯୬୩, ରବୀନ୍ଦ୍ର ରଚନାବଳୀ (୧୨ଶ ଖଣ୍ଡ)

ରଥ, ରାଧାନାଥ, ୧୯୩୯, ବ୍ୟାକରଣ ପ୍ରବେଶ (୧୪ଶ ସଂସ୍କରଣ)

Beames, John, 1966, A Comparative Grammar of Modern Aryan Languages (in 3 volumes in one)

Bhandarkar, R. G. 1929, Collected Works of R. G. Bhandarkar, vol. IV

Hoernle, A. F. Rudolf, 1880, A Grammar of Eastern Hindi Compared with the other Goudian Languages.

Trump, E, 1872, Grammar of Sindhi Language Compared with the Sanskrit--Prakrit and the Cognate Indian Vernaculars.

Chakravarti, M. M., 1897 Notes on the Language and Literature of Orissa. in : JASB. LXVI

---

ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

●

Digitized by PPRACHIN, SOA

# ଓଡ଼ିଆ ଲିପିରେ ସଂସ୍କାର ଦରକାର

**ନୀଳକଣ୍ଠ ଦାସ**

ପଣ୍ଡିତ ନୀଳକଂଠ ନିଜ 'ଆତ୍ମଜୀବନୀ'ରେ ଲେଖିଛନ୍ତି—

"ମୁଁ ପ୍ରଥମେ ସେକାଳ 'ଉତ୍କଳ ସାହିତ୍ୟ'ରେ ଓଡ଼ିଆରେ ଅନୁସ୍ୱାର ଦେଇ ସମସ୍ତ ବର୍ଗୀୟ ୫ମ ବର୍ଣ୍ଣ ପ୍ରକାଶ କରିବାର ଲାଗି ଆରଂଭ କରି ଦେଇଥିଲି।"

ଏହା ୧୯୧୩ ମସିହା ବେଳର କଥା।

୧୯୪୯ରେ ପୁରୀଜିଲ୍ଲା ଡାଂଗୀ ହାଇସ୍କୁଲର ସାହିତ୍ୟ ଶିକ୍ଷକ ବ୍ଲାକ ବୋର୍ଡ଼ରେ 'ସଂଘ'କୁ 'ସଙ୍ଘ' ଲେଖିବାରେ ସେଠା ୯ମଶ୍ରେଣୀ ଛାତ୍ର ଗଂଗାଧର ମହାପାତ୍ର ନୀଳକଂଠଙ୍କ ନିକଟକୁ ଏହା ଶୁଦ୍ଧିତା ବିଷୟରେ ଖଣ୍ଡିଏ ଚିଠି ଲେଖିଲେ। ତାର ଉତ୍ତରରେ ପଣ୍ଡିତ ନୀଳକଂଠ ଯେଉଁ ଚିଠି ଦେଇଥିଲେ, ନିମ୍ନରେ ତାର ଫଟୋଚିତ୍ର ମୁଦ୍ରିତ ହେଲା। (ସଙ୍କଳକ)



Digitized by PPRACHIN, SOA

# ଓଡ଼ିଆ ଭାଷାବିଜ୍ଞାନୀ ନୀଳକଣ୍ଠ

✻ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର

ପଣ୍ଡିତ ନୀଳକଣ୍ଠ ଦାସଙ୍କର ସାଧନାର ପରିସର ବିସ୍ମୟକର ହେବା ଭଳି ବ୍ୟାପକ । ଜନସେବା, ଅଧ୍ୟାପନା, ସମାଜସଂସ୍କାର, ରାଜନୀତି, ସାହିତ୍ୟ ସୃଷ୍ଟି, ସାମ୍ବାଦିକତା ଆଦି ନାନାବିଧ କ୍ଷେତ୍ରରେ ସେ ବିଚରଣ କରିଛନ୍ତି ଓ ସର୍ବତ୍ରରେ ତାହାଙ୍କର ସୁସ୍ପଷ୍ଟ ପଦଚିହ୍ନ ଛାଡ଼ିଯାଇଛନ୍ତି । ବହୁଦିଗକୁ ପ୍ରସାରିତ ତାହାଙ୍କର ପ୍ରତିଭାର ମୂଲ୍ୟାଙ୍କନ ଅଧିକରୁ ଅଧିକ ହେଉଛି କିନ୍ତୁ ଦେଖାଯାଉଛି, ଭାଷାତତ୍ତ୍ୱ ଚର୍ଚ୍ଚା ଦିଗଟି ଏକପ୍ରକାର ଉପେକ୍ଷିତ ରହିଯାଇଛି, ଯଦିଚ ନିଜେ ନୀଳକଣ୍ଠ 'ଆତ୍ମଜୀବନୀ'ରେ ସେ 'ଓଡ଼ିଆ ବ୍ୟାକରଣ' ପୁସ୍ତକ ଲେଖିବାର ପୃଷ୍ଠଭୂମି ଓ ପୁସ୍ତକଟିର ବିଶେଷତ୍ୱ ବିଷୟରେ ସୂଚାଇଛନ୍ତି ।

ନୀଳକଣ୍ଠଙ୍କର ଭାଷାତତ୍ତ୍ୱ ସାଧନାର ମୂଲ୍ୟ କଳନା ପାଇଁ ଓଡ଼ିଆ ଭାଷାତତ୍ତ୍ୱ ଚର୍ଚ୍ଚାର ଇତିହାସର ସାମାନ୍ୟ ଉଲ୍ଲେଖ ଆବଶ୍ୟକ । ଊନବିଂଶ ଶତାବ୍ଦୀର ଆରମ୍ଭରେ ଇଂରେଜ କମ୍ପାନି ସରକାରଙ୍କ ଆନୁକୂଲ୍ୟରେ ଭାରତରେ ଶିକ୍ଷାଦାନ ବ୍ୟବସ୍ଥାର ସୂତ୍ରପାତ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ଭାରତୀୟ ଭାଷାର ଚର୍ଚ୍ଚାର ଅଙ୍କୁରୋଦ୍‌ଗମ ହୋଇଥିଲା । ଖ୍ରୀ. ୧୮୦୦ରେ କଲିକତା ଠାରେ ଫୋର୍ଟ ଉଇଲିଅମ୍ କଲେଜ ଖୋଲିଲା ଓ ସେଠାରେ ମୁଖ୍ୟତଃ ଶାସନକଳରେ ନିଯୁକ୍ତ କର୍ମଚାରୀମାନଙ୍କୁ ଭାରତୀୟ ଭାଷା ଶିଖାଇବାର ଯୋଜନା ମଧ୍ୟରେ ଓଡ଼ିଆ ଭାଷା ଶିଖାଇବାର ବ୍ୟବସ୍ଥା ହୋଇଥିଲା । ଭାଷା ଶିଖାଇବା ଲାଗି ଅଭିଧାନ ଓ ବ୍ୟାକରଣ ପୁସ୍ତକର ଅଭାବ ସର୍ବାଦୌ ଅନୁଭୂତ ହେଲା ଓ ଏହି କଲେଜର କର୍ମଚାରୀମାନେ (ଯଥା ଗଦାଧର ବିଦ୍ୟାଭୂଷଣ ଉଇଲିଅମ୍ କେରି, ପୁରୁଷୋତ୍ତମ) ପୃଥକ୍ ପୃଥକ୍ ଓଡ଼ିଆ ବ୍ୟାକରଣ ପୁସ୍ତକମାନ ରଚନା କରିଥିଲେ । ଓଡ଼ିଆ ଭାଷାଚର୍ଚ୍ଚାର ପରବର୍ତ୍ତୀ ପ୍ରେରଣା ଖ୍ରୀଷ୍ଟଧର୍ମ ପ୍ରଚାରରୁ ମିଳିଥିଲା । ଗତ ଶତାବ୍ଦୀର ତୃତୀୟ ଦଶକରେ ଖ୍ରୀଷ୍ଟିଆନ୍ ମିସନାରୀମାନେ ଭାରତରେ ଧର୍ମପ୍ରଚାର କାର୍ଯ୍ୟ ଆରମ୍ଭ କରିବା ପରେ ପାଦ୍ରିମାନେ ଭାଷାଚର୍ଚ୍ଚାରେ ମନୋନିବେଶ କଲେ । ଏହି ପ୍ରକାରେ ପାଦ୍ରି ଅମୋସ ସଟନ ଦୁଇଟି ଓ ପାଦ୍ରି ଉଇଲିଅମ୍ ଲେସି ଗୋଟିଏ ଓଡ଼ିଆ ବ୍ୟାକରଣ ଲେଖିଥିଲେ । ଏହି ଓଡ଼ିଆ ବ୍ୟାକରଣ ପୁସ୍ତକଗୁଡ଼ିକ ତଥା ବିଶ୍ୱମ୍ଭର ବିଦ୍ୟା-

Digitized by PPRACHIN, SOA

ଭୂଷଣ, ଲିଂଗମ୍ ଲକ୍ଷ୍ମୀଜୀ ଓ ହଲ୍ଲାମ ସାହେବଙ୍କ ପ୍ରଣୀତ ବ୍ୟାକରଣ ପୁସ୍ତକମାନ ଓଡ଼ିଆ ଭାଷାରେ ପାଣ୍ଡିତ୍ୟ ବା ଗଭୀର ଅଧ୍ୟୟନରୁ ଜାତ ନୁହେଁ । ଓଡ଼ିଆ ଦେଶରେ ଶାସକ ପଦରେ, ଧର୍ମପ୍ରଚାରକ ଭାବରେ କିମ୍ବା ବ୍ୟବସାୟ କର୍ମରେ ରହିଥିବା ଅଣଓଡ଼ିଆ (ପ୍ରାଧାନତଃ ଇଂରେଜ) ଲୋକଙ୍କୁ ଓଡ଼ିଆ ଭାଷାର କାମଚଳା ପରିଚୟ ଦେବା ଲାଗି ଏଗୁଡ଼ିକ ଅଭିପ୍ରେତ ଥିଲା ।

ସଂସ୍କୃତ ଓ ପ୍ରାକୃତ ଭାଷା ସମ୍ପର୍କରେ କୋଲେବ୍ରୁକ୍ଙ୍କ ୧୭୯୯ରେ ପ୍ରକାଶିତ ପ୍ରବନ୍ଧଟି ଓଡ଼ିଆ ଭାଷାତତ୍ତ୍ୱ ଚର୍ଚ୍ଚାର ଦ୍ୱାର ଖୋଲିଥିଲା । କିନ୍ତୁ ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ଜନ୍ ବିମସ୍ଙ୍କ ଅଧ୍ୟୟନ ପର୍ଯ୍ୟନ୍ତ ଏ ବିଷୟଟି ଉପେକ୍ଷିତ ରହିଥିଲା । ବିମସ୍ଙ୍କ 'ଭାରତର ଆଧୁନିକ ଆର୍ଯ୍ୟ ଭାଷା ଗୁଡ଼ିକର ତୁଳନାତ୍ମକ ବ୍ୟାକରଣ' (୧୮୭୨-୭୯ ମଧ୍ୟରେ ତିନି ଖଣ୍ଡରେ ପ୍ରକାଶିତ) ଓଡ଼ିଆ ଭାଷାଚର୍ଚ୍ଚାର ଏକ ପ୍ରାମାଣିକ ଗ୍ରନ୍ଥ ଭାବେ ଖ୍ୟାତି ଲାଭ କଲା । ବିମସ୍ଙ୍କ ସମସାମୟିକ ଏଫ୍. ଆର୍. ହର୍ଣ୍ଣଲେ ଓ ମାନ୍ଦ୍ରାଜ ସିଭିଲ୍ ସର୍ଭିସ୍‌ର ଟି. ଜେ. ମାଲ୍ଟବି ମଧ୍ୟ ଓଡ଼ିଆ ଭାଷାତତ୍ତ୍ୱ ବିଷୟକ ଲେଖାମାନ ପ୍ରଣୟନ କରିଥିଲେ । ପରେ ଗ୍ରିଅରସନ୍ ଭାରତର ଭାଷା-ସର୍ବେକ୍ଷଣ କରିଥିଲେ ଓ ତାହାଙ୍କ ରିପୋର୍ଟର ପଞ୍ଚମ ଖଣ୍ଡର ଦ୍ୱିତୀୟ ଭାଗରେ ଓଡ଼ିଆ ଭାଷା ବିଷୟକ ଆଲୋଚନା ପ୍ରକାଶ ପାଇଲା ୧୯୦୩ରେ ।

ଲକ୍ଷ୍ୟ କରାଯାଇ ପାରେ ଯେ ଭାଷାତତ୍ତ୍ୱ ଆଲୋଚକ ଓ ବ୍ୟାକରଣ ପୁସ୍ତକର ରଚୟିତାମାନେ ଏକେତ ଅଣଓଡ଼ିଆ ଥିଲେ ଅଥବା ଓଡ଼ିଆ ଭାଷାରେ ସୁପଣ୍ଡିତ ନଥିଲେ । ଊନବିଂଶ ଶତାବ୍ଦୀର ଶେଷ ଅଂଶକୁ ବହୁ ସଂଖ୍ୟାରେ ବିଦ୍ୟାଳୟମାନ ପ୍ରତିଷ୍ଠିତ ହେଲା ଓ ପାଠ୍ୟପୁସ୍ତକ ରୂପେ ଗୃହୀତ ହେବା ଲକ୍ଷ୍ୟରେ ଅନେକ ଗୁଡ଼ିଏ ଓଡ଼ିଆ ବ୍ୟାକରଣ ପୁସ୍ତକ ମୁଦ୍ରିତ ହେଲା । ତନ୍ମଧ୍ୟରେ ପ୍ରଭାକର ବିଦ୍ୟାରତ୍ନଙ୍କ ରଚିତ 'ଭାଷାଦର୍ଶ' ଓ ନିମାଇଁ ବଲ୍ଲଭ ବିଦ୍ୟାସାଗରଙ୍କ 'ସର୍ବସାର ବ୍ୟାକରଣ' ପ୍ରଧାନ । ଶେଷୋକ୍ତ ପୁସ୍ତକଟି ବିଷୟରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି : ''ସର୍ବସାର ବ୍ୟାକରଣ ପୁସ୍ତକଟି ସଂସ୍କୃତରୁ ବିଶେଷତଃ ସଂସ୍କୃତ ସାରସ୍ୱତ ସିଦ୍ଧାନ୍ତ ଚନ୍ଦ୍ରିକାରୁ ଓଡ଼ିଆ କରା ହୋଇଥିଲା କହିଲେ ଚଳେ । ଏ ହିସାବରେ ଏହାପରେ ପ୍ରକାଶ ପାଇଥିବା ରାଧାନାଥ ବାବୁଙ୍କ 'ବ୍ୟାକରଣ ପ୍ରବେଶ' ଠାରୁ ଆହୁରି ବେଶି ସଂସ୍କୃତର ନିକଟବର୍ତ୍ତୀ ଥିଲା । ଆମ ପଣ୍ଡିତେ ମଧୁସୂଦନ ମିଶ୍ରେ ମୋର ଗୁରୁ ବରଷ

Digitized by PPRACHIN, SOA

ମଧ୍ୟ-ଓଡ଼ିଆ ଶ୍ରେଣୀରେ ରହିବା ସମୟରେ ମଜେ ଏଇ ବ୍ୟାକରଣର ସୂକ୍ଷ୍ମାତି ସୂକ୍ଷ୍ମ ସୂତ୍ର ପ୍ରୟୋଗାଦି ଧରି ଓଡ଼ିଆ ସାହିତ୍ୟେଟି ଭଲକରି ଚଢ଼ାଇଥିଲେ (ଆତ୍ମଜୀବନୀ ପୃ. ୧-୨୨) ।

ଇଂରେଜମାନଙ୍କୁ ଓଡ଼ିଆ ଶିଖାଇବା ଅଭିମୁଖ୍ୟ ଧରି ଓଡ଼ିଆ ବ୍ୟାକରଣ ଗୁଡ଼ିକ ପହିଲେ ଇଂରେଜ ବ୍ୟାକରଣର ଛାଞ୍ଚରେ ଢ଼ଳା ହେଉଥିଲା ପରେ ସ୍ଥାନୀୟ ଲୋକଙ୍କୁ ଓଡ଼ିଆ ଶିଖାଇବା ଆଭିମୁଖ୍ୟକୁ ଧରିବାରୁ ସଂସ୍କୃତ ବ୍ୟାକରଣ ଅନ୍ଧ ଅନୁସରଣ କରାହେଲା । ଊନବିଂଶ ଶତାବ୍ଦୀର ସାଂସ୍କୃତିକ ବାତ୍ୟା-ମଣ୍ଡଳରେ ହୀନମ୍ମନ୍ୟତା ଭରି ରହିଥିଲା ଓ ସେଥିରୁ ବାହାରିଥିଲା ଏକପକ୍ଷରେ ପାଶ୍ଚାତ୍ୟକରଣ (Westernization) ଓ ଅନ୍ୟପକ୍ଷରେ ସଂସ୍କୃତୀକରଣ (Sanskritization) ପ୍ରକ୍ରିୟା । ଏହି ଦୁଇ ଆପାତ ବିରୋଧୀ ପ୍ରକ୍ରିୟା ସେତେବେଳର ଭାରତୀୟ ଚେତନାକୁ ଖୁବ୍ ପ୍ରଭାବିତ କରୁଥିଲା ଓ ଓଡ଼ିଆ ବ୍ୟାକରଣ ଚର୍ଚ୍ଚା ତାହାର ପ୍ରଭାବରୁ ମୁକ୍ତ ନଥିଲା । ଏହି ଉଭୟ ପ୍ରକାରର ପ୍ରଭାବ ଯୋଗେ ଓଡ଼ିଆ ବ୍ୟାକରଣରେ 'ଓଡ଼ିଆତ୍ୱ' ପୂର୍ଣ୍ଣମାତ୍ରାରେ ପ୍ରକାଶ ପାଇ ନଥିଲା । ଅନୁକରଣକୁ ଆଦର୍ଶ କଲେ ସ୍ୱଭାବ ଆତ୍ମଗୋପନ କରେ । 1904ରେ, ଗ୍ରିଏର୍ସନ୍‌ଙ୍କ ଭାଷା-ସର୍ବେକ୍ଷଣ ପ୍ରକାଶ ପାଇବା ପରେ, ଉତ୍କଳ ସାହିତ୍ୟ ସମାଜ ଏକ ପ୍ରସ୍ତାବ ଗ୍ରହଣ କରିଥିଲେ ଯେ ଖଣ୍ଡିଏ ବିଶୁଦ୍ଧ ଓଡ଼ିଆ ଅଭିଧାନ, ଗୋଟିଏ ପୂର୍ଣ୍ଣାଙ୍ଗ ଓଡ଼ିଆ ବ୍ୟାକରଣ ଓ ଭାଷା-ସାହିତ୍ୟର ଏକ ଇତିହାସ ପ୍ରଣୀତ ହେବା ପ୍ରୟୋଜନୀୟ । ପ୍ରକାଶିତ ବ୍ୟାକରଣ ଗୁଡ଼ିକର ଅପୂର୍ଣ୍ଣତା ବିଦ୍ୱତ୍ ସମାଜରେ ଅନୁଭୂତ ହେଉଥିବା କଥା ଏଥିରୁ ଅନୁମିତ ହୁଏ । ଏହି ପ୍ରୟୋଜନକୁ ହୃଦୟଙ୍ଗମ କରି ରାଧାନାଥ ରାୟ 'ବ୍ୟାକରଣ ପ୍ରବେଶ' ଲେଖିଥିଲେ ଓ ଶ୍ୟାମସୁନ୍ଦର ରାଜଗୁରୁ ଓଡ଼ିଆ ବିଭକ୍ତି, ଓଡ଼ିଆ ସର୍ବନାମ, ଓଡ଼ିଆ ଅବ୍ୟୟ ବିଷୟରେ ପ୍ରବନ୍ଧମାନ ଲେଖି ଭାଷାତତ୍ତ୍ୱ ଚର୍ଚ୍ଚା କରିଥିଲେ । ଶ୍ୟାମସୁନ୍ଦର ରାଜଗୁରୁଙ୍କ ଅକାଳ ବିୟୋଗ ପରେ ଭାଷା-ତତ୍ତ୍ୱ ଆଲୋଚନାକୁ ଚାଲୁ ରଖିଥିଲେ ଗୋପିନାଥ ନନ୍ଦ ଶର୍ମା ।

ବ୍ରଜସୁନ୍ଦର ଦାସଙ୍କ 'ମୁକୁର' ଓ ଗୋପବନ୍ଧୁ ଦାସଙ୍କ 'ସତ୍ୟବାଦୀ' ନନ୍ଦ ଶର୍ମାଙ୍କ ଭାଷାତତ୍ତ୍ୱ ଆଲୋଚନାକୁ ପ୍ରକାଶ କରୁଥିଲେ । ଏହି ପତ୍ରିକାଦ୍ୱୟ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟର ପ୍ରତିଦ୍ୱନ୍ଦୀ ଥିଲେ । ସେତେବେଳେ

Digitized by PPRACHIN, SOA

ଓଡ଼ିଶାରେ ଦୁଇଟି ବିବଦମାନ ସାହିତ୍ୟିକ ଗୋଷ୍ଠୀ ଥିଲେ, ଦୁଇ ଗୋଷ୍ଠୀର ଉଗ୍ର ରୂପ ଏକପକ୍ଷରେ 'ଇନ୍ଦ୍ରଧନୁ' ଓ ଅନ୍ୟପକ୍ଷରେ 'ବିଜୁଳି'ରେ ପ୍ରକଟିତ ହୋଇଥିଲା । ମୂଳତଃ ପାଠ୍ୟପୁସ୍ତକ ବ୍ୟବସାୟ ଜନିତ ବିବାଦ ସେମାନଙ୍କ ମଧ୍ୟରେ ଥିଲେ ମଧ୍ୟ ଆଦର୍ଶଗତ ପାର୍ଥକ୍ୟ ମଧ୍ୟ ମତଭେଦର କାରଣ ଥିଲା । 'ଉତ୍କଳ ସାହିତ୍ୟ' ପ୍ରାଧାନ୍ୟ ଦେଉଥିଲା ରାଧାନାଥ ରାୟ ଓ ତାହାଙ୍କ ନେତୃତ୍ୱକୁ ସ୍ୱୀକାର କରୁଥିବା ସାହିତ୍ୟିକମାନଙ୍କୁ ଯେଉଁମାନେ ପାଶ୍ଚାତ୍ୟ-କରଣକୁ ମାନ୍ୟତା ଦେଉଥିଲେ, ଇଂରେଜ ଶାସନର ଶୁଭଚିନ୍ତକ ଥିଲେ, ଓ ବଙ୍ଗଳାକୁ ଆଦର୍ଶରୂପେ ସ୍ୱୀକାର କରୁଥିଲେ । ବଙ୍ଗଳାରୁ ଆଗତ ବ୍ରାହ୍ମ-ଧର୍ମ ଦ୍ୱାରା ଦୀକ୍ଷିତ ଶିକ୍ଷିତ ଲୋକେ ଏହି ଗୋଷ୍ଠୀର ପୁରୋଭାଗରେ ଥିଲେ । ଗୋପବନ୍ଧୁ ଦାସ, ତାହାଙ୍କ ଆବାଲ୍ୟ ସଖା ବ୍ରଜସୁନ୍ଦର ଦାସ ଓ ନୀଳକଣ୍ଠ ପ୍ରମୁଖ ସତ୍ୟବାଦୀ ଗୋଷ୍ଠୀ ସେମାନଙ୍କୁ ସମାଲୋଚନା କରୁଥିଲେ । ଦେଖା-ଯାଉଛି ନନ୍ଦଶର୍ମାଙ୍କ ସଂସ୍କୃତୀକରଣ ପକ୍ଷପାତୀ ଇଂରେଜ ଶିକ୍ଷାବର୍ଜିତ ଚିନ୍ତା ଉତ୍କଳ ସାହିତ୍ୟ ଗୋଷ୍ଠୀର ଅନୁକୂଳ ନଥିଲା । ଫଳରେ ନନ୍ଦେ ତାହାଙ୍କ ଶବ୍ଦତତ୍ତ୍ୱବୋଧ ଅଭିଧାନ ଖଣ୍ଡିକ ଛପାଇବା ଲାଗି ନାନା ପ୍ରତିବନ୍ଧକର ସମ୍ମୁଖୀନ ହେଲେ । ନନ୍ଦଙ୍କ ଭାଷାତତ୍ତ୍ୱ ଆଲୋଚନା ଓଡ଼ିଆ ଭାଷାର ବିଶେଷତ୍ୱ ଓ ସ୍ୱାତନ୍ତ୍ର୍ୟକୁ ପରିସ୍ଫୁଟ କରୁଥାଏ ଓ ତାହା ଗୋପବନ୍ଧୁ ପ୍ରମୁଖଙ୍କୁ ଉଦ୍‌ବୁଦ୍ଧ କରୁଥାଏ । ନିଜେ ନୀଳକଣ୍ଠ କହିଛନ୍ତି "ସତ୍ୟବାଦୀ ସ୍କୁଲ ବେଳେ ଏଇ ନନ୍ଦଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧା ଓ ଭକ୍ତି ଥିଲା" (ଆତ୍ମଜୀବନୀ ପୃ. ୨୧୯) । ଏହି ସମୟରେ ହିଁ ନୀଳକଣ୍ଠଙ୍କ ଭାଷାତତ୍ତ୍ୱ ଚର୍ଚ୍ଚାର ମୂଳଦୁଆ ପଡ଼ିଥିଲା । ତାହାଙ୍କର 'ଓଡ଼ିଆ ବର୍ଣ୍ଣବିଚାରର ସଂକ୍ଷିପ୍ତ ସୂଚନା' ପ୍ରବନ୍ଧ 'ସତ୍ୟବାଦୀ'ର ୧୯୧୭ ମିଥୁନ ଓ କକଡ଼ା ସଂଖ୍ୟାରେ ପ୍ରକାଶ ପାଇଥିଲା ।

ପରେ ପରେ ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟରୁ ଓହରି ଗଲେ (୧୯୧୮ରେ) ଓ ବର୍ଷେ ଖଣ୍ଡେ ଉତ୍ତର ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ସେବାରେ ନିୟୋଜିତ ରହି ୧୯୨୦ରେ କଲିକତା ବିଶ୍ୱବିଦ୍ୟାଳୟରେ ଏମ. ଏ ଶ୍ରେଣୀରେ 'ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ' ପଢ଼ାଇବା ପାଇଁ ଅଧ୍ୟାପକ ପଦରେ ଯୋଗ ଦେଲେ । ଏହି ପଦରେ ସେ ମାତ୍ର ସାଢ଼େ ତିନି ମାସ ଥିଲେ ହେଁ ବିଭିନ୍ନ ଭାଷାର ପ୍ରାଜ୍ଞ ଅଧ୍ୟାପକମାନଙ୍କ ସାହଚର୍ଯ୍ୟ ଯେ ତାହାଙ୍କ ଚିତ୍ତ-ବୃତ୍ତିରେ ତୁଳନାତ୍ମକ ଭାଷାତତ୍ତ୍ୱ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସହାୟକ

Digitized by PPRACHIN, SOA

ହୋଇଥିଲା, ଏହା ଅନୁମାନ କରି ହେଉଛି । ଅସହଯୋଗ ଆନ୍ଦୋଳନର ଡ଼ାକରା ପାଇ ସେ ଅଧ୍ୟାପକ ପଦ ତ୍ୟାଗ କଲେ ଓ ସମସ୍ୟମୟରେ ସତ୍ୟବାଦୀରେ ପ୍ରତିଷ୍ଠିତ 'ଜାତୀୟ କଲେଜ'ରେ ଓଡ଼ିଆ ଭାଷା ଓ ସାହିତ୍ୟ ପଢାଇବା ଲାଗି ଅଧ୍ୟାପକ ହେଲେ । ଏତିକବେଳେ କଲେଜର ଛାତ୍ରମାନଙ୍କୁ ଓଡ଼ିଆ ବ୍ୟାକରଣ ବିଷୟରେ ନୋଟ ଦେବା ଲକ୍ଷ୍ୟରେ ନିଜେ ଗୋଟିଏ ମୌଳିକ ଓଡ଼ିଆ ବ୍ୟାକରଣ ପୁସ୍ତକ ଲେଖି ବସିଲେ ।

ଏଇ ଓଡ଼ିଆ ବ୍ୟାକରଣ ରଚନାର ଆଭିମୁଖ୍ୟ ବିଷୟରେ ନୀଳକଣ୍ଠ ଜଣାଇଛନ୍ତି : "ପାଦ୍ରୀମାନେ ଗତ ଶତାବ୍ଦୀ ଶେଷ (ଆରମ୍ଭ ?) ଆଡ଼କୁ ଇଂରାଜୀ ବ୍ୟାକରଣ ଛାଞ୍ଚରେ ଦେଶୀୟ ଭାଷାମାନଙ୍କରେ-ତଥା ଓଡ଼ିଆରେ-ଯେଉଁ ବ୍ୟାକରଣ ଲେଖା ଓ ଚର୍ଚ୍ଚା ଆରମ୍ଭ କରିଥିଲେ ତାହା ଓଡ଼ିଆରେ ନିମାଇଁ ବଲ୍ଲଭ ଭଟ୍ଟାଚାର୍ଯ୍ୟଙ୍କ 'ସବସାର ବ୍ୟାକରଣ' ଠାରୁ ରାଧାନାଥ ରାୟଙ୍କ 'ବ୍ୟାକରଣ ପ୍ରବେଶ' ବାଟେ ଆଜିର ସ୍କୁଲପାଠ୍ୟ ବ୍ୟାକରଣମାନଙ୍କ ପର୍ଯ୍ୟନ୍ତ ପ୍ରାୟଶଃ ଅବିକଳ ରହିଅଛି । ବରଂ ମାର୍ଶମାନ୍ ଓ କେରିଙ୍କ ପରି ଇଉରୋପୀୟ ମିଶାନାରୀମାନେ ନିଜ ବ୍ୟାକରଣରେ ଟିକିଏ ଯାହା ଓଡ଼ିଆରି ଦେଇଥିଲେ ତାହା ଲୋପ ପାଇ ପୁରାପୁରି ସଂସ୍କୃତ ପଦଶବ୍ଦାଦିର ବିଭକ୍ତି ଯୋଗ ପ୍ରଭୃତିର ଅନୁକରଣରେ ଆମ ବ୍ୟାକରଣ ଏବେ ପ୍ରାୟଶଃ ଦୃଢଶୃଙ୍ଖଳାବଦ୍ଧ ଓ ଗତାନୁଗତିକ ହୋଇ ପଡ଼ିଛି । ମୁଁ ନିଜେ ଏ ଶୃଙ୍ଖଳା ଛିଣ୍ଡାଇ ସଂସ୍କୃତରୁ ଯଥାସମ୍ଭବ ମୁକ୍ତ ଓଡ଼ିଆ ବ୍ୟାକରଣର ଆଲୋଚନା ୧୯୨୧ ବେଳକୁ ସତ୍ୟବାଦୀ ଜାତୀୟ ବିଦ୍ୟାଳୟ (କଲେଜ)ର ଅଧ୍ୟାପକ ଥିବା ଅବସ୍ଥାରେ ଆରମ୍ଭ କରିଥିଲି" (ଓଡ଼ିଆ ଭାଷା ଓ ସାହିତ୍ୟ—ଗ୍ରନ୍ଥ ପ୍ରବେଶ) ।

ନୀଳକଣ୍ଠ ଓଡ଼ିଆ ବ୍ୟାକରଣକୁ ନିମ୍ନଲିଖିତ ୬ଟି ଭାଗରେ ରଚନା କରିବା ଯୋଜନା କରିଥିଲେ :—୧-ବାକ୍ୟ ବିଚାର, ୨-ପଦ ବିଚାର, ୩-ଶବ୍ଦ ବିଚାର, ୪-ବର୍ଣ୍ଣ ବିଚାର, ୫-ଛନ୍ଦ ବିଚାର ଓ ୬-ତତ୍ତ୍ୱ ବିଚାର । ଭାଗ ଗୁଡିକର ନାମରୁ ହିଁ ପ୍ରତିପନ୍ନ ହୁଏ ଯେ ତାହାଙ୍କ ପରିକଳ୍ପିତ ବ୍ୟାକରଣଟି ଅନ୍ୟାନ୍ୟ ବ୍ୟାକରଣର ଯୋଜନାଠାରୁ ପୁରାପୁରି ଭିନ୍ନ ଥିଲା । ଏଥିରୁ ପ୍ରଥମ ଓ ଦ୍ୱିତୀୟ ଭାଗର ପ୍ରାଥମିକ ଆଲୋଚନା-ସୂଚନାମାନ ପର-ବର୍ତ୍ତୀ ସମୟରେ (ଖ୍ରୀ. ୧୯୩୦ରେ) 'ଓଡ଼ିଆ ବ୍ୟାକରଣ' ନାମରେ

Digitized by PPRACHIN, SOA

ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା । ଶବ୍ଦ ବିଗ୍ରହର କେତେକ କଥା ଓ ବର୍ଣ୍ଣ ବିଗ୍ରହଟି ମଧ୍ୟ ପ୍ରାୟ ସୂଚନା ଆକାରରେ ଲେଖା ସରିଥିଲା ! ଅବଶିଷ୍ଟ ଦୁଇ ଭାଗ ଆଂଶିକ ଭାବରେ ସୁଦ୍ଧା ଲେଖା ହୋଇଥିଲା କି ନାହିଁ, ଜଣାଯାଏ ନାହିଁ । ୧୯୩୪ର ଏପ୍ରିଲ୍, ମଇ, ଜୁନ୍ ଓ ଜୁଲାଇ ସଂଖ୍ୟା 'ନବଭାରତ' ସାହିତ୍ୟ ପତ୍ରରେ ପ୍ରକାଶିତ 'ଓଡ଼ିଆ କବିତା ତଥା ଛନ୍ଦର ପ୍ରଗତି', 'ଓଡ଼ିଆ ଛନ୍ଦ ଓ ଉପାନ୍ତ୍ୟ ମିଳନ' ଓ 'ଓଡ଼ିଆ ଛନ୍ଦର ଇତିହାସ' ପ୍ରବନ୍ଧମାନ ଓଡ଼ିଆ ବ୍ୟାକରଣର ପଞ୍ଚମ ଭାଗର ଯୋଜନାର ଅଂଶ ହେବା ସମ୍ଭବ ।

ନୀଳକଣ୍ଠଙ୍କ ସାମଗ୍ରିକ ସାହିତ୍ୟ ସୃଷ୍ଟିର ପ୍ରେରଣାଠାରୁ ଓଡ଼ିଆ ବ୍ୟାକରଣ ରଚନାର ପ୍ରେରଣା ଭିନ୍ନ ନୁହେଁ । ନୀଳକଣ୍ଠ ଏହି ପ୍ରେରଣାକୁ 'ସତ୍ୟବାଦୀ ଉଦ୍‌ବୋଧ' ବୋଲି ନାମିତ କରିଛନ୍ତି : "ସାହିତ୍ୟ ଆଲୋଚନାର ପ୍ରବନ୍ଧମାନଙ୍କ ସଂବନ୍ଧରେ କେବଳ ଏତିକି କହିପାରେ ଯେ ସତ୍ୟବାଦୀ ବିଦ୍ୟାଳୟରୁ ଯେଉଁ ଉଦ୍‌ବୋଧ ଉପରେ ପ୍ରକାଶିତ ହୋଇଥିଲା, ଏହା ସେହି ଉଦ୍‌ବୋଧର ବହିଃପ୍ରକାଶ ମାତ୍ର । ଏହି ଉଦ୍‌ବୋଧର ମୂଳରେ ଥିଲା ସ୍ୱାଧୀନତା ସଂଗ୍ରାମର ଦ୍ୟୋତକ ସ୍ପଷ୍ଟ ମହାଭାରତୀୟ ଜାଗରଣ । ସାକ୍ଷାତ୍ ବଙ୍ଗ ଦେଶରୁ ଏହା ଆସିଥିଲେ ମଧ୍ୟ ଏହା ପ୍ରାଦେଶିକତାରୁ ବାହାର ନଥିଲା । ଅନ୍ୟଥା ଏହା ପ୍ରାଣପ୍ରାଚୁର୍ଯ୍ୟ ଉପରେ ପ୍ରତିଷ୍ଠିତ ଥିଲେ ମଧ୍ୟ, ଆମର ସବୁ ଥିଲା, ଓ ଆମ କବି, ଆମ ଲେଖକ ବଡ଼, ଇଂରେଜମାନେ ନଷ୍ଟ କରି ଦେଇଥିବା ଆମ ଶିଳ୍ପ ପରି ଆଉ କାହାର ନଥିଲା ପ୍ରଭୃତି ଭାବ ଯେ ଏଥିରେ ପୂରି ରହିଥିଲା ଏହା ନ କହିଲେ ମଧ୍ୟ ବୁଝା ଯାଉଛି । ସେଇ ଭାବର ଛାୟା ନ୍ୟୂନାଧିକ ପରିମାଣରେ ମୋର ଏଇ ସବୁ ସେ ଯୁଗର ଆଲୋଚନା ଭିତରେ ଦେଖା ପଡ଼ିବ" (ଓଡ଼ିଆ ଭାଷା ଓ ସାହିତ୍ୟ—ଗ୍ରନ୍ଥ ପ୍ରବେଶ) । ମହାଭାରତୀୟ ଭାବ, ବିଦେଶୀ ଶାସନର ବିରୋଧ ଓ ଆଞ୍ଚଳିକ ଭାଷା-ସଂସ୍କୃତିର ବିଶେଷତ୍ୱ ବିଷୟରେ ସଚେତନତା—ସତ୍ୟବାଦୀର ଏହି ତ୍ରିବେଣୀ ପ୍ରେରଣା ଓଡ଼ିଆ ବ୍ୟାକରଣ ରଚନା ପଛରେ ମଧ୍ୟ ରହିଥିଲା ।

ବହୁ ସଂସ୍କୃତିର ସୁଷମ ସମନ୍ୱୟକୁ ଧରି ମହାଭାରତୀୟ ଭାବ ଗଢ଼ି ଉଠିଛି । ନୀଳକଣ୍ଠଙ୍କ 'ଗୃହିଣୀ'ରେ ଏଥିରେ ଶାବର, ଦ୍ରାବିଡ଼ ଓ ଆର୍ଯ୍ୟ, ଏପରି ତ୍ରିବେଣୀ ସଙ୍ଗମ ଘଟିଅଛି । ଓଡ଼ିଆ ଭାଷା ଓ ସଂସ୍କୃତିରେ ଏହି

Digitized by PPRACHIN, SOA

ମହାଭାରଣୀସ୍ଥ ଭାବର ଅନ୍ୱେଷଣ ନୀଳକଂଠ ଅତି ଫଳପ୍ରଦ ଭାବରେ କରିଛନ୍ତି ଉତ୍ତରକାଳର 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ରେ । ଓଡ଼ିଆ ବ୍ୟାକ-ରଣରେ ସେ ସର୍ବପ୍ରଥମେ ଦେଖାଇ ଦେଲେ ଯେ ଓଡ଼ିଆ ଭାଷାରେ ଦ୍ରାବିଡ଼ ରୀତି ସଂଚିତ ହୋଇ ରହିଛି : "ଓଡ଼ିଆ ଭାଷାରେ ବହୁ ସ୍ଥଳରେ ପ୍ରୟୋଗରେ ଦ୍ରାବିଡ଼ ରୀତି ଅବିକଳ ରହିଛି; ତାହାର ଉଦାହରଣ ହେଉଛି 'ଆମେ', ଏଇ ସର୍ବନାମର କ୍ରିୟା; ଯଥା: — ଆମେ ଯିବା, ଆମେ ଯିବୁ । ଏଥିରୁ ଗୋଟିକରେ 'ଆମେ' ଭିତରେ ଯାହାକୁ କୁହାଯାଉଛି ସେ ଅନ୍ତର୍ଭୁକ୍ତ ରହିଛି ଓ ଅନ୍ୟଟିରେ ସେ ବହିର୍ଭୂତ ଅଛି — ଏହା ଦ୍ରାବିଡ଼ ରୀତି । ସଂସ୍କୃତରେ ବା ବଙ୍ଗଳା, ହିନ୍ଦିରେ ଏହା ନାଇ" (ଓଡ଼ିଆ ଭାଷା ଓ ସାହିତ୍ୟ— ଗ୍ରନ୍ଥପ୍ରବେଶ) ।

ନୀଳକଂଠଙ୍କ ମୌଳିକ ଚିନ୍ତନପଟୁ ମାନସ ଓଡ଼ିଆ ଭାଷାର ଏହି ବିଶେଷତ୍ୱକୁ ଦୀର୍ଘ ୬୪ ବର୍ଷ ତଳୁ ଚିହ୍ନାଇ ଦେବା ସତ୍ତ୍ୱେ ଆଜି ମଧ୍ୟ ଓଡ଼ିଆ ବ୍ୟାକରଣରେ ତାହା ସ୍ଥାନ ପାଇନାହିଁ ! ନୀଳକଂଠ ତାଙ୍କ ବ୍ୟାକରଣଟିକୁ ବହୁ ଚେଷ୍ଟା କରି ମଧ୍ୟ ଶିକ୍ଷା ବିଭାଗରେ ପୂରାଇ ପାରି ନଥିଲେ । ଡିରେକ୍ଟର ସାହେବ ଓଡ଼ିଆ ବୁଝୁ ନଥିଲେ । ତାଙ୍କ ଅଧସ୍ତନମାନଙ୍କୁ ତାକି ନୀଳକଂଠ ଏ ବିଷୟ ବୁଝାଇଲେ; କିନ୍ତୁ ଦେଖିଲେ ଯେ "ଏସବୁ କଥା ବିଚାରକୁ ନେବା ଦୂରରେ ଥାଉ, ଶୁଣିବାକୁ ମଧ୍ୟ ଅନେକଙ୍କର, କେବଳ ଅବାଞ୍ଛା ନୁହେଁ, ଅନାସ୍ଥା ଥିଲା ।" ଏହା ଆଶ୍ଚର୍ଯ୍ୟକର ନଥିଲା, କାରଣ ଓଡ଼ିଆ 'ଆମେ' ସର୍ବନାମର ଦ୍ୱିବିଧ ଦ୍ୟୋତକତା ବିଷୟରେ ସେତେବେଳର ପ୍ରତିଷ୍ଠିତ ସାହିତ୍ୟିକମାନେ ମଧ୍ୟ ସଚେତନ ନଥିଲେ । ଉଦାହରଣ ସ୍ୱରୂପ ମଧୁସୂଦନ ରାଓଙ୍କ ଭାରତ ବନ୍ଦନାର ଉକ୍ତି ଦିଆଯାଇ ପାରେ :—

ତୁହି ମା ଜନମଭୂମି ପବିତ୍ର ଭାରତଭୂମି
ତୋହରି ସନ୍ତାନ ଆମେ ଅଛୁଁ ସରବେ ।
ତୋର ଶ୍ରୀଚରଣ ସେବା ପାଇଁ ମନ ପ୍ରାଣ ଦେବା
ଗାଇବା ତୋହରି ଗାନ ଆନନ୍ଦରବେ ।।

ଏଥିରେ ଶ୍ରୋତା ହେଉଛନ୍ତି ଭାରତମାତା (ତୁହି ମା) ଓ ବକ୍ତା ହେଲେ ଭାରତବାସୀ (ତୋହରି ସନ୍ତାନ) । କବି "ଆମ୍ଭେ ତୋ ସେବା ପାଇଁ ମନ ପ୍ରାଣ ଦେବା ଓ ତୋ ଗାନ ଗାଇବା" ବୋଲି ଲେଖିଛନ୍ତି । ଏହାର ଅର୍ଥ ହେବ ଭାରତବାସୀ ଓ ଭାରତମାତା ମିଶି ମନପ୍ରାଣ ଦେବେ ଓ ଗୀତ

Digitized by PPRACHIN, SOA

ଗାଇବେ ! ଓଡ଼ିଆ ଭାଷାର ନିୟମ ଅନୁସାରେ ଉଦ୍ଧୃତର ଦ୍ୱିତୀୟ ପାଦଟି "ତୋର ଶ୍ରୀଚରଣ ସେବା, ପାଇଁ ମନ ପ୍ରାଣ ଦେବୁ, ଗାଇବୁ ତୋହର ଗାନ ଆନନ୍ଦ ରବେ" ହେଲେ ହିଁ ପ୍ରକୃତ ଅର୍ଥ ପ୍ରକାଶ ପାଆନ୍ତା ।

ମାଳକଣ୍ଠଙ୍କ ଓଡ଼ିଆ ବ୍ୟାକରଣର ଅନ୍ୟ ଏକ ବିଶେଷତ୍ୱ ଓଡ଼ିଆ କ୍ରିୟାର କାଳରୂପ ଓ କାଳ ନିରୂପଣ । ମାଳକଣ୍ଠ ଜଣାଇଛନ୍ତି ଯେ ଓଡ଼ିଆ ବ୍ୟାକରଣରେ "ଗୋଟିଏ ପ୍ରଧାନ ବିଷୟ ଥିଲା ଓଡ଼ିଆ ଭାଷାର କାଳ ନିରୂପଣ । ସେଥିରେ କ୍ରିୟାର କାଳଭଙ୍ଗୀ ଥିଲା ପାଞ୍ଚୋଟି, ଯଥା :— ବର୍ତ୍ତମାନ, ଅତୀତ, ଭବିଷ୍ୟତ, ଅନୁଜ୍ଞା ଓ ସମ୍ଭାବନା । ଏହି ପାଞ୍ଚୋଟି କାଳର ପ୍ରତ୍ୟେକଟିର ତିନୋଟି ଲେଖାଏ ଭାବ (Mood) ବ୍ୟତୀତ ଓଡ଼ିଆରେ ଆଉ କାଳ ନାହିଁ ✻

| | | |
|---|---|---|
| ବର୍ତ୍ତମାନ—ମୁଁ କରେ, | ମୁଁ କରୁଥାଏ, | ମୁଁ କରିଥାଏ |
| ଅତୀତ—ମୁଁ କଲି, | ମୁଁ କରୁଥିଲି, | ମୁଁ କରିଥିଲି |
| ଭବିଷ୍ୟତ—ମୁଁ କରିବି, | ମୁଁ କରୁଥିବି, | ମୁଁ କରିଥିବି |
| ସମ୍ଭାବନା—ମୁଁ କରନ୍ତି, | ମୁଁ କରୁଥାନ୍ତି, | ମୁଁ କରିଥାନ୍ତି |
| ଅନୁଜ୍ଞା—ମୁଁ କରେ, | ମୁଁ କରୁଥାଏ, | ମୁଁ କରିଥାଏ" |

(ଆତ୍ମଜୀବନୀ ପୃ ୧୫୭)

---

✻ ମାଳକଣ୍ଠ ମୁଁ କରୁଛି ଓ ମୁଁ କରିଛି ଏହି ଦୁଇ ପ୍ରକାର କାଳରୂପକୁ ଗଣନା କରିନାହାନ୍ତି ଓ କ୍ରିୟାର ଇକାରାନ୍ତ ଅସମାପିକା ରୂପରେ ଥାଏ, ଥିଲି ଆଦି ଯୁକ୍ତ ହେଲେ ଘରି ଯାଏ, ଗଲି ଆଦି, ବା ବସେ, ବସିଲି ଆଦି ମଧ୍ୟ ଯୁକ୍ତ ହୋଇ କାଳରୂପ ହେବା କଥା ବିଚାରକୁ ନେଇ ନାହାନ୍ତି । ଏହି ପ୍ରକାରେ ମୋଟ ଭାବ (Mood) ସଂଖ୍ୟା ପନ୍ଦରରେ ସୀମିତ ରହିଛି ।

ମାଳକଣ୍ଠଙ୍କ ବିଶ୍ଳେଷଣପଟୁ ପ୍ରଜ୍ଞା ପୂର୍ବପ୍ରକାଶିତ ବ୍ୟାକରଣ ପୁସ୍ତକ ଗୁଡ଼ିକରେ କାଳରୂପର ବିଶୃଙ୍ଖଳାକୁ ଠାବ କରି କାଳରୂପର ଯଥାର୍ଥ ନିୟମାନୁବର୍ତ୍ତିତାକୁ ଚିହ୍ନାଇ ଦେବା ସତ୍ତ୍ୱେ ଏବେ ମଧ୍ୟ କାଳରୂପର ଏହି ଓଡ଼ିଆତ୍ୱ ଓଡ଼ିଆ ବ୍ୟାକରଣ ମଧ୍ୟକୁ ପଶିପାରିନାହିଁ । କେତୋଟି ଉଦାହରଣ ଦେଲେ ବିଶୃଙ୍ଖଳାର ପରିଚୟ ଧରାପଡ଼ିବ । 'ମୁଁ ବସିଛି' । 'ତୁ ବସିଛୁ'

Digitized by PPRACHIN, SOA

ଆଦର କାଳ ଓଡ଼ିଆର ପ୍ରଥମ ବ୍ୟାକରଣକାର ଗଦାଧର ବିଦ୍ୟାବାଗୀଶଙ୍କ ମତରେ ଅଦ୍ୟତନାନଦ୍ୟତନ ଭୂତ; ରାଧାନାଥ ରାୟଙ୍କ ମତରେ ଅନଦ୍ୟତନ ଭୂତ ଓ ପଣ୍ଡିତ ନାରାୟଣ ମହାପାତ୍ର ଓଗେରଙ୍କ ସର୍ବସାର ବ୍ୟାକରଣ ମତରେ ବର୍ତ୍ତମାନ ସାମୀପ୍ୟ ଭୂତ, ଅନ୍ୟପକ୍ଷରେ ମୁଁ ବସିଥିଲି, ତୁ ବସିଥିଲୁ ଆଦର କାଳ ଗଦାଧରଙ୍କ ମତରେ ଅନଦ୍ୟତନ ଭୂତ, ରାଧାନାଥଙ୍କ ମତରେ ପରୋକ୍ଷ ଭୂତ ଏବଂ ସର୍ବସାର ବ୍ୟାକରଣ ଅନୁସାରେ ଏହାର କାଳ ଦ୍ୱିବିଧ, ଏହା ପ୍ରାଗ୍ ଭୂତ ଏବଂ ମଧ୍ୟ ଅନଦ୍ୟତନ ଭୂତ । ଆଉ ଗୋଟିଏ ଉଦାହରଣ ଦେଖନ୍ତୁ : ମୁଁ ବସୁଥିବି, ତୁ ବସୁଥିବୁ ଆଦର କାଳ ଦ୍ୱିବିଧ ବୋଲି ରାଧାନାଥ ଓ ସର୍ବସାର ବ୍ୟାକରଣ ନିରୂପଣ କରନ୍ତି । ଏହା ସେମାନଙ୍କ ମତରେ ଆନୁମାନିକ ବର୍ତ୍ତମାନ, ନିତ୍ୟପ୍ରବୃତ୍ତ ଭବିଷ୍ୟତ୍ ଓ ଅସମ୍ପନ୍ନ ଭବିଷ୍ୟତ୍ ! ସେମାନଙ୍କ ମତରେ ମୁଁ ବସିଥିବି, ତୁ ବସିଥିବୁ ଆଦର କାଳ ଆନୁମାନିକ ଭୂତ ଏବଂ ମଧ୍ୟ ପ୍ରାଗ୍ ଭବିଷ୍ୟତ୍ ! ବ୍ୟାକରଣ ପଢ଼ାକୁ ସୁଶୃଙ୍ଖଳ କରିବା ଲକ୍ଷ୍ୟରେ ନୀଳକଣ୍ଠ କଟକ ଟ୍ରେନିଂ ସ୍କୁଲରେ ପାଠ ଦେଇ-ଥିଲେ କିନ୍ତୁ ସଫଳକାମ ହୋଇପାରି ନ ଥିଲେ । ସେ ଲେଖିଛନ୍ତି : "ଖାଲି ଦୁଃଖର କଥା ନୁହେଁ, ଦୁର୍ଭାଗ୍ୟର କଥା, ସେତେବେଳର ଟ୍ରେନିଂ ସ୍କୁଲର ଛାତ୍ର ବା ଶିକ୍ଷକ କେହି ମୁଁ ଯେତେ ବୁଝାଇଲେ ମଧ୍ୟ, ଏସବୁ ବୁଝିଲେ ନାଇ । ବ୍ୟାକରଣ ପ୍ରବେଶ ପ୍ରଭୃତିରେ ଥିବା ଅଦ୍ୟତନ, ଅନଦ୍ୟତନ, ସଂଭବ୍ୟ, ନିତ୍ୟପ୍ରବୃତ୍ତ ପ୍ରଭୃତି ଅତି ବିଶୃଙ୍ଖଳ ଓ ଅବୈଜ୍ଞାନିକ କାଳଭଙ୍ଗୀର ବିଭାଗ ସବୁ ଛାତ୍ର, ଶିକ୍ଷକ ସମସ୍ତଙ୍କୁ ଘାରୁଥାଏ" ( ଓଡ଼ିଆ ଭାଷା ଓ ସାହିତ୍ୟ—ଗ୍ରନ୍ଥପ୍ରବେଶ ) ।

ନୀଳକଣ୍ଠ ଓଡ଼ିଆ ବ୍ୟାକରଣକୁ ଶିକ୍ଷାବିଭାଗ ଶିକ୍ଷକମାନଙ୍କ ପାଇଁ ବ୍ୟବହାର ( Reference) ପୁସ୍ତକ ରୂପେ ସୁପାରିସ୍ କରିଥିଲେ ହେଁ ପିଲାଙ୍କ ପାଠ୍ୟପୁସ୍ତକ କରାଇଲେ ନାହିଁ । ହୁଏତ ସେହି କାରଣରୁ ଓଡ଼ିଆ ବ୍ୟାକରଣର ପରବର୍ତ୍ତୀ ଦୁଇଟି ଭାଗ ଦିବାଲୋକ ଦେଖିଲା ନାହିଁ ଓ ନୀଳକଣ୍ଠଙ୍କ ଏକ ମହୋଦ୍ୟମ ଅପୂର୍ଣ୍ଣ ରହିଗଲା । ତଥାପି ସେ ଭାଷାତତ୍ତ୍ୱ ଚର୍ଚ୍ଚାରୁ ଓହରି ଯାଇ ନ ଥିଲେ ।

ଗୋପୀନାଥ ନନ୍ଦଙ୍କ ଦେହାନ୍ତ ପରେ ଯେତେବେଳେ ଓଡ଼ିଆ ଭାଷାତତ୍ତ୍ୱ ଗ୍ରନ୍ଥ ମୁଦ୍ରିତ ହେଲା, ତାହାର ବିସ୍ତୃତ ଗ୍ରନ୍ଥପ୍ରବେଶ ଲେଖିଲେ

Digitized by PPRACHIN, SOA

ନୀଳକଣ୍ଠ ୧୯୨୭ରେ । ଦେଉଳକୁ ଚାହିଁ ମୁଖଶାଳା ହେଲପରି ନନ୍ଦଙ୍କ ମହାମାନ୍ୟ ଗ୍ରନ୍ଥର ଗୌରବକୁ ନୀଳକଣ୍ଠଙ୍କ ଗ୍ରନ୍ଥପ୍ରବେଶ ବଢ଼ାଇ ଦେଇଛି । ଭାଷାକୁ କୃତ୍ରିମ, ଅସ୍ୱାଭାବିକ କରି ଗଢ଼ିବା ଓ ଜଡ଼ ସଂସ୍କୃତର ଛାଞ୍ଚରେ ଢାଳି 'ଜାରଜ ସଂସ୍କୃତ' କରାଇ ନେବା ଉଦ୍ୟମର କୁପରିଣାମ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବକ ସେ ଏଥିରେ ସ୍ପଷ୍ଟଭାବରେ କହିଛନ୍ତି "ଶିକ୍ଷା ସଭ୍ୟତାଦିର ପ୍ରସାର ଏହି ହେତୁରୁ କି ପରିମାଣରେ ପ୍ରତିହତ ହୋଇଅଛି ତାହା ଲୋକେ ସାଧାରଣତଃ ବୁଝୁନାହାନ୍ତି । ବଙ୍ଗଦେଶର ପଣ୍ଡିତ ଈଶ୍ୱର-ଚନ୍ଦ୍ର ବିଦ୍ୟାସାଗରଙ୍କ ଅନୁକରଣରେ ଏ ଦେଶରେ ଆଧୁନିକ ସାହିତ୍ୟର ପ୍ରବର୍ତ୍ତକ ରାଧାନାଥ ରାୟ ଓ ମଧୁସୂଦନ ରାଓ ଶିକ୍ଷା ବିଭାଗର କର୍ତ୍ତା ରୂପେ ପ୍ରଥମେ ଏ କୃତ୍ରିମ ପନ୍ଥା ଫିଟାଇଲେ ଓ ତାହାହିଁ ଆଦର୍ଶ ରୂପେ ସାହିତ୍ୟ ରାଜ୍ୟକୁ ବହୁ ପରିମାଣରେ ପ୍ରଭାବିତ କରି ଆସୁଅଛି ।" ପଦ୍ୟରେ ରାଧାନାଥ ପ୍ରବର୍ତ୍ତିତ ଉପଧା-ମିଳନ ବା 'ପୂର୍ଣ୍ଣ ମିତ୍ରାକ୍ଷର' ରୀତି ଓ ଅନ୍ୟାନ୍ୟ ଅନେକ ରୀତି ଓଡ଼ିଆରେ କିପରି ଅସଙ୍ଗତ ଓ ଭାଷାର ନୈସର୍ଗିକ ଶକ୍ତି-ସୌନ୍ଦର୍ଯ୍ୟ ସଙ୍ଗେ ସଙ୍ଗେ ସଂବନ୍ଧହୀନ ତାହା ମଧ୍ୟ ନୀଳକଣ୍ଠ ଦର୍ଶାଇଥିଲେ ।

ନୀଳକଣ୍ଠ ୧୯୩୩ରେ 'ନବଭାରତ' ସାହିତ୍ୟ ପତ୍ର ପ୍ରତିଷ୍ଠା କରି ସମ୍ପାଦନା କଲେ । 'ନବଭାରତ' ଭାଷା ଚର୍ଚ୍ଚାକୁ ପ୍ରାଧାନ୍ୟ ଦେଉଥିଲା । ବିଭିନ୍ନ ଆଲୋଚକ ସେଥିରେ ଭାଷାତତ୍ତ୍ୱ ବିଷୟକ ପ୍ରବନ୍ଧମାନ ଲେଖୁଥିଲେ, ନୀଳକଣ୍ଠ ମଧ୍ୟ ଅନେକ ସମୟରେ ନିଜେ ଏ ବିଷୟରେ ଆଲୋଚନା କରୁଥିଲେ । ୧୯୩୯ରେ ତତ୍କାଳୀନ ବିଶ୍ୱନାଥ ଦାସ ସରକାର ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧି ଓ ବିଚାର କରିବା ଲାଗି ତଥା ପାରିଭାଷିକ ଶବ୍ଦ ତିଆରି କରିବା ଲାଗି ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ । ଏହି କମିଟିର ସଭାପତି ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ଏହାର ସଦସ୍ୟ ଭାବରେ ଓଡ଼ିଶାର ପ୍ରମୁଖ ସାହିତ୍ୟିକ, ଶିକ୍ଷାବିତ୍ ଓ ବୈଜ୍ଞାନିକମାନେ ରହିଥିଲେ । ତନ୍ମଧ୍ୟରେ ଗୋପାଳଚନ୍ଦ୍ର ପ୍ରହରାଜ, ପଣ୍ଡିତ ଗୋଦାବରୀଶ ମିଶ୍ର, ଶ୍ୟାମଚନ୍ଦ୍ର ତ୍ରିପାଠୀ, ପ୍ରାଣକୃଷ୍ଣ ପରିଜା, ଆର୍ତ୍ତବଲ୍ଲଭ ମହାନ୍ତି, ଗିରିଜା ଶଙ୍କର ରାୟ, ଗୁରୁଚରଣ ମହାନ୍ତି, ମହେଶଚନ୍ଦ୍ର ପ୍ରଧାନ, ହରିହର ମିଶ୍ର, ମୌଲବି ରହେମତ୍ ଅଲ୍ଲା, ରାମଚନ୍ଦ୍ର ମହାପାତ୍ରଙ୍କ ନାମ ଉଲ୍ଲେଖନୀୟ । ଏହି କମିଟି କାର୍ଯ୍ୟାରମ୍ଭ କରିବା ପରେ କେତେକ ସବ୍ କମିଟି ଗଢ଼ିଥିଲେ ଓ ଓଡ଼ିଆ

Digitized by PPRACHIN, SOA

ଭାଷାକୁ ସଂସ୍କାର କରିବା ଲକ୍ଷ୍ୟରେ କେତେକ ପ୍ରାରମ୍ଭିକ ନିର୍ଦ୍ଧାରଣ ମଧ୍ୟ କରିଥିଲେ । ଦୁଃଖର କଥା ପରେ ପରେ ବିଶ୍ୱନାଥ ଦାସ ସରକାର ଇସ୍ତଫା ଦେଇଦେଲେ ଓ କମିଟିର କାର୍ଯ୍ୟ ସେତିକରେ ଅଟକି ରହିଗଲା ।

ନୀଳକଣ୍ଠଙ୍କ ଭାଷାତାତ୍ତ୍ୱିକ ଚର୍ଚ୍ଚା ନାନା କାରଣରୁ ଅପୂର୍ଣ୍ଣ ରହି-ଯାଇଛି । ଯେଉଁ ସୁପରିକଳ୍ପିତ ଯୋଜନା ନେଇ ସେ ଏ ଦିଗରେ ଅଗ୍ରସର ହୋଇଥିଲେ ତାହା ଯଥାଯଥ ଭାବରେ କାର୍ଯ୍ୟକାରୀ ହୋଇପାରି ନଥିଲା । ଯେଉଁ ପରିସ୍ଥିତି ନୀଳକଣ୍ଠଙ୍କୁ ସଫଳକାମ କରିଇ ନଥିଲା ଏବେ ଅର୍ଦ୍ଧ-ଶତାବ୍ଦୀ ପରେ ମଧ୍ୟ ତାହା ବଦଳିଲାପରି ଲାଗୁ ନାହିଁ । ନୀଳକଣ୍ଠଙ୍କ ଭାଷାର ପୁନରାବୃତ୍ତି କରି ଆଜି ବି କୁହାଯାଇ ପାରେ : "ଆମେ ବାରଂବାର କହିଛୁ, ବର୍ତ୍ତମାନ ବି କହୁଛୁ, ଓଡ଼ିଆ ଭାଷାର ବ୍ୟାକରଣ ଭାବରେ ବ୍ୟାକରଣ ଆଲୋଚନା କରିବାର ବାଟ ଫିଟି ନାହିଁ" (ନବ ଭାରତ, ୧୯୪୦ ଏପ୍ରିଲ । କିନ୍ତୁ ଦିନେ ନା ଦିନେ ଅକୃତ୍ରିମ ଓଡ଼ିଆ ଭାଷାର ଅସଲ ବ୍ୟାକରଣ ଲେଖା ହେବ ଓ ସେତେବେଳେ ପଣ୍ଡିତ ନୀଳକଣ୍ଠ ଦାସ ଏହି କାର୍ଯ୍ୟରେ ଅଗ୍ରଣୀ ଥିବା କଥା ସ୍ୱୀକୃତ ହେବ ।

—*—

ଡେପୁଟି ସେକ୍ରେଟେରି, ଆଇନ ବିଭାଗ
ଓଡ଼ିଶା ସଚିବାଳୟ, ଭୁବନେଶ୍ୱର

Digitized by PPRACHIN, SOA

# ନୀଳକଣ୍ଠ ଓ ଓଡ଼ିଆ ଲିପି-ସଂସ୍କାର

**ପଞ୍ଚାନନ ମହାନ୍ତି**

⋮

ନୀଳକଣ୍ଠ ଥିଲେ ଜଣେ ପ୍ରଗତିଶୀଳ ବା ତାଙ୍କର ନିଜ ଭାଷାରେ କହିଲେ ହେବୁଁ ଭାବାପନ୍ନ, ବିପ୍ଳବୀ ମଣିଷ । ସ୍ଥିତାବସ୍ଥାରେ ଯୋଉ ଦୋଷ, ଦୁର୍ବଳତା ଓ ଅବଗୁଣ ସବୁ ଜମାଟ ବାନ୍ଧି ରହିଛି, ସେ ସବୁକୁ ଅତିକ୍ରମ କରି ଆଗକୁ ଉନ୍ନତି-ପଥରେ ମାଡ଼ିଯିବା ପାଇଁ ତାଙ୍କର ପ୍ରଚଣ୍ଡ ଆଗ୍ରହ ଓ ମନୋବଳ ଥିଲା । ଏହା ସହିତ ଏକ ବିରଳ ମନୀଷାର ଅଧିକାରୀ ହୋଇଥିବା ଯୋଗୁଁ ସେ ଯୋଉଥିରେ ହାତ ଦେଇଛନ୍ତି, ସେଠି ଯେ ଖାଲି ବିପ୍ଳବର ପ୍ରତିଧ୍ୱନି ଅନୁରଣିତ ହୋଇଛି ତା' ନୁହେଁ, ସେଥିରେ ସେ ଯଥେଷ୍ଟ ସଫଳତା ମଧ୍ୟ ହାସଲ କରିଛନ୍ତି । ତାଙ୍କର ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ, ରାଜନୀତିରେ, ଭାଷା, ସାହିତ୍ୟ ଓ ସଂସ୍କୃତି ଆଲୋଚନାରେ ସବୁଠି ଏହାର ପ୍ରମାଣ ନିହିତ । ଏ ପ୍ରବନ୍ଧରେ କେବଳ ଓଡ଼ିଆ ଲିପି-ସଂସ୍କାର ସମ୍ପର୍କରେ ତାଙ୍କର ମତାମତ ବିଚାର କରାଯିବ । ଏ ପ୍ରସଙ୍ଗରେ କହି ରଖିବା ଉଚିତ୍ ଯେ 'ଓଡ଼ିଆ ଭାଷା ଓ ସାହିତ୍ୟ' (୧୯୫୮) ସ୍ଥାନିତ "ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା" (୧୯୧୭) ଏବଂ "ଓଡ଼ିଆ ବର୍ଣ୍ଣ ଓ ଲିପି" (୧୯୩୯) ପ୍ରବନ୍ଧ ଦୁଇଟିରେ ପ୍ରତିଫଳିତ ତାଙ୍କର ମତ ଓ ମନ୍ତବ୍ୟ ହିଁ ଏ ଆଲୋଚନାର ଭିତ୍ତି ।

ଆଧୁନିକ ଭାଷାବିଜ୍ଞାନ ମତରେ କଥିତ ଭାଷା ହିଁ ଭାଷା' ପଦବାଚ୍ୟ। ଲିଖିତ ଭାଷା କଥିତ ଭାଷାର ଏକ ରୈଖିକ ପ୍ରତିବିମ୍ବ ମାତ୍ର । ପ୍ରାୟ ସତୁରି ବର୍ଷ ତଳେ, ଯେତେବେଳେ ଭାରତ ତ ଦୂରର କଥା, ସାରା ପୃଥିବୀରେ ଆଧୁନିକ ଭାଷାବିଜ୍ଞାନ ବିଶେଷ ଲୋକପ୍ରିୟ ହୋଇ ନ ଥିଲା, ସେତେବେଳେ ନୀଳକଣ୍ଠ ଏ କଥା ବୁଝିଥିଲେ । ତାଙ୍କର ସ୍ପଷ୍ଟ ଧାରଣା ଥିଲା ଯେ ସଂସ୍କୃତ ଏବଂ ଓଡ଼ିଆ ଦୁ'ଟି ଅଲଗା ଭାଷା, ତେଣୁ ସଂସ୍କୃତ ଖୋଳରେ ଓଡ଼ିଆ ଭାଷକୁ ପୂରେଇ ବ୍ୟାକରଣ ଲେଖିବା ଏକାନ୍ତ ନିରର୍ଥକ ଓ ମୂଲ୍ୟହୀନ । ତାଙ୍କର ତଳ ମନ୍ତବ୍ୟଟି ଏଠି ଉଦ୍ଧାର ଯୋଗ୍ୟ : "ଓଡ଼ିଆ, ପ୍ରାକୃତ ବା ଉତ୍କଳ ସାଧାରଣରେ

Digitized by PPRACHIN, SOA

କଥିତ ଭାଷା, ଅତଏବ ଏହାର ବର୍ଣ୍ଣବିନ୍ୟାସ ସର୍ବଦା ଲୋକ ମୁଖରୁ ଗୃହୀତ ହେବ। ଅକ୍ଷରର ଉଚ୍ଚାରଣ ମଧ୍ୟ ଲୋକ ମୁଖ ଉଚ୍ଚାରଣର ଅନୁରୂପ ହେବା ଉଚିତ। ତାହା ନ ହେଲେ ଭାଷାର ଜୀବ, ଶକ୍ତି ଓ ବର୍ଦ୍ଧିଷ୍ଣୁତା ପ୍ରତିବନ୍ଧ ହେବାର ଆଶଙ୍କା ଅଛି। ସଂସ୍କୃତ ଭାଷାର ଉଚ୍ଚାରଣ ନିୟମରେ ଓଡ଼ିଆର ବର୍ଣ୍ଣବିନ୍ୟାସ କଲେ ଆମ୍ଭମାନଙ୍କର ଉଚ୍ଚାରିତ ଭାଷା ଲୋକରେ ଦୁରଧିଗମ୍ୟ ହେବ।" ଦାସ ୧୯୧୭ : ୭) । କିନ୍ତୁ ତାଙ୍କପରେ କେବଳ ଗୋପୀନାଥ ନନ୍ଦଶର୍ମା ଓ ବିନାୟକ ମିଶ୍ରଙ୍କ ବ୍ୟାକରଣ ବ୍ୟତୀତ ଅନ୍ୟ କୌଣସି ପାରଂପରିକ ବ୍ୟାକରଣକାରଙ୍କ ଲେଖାରେ ଏଇ ବୈଜ୍ଞାନିକ ଦୃଷ୍ଟିଭଂଗୀ ଫୁଟିଥିବାର ମନେ ଜଣାନାହିଁ। ବରଂ ପରବର୍ତ୍ତୀ ବ୍ୟାକରଣକାରମାନେ ସଂସ୍କୃତ ବ୍ୟାକରଣକୁ ଓଡ଼ିଆ ପୋଷାକ ପିନ୍ଧେଇ ଲୋକରେ ତାକୁ ଓଡ଼ିଆ ବ୍ୟାକରଣ ବୋଲି ଚଳେଇ ଦେବାପାଇଁ ନିରବଚ୍ଛିନ୍ନ ଅପଚେଷ୍ଟା କରି ଆସିଛନ୍ତି। ତା'ଭିତରୁ ବହୁଳ ଭାବେ ପଠିତ ଓ ପ୍ରଚଳିତ ଦୁଇଟି ଉଦାହରଣ ହେଲା, 'ସର୍ବସାର ବ୍ୟାକରଣ' (୧୯୬୯) ଓ 'ମାଧ୍ୟମିକ ଓଡ଼ିଆ ବ୍ୟାକରଣ' (୧୯୭୭)।

ଆଜି ମଧ୍ୟ ଅଧିକାଂଶ ଶିକ୍ଷିତ ଲୋକଙ୍କର ଧାରଣା ଲିଖିତ ଭାଷା ହିଁ ପ୍ରକୃତ ଓ ଶୁଦ୍ଧ ଭାଷା। କଥିତ ଭାଷା ତା'ର ଏକ ବିକୃତ ଓ ଅପଭ୍ରଂଶ। କଥିତ ଓ ଲିଖିତ ଭାଷା ଭିତରେ ଥିବା ପାର୍ଥକ୍ୟକୁ ମୋଳିକଣ୍ଠ ଠିକ୍ ଧରିପାରି-ଥିଲେ ବୋଲି ଆଗରୁ କୁହାଯାଇଛି। ମାତ୍ର ସେଥିର ଦୁର୍ବଳତାଟି ହେଲା, ନିଜ କଥାର ପ୍ରମାଣ ପାଇଁ ମୋଳିକଂଠ କୌଣସି ଯୁକ୍ତି ବା ଉଦାହରଣ ଦେଇନାହାନ୍ତି। ତେଣୁ ଏ ସମ୍ବନ୍ଧରେ ଏଠି ଏକ ସଂକ୍ଷିପ୍ତ ଆଲୋଚନା ଅପରିହାର୍ଯ୍ୟ ।

ପ୍ରତ୍ୟେକ ସାଧାରଣ ଓ ସ୍ୱାଭାବିକ ମଣିଷର ଭାଷାଗତ ସାମର୍ଥ୍ୟର ଚାରିଟି ଦିଗ-- (କ) ବୁଝିବା, (ଖ) କହିବା, (ଗ) ଲେଖିବା ଓ (ଘ) ପଢ଼ିବା। ଏଥିମଧ୍ୟରୁ ପ୍ରଥମ ଦୁଇଟି ପ୍ରାଥମିକ ବା ମୁଖ୍ୟ ଓ ପର ଦୁଇଟି ଗୌଣ। କାରଣ, ଏକରେ, ପ୍ରତିଟି ସାଧାରଣ ଓ ସ୍ୱାଭାବିକ ମଣିଷଶିଶୁ ପ୍ରଥମେ ତା' ଭାଷାଟିକି ବୁଝିପାରେ ଓ କହିପାରେ। ଲେଖା, ପଢ଼ା ପାଖକୁ ଆସିଲା ବେଳକୁ ନିଜ ଭାଷା ଉପରେ ତା'ର ଏକ ଚମତ୍କାର ଦଖଲ ଆସି ଯାଇଥାଏ। ଦୁଇରେ, ପୃଥିବୀରେ ଅତି ଅଳ୍ପ ଭାଷାର ଲିପି ଅଛି। ଅଧିକାଂଶ

Digitized by PPRACHIN, SOA

ଭାଷାର ଲିପି ନାହିଁ । ତେଣୁ ସେଗୁଡ଼ିକ ଲେଖା, ପଢ଼ା ହବାର ପ୍ରଶ୍ନ ଉଠୁନି । ଏଥିରୁ କଥିତ ଭାଷା ହିଁ ଯେ ପ୍ରକୃତ ଭାଷା ଓ ଲିଖିତ ଭାଷା ଯେ ତା'ର ଏକ ପ୍ରତିଛବି, ଏହା ନିଃସନ୍ଦେହ ସ୍ପଷ୍ଟ । କଥିତ ଭାଷାକୁ ଲିଖିତ ଭାଷାର ବିକୃତି ବୋଲି କହିବା ଯାହା, ଅଇନାରେ ଆପଣା ମୁହଁଟିକି ଦେଖିଲାବେଳେ ସେଇଟି ଅସଲ ମୁହଁ ଓ ଦର୍ପଣ ଉପରେ ଲାଗିଥିବା ବସ୍ତୁଟି ତା'ର ଏକ ବିକୃତି ବୋଲି କହିବା ତାହା ।

ବର୍ତ୍ତମାନ ଲିଖିତ ଭାଷାକୁ କଥିତ ଭାଷାର ଛାଇ ବୋଲି ଆମେ ନିର୍ଦ୍ୱନ୍ଦରେ କହି ପାରିବା । ତା' ହେଲେ, ଯେମିତି ଅସଲ ବସ୍ତୁର ପରିବର୍ତ୍ତନ ଘଟିଲେ ତା' ଛାଇରେ ଅନୁରୂପ ପରିବର୍ତ୍ତନ ଘଟିବାକୁ ବାଧ୍ୟ, ସେମିତି କଥିତ ଭାଷାରେ କୌଣସି ପରିବର୍ତ୍ତନ ସାଧିତ ହେଲେ ଲିଖିତ ଭାଷାରେ ତା'ର ପ୍ରତିଫଳନ ଏକାନ୍ତ ସ୍ୱାଭାବିକ ଓ ବାଂଛନୀୟ । ମାତ୍ର ରକ୍ଷଣଶୀଳ ଓଡ଼ିଆ ବୁଦ୍ଧିଜୀବୀମାନେ ତା' ହବାକୁ ଦେଉନାହାନ୍ତି । ଲିଖିତ ଭାଷାକୁ ଧରି ବିଚାର କରି ବସିଲେ ମନେ ହବ, ଜଗନ୍ନାଥ ଦାସଙ୍କ 'ଭାଗବତ' ଠାରୁ ଆଜି ପର୍ଯ୍ୟନ୍ତ ସମୟ ବହୁବାର କଡ଼ ଲେଉଟେଇ ସାରିଥିଲେ ବି କଥିତ ଓଡ଼ିଆ ଗଲା ପ୍ରାୟ ପାଞ୍ଚଶହ ବର୍ଷଧରି ସେମିତି ଅଜର, ଅମର ହେଇ ରହିଛି । ପରିବର୍ତ୍ତନ ତା'କୁ ଛୁଇଁ ମଧ୍ୟ ପାରିନି । ଏଇ ହେତୁ ଓଡ଼ିଆ ସମାଜର ରକ୍ଷଣଶୀଳ ପଣ୍ଡିତମାନଙ୍କର କଡ଼ା ସମାଲୋଚନା କରି ମାନକଣ୍ଡ ଲେଖିଛନ୍ତି, "ସେମାନେ ହୁଏତ ଇତିହାସର ଯଥାଯଥ ଆଲୋଚନା କରିବାରେ ଅକ୍ଷମ, କିମ୍ବା ଅତ୍ୟନ୍ତ ରକ୍ଷଣଶୀଳତା ହେତୁରୁ ତାଙ୍କର ପୂର୍ବବଦ୍ଧ ଦୃଷ୍ଟି ଭୂୟୋଦର୍ଶନ ଉପରେ ସୁପ୍ରତିଷ୍ଠିତ ହେଉନାହିଁ । ଫଳତଃ ସେମାନଙ୍କର ବିତର୍କିତ ଉଦ୍ୟମ ଚିନ୍ତାହୀନତାର ଲକ୍ଷଣ ମାତ୍ର ।" (ଦାସ ୧୯୧୭ : ୮୬ ।

ଏ ପ୍ରସଙ୍ଗରେ ପ୍ରଶ୍ନ ଉଠିପାରେ—ଲିଖିତ ଭାଷା ଯେ ପ୍ରକୃତ ଓ ଶୁଦ୍ଧ ଭାଷା, ଏ ଭଳି ଧାରଣାର ମୂଳ କେଉଁଠି ? ମାନକଣ୍ଡ ଏ ବିଷୟରେ ଆଦୌ ଆଲୋଚନା କରିନାହାନ୍ତି । ତେଣୁ ଏହା ଏବେ ବିଚାର୍ଯ୍ୟ ।

ବେଦ, ବେଦାନ୍ତ, ରାମାୟଣ, ଓ ମହାଭାରତ ପ୍ରଭୃତି ଶାସ୍ତ୍ରପ୍ରତି ସେ କାଳର ମଣିଷ ମନରେ ଯୋଉଁ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ରହିଥିଲା, ସେଥିରୁ

Digitized by PPRACHIN, SOA

ସ୍ୱାଭାବିକ ଭାବେ କାଳକ୍ରମେ ସଂସ୍କୃତ ଭାଷା ପ୍ରତି ଏକ ଅହେତୁକ ସମ୍ମାନ ବୋଧ ଜନ୍ମ ନେଲା । ତା'ପରେ ସଂସ୍କୃତରେ ବହୁ ପୁରାଣ ଏବଂ କାଳିଦାସ, ମାଘ ଓ ଭବଭୂତି ପ୍ରଭୃତିଙ୍କ କାବ୍ୟ ଓ ନାଟକ ସବୁ ରଚିତ ହେଲାପରେ ଲୋକେ ଧରିନେଲେ ଯେ ପ୍ରାକୃତଟା ହୀନ ଓ ହେୟ, ଏବଂ ସଂସ୍କୃତ ହିଁ ଶ୍ରେଷ୍ଠ ଓ ଶ୍ରେୟ ଭାଷା । ପ୍ରାୟ ଅଷ୍ଟାଦଶ ଶତାବ୍ଦୀ ଯାଏଁ ଓଡ଼ିଶାରେ ଏ ଧାରଣା ବଦ୍ଧମୂଳ ହୋଇ ରହିଥିବାର ନିର୍ଦ୍ଦିଷ୍ଟ ପ୍ରମାଣ ମିଳୁଚି । ସାରଳା ଦାସଂକଠୁ ଆରମ୍ଭ କରି ଜଗନ୍ନାଥ ଦାସ, ବଳରାମ ଦାସ, ନାରାୟଣ ଦାସଂକ ମଧ୍ୟ ଦେଇ ଭୂପତି ପଣ୍ଡିତଙ୍କ ପର୍ଯ୍ୟନ୍ତ ବହୁ ଓଡ଼ିଆ ଲେଖକଂକ ରଚନାବଳି ଏହାର ମୂକ ସାକ୍ଷୀ ।

ପରବର୍ତ୍ତୀ ଯୁଗରେ ସଂସ୍କୃତରେ ରଚିତ ଶାସ୍ତ୍ର, କାବ୍ୟ ଓ ପୁରାଣଠାରୁ ସମ୍ମାନ ଓ ଭକ୍ତି 'ସାରଳା ମହାଭାରତ', 'ଦାଣ୍ଡୀ ରାମାୟଣ' ଓ ଓଡ଼ିଆ 'ଭାଗବତ' ପାଖକୁ ସ୍ଥାନାନ୍ତରିତ ହୋଇ ଆସିଲା । ଧନଞ୍ଜୟ, ଉପେନ୍ଦ୍ର ଓ ଅଭିମନ୍ୟୁ ପ୍ରଭୃତିଂକ କାବ୍ୟ, କବିତା ସମାଜରେ ଖୁବ୍ ଆଦର ଲାଭ କଲା । ଏହାଛଡ଼ା ନୀଚ କୁଳଜ କୌଣସି ବ୍ୟକ୍ତି ଶାସ୍ତ୍ର, ପୁରାଣ ଚର୍ଚ୍ଚା କରିବା ଯେ ଗର୍ହିତ ଓ ପାପ, ଏ ଚିନ୍ତାଧାରାକୁ କେତେକେ ଆପଣା ପେଟପାଟଣା ପାଇଁ ଲୋକ-ମନରେ ଉଜ୍ଜୀବିତ କରି ରଖିବା ଦିଗରେ ଉଦ୍ୟମ କରିଥିବାର ସମ୍ଭାବନାକୁ ଏଡ଼େଇ ଦିଆଯାଇ ନ ପାରେ । ଯାହା ହଉ, ଏଇସବୁ କାରଣରୁ ଲିଖିତ ଓଡ଼ିଆ କାଳକ୍ରମେ ସଂସ୍କୃତର ସମ୍ମାନ ଲାଭ କଲା, ଏବଂ ଲୋକେ ଭାବିଲେ, ଲିଖିତ ଭାଷା ହିଁ ଶୁଦ୍ଧ ଭାଷା; କଥିତ ଭାଷା ତା'ର ଏକ ଅପଭ୍ରଷ୍ଟ ରୂପ ।

ଆଗରୁ କଥିତ ଭାଷାର ମହତ୍ତ୍ୱ ତଥା ଗୁରୁତ୍ୱ ବିଷୟରେ ଏବଂ ଲିଖିତ ଭାଷା ଯେ କଥିତ ଭାଷାର ଅନୁଗାମୀ ହବା ଉଚିତ୍ ଏ ସଂପର୍କରେ ଆଲୋଚନା କରାଯାଇ ସାରିଚି । ଉକ୍ତ, ଏଥିରେ କାହାରି ଦ୍ୱିମତ ହବାର ନାହିଁ । ଏବେ ଲିଖିତ ଓଡ଼ିଆ କେତେ ମାତ୍ରାରେ କଥିତ ଓଡ଼ିଆର ଅନୁଗାମୀ, ସେ କଥା ଆଲୋଚନା କରିବା ।

କେବଳ ପ୍ରଚଣ୍ଡ ପ୍ରଚାରର ଫଳରେ ଆଜି ହିନ୍ଦୀକି ସମସ୍ତେ ଭାରତର ରାଷ୍ଟ୍ରଭାଷା ବୋଲି ଧରିନେଇଥିଲା ପରି କେତେକ ଏକଦେଶଦର୍ଶୀ ଓ ଓଡ଼ିଆ ପ୍ରୀତିରେ ଉଦ୍‌ବୁଦ୍ଧ ଭାଷା-ଆଲୋଚକ 'ଓଡ଼ିଆରେ ଯେମିତି ଲେଖାଯାଏ,

Digitized by PPRACHIN, SOA

ଯେମିତ କୁହାଯାଏ' ବୋଲି ମିଛରେ ପ୍ରଚ୍ଚାର କରି ଚଳେଇ ଦେଇଚନ୍ତି । ଏ କଥାଟାରେ ଖେଦ୍ ଯଥେଷ୍ଟ । ତଳେ ଓଡ଼ିଆରେ ଲେଖା ଓ କୁହା ଭିତରେ ଯୋଉ ପାର୍ଥକ୍ୟ ସବୁ ରହିଚ, ତା'ର ଏକ ତାଲିକା ଦିଆ ଯାଉଚ :

(୧) ଓଡ଼ିଆରେ ଦୀର୍ଘ ଓ ହ୍ରସ୍ୱ ସ୍ୱର ଭିତରେ ଉଚ୍ଚାରଣଗତ ମୌଳିକ ପାର୍ଥକ୍ୟ କିଛି ନାହିଁ । ସାଧାରଣରେ ଉଭୟର ଉଚ୍ଚାରଣ ହ୍ରସ୍ୱ । ଯେମିତ- (ଘାଇ), (ଗାଇ) 'ଗାଈ' ।

(୨) 'ଋ', 'ଐ' ଏବଂ 'ଔ'ର ସ୍ୱତଂତ୍ର ଉଚ୍ଚାରଣ ନାହିଁ । ବରଂ ଓଡ଼ିଆ ସାଧାରଣ କଥାବାର୍ତ୍ତାରେ ଏଗୁଡ଼ିକ ଯଥାକ୍ରମେ (ରୁ), (ଅଇ , ଏବଂ (ଅଉ) ରୂପେ ଉଚ୍ଚାରିତ ହୁଏ । ଯେମିତ-(ରୁସି) 'ଋଷି', (କଇଳାସ) 'କୈଳାସ', (ଦଇବ) 'ଦୈବ', (ଗଉର) 'ଗୌର', (ସଉଦା) 'ସୌଦା' ।

(୩) 'ଯ'ର ଉଚ୍ଚାରଣ ପୂର୍ବପରି (ଜ) ପରି । ଯେମିତ (ଜିବା) 'ଯିବା' ।

(୪) (ଓ୍ୱ) ଧ୍ୱନିଟି କଥାବାର୍ତ୍ତାରେ ବ୍ୟବହାର କରାଯାଉଥିଲେ ହେଁ ଏଥିପାଇଁ ସ୍ୱତଂତ୍ର ଲିପି ନାହିଁ । ତେଣୁ ଲୋକେ ଓ ଖବର କାଗଜ ଗୁଡ଼ିକ ଏହାକୁ 'ଓ୍ୱ' ରୂପେ ଲେଖିବାକୁ ଆରମ୍ଭ କଲେଣି । ଯେମିତ (ବେଓ୍ୱା) 'ବେଓ୍ୱା' ।

(୫) 'ଶ' ଓ 'ଷ'ର ସ୍ୱତଂତ୍ର ଉଚ୍ଚାରଣ ନାହିଁ । କଥିତ ଓଡ଼ିଆରେ କେବଳ (ସ) ବ୍ୟବହୃତ ହୁଏ । ଯେମିତ-(ସେସ) 'ଶେଷ' ।

(୬) 'କ୍ଷ'ର ଉଚ୍ଚାରଣ ପୂର୍ବପରି (ଖ୍ୟ) ପରି । ଯେମିତ (ଖ୍ୟମା) 'କ୍ଷମା' ।

(୭) 'ଂ' (ଅନୁସ୍ୱାର) ଗୋଟିଏ ଆର୍କିଧ୍ୱନିମ (Archiphoneme), ଏବଂ ଓଡ଼ିଆରେ ଥିବା ସମସ୍ତ ନାସିକ୍ୟ ଧ୍ୱନିର ପ୍ରତିନିଧି । ପରିବେଶ ଅନୁସାରେ ଏହାର ରୂପ ଓ ଗୁଣ ନିର୍ଧାରିତ ହୁଏ । ଯେମିତ, (କ୍) ପୂର୍ବରୁ ଥିଲେ ଏହାର ଉଚ୍ଚାରିତ ରୂପ (ଙ୍), (ଚ୍) ପୂର୍ବରୁ ଥିଲେ (ଞ), (ଟ୍) ପୂର୍ବରୁ ଥିଲେ (ଣ୍), (ତ୍) ପୂର୍ବରୁ ଥିଲେ (ନ୍), ଓ (ପ୍) ପୂର୍ବରୁ ଥିଲେ (ମ୍) । ଯଥା —

ଭାଂକ — (ଭାଙ୍କ)

Digitized by PPRACHIN, SOA

କଂଚା — (କଞ୍ଚା)
କଂଠା — (କଣ୍ଠା)
ଦାଂତ — (ଦାନ୍ତ)
କଂପ — (କମ୍ପ)

(୮) 'ଃ' (ବିସର୍ଗ)ର ଉଚ୍ଚାରଣ ସାଧାରଣରେ କଥିତ ଓଡ଼ିଆରେ ନାହିଁ । ଯେମିତି, (ଦୁଖ) 'ଦୁଃଖ' ।

(୯) 'ଜ୍ଞ'ର କୌଣସି ସ୍ୱତନ୍ତ୍ର ଉଚ୍ଚାରଣ ନାହିଁ । ଏହା (ଗ୍‌ୟ) ଭାବେ ଉଚ୍ଚାରିତ ହୁଏ । ଯଥା — (ଜଗ୍‌ୟ) 'ଯଜ୍ଞ' ।

ଏଥି ମଧ୍ୟରୁ କେବଳ (୪) ଛଡ଼ା ଅନ୍ୟ ସବୁ ପାର୍ଥକ୍ୟ ବିଷୟରେ ନୀଳକଂଠ ଉଲ୍ଲେଖ କରିଛନ୍ତି (ଦାସ ୧୯୧୭ : ୫-୧୩, ୧୯୩୯ : ୯୨-୯୫) ଏବଂ "ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧତା ବିଚାର ତଥା ପାରିଭାଷିକ ଶବ୍ଦ ନିର୍ମାଣ ଉପରେ ପ୍ରସ୍ତାବ କରିବା ପାଇଁ" ସ୍ୱତନ୍ତ୍ର ଉତ୍କଳ ଗଠନର ତିନି ବର୍ଷ ପରେ ୧୯୩୯ରେ ସରକାର ରାଜ୍ୟର ଜଣେ ଜଣେ ତତ୍କାଳୀନ ଅଗ୍ରଗଣ୍ୟ ବ୍ୟକ୍ତିଙ୍କୁ ନେଇ ଗଢ଼ିଥିବା କମିଟିର ସଭାପତି ଭାବରେ ନୀଳକଂଠ ପ୍ରାରମ୍ଭିକ ଭାବରେ ପାଞ୍ଚଟି ପ୍ରସ୍ତାବ ଜନ ସାଧାରଣଙ୍କ ବିଚାର ଉଦ୍ଦେଶ୍ୟରେ ଉପସ୍ଥାପନ କରିଛନ୍ତି । ସେଗୁଡ଼ିକ ହେଲା (ଦାସ ୧୯୩୯ : ୯୨-୯୩) ।

"(୧) ଓଡ଼ିଆରେ ଅର୍ଥାତ୍ ତଦ୍‌ଭବ ଦେଶୀ ଓ ବିଦେଶୀ ଶବ୍ଦରେ ଗୋଟିଏ 'ଇ'କାର ଓ ଗୋଟିଏ 'ଉ'କାର ରହିବ । ତାହାର ଉଚ୍ଚାରଣ ହ୍ରସ୍ୱ । ବର୍ତ୍ତମାନ ପାଇଁ ତାହାର ମାତ୍ରା ହ୍ରସ୍ୱ 'ଇ' କାର ଓ ହ୍ରସ୍ୱ 'ଉ' କାର ହେବ ।

(୨) ହାତୀ, କୁମ୍ଭୀ, ସପ୍ତଫେଣୀ ପ୍ରଭୃତି ଓଡ଼ିଆ ଈକାରାନ୍ତ ଶବ୍ଦ ତଥା ହସ୍ତୀ, ଗୁଣୀ, ଧନୀ ପ୍ରଭୃତି ଇନ୍ ଭାଗାନ୍ତ ଶବ୍ଦ ମଧ୍ୟ ଦୀର୍ଘାନ୍ତ ମାତ୍ରାରେ ପ୍ରକାଶ କରାଯିବ । ହାତୀକୁ, ଗୁଣୀଙ୍କୁ, ହାତୀମାନେ, ଗୁଣୀମାନେ, କୁମ୍ଭୀପାଣି, ସପ୍ତଫେଣୀ ବେଣି, ଧନୀ ମାନୀ ପ୍ରଭୃତି ସକଳ ବିଭକ୍ତ୍ୟନ୍ତ ଓ ସମସ୍ତ ପଦରେ ସେହି ଦୀର୍ଘାନ୍ତ ମାତ୍ରା ରହିବ । କିନ୍ତୁ ଏଠାରେ ? କଥା ହେଲା, ଏହାର ଉଚ୍ଚାରଣ ହ୍ରସ୍ୱ ହେଲେ ମଧ୍ୟ ସଂସ୍କୃତ ନିୟମରେ ଏହାର ପ୍ରଥମା ଏକ ବଚନ ଏବେ ଦୀର୍ଘାନ୍ତରେ ପ୍ରକାଶ କରାଯାଉଛି,

Digitized by PPRACHIN, SOA

ପରେ ଓଡ଼ିଆର ସମସ୍ତ ହ୍ରସ୍ୱଇ ଏବଂ ଦୀର୍ଘଈ ମାତ୍ରାରେ ପ୍ରକାଶ କଲେ ଲେଖା ଓ ଛାପାରେ ସୁବିଧା ହେବ । ମାତ୍ର ଏହା ଲିପି-ସଂସ୍କାରର ଅପେକ୍ଷା ରଖେ ।

(୩) ବ୍ୟଞ୍ଜନ ପୂର୍ବରୁ ବର୍ଗର ୫ମ ବର୍ଣ୍ଣ ସବୁବେଳେ ଅନୁସ୍ୱାରରେ ପ୍ରକାଶିତ ହେବ; କିନ୍ତୁ ଏଠାରେ ପ, ଫ, ଠ ପ୍ରଭୃତିରେ ଅନୁସ୍ୱାର ଦେବା ଏବେ ଅସୁବିଧା ଜନକ । ପଙ୍କ, ଫନ୍ଦା; ଠେଙ୍ଗା ପ୍ରଭୃତିରେ ପ, ଫ ଓ ଠ ପରେ ଅନୁସ୍ୱାର ଦେବା ସୁବିଧା ଜନକ ନୁହେଁ । ତେଣୁ ଏହି ସବୁ ଅକ୍ଷରର ସୁବିଧା ଜନକ ଆକାର ଲିପି ସଂସ୍କାରର ଅଙ୍ଗୀଭୂତ ।

(୪) ତଦ୍‌ଭବ ଦେଶୀ ଓ ବିଦେଶୀ ଶବ୍ଦରେ ସବୁ ଜକାର ଯକାର କେବଳ 'ଜ'ରେ ପ୍ରକାଶିତ ହେବ । ସେହିପରି ଯାହା, ଯେତେ, ଯଥା, ଯମୁନା ପ୍ରଭୃତିର ଯ 'ଜ'ରେ ପ୍ରକାଶିତ ହେବ । କ୍ଷ ଲେଖାହେବ 'ଖ୍ୟ' । ସେହିପରି 'ଜ୍ଞ' ଗ୍ୟଁ ।

(୫) ସମସ୍ତ ତତ୍ସମ ବା ସଂସ୍କୃତରୁ ଆସିଥିବା ଶବ୍ଦ ବର୍ତ୍ତମାନ ପାଇଁ ସକାର ଓ ହ୍ରସ୍ୱ ଦୀର୍ଘ ସ୍ୱର ସମ୍ପର୍କରେ ଠିକ୍ ସଂସ୍କୃତରେ ଯେପରି ଅଛି ସେହି-ପରି ଲେଖିବାକୁ ହେବ । ଇତ୍ୟାଦି ।"

ଏହି ପ୍ରସ୍ତାବ ଗୁଡ଼ିକ ଯେ ଓଡ଼ିଆ ଲିପିକି କଥନାନୁସାରୀ କରିବାଲାଗି ଉଦ୍ଦିଷ୍ଟ, ତା' ସୁସ୍ପଷ୍ଟ । ହଠାତ୍ ଏକ ବୈପ୍ଳବିକ ସଂସ୍କାର ଆରମ୍ଭ କରିଦେଲେ କାଳେ ଘୋର ପ୍ରତିକ୍ରିୟା ହେବ, ବୋଧେ ସେଥିପାଇଁ ଦ୍ୱିତୀୟ ଓ ପଞ୍ଚମ ପ୍ରସ୍ତାବ ଯୋଡ଼ାଯାଇଛି । ବାସ୍ତବ ଦୃଷ୍ଟିକୋଣରୁ ଦେଖିଲେ ଏ ଦୁଇଟି ପ୍ରସ୍ତାବର ଆବଶ୍ୟକତା ନାହିଁ । ତା'ପରେ ତୃତୀୟ ପ୍ରସ୍ତାବଟିର ମଧ୍ୟ ଯଥାର୍ଥତା ବିଶେଷ ନାହିଁ । କାରଣ 'ଫ' ଓ 'ଠ' ପରେ ଅନୁସ୍ୱାର ଦେବାରେ ଅସୁବିଧା କାହିଁକି ହେବ ? କେବଳ 'ଫ' କ୍ଷେତ୍ରରେ ସାମାନ୍ୟ ଅସୁବିଧା ରହିଛି । ଟିକିଏ ସତର୍କ ହେଲେ ଏ ଅସୁବିଧା ଆଦୌ ରହିବନି : 'ଂ' ସହିତ ଯୋଡ଼ି ଲେଖିଲେ ହେବ 'ଫ' ଓ 'ଫ' ଠାରୁ ଛାଡ଼ି ଲେଖିଲେ ହେବ 'ଫଂ' (ଯଥା-'ଫଂକ') । ଚତୁର୍ଥ ପ୍ରସ୍ତାବରେ 'କ୍ଷ' ଓ 'ଜ୍ଞ'କୁ ଯଥାକ୍ରମେ 'ଖ୍ୟ' ଓ 'ଗ୍ୟଁ' ଲେଖିବା ପାଇଁ ଯୋଉଁ ପ୍ରସ୍ତାବ ଦିଆଯାଇଛି, ସେ ସମ୍ପର୍କରେ ସାମାନ୍ୟ

Digitized by PPRACHIN, SOA

ସ୍ପଷ୍ଟୀକରଣ ଦରକାର । ତା ହେଲା : (ଇ)ର ଠିକ୍ ପୂର୍ବରେ ଥିଲେ 'ଯ'ଫଳା ବା (ଯ୍) ଉଚ୍ଚାରିତ ନ ହେବା ଓଡ଼ିଆ ଭାଷାର ଏକ ସାଧାରଣ ନିୟମ । ଏହାକୁ ନିମ୍ନମତେ ଏକ ନିୟମରେ ପ୍ରକାଶ କରାଯାଇପାରେ ।

ଯ୍——ଇ

ଓଡ଼ିଆ ଭୁଣ୍ଡରେ 'ନିକ୍ଷିପ୍ତ'ର (ନିଖିପ୍ତ) ଏବଂ 'ସାହିତ୍ୟିକ'ର (ସାହିତିକ) ଉଚ୍ଚାରଣ ଏହାର ପ୍ରମାଣ । ପ୍ରସ୍ତାବଟି ହେତ ଏହି ସ୍ପଷ୍ଟୀକରଣ ବାଞ୍ଛନୀୟ ।

ଏ ପ୍ରସଂଗରେ ଆଉ ଗୋଟିଏ କଥା ଉଲ୍ଲେଖଯୋଗ୍ୟ । ଓଡ଼ିଆ ଲିପିର ଆକୃତି ସଂପର୍କରେ ନୀଳକଣ୍ଠଙ୍କର ମନ୍ତବ୍ୟ ହେଲା, "......ଦଶମ ଶତାବ୍ଦୀର କୁଟିଳାକ୍ଷର, ତାଳ ପତ୍ର ଲେଖା ଯୋଗେ ଆଜିର ଓଡ଼ିଆ ଅକ୍ଷରରେ ପରିଣତ ହୋଇଛି । ଉପରର ସିଧା ଗାରସବୁ ତାଳ ପତ୍ରଟି ଫାଟିଯିବା ଭୟରେ ଲୋକେ ଗୋଲ୍ କରି ଲେଖୁ ଲେଖୁ କାଳକ୍ରମେ ବର୍ତ୍ତମାନର ଓଡ଼ିଆ ଅକ୍ଷର ହୋଇଯାଇଛି । (ଦାସ ୧୯୩୯ : ୯୩) । ଏହା ଏକ ନିଚ୍ଛକ ଅନୁମାନ । କାହିଁକି ନା, ତାଳ ପତ୍ରରେ ଲେଖିବାଟା ଯଦି ଏକ ମାତ୍ର କାରଣ, ତେବେ ଓଡ଼ିଆ ଲିପି କ୍ଷେତ୍ରରେ ଯାହା ଘଟିଲା ବଂଗଳା, ଅସମୀୟା ପ୍ରଭୃତି ଭାଷାର ଲିପି କ୍ଷେତ୍ରରେ ତାହା ଘଟିଲାନି କାହିଁକି ? ସେମାନେ ବି ତ ତାଳ ପତ୍ରରେ ଲେଖୁଥିଲେ ! ପ୍ରକୃତରେ କଥାଟି ହେଲା, ଓଡ଼ିଆ ଭାଷାପରି ଓଡ଼ିଆ ଲିପିରେ ବି ଦ୍ରାବିଡ଼ ପ୍ରଭାବ ସ୍ପଷ୍ଟ । ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ପ୍ରଭାବ ବିଷୟରେ ନୀଳକଂଠ ଭଲଭାବେ ଅବହିତ ଥିଲେ ହେଁ ଓଡ଼ିଆ ଲିପି ଉପରେ ଉକ୍ତ ପ୍ରଭାବ କଥାଟା ତାଙ୍କ ନଜରରୁ ଖସି ଯାଇଛି । ଓଡ଼ିଆ ଲିପି ଗୋଲାକୃତି ଧାରଣ କରିବା ପଛରେ ଏଇ ଦ୍ରାବିଡ଼ ପ୍ରଭାବ ହିଁ ନିହିତ ।

ଉକ୍ତ ପ୍ରବନ୍ଧଟିରେ ନୀଳକଂଠ ଲିପି ସଂସ୍କାର କଥା ବାରଂବାର ଉଲ୍ଲେଖ କରିଥିଲେ ହେଁ ସେ ସଂପର୍କରେ କିଛି ସ୍ପଷ୍ଟ ଭାବରେ କହିନାହାନ୍ତି । ଉପରେ ଉଦ୍ଧୃତ ପ୍ରସ୍ତାବ ଗୁଡ଼ିକରେ ଲିପି ସଂସ୍କାର ବିଷୟରେ ଦୁଇଟି ମାତ୍ର କଥା କୁହାଯାଇଛି— (୧) ହ୍ରସ୍ୱ 'ଇ' କୁ ଦୀର୍ଘ 'ଈ' ମାତ୍ରା (୧)ରେ ପ୍ରକାଶ କରାଯାଉ, ଓ (୨) ପ, ଫ ଏବଂ [illegible] ପରେ ଅନୁସ୍ୱାର ଦେବା ଅସୁବିଧା ଜନକ ହେଉଥିବାରୁ ଏ ଗୁଡ଼ିକର ଆକାରରେ ପରିବର୍ତ୍ତନ କରାଯାଉ । ଏଠି କହି ରଖିବା ଉଚିତ ଯେ ଓଡ଼ିଆ ଲିପି ସଂସ୍କାରର ଆହୁରି କେତେକ ଦିଗ ରହିଛି, ଲିପି ସଂସ୍କାର ଯେ କୌଣସି ଭାଷାର ମାନକୀକରଣ (Standardization)

Digitized by PPRACHIN, SOA

ଦିଗରେ ପ୍ରଥମ ପଦକ୍ଷେପ । ଏଥିପାଇଁ 'ଭାଷା ଯୋଜନା' (Language Planning) ଦରକାର । ମାତ୍ର ୧୯୩୬୦ ରୁ ଏ ଯାବତ୍ ଓଡ଼ିଆ ଭାଷା ପାଇଁ ଏପରି କୌଣସି ଯୋଜନା କରାଯାଇଥିବାର ମନେ ଜଣା ନାହିଁ । ତେଣୁ ଓଡ଼ିଆ ଭାଷାର ବିଧିବଦ୍ଧ ମାନକୀକରଣ ସମ୍ଭବ ହୋଇନି; ଏହାର ଫଳ ସ୍ୱରୂପ, ଲିପି-ସଂସ୍କାର ମଧ୍ୟ କରାଯାଇପାରିନି । ଏହି କାରଣରୁ ଏ ସଂପର୍କରେ ଆଲୋଚନା ଏକାନ୍ତ କର୍ତ୍ତବ୍ୟ ।

ଓଡ଼ିଆ ଲିପି-ସଂସ୍କାର କରିବାକୁ ହେଲେ ଆମକୁ ଦୁ'ଟି ପ୍ରଧାନ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ : (୧) ଲିପିମ୍-ଉପଲିପି [Graphemeallograph) ସଂବଂଧ, ଓ (୨) କାର ଓ ଫଳା ବ୍ୟବହାରରେ ଅବିନ୍ୟସ୍ତତା । ବର୍ତ୍ତମାନ କ୍ରମ ନ୍ୱୟରେ ଏଗୁଡ଼ିକର ବିଚାର କରିବା ।

ପ୍ରଥମେ, ଲିପିମ୍-ଉପଲିପି ସଂବଂଧ । ଓଡ଼ିଆରେ ଲେଖିବାପାଇଁ ସ୍ୱର ଓ ବ୍ୟଂଜନକୁ ମିଶାଇ ଏକ ଲିପିମାଳା ରହିଛି । ଏହି ପ୍ରତ୍ୟେକଟି ଲିପିକୁ ଲିପିମ୍ କୁହାଯାଇପାରେ । ପୁଣି ଏହି ସ୍ୱର ଓ ବ୍ୟଂଜନ ଲିପିମ୍ ଗୁଡ଼ିକ ଯଥାକ୍ରମେ କାର ଓ ଫଳା ଭାବରେ ବ୍ୟବହୃତ ହେଲେ, ପ୍ରତ୍ୟେକଟି ଏକ ନିର୍ଦ୍ଦିଷ୍ଟ ରୂପରେ ପ୍ରକାଶିତ ହୁଏ । ଏହି ପରିବର୍ତ୍ତିତ ରୂପକୁ ପ୍ରତ୍ୟେକ ଲିପିମ୍‌ର ଉପଲିପି କୁହାଯାଇପାରେ । ଉଦାହରଣ ସ୍ୱରୂପ, 'ଇ' ଗୋଟିଏ ଲିପିମ୍ ଓ 'ି' ଏହାର ଉପଲୋପି । ସେମିତି 'ଉ' ର 'ୁ', ବା 'ଏ' ରୁ 'େ', 'କ' ର '୍କ', 'ମ' ର '୍ମ', 'ଳ' ର '୍ଳ' ପ୍ରଭୃତି । ପ୍ରତ୍ୟେକ ଲିପିମ୍‌ର ଉପଲିପି ସ୍ୱତଂତ୍ର ହେଲେ କିଛି ଅସୁବିଧା ହୁଅନ୍ତାନି । କିନ୍ତୁ ଓଡ଼ିଆରେ ଗୋଟିଏ ଉପଲିପି ଏକାଧିକ ଲିପିମ୍‌ର ପ୍ରତିନିଧିତ୍ୱ କରୁଥିବାର ଉଦାହରଣମାନ ରହିଛି । ଯେପରି; '୍ଥ' । 'ଖ', 'ଥ' ଓ 'ଧ' ତଳେ ବ୍ୟବହୃତ ହେଲେ ଏହାର ଉଚ୍ଚାରଣ (ଇ), 'କ' ଓ 'ସ' ଲାଗିଲେ (ତ୍', 'ଣ' ତଳେ ଲାଗିଲେ (ତ୍), ପୁଣି 'ଦ' ତଳେ ଏହା ଲାଗିଲେ ସମଗ୍ର ଲିପିଟି ଏକ ସ୍ୱତଂତ୍ର ଲିପିମ୍ 'ଦ୍ଧ' ପାଲଟିଯାଏ । ଆଉ ଗୋଟିଏ ଉଦାହରଣ ହେଲା '୍ଣ' । 'ନ' ତଳେ ଲାଗିଲେ ଏହାର ଉଚ୍ଚାରଣ (ତ୍', ମାତ୍ର 'ଣ' ତଳେ ଲାଗିଲେ ଏହାର ଉଚ୍ଚାରଣ (ଡ୍) । ଏହାଛଡ଼ା ଓଡ଼ିଆରେ ଗୋଟିଏ ଲିପିମ୍ ଓ ଅନ୍ୟ ଏକ ଲିପିମ୍‌ର ଉପଲିପି ମଧ୍ୟରେ କୌଣସି ପାର୍ଥକ୍ୟ ନ ଥିବାର ମଧ୍ୟ ଦେଖାଯାଏ । ଯେମିତି 'ଏ' ଏବଂ 'ଓ' । ପ୍ରଥମଟି ସ୍ୱର ଲିପିମ୍ 'ଏ' ପରେ ବସୁଥିଲେ ହେଁ

Digitized by PPRACHIN, SOA

ଏହାର ଉଚ୍ଚାରଣଗତ ମୂଲ୍ୟ ହେଲ (ଙ) (ଯଥା-ମନ୍ତ୍ର ଏବଂ ଦ୍ୱିତୀୟଟି ସ୍ୱର ଲିପିମ୍ 'ଓ' ପରେ ବସୁଥିଲେ ହେଁ ଏହାର ଉଚ୍ଚାରଣଗତ ମୂଲ୍ୟ ହେଲ (ନ) ବା (ଁ) (ଯଥା-'ବସ୍ତୁ'କୁ (ବସ୍ନୁ) ବା (ବସ୍ଁତୁ) ରୂପେ ଉଚ୍ଚାରଣ କରାଯାଇପାରେ ।)

ଦ୍ୱିତୀୟରେ, କାର ଓ ଫଳା ବ୍ୟବହାର ରେ ଅବ୍ୟବସ୍ଥା । ଓଡ଼ିଆରେ କାର ଓ ଫଳା ଉପଲିପି ଗୁଡ଼ିକ ସର୍ବବ୍ୟାପୀ । ଏଗୁଡ଼ିକ ପ୍ରଧାନ ଲିପିମାନଙ୍କର ତଳେ; ଉପରେ; ବାଁ ପଟେ; ଡାହାଣପଟେ; ବାଁ ଓ ଡାହାଣ ଉଭୟ ପଟେ; ବା ବାଁ, ଡାହାଣ ଓ ଉପରପଟେ ବ୍ୟବହାର କରାଯାଇଥାଏ । ଯେମିତି, 'କୁ'ରେ ତଳେ; 'କି'ରେ ଉପରେ, 'କେ'ରେ ବାଁ ପଟେ, 'କା'ରେ ଡାହାଣ ପଟେ; 'କୋ'ରେ ବାଁ ଓ ଡାହାଣ ଉଭୟ ପଟେ, ଏବଂ 'କୌ'ରେ ବାଁ, ଡାହାଣ ଓ ଉପର ତିନିପଟେ ଏଗୁଡ଼ିକ ବ୍ୟବହୃତ । ଏଠି ପ୍ରଶ୍ନଟି ହେଲା, କାର ଓ ଫଳା ଗୁଡ଼ିକର ଏଭଳି ଯଥେଚ୍ଛା ମୂଳକ ବ୍ୟବହାର କେତେ ଦୂର ବିଜ୍ଞାନ ସମ୍ମତ ଓ ସୁବିଧାଜନକ ? ଏହା ଯେ ଆଦୌ ବିଜ୍ଞାନ ସମ୍ମତ ନୁହେଁ, ଏହା ବୁଝେଇ କହିବା ଅନାବଶ୍ୟକ । ତା'ପରେ ଏ ପ୍ରକାର ଲେଖନ-ବ୍ୟବସ୍ଥା ଦେଖିଲେ ଜଣେ ସାଧାରଣ ଭାଷା-ଶିକ୍ଷାର୍ଥୀ ଭ୍ରମୀଭୂତ ହବା ସଙ୍ଗେ ସଙ୍ଗେ ଭୁଲ ରାସ୍ତାରେ ଚାଲିଯିବାର ସମ୍ଭାବନା ଖୁବ୍ ବେଶି । ଉଦାହରଣ ସ୍ୱରୂପ, ବି ଏ. ଓ ଏମ୍ ଏ. ଶ୍ରେଣୀର ପିଲାମାନଙ୍କୁ 'କେ'ରେ (ଏ), (କ୍) ପୂର୍ବରୁ ନା ପରେ ଆସେ ବୋଲି ପ୍ରଶ୍ନ କରି ସେମାନଙ୍କର ଯୋଉ ଦୁରବସ୍ଥା ମୁଁ ଲକ୍ଷ୍ୟ କରିଛି, ତା' ବର୍ଣ୍ଣନା ନ କରିବା ଭଲ । ସେମାନଙ୍କ ଭିତରୁ ଅନେକେ (କ୍) ପୂର୍ବରୁ (ଏ) ଆସେ ବୋଲି ଭୁଲ ଉତ୍ତର ମଧ୍ୟ ଦେଇଛନ୍ତି । ଏଥିରୁ ପ୍ରଥମ ଭାଷା-ଶିକ୍ଷାର୍ଥୀ ଓଡ଼ିଆ ଶିଶୁମାନେ ଏବଂ ଦ୍ୱିତୀୟ ବା ବିଦେଶୀ ଭାଷା ଭାବରେ ଓଡ଼ିଆ ଶିଖୁଥିବା ଶିକ୍ଷାର୍ଥୀମାନେ ଓଡ଼ିଆ ଲିପି ଶିଖିବାରେ ଓ ମୁଦ୍ରାକରମାନେ ଓଡ଼ିଆ ମୁଦ୍ରଣରେ ଯେ କି ପ୍ରକାର ଅସୁବିଧା ଭୋଗ କରୁଥିବେ, ତା' ସହଜରେ ଅନୁମେୟ । ତା'ପରେ ଏବେ ତ କମ୍ପ୍ୟୁଟରର ଯୁଗ ! କମ୍ପ୍ୟୁଟର 'କା'କୁ (କା) ପଢ଼ିଲେ 'କେ'କୁ (ଏକ) ଓ 'କୋ'କୁ (ଏକା) ପଢ଼ିବା ସ୍ୱାଭାବିକ । 'କି' 'କୁ' 'କୌ' ପ୍ରଭୃତି କଥା ନ କହିଲେ ଭଲ ।

ଏଠି ମନେ ରଖିବା ଉଚିତ୍ ଯେ ଲିପି-ସଂସ୍କାର ଏକ ବୈପ୍ଳବିକ ସାମାଜିକ ପ୍ରକ୍ରିୟା । ଫଳରେ ଯାହା କିଛି ସଂସ୍କାର କରାଯିବ, ସେସବୁ

Digitized by PPRACHIN, SOA

ସମାଜରେ ସ୍ୱୀକୃତ ହବା ବାଞ୍ଛନୀୟ । ସଂସ୍କୃତି, ଭାଷା ଓ ସାହିତ୍ୟ ପରି ଲିପିର ମଧ୍ୟ ଏକ ଇତିହାସ ଓ ପରମ୍ପରା ରହିଛି ଓ ସମାଜ ତାଙ୍କୁ ନିଜର ବୋଲି ଗ୍ରହଣ କରିନେଇଛି । ନୀଳକଣ୍ଠ ଏ କଥାଟି ଠିକ୍ ବୁଝିଥିଲେ । ତେଣୁ ସେ ସ୍ପଷ୍ଟ କରିଦେଇଛନ୍ତି, " ...... ହଠାତ୍ ଲିପିର ଘୋର ସଂସ୍କାର ଆରମ୍ଭ କରି ଦେଲେ ଭାଷାର ପ୍ରକାଶ ରାଜ୍ୟରେ ଏହା ଗୋଟିଏ ଘୋର ବିପ୍ଳବ ସୃଷ୍ଟି କରିବ । ସ୍କୁଲ କଲେଜରେ ଯଦି ଭର୍ତ୍ତି କଲେ ମଧ୍ୟ ତାହା ସହଜରେ ଚଳିବ ନାହିଁ — ହୁଏତ ଦୁର୍ଲଂଘ୍ୟ ପ୍ରତିବାଦ ହବ । ସେଥିପାଇଁ ଏଡ଼େ ବଡ଼ ମୌଳିକ ସଂସ୍କାର କପରି କାର୍ଯ୍ୟରେ ପରିଣତ ହେବ, ତାହାର ପନ୍ଥା ଠିକ୍ କରିବା ଉଚିତ ।" (ଦାସ ୧୯୩୯ : ୯୩-୯୪) ଏ ଦାୟିତ୍ୱ ପଣ୍ଡିତଜୀ ଆମକୁ ସଅଁପି ଦେଇଯାଇଛନ୍ତି । ଉପର ଆଲୋଚନାରୁ ସ୍ପଷ୍ଟ ଯେ ନୀଳକଣ୍ଠଙ୍କ ଲିପି-ସଂସ୍କାର ବିଷୟକ ଚିନ୍ତା ଓ ଚେଷ୍ଟା ଠିକ୍ ବାଟରେ ପରିଚାଳିତ ଥିଲା । ତେଣୁ ଓଡ଼ିଆ ଲିପି-ସଂସ୍କାରର ଆଦ୍ୟ ଉଦ୍ୟୋକ୍ତାର ଗୌରବ ତାଙ୍କର ପ୍ରାପ୍ୟ । ତାଙ୍କର ଅସୁବିଧା ହେଲା, ସେ ଏ ସମ୍ପର୍କରେ କୌଣସି ସ୍ପଷ୍ଟ ଚିତ୍ର ଆଙ୍କି ନାହାନ୍ତି, କେବଳ କେତେକ ସୂଚନା ମାତ୍ର ଦେଇଛନ୍ତି । ଏ ଆଲୋଚନାରେ ସେଇ ସୂଚନା ଗୁଡ଼ିକୁ ଅଧିକ ସ୍ପଷ୍ଟ କରିବାର ପ୍ରୟାସ କରାଯାଇଛି ।

ଶେଷରେ, ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ଲିପି-ସଂସ୍କାର ଯେ କେତେ ଗୁରୁତ୍ୱପୂର୍ଣ୍ଣ, ତା' ଏବେ ସହଜରେ ଅନୁଭବ୍ୟ । ୧୯୩୯ ମସିହାରେ ଲିପି-ସଂସ୍କାର କରିବାକୁ ଆଗ୍ରହ ପ୍ରକାଶ କରି ତତ୍କାଳୀନ ଓଡ଼ିଶା ସରକାର କାହିଁକି ଯେ ପଛଘୁଞ୍ଚା ଦେଲେ, ତା'ର ଇତିହାସ ମୋ' ପାଖରେ ନାହିଁ । ତେବେ ଆଜି ଓଡ଼ିଆ ଓଡ଼ିଶାର ପ୍ରାଦେଶିକ ଭାଷା ଏବଂ ଚଳିତ ବର୍ଷଟି (୧୯୮୬) ସ୍ୱତନ୍ତ୍ର ଓଡ଼ିଶା ଗଠନର ସୁବର୍ଣ୍ଣ ଜୟନ୍ତୀ ବର୍ଷ । ଏଇ ଅବସରରେ ଓଡ଼ିଶାର ସରକାର ଏବଂ ଶିକ୍ଷାବିତ୍ ଓ ଭାଷା ବିଜ୍ଞାନୀମାନେ ପରସ୍ପରର ସହଯୋଗରେ ଓଡ଼ିଆ ଲିପି-ସଂସ୍କାର ପାଇଁ ଯଦି କିଛି ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରନ୍ତି; ତା'ହେଲେ ଓଡ଼ିଆ ବୋଲି ପ୍ରଚଣ୍ଡ ସ୍ୱାଭିମାନ ରଖିଥିବା ନୀଳକଣ୍ଠଙ୍କ ସମେତ ସମସ୍ତ ମନୀଷୀଙ୍କ ପ୍ରତି ଏବଂ ଓଡ଼ିଆ ଭାଷା ପ୍ରତି ତା' ହବ ଚରମ ସମ୍ମାନ ।

Digitized by PPRACHIN, SOA

## ସହାୟକ ବହି ଓ ପ୍ରବନ୍ଧ

ଦାସ, ନୀଳକଣ୍ଠ । ୧୯୧୭ । "ଓଡ଼ିଆ ବର୍ଣ୍ଣ ଉତ୍ପତ୍ତିର ସଂକ୍ଷିପ୍ତ ସୂଚନା ।"
ଦାସ । ୧୯୫୮ । ରେ ସ୍ଥାନିତ ।
... । ୧୯୩୯ । "ଓଡ଼ିଆ ବର୍ଣ୍ଣ ଓ ଲିପି" ଚତୈବ ।
... । ୧୯୬୮ । "ଓଡ଼ିଆ ଭାଷା ଓ ସାହିତ୍ୟ" । ଦ୍ୱିତୀୟ ସଂସ୍କରଣ । ବ୍ରହ୍ମପୁର, କଟକ : ନଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ।

—*—

ଅଧ୍ୟାପକ, ଭାଷାବିଜ୍ଞାନ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ବ୍ରହ୍ମପୁର-୭୬୦୦୦୭

## ଲିପିର ମୂଳ

ଲିପିର ଉଦ୍‌ଭାବନ ହୋଇଥିଲା, କେଉଁଠାରେ, ଠିକ୍ କହିହେଉ ନାଇ; ମାତ୍ର ଅତି ଆଦିମ କାଳରେ ତିନୋଟି ଦେଶରେ ଏହା ବ୍ୟବହୃତ ହେଉଥିବାର ପ୍ରମାଣ ମିଳେ । ସେ ତିନୋଟି ହେଉଛି, ଇଜିପ୍ଟ, ସୁମେର୍ ଓ ଭାରତ— ଖୁବ୍ ସମ୍ଭବ, ଦ୍ରାବିଡ଼ ଭାରତ । ଏ ତିନୋଟି ଲିପିର ମୂଳ ପୁଣି ଏକ ଥିବାର କୌଣସି ସ୍ପଷ୍ଟ ପ୍ରମାଣ ମିଳନାଇ । ପ୍ରାଚୀନ ଭାରତର ଲିପି ପଢ଼ାଯାଇ ନାଇ; ମାତ୍ର ଜଣାପଡ଼େ, ସେ କାଳେ ମଧ୍ୟ ବଣିକମାନେ ମାଲ୍‌ରେ ମୋହର ମାରି ପଠାଉଥିଲେ । ସେଇ ମୋହରରେ ଲିପିର ସଙ୍କେତ ଥିଲା ଓ ଭାରତଠାରୁ ଇଜିପ୍ଟ ଯାଏ ସମସ୍ତ ସଭ୍ୟଜଗତରେ ବାଣିଜ୍ୟର ଆଦାନ ପ୍ରଦାନ ଚାଲୁଥିଲା । ପଣ୍ଡିତମାନେ କହନ୍ତି, ଭୂମଧ୍ୟସାଗର କୂଳ, ପାଲେଷ୍ଟାଇନ୍ ପାଖ ଫିନିସିଆ ଦେଶରେ ନୌ-ବାଣିଜ୍ୟଜୀବୀ ଫିନିସୀୟମାନେ ଖ୍ରୀଷ୍ଟରେ ଚଳୁଥିବା ଲିପିର ଇଜିପ୍ଟର ସ୍ୱର ସଙ୍କେତ ଧରି ପ୍ରାୟ ୩୫୦୦ ବର୍ଷ ତଳେ ଗୋଟିଏ ବର୍ଣ୍ଣମାଳାର ଲିପି ବାହାର କରିଥିଲେ । ବିଭିନ୍ନ ବିକାଶରେ ସେଇ ବର୍ଣ୍ଣମାଳାର ସଙ୍କେତ ଧରି ସେଇ ଲିପି, ଆଜି ଫାର୍ସୀ, ଆରବୀ-ଠାରୁ ଗ୍ରୀକ୍ ଲାଟିନ୍ ତଥା ଫରାସୀ ଜର୍ମାନ ଇଂରେଜୀ ପର୍ଯ୍ୟନ୍ତ ସମସ୍ତ ପଶ୍ଚିମ ଏସିଆ ଓ ଇଉରୋପରେ ଚଳେ ।

ନୀଳକଣ୍ଠ ଦାସ (ସଂସ୍କୃତି ଓ ସଂସ୍କୃତି)

Digitized by PPRACHIN, SOA

# ଭାଷାତତ୍ତ୍ୱଜ୍ଞାନୀ ନୀଳକଣ୍ଠ ଓ ଓଡ଼ିଆ ବର୍ଣ୍ଣ ବିଚାର

* ଗୋପବନ୍ଧୁ ଦାଶ

### ୧. ୦.

ପଣ୍ଡିତ ନୀଳକଣ୍ଠ ଦାସ (୧୮୮୪-୧୯୬୭) ଓଡ଼ିଶାର ଜଣେ ଅନନ୍ୟ ସାଧାରଣ ପ୍ରତିଭାଶାଳୀ କବି, ମନୀଷୀ, ରାଜନୀତିଜ୍ଞ, ଭାଷ୍ୟକାର, ଅସାଧାରଣ ବାଗ୍ମୀ ଓ ବ୍ୟାକରଣ କାର । ସତ୍ୟବାଦୀ ଜାତୀୟ ବିଦ୍ୟାଳୟ (କଲେଜ)ର ଅଧ୍ୟାପକ ଥିବା ସମୟରେ ସେ ଯେଉଁ ଓଡ଼ିଆ ବ୍ୟାକରଣର ବିଚାର ଛଅଟି ଭାଗରେ ପରିକଳ୍ପନା କରିଥିଲେ, ତା ହେଉଛି (୧) ବାକ୍ୟ ବିଚାର (୨) ପଦବିଚାର (୩) ଶବ୍ଦ ବିଚାର (୪) ବର୍ଣ ବିଚାର (୫) ଛନ୍ଦ ବିଚାର (୬) ତତ୍ତ୍ୱ ବିଚାର । ଏଥିରୁ 'ବାକ୍ୟ ବିଚାର' ଓ 'ପଦ ବିଚାର' ଏ ଦୁଇଟିର ପ୍ରାଥମିକ ଆଲୋଚନା-ସୂଚନା ମାନ ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା । 'ଶବ୍ଦ ବିଚାର' ରୁ ଅନେକ କଥା ତୃତୀୟ ଭାଗରେ ଲେଖା ସରିଥିଲା । ବର୍ଣ ବିଚାରଟି ମଧ୍ୟ ପ୍ରାୟ ସୂଚନାରେ ଲେଖା ହୋଇଥିଲା (ଦାସ, ୧୯୫୮ : ଗ୍ରନ୍ଥ ପ୍ରବେଶ : ୮) । ଖ୍ରୀ: ୧୯୩୧ରେ ପ୍ରକାଶିତ ଓଡ଼ିଆ ବ୍ୟାକରଣ ଗ୍ରନ୍ଥ ବର୍ତ୍ତମାନ ଦୁଷ୍ପ୍ରାପ୍ୟ । 'ଶବ୍ଦ ବିଚାର', 'ବର୍ଣ୍ଣ ବିଚାର' ଓ 'ତତ୍ତ୍ୱ ବିଚାର'ର କେତେକାଂଶ ପାଣ୍ଡୁଲିପି ଅବସ୍ଥାରେ ଥିବାର ଲେଖକ ସ୍ୱୀକାର କରିଛନ୍ତି । ଏଥି ମଧ୍ୟରୁ 'ବର୍ଣ୍ଣ ବିଚାର' ଓ 'ଶବ୍ଦ ବିଚାର' ପାଣ୍ଡୁଲିପିର ସନ୍ଧାନ ମିଳିଛି (ମିଶ୍ର, ୧୯୮୩ : ୫୧୫ ଝଙ୍କାର) ।

### ୧. ୧.

ନୀଳକଣ୍ଠଙ୍କ ସମୟରେ ପ୍ରଚଳିତ ଓଡ଼ିଆ ବ୍ୟାକରଣ ପୁସ୍ତକ ଗୁଡ଼ିକ ସଂସ୍କୃତ ବ୍ୟାକରଣ ଅନୁକରଣରେ ଲେଖା ହୋଇଥିବାରୁ ତାହା ଓଡ଼ିଆ ଭାଷାର ବ୍ୟାକରଣ ନୁହେଁ ବୋଲି ସେ ଦୃଢ଼ କଣ୍ଠରେ ଘୋଷଣା କରିଥିଲେ । ତାଙ୍କ ମତରେ "ଓଡ଼ିଆ ଭାଷାର ସଂସ୍କୃତ ଭାଷା ସଙ୍ଗେ ସମ୍ବନ୍ଧ ଅଛି, କିଂତୁ

Digitized by PPRACHIN, SOA

ଓଡ଼ିଆ ବ୍ୟବହାରରେ ପଦବିନ୍ୟାସରେ ତଥା ଉଚ୍ଚାରଣରେ କାହିଁରେ ସଂସ୍କୃତ ନୁହେଁ ।" (ଦାସ ୧୯୫୮ : ୭,୮) ତେଣୁ ଅଧ୍ୟାପକ ଥିବା ସମୟରେ ସେ ଗତାନୁଗତିକ ଓଡ଼ିଆ ବ୍ୟାକରଣ ନପଢ଼ାଇ ସ୍ୱୀୟ ପ୍ରତିଭା ଓ ପାଣ୍ଡିତ୍ୟ ବଳରେ ସଂସ୍କୃତରୁ ଯଥା ସମ୍ଭବ ମୁକ୍ତ ଓଡ଼ିଆ ବ୍ୟାକରଣର ଆଲୋଚନା ଓ ଅଧ୍ୟାପନା ଆରମ୍ଭ କରିଥିଲେ । ସେ ଜାଣିଥିଲେ ଯେ "ବ୍ୟାକରଣରେ ଭାଷା ବିଜ୍ଞାନ ଜଡ଼ିତ ଅଛି । ପୁଣି ବିଜ୍ଞାନ ନିହିତ ଅଛି ଶୃଙ୍ଖଳିତ ଚିନ୍ତା" (ଦାସ, ୧୯୫୮ : ୧୦୪) ତେଣୁ ସେ ବୈଜ୍ଞାନିକ ଭାବରେ ଓଡ଼ିଆ ବ୍ୟାକରଣ ଆଲୋଚନାର ଆରମ୍ଭ କରିଥିଲେ ମାତ୍ର ତାହା ସେ ସମୟରେ ଶିକ୍ଷାବିଭାଗରେ ପ୍ରଚଳନ କରିବା ନିମନ୍ତେ ତାଙ୍କର ପ୍ରଚେଷ୍ଟା ସଫଳ ହୋଇ ପାରି ନ ଥିଲା । (ଦାସ ୧୯୫୮ : ୮ ଗ୍ରନ୍ଥ ପ୍ରବେଶ) ।

୧. ୨.

କଥିତ ଭାଷାର ବୈଜ୍ଞାନିକ ଆଲୋଚନାକୁ ଆଧୁନିକ କାଳରେ ଭାଷା ବିଜ୍ଞାନ (Linguistics) କୁହାଯାଉଛି । ଏଥିରେ ଭାଷାଗଠନ ପଦ୍ଧତିର ବିଶ୍ଳେଷଣ ଓ ତାହାର ବର୍ଣ୍ଣନା ଅନ୍ତର୍ଭୁକ୍ତ । ଯେଉଁ ପଣ୍ଡିତମାନେ ଭାଷାକୁ ବୈଜ୍ଞାନିକ ପଦ୍ଧତିରେ ଆଲୋଚନା କରନ୍ତି ସେମାଙ୍କୁ ଭାଷାତତ୍ତ୍ୱବିତ୍ ବା ଭାଷା ବିଜ୍ଞାନୀ କୁହାଯାଏ । ପ୍ରଚଳିତ ଭାଷାର ଧ୍ୱନି ଓ ଧ୍ୱନିପ୍ରକ୍ରିୟା (Phonetics and Phonology), ରୂପପ୍ରକ୍ରିୟା (Morphology) ଏବଂ ବାକ୍ୟ ରଚନା (Syntax)ର ବିଶ୍ଳେଷଣ ଓ ବର୍ଣ୍ଣନାକୁ ବର୍ଣ୍ଣନାତ୍ମକ ଭାଷା ବିଜ୍ଞାନ (Descriptive Linguistics) କୁହାଯାଏ । ଏଥିରେ ଭାଷାର ଲିଖିତ ରୂପକୁ ବିଚାରକୁ ନିଆ ନଯାଇ କେବଳ କଥିତ ରୂପକୁ ବିଚାରକୁ ନିଆଯାଏ । ନୀଳକଣ୍ଠଙ୍କ 'ଓଡ଼ିଆ ବ୍ୟାକରଣ' ରେ ବର୍ଣ୍ଣ ବିଚାର (Phonology) ପଦ ବିଚାର, ଶବ୍ଦ ବିଚାର (Morphology) ଓ ବାକ୍ୟ ବିଚାର (Syntax) ବୈଜ୍ଞାନିକ ଭିତ୍ତିରେ ପରିକଳ୍ପିତ । 'ଓଡ଼ିଆ ବ୍ୟାରଣ' (୧୯୩୧) ଏବଂ ଓଡ଼ିଆ ଭାଷା ସମ୍ବନ୍ଧୀୟ କେତେକ ପ୍ରବନ୍ଧ (ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା, ଓଡ଼ିଆ ବର୍ଣ୍ଣ ଓ ଲିପି, ଭାଷାତତ୍ତ୍ୱ ପ୍ରବେଶ, ଓଡ଼ିଆ ଭାଷା ଓ ବ୍ୟାକରଣ, ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା) ଲେଖି ନୀଳକଣ୍ଠ ଓଡ଼ିଆ ଭାଷାର ବର୍ଣ୍ଣନାତ୍ମକ ବ୍ୟାକରଣର (Descriptive Grammar) ଭିତ୍ତି ସ୍ଥାପନ କରିଯାଇଛନ୍ତି ।

Digitized by PPRACHIN, SOA

୧. ୩.

ଜଣେ ଭାଷାତତ୍ତ୍ୱବିତ୍ ଭାଷାର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି Language is a system of arbitrary vocal symbols by means of which members of a social group co-operate and interact. (Sturtvant, 1949 : 1) ଏଥିରୁ ଜଣାଯାଏ ଯେ ମନୁଷ୍ୟର ମୁଖ ନିଃସୃତ ଅର୍ଥ ବୋଧକ ଧ୍ୱନି ହିଁ ଭାଷା । ଅକ୍ଷର କେବଳ ସଙ୍କେତ ମାତ୍ର । ଆଧୁନିକ ଯୁଗରେ ଯେଉଁ ଭାଷା ବିଜ୍ଞାନର ଚର୍ଚ୍ଚା କରାଯାଉଛି ସେ ଦିଗରେ ପାଣିନି ହେଉଛନ୍ତି ଶିଶ୍ନ୍ବନ୍ଦ୍ୟ । ବ୍ୟାକରଣର ସୂତ୍ର ରଚନାରେ ଲିଖିତ ଅକ୍ଷର ପରିବର୍ତ୍ତେ ମୁଖର ଉଚ୍ଚାରଣହିଁ ଥିଲା ତାଙ୍କ ବ୍ୟାକରଣରେ ସର୍ବସ୍ୱ । ମାତ୍ର ପ୍ରାକୃତ ଭାଷାରେ ଉଚ୍ଚାରଣ, ଶବ୍ଦଗଠନ, ପ୍ରଭୃତିରେ ଯେଉଁ ପରିବର୍ତ୍ତନ ଦେଖାଗଲା ଓଡ଼ିଆ ଭାଷାରେ ବ୍ୟାକରଣକାର ଗଣ ସେ ସବୁକୁ ଦୃଷ୍ଟି ନ ଦେଇ ସଂସ୍କୃତ ନିୟମରେ ଲେଖିଗଲେ । ତେଣୁ ନୀଳକଣ୍ଠ ଲେଖିଛନ୍ତି—"ଓଡ଼ିଆ, ପ୍ରାକୃତ ବା ଉତ୍କଳ ସାଧାରଣରେ ଓଡ଼ିଆ ଭାଷା । ଅତଏବ ଏହାର ବର୍ଣ୍ଣ ବିନ୍ୟାସ ସର୍ବଦା ଲୋକ ମୁଖରୁ ଗୃହୀତ ହେବ ।" ( ଦାସ,୧୯୫୮ : ୬ )

୨. ୦.

ଭାଷା ମନୁଷ୍ୟର ମୁଖ ନିଃସୃତ ଧ୍ୱନିମାନଙ୍କର ଏକ କ୍ରମିକ ପ୍ରବାହ । ଭାଷାର ଏହି ମୌଖିକ ରୂପକୁ ଅବିକଳ କାଗଜରେ ରୂପଦେବା ପାଇଁ ଲିପି ର ଆବଶ୍ୟକତା ପଡ଼ିଥାଏ । ତେଣୁ ଭାଷାର ପ୍ରତ୍ୟେକ ସ୍ୱନିମ୍ (Phoneme)କୁ ଏକ ଏକ ସ୍ୱତନ୍ତ୍ର ସଙ୍କେତ ଦ୍ୱାରା ଚିହ୍ନିତ କରିବିା ଉଚିତ୍ । ସଂସ୍କୃତରେ ଏହି ସ୍ୱନିମ୍ ଅର୍ଥରେ 'ବର୍ଣ୍ଣ' ଶବ୍ଦର ପ୍ରୟୋଗ ଅଛି (ଧଳ, ୧୯୭୪ : ୨୮) ମାତ୍ର ଓଡ଼ିଆ ଭାଷାରେ ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ପାର୍ଥକ୍ୟ ରହିଛି । ନୀଳକଣ୍ଠ ମଧ୍ୟ ଏହି କଥାକୁ ସମର୍ଥନ କରି ଲେଖିଛନ୍ତି—"ସଂସ୍କୃତରେ ବର୍ଣ୍ଣ ଓ ଅକ୍ଷର ଦୁହିଁଙ୍କର ଅର୍ଥ ସମାନ । ମାତ୍ର ଓଡ଼ିଆରେ ସାଧାରଣ ଅକ୍ଷର ବୋଇଲେ ଯାହା ଏକ ସ୍ୱରକେ ଉଚ୍ଚରିତ ହୁଏ । 'କ' ଗୋଟିଏ ଅକ୍ଷର । ମାତ୍ର ଏଥିରେ ବର୍ଣ୍ଣ ବା ଧ୍ୱନି ଦୁଇଟି, କ୍+ଅ=କ । ଓଡ଼ିଆରେ 'ସ୍ତ' ଣ୍ଠ, ପ୍ରଭୃତିକୁ ଗୋଟିଏ ଗୋଟିଏ ଯୁକ୍ତାକ୍ଷର କହନ୍ତି । ମାତ୍ର ଏଥିରେ ଗୋଟିକରେ ତିନୋଟି ଲେଖାଏଁ ବର୍ଣ୍ଣ ଅଛି । ସ୍ତ=ସ୍+ତ୍+ଅ । ଣ୍ଠ=ଣ୍+ଠ୍+ଅ,

Digitized by PPRACHIN, SOA

ପ୍ରତ୍ୟେକ ଭାଷାର ଉଚ୍ଚାରିତ ଧ୍ୱନି ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ (୧ ସ୍ୱର (Vowel) (୨) ବ୍ୟଞ୍ଜନ (Consonant)

## ୨ ୧ ସ୍ୱରବର୍ଣ୍ଣ

### ୨. ୧. ୦.

ଓଡ଼ିଆ ବ୍ୟାକରଣ ପୁସ୍ତକର ଧ୍ୱନି ତାଲିକାରେ ତେରଗୋଟି ସ୍ୱରଧ୍ୱନି (ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ, ଏ, ଐ, ଓ, ଔ)ର ଉଲ୍ଲେଖ କରିଥିବା ବେଳେ କେହି କେହି ଦଶଗୋଟି (ମାଧ୍ୟମିକ ଶିକ୍ଷାବୋର୍ଡ-୧୯୭୭ : ଋ, ୠ, ଌ ବ୍ୟତୀତ) ବା ଆଠ ଗୋଟି (ମହାପାତ୍ର ୧୯୭୭ : ୨୫, ଅ; ଆ, ଇ, ଉ, ଏ, ଓ, ଐ ଔ) ଧ୍ୱନି ଥିବାର ଦର୍ଶାଇଛନ୍ତି ମାତ୍ର ଓଡ଼ିଆ ସ୍ୱରଧ୍ୱନି ଛଅ ଗୋଟି, ଅ, ଆ, ଇ, ଉ, ଏ, ଓ, (Pattanayak and Dash, 1972 : 16) ବର୍ତ୍ତମାନ ଏହି ଛଅଗୋଟି ବ୍ୟତୀତ ଅନ୍ୟ ସ୍ୱରଧ୍ୱନି ଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରଯାଉ ।

### ୨ ୧. ୧.

ସଂସ୍କୃତର ଋ (ୠ) ଧ୍ୱନି ଓଡ଼ିଆ ଭାଷାରେ (ରୁ) ବା (ରି), (ଲ୍ରୁ) ଧ୍ୱନି ('ଲ୍ରୁ') ରୂପେ ଉଚ୍ଚାରିତ ହୁଏ 'ତ୍ରିପାଠୀ, ୧୯୭୭ : ୫ ମହାପାତ୍ର ୧୯୭୭ : ୨୪) ସାରଳା ମହାଭାରତରେ ମଧ୍ୟ ଋର ସ୍ୱରତ୍ୱ ଲୋପ ପାଇଥିଲା । ତେଣୁ ପୋଥି ମାନଙ୍କରେ ରୁଷି, ରିତୁ, ରୁଷଭ, ରିଷଭ-ଇତ୍ୟାଦି ଲେଖା ଦେଖିବାକୁ ମିଳିଥାଏ, (ମହାପାତ୍ର ୧୯୭୭ : ୨୨୮) ଓଡ଼ିଆ ଭାଷାର ବର୍ଣ୍ଣ ବିଚାରରେ ମାଳକଣ୍ଠ ମଧ୍ୟ (ଋ) (ୠ) (ଲ୍ରୁ) (ଐ) (ଔ) ଧ୍ୱନିଗୁଡ଼ିକର ଉପସ୍ଥିତି ସ୍ୱୀକାର କରିନାହାନ୍ତି । (ଦାସ, ୧୯୫୮ :୫)

### ୨. ୧. ୨ (ଐ), (ଔ)

ଓଡ଼ିଆ ଭାଷାରେ (ଐ), (ଔ) ଦ୍ୱି ସ୍ୱର ଧ୍ୱନି (Diphthong)ର ଉପସ୍ଥିତି ସଂପର୍କରେ ଭାଷା ବିଜ୍ଞାନୀ ମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ରହିଛି । ଅଧିକାଂଶ ଭାଷା ବିଜ୍ଞାନୀ (ନନ୍ଦ, ୧୯୬୨,୬୮ : ୨, Tripathy, 1962 94; Pattanayak and Dash 1972, ମହାନ୍ତି (ଅପ୍ରକାଶିତ) ଆଧୁନିକ ଓଡ଼ିଆ ଭାଷାରେ ଏ ଦୁଇଟି ଧ୍ୱନି ନାହିଁ ବୋଲି ମତ ପ୍ରକାଶ

Digitized by PPRACHIN, SOA

କରଥିବା ବେଳେ କେହି କେହି ଏ ଦୁଇଟିକୁ ଓଡ଼ିଆ ସ୍ୱରଧ୍ୱନି ତାଲିକାଭୁକ୍ତ କରିଛନ୍ତି (ମହାପାତ୍ର ୧୯୮୧ : ୨୨୮; ୧୯୭୭ : ୨୫)

ଏ ଦୃଷ୍ଟିରୁ ଭାରତୀୟ ଭାଷା ପରିପ୍ରେକ୍ଷିରେ ଏହି ଧ୍ୱନି ଦୁଇଟିର ଇତିହାସ ଅନୁଧ୍ୟାନ କରାଯାଇ ପାରେ । ସଂସ୍କୃତର (ଐ) (ଔ) ମଧ୍ୟ ଭାରତୀୟ ଆର୍ଯ୍ୟଭାଷା (Middle-Indo-Aryan) ଯଥା:— ପାଳି, ପ୍ରାକୃତରେ ଯଥାକ୍ରମେ (ଏ) ଏବଂ ଓ) ରେ ରୂପାନ୍ତରିତ ହୋଇଗଲା ଯଥା:

| | ସଂସ୍କୃତ | ପାଳି |
|---|---|---|
| ଐ > ଏ | ବୈ | ବେ |
| | ମୈତ୍ରୀ | ମେତ୍ତୀ |
| | ବୈର | ବେର |
| ଔ > ଓ | ପୌର | ପୋର |

ପ୍ରାକୃତରେ ମଧ୍ୟ ଅନୁରୂପ ପରିବର୍ତ୍ତନ ହୋଇଛି ।

| | ସଂସ୍କୃତ | ପ୍ରାକୃତ | ଓଡ଼ିଆ |
|---|---|---|---|
| ଐ > ଅଇ | କୈଳାସ | କଇଳାସ | କଇଳାସ |
| | ବୈଦ୍ୟ | ବେଜ୍ଜ | ବଇଦ |
| ଐ > ଇ | ଐଶାନକ | ଇସାଣ୍କ | ଇସାଣ |
| ଐ > ଏ | ତୈଳ | ତେଲ୍ଲ | ତେଲ |
| | କୈବର୍ତ୍ତ | କେଉଟ୍ଟ | କେଉଟ |
| ଔ > ଅଉ | କୌରବ | କଉରବ | କଉରବ |
| | ଗୌଣ୍ଡ | ଗଉଣ୍ଡ | ଗଉଣ୍ଡ |
| ଔ > ଉ | ଦୌବାରିକ | ଦୁଆରିଅ | ଦୁଆରି |
| ଔ > ଓ | ଔଷଧ | ଓଷଧ | ଓଷଧ |
| | ଭବତି | ହୋଇ | ହୋଇ |

ଓଡ଼ିଆ ଅଭିଲେଖରେ ମଧ୍ୟ ଏହାର ନମୁନା ରହିଛି । ଐ> ଏ, ଶୈତିକ-ଶତେକ, ଔ> ଓ, ପୌର-ପୋର, ଐ> ଇ, ଶୈବାଳ-ଶିଉଳ, ଔ> ଉ, ପୌର୍ଣ୍ଣମୀ-ପୁନେଇ । ଓଡ଼ିଆରେ ପାର୍ସୀ-ଆରବୀ ଶବ୍ଦ ଗୁଡ଼ିକର ଉଚ୍ଚାରଣର କେତେକ ନମୁନା ନିଆଯାଉ ।

Digitized by PPRACHIN, SOA

| ମୂଳ ଶବ୍ଦ | ଓଡ଼ିଆ ରୂପ | ମୂଳ ଶବ୍ଦ | ଓଡ଼ିଆ ରୂପ |
| --- | --- | --- | --- |
| ତୈୟାର | ତଇଆର | ଫୌଜ | ଫଉଜ |
| ବେଇମାନ୍ | ବେଇମାନ | ମୌଜ | ମଉଜ |
| ଫୈସଲ୍ | ଫଇସଲ୍ | ମୌକା | ମଉକା |
| ସୈତାନ୍ | ସଇତାନ | ଦୌଲତ | ଦଉଲତ |
| | | ସୌକ | ସଉକ/ସଉକ୍ |

ଅଧ୍ୟାପକ ଧଳ (୧୯୭୪ : ୧୦୧)ଙ୍କ ମତରେ ହିନ୍ଦୀର ପୈସା ଶବ୍ଦକୁ ଓଡ଼ିଆ ଲୋକେ ପଇସା ପରି ଉଚ୍ଚାରଣ କରନ୍ତି ଏବଂ ସଂଯୁକ୍ତ ସ୍ୱରକୁ ଦୁଇ ସ୍ୱର ଦ୍ୱାରା ଲେଖନ୍ତି । ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଚାଟାର୍ଜୀଙ୍କ ମତରେ (Majumdar, 1970-XIX) ଐ ଏବଂ ଔ ଦ୍ୱିସ୍ୱର ଧ୍ୱନି ବଙ୍ଗଳା ଏବଂ ଅସମୀୟା ଭାଷାରେ ଯଥାକ୍ରମେ (ଓଇ) (/ oi /) ଏବଂ (ଓଉ) ( ou/), ଓଡ଼ିଆ ଭାଷାରେ ଅଇ(/ )i /) ଏବଂ ଅଉ (/ )u / ) ଧ୍ୱନିରେ ପରିଣତ ହୋଇଛି । ସାରଳାଙ୍କ ସମୟକୁ (ଐ) (ଔ)ର ବ୍ୟବହାର ଅତ୍ୟନ୍ତ ବିରଳ । ତାଙ୍କ ରଚନାରେ ଏ ଦୁଇଟି ଅଇ, ଅଉ ରୂପ ଗ୍ରହଣ କରିଛି । ଯଥା:—ଅଇରିବତ, ଅଇଶ୍ୱର୍ଯ୍ୟ, କଇଳାସ, ଚଇତନ, ଦଇନ, ନଇବେଦ୍ୟ, ଦଇବସୁତ, ବଇକୁଣ୍ଠ, ଶଇଳ ଏବଂ ଅଉରସ, କଉଣପ, କଉପୁନ, ଗଉତମୀ, ଗଉରବ, ଚଉର୍ଯ୍ୟ, ଶଉଚ, ମଉଳ, ସଉଭୁକ ଇତ୍ୟାଦି । ତେଣୁ ପ୍ରାଚୀନ ଓ ଆଧୁନିକ ଓଡ଼ିଆ ଭାଷାରେ ଐ,ଔ ଦ୍ୱିସ୍ୱର ଧ୍ୱନିର ଯେ ଉଚ୍ଚାରଣ ନାହିଁ, ଏହା ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଭାବରେ ଜଣାପଡ଼େ ।

## ୨. ୧. ୩. ଦୀର୍ଘତା

ସଂସ୍କୃତ (ଈ), (ଊ) ଧ୍ୱନି ଓଡ଼ିଆ ଭାଷାରେ ଉଚ୍ଚାରିତ ହୁଏ ନାହିଁ । ତେଣୁ ଓଡ଼ିଆ ଧ୍ୱନି ପଦ୍ଧତିରେ ଦୀର୍ଘତା ଏକ ସାର୍ଥକ ଧ୍ୱନି ନୁହେଁ (ଧଳ, ୧୯୭୦ : ୫୨) । ଯେଉଁ କେତେକ ଉଚ୍ଚାରଣରେ ସାମାନ୍ୟ ଭାବରେ ପରିଲକ୍ଷିତ ହୁଏ ତାହା ସେଇ ସ୍ୱରଧ୍ୱନିର ଦ୍ୱିତ୍ୱ (Gemination) ହୋଇ ଥିବାରୁ ସହଜରେ ନିର୍ଣ୍ଣୟ କରିହୁଏ (Predictable) ଯଥା:

| | |
| --- | --- |
| ଅ, କଣ | ଆ, ତାର |
| ଅଅ, କଅଣ (କ'ଣ) | ଆ ଆ, ତାଆର (ତା'ର) |
| ଇ, ଯିବା | ଉ କୁଠା ଓ ମୋଠା |
| ଇଇ, ଖାଇବା | ଉ ଉ କୁଉଠା ଓ ଓ ମୋଓଠା/ମୋଅଠା |

Digitized by PPRACHIN, SOA

ପ୍ରାଚୀନ ଅଭିଲେଖ, (ଧଳ ୧୯୭୭ : ୧୮୨) ତଥା ସାରଳା ମହାଭାରତରୁ (ମହାପାତ୍ର, ୧୯୭୭ : ୨୨୮) ଜଣାଯାଏ ଯେ ଇ ହ୍ରସ୍ୱ (ଇ) ଦୀର୍ଘ (ଈ) ଏବଂ ହ୍ରସ୍ୱ (ଉ), ଦୀର୍ଘ (ଊ) ଉଚ୍ଚାରଣରେ ହ୍ରସ୍ୱତା ଦୀର୍ଘତା ଗତ ପାର୍ଥକ୍ୟ ନଥି-ବାରୁ ଏ ଧ୍ୱନି ଗୁଡ଼ିକର ଯାଦୃଚ୍ଛ ଭାବରେ ବ୍ୟବହୃତ ହେବାର ଦେଖାଯାଏ । ବିଶେଷକରି ହ୍ରସ୍ୱଇ ହ୍ରସ୍ୱଉର ଅଧିକ ବ୍ୟବହାର ଓଡ଼ିଆ ଭାଷାରେ ଦୀର୍ଘସ୍ୱର ଧ୍ୱନି ନଥିବାର ପ୍ରମାଣ । ଅଭିଲେଖରେ ଦାଗେ, ସେନାପତି, ନରସିଂଘ ଏବଂ ସାରଳା ମହାଭାରତରେ ଭେଳି-ଭେଳୀ, ପୃଥି-ପୃଥୀ, ଧୋତି-ଧୋତୀ ଏବଂ ବଧୁ-ବଧୂ, ଅନୁକୁଳ-ଅନୁକୂଳ, ଚକ୍ଷୁ-ଚକ୍ଷୂର ଉଭୟ ପ୍ରକାର ଲେଖା ଉକ୍ତ ମତକୁ ଦୃଢ଼ୀଭୂତ କରେ । ପଣ୍ଡିତ ଗୋପୀନାଥ ନନ୍ଦ (୧୯୨୬—୧୯୭୮/ ୭୯ : ୨) ବିଶୁଦ୍ଧ ଓଡ଼ିଆ ଭାଷାରେ ଦୀର୍ଘ ଈ କାର ( ୀ ) ସ୍ତ୍ରୀଲିଙ୍ଗ ପ୍ରତ୍ୟୟ ରୂପେ ଏବଂ ସ୍ତ୍ରୀଲିଙ୍ଗ ଚିହ୍ନ ସ୍ୱରୂପ କେବଳ ବ୍ୟବହୃତ ହେବା ଦର୍ଶାଇ ଦୀର୍ଘ (ଈ)କୁ ସ୍ୱରଧ୍ୱନି ତାଲିକାଭୁକ୍ତ କରିଛନ୍ତି । ମାତ୍ର ଏହା ଠିକ୍ ନୁହେଁ । ପଣ୍ଡିତ ନୀଳକଣ୍ଠ ମଧ୍ୟ ଓଡ଼ିଆ ଧ୍ୱନି ବର୍ଗରେ ଦୀର୍ଘ ଈ—, ଦୀର୍ଘ (ଊ)କୁ ସ୍ୱୀକାର କରିନାହାନ୍ତି (ଦାସ, ୧୯୫୮ : ୧୩; ୯୪) ।

## ୨. ୨ ବ୍ୟଞ୍ଜନ ଧ୍ୱନି :

### ୨. ୨. ୧.

ଓଡ଼ିଆ ବ୍ୟଞ୍ଜନ ଧ୍ୱନି ତାଲିକାରେ ବ୍ୟାକରଣକାରମାନେ ବର୍ଗ୍ୟ (ଜ), ଅବର୍ଗ୍ୟ (ଯ), ଦନ୍ତ୍ୟ (ସ), ତାଲବ୍ୟ ଶ) ଓ ମୂର୍ଦ୍ଧଣ୍ୟ (ଷ) କୁ ଗ୍ରହଣ କରିଥିଲେ ହେଁ ଓଡ଼ିଆ ଭାଷାରେ (ଜ), ଯ)ର ଧ୍ୱନିମୂଲ୍ୟ (ଜ) ଏବଂ (ସ), (ଶ), (ଷ)ର ଧ୍ୱନି ମୂଲ୍ୟ (ସ) ବୋଲି ଭାଷାବିଜ୍ଞାନୀ ମାନଙ୍କର ମତ । ପ୍ରାଚୀନ ଓଡ଼ିଆ ଅଭିଲେଖରେ ବିଯେ· (<ସଂ ବିଜୟ)ରେ 'ଯ'ର ଉଚ୍ଚାରଣ (ଜ) । ସାରଳା ମହାଭାରତରେ ଯାଜନଗ୍ର, ଯାଯନଗ୍ର. ଯେ ଜେ, ରାଜା, ରାଯା; ବିଜେ, ବିଯେ ପ୍ରଭୃତି ଲେଖାରେ ଉଭୟର ବ୍ୟବହାର ରହିଥିଲେ ମଧ୍ୟ (ଜ)ର ବ୍ୟବହାର ଅଧିକ ପରିଲକ୍ଷିତ ହୋଇଥାଏ । ଆଜି ମଧ୍ୟ ଓଡ଼ିଆରେ ଜନ୍ତା (<ସଂ ଯନ୍ତ୍ର), ଜୋଜ (<ସଂ ଯୋଗ୍ୟ), ଜାଆଁଳା (<ସଂ ଯାମଳ) ଶବ୍ଦରେ 'ଯ' ରୂପାନ୍ତରିତ ହୋଇ 'ଜ' ରେ ପରିଣତ ହୋଇଯାଇଛି ।

### ୨. ୨. ୨.

ପ୍ରାକୃତ ଓଡ଼ିଆ ଭାଷାରେ (ସ) ଧ୍ୱନିର ବ୍ୟବହାର ଅଧିକ । ମାଗଧୀ ବ୍ୟତୀତ ଅନ୍ୟ ପ୍ରାକୃତରେ ଏହି 'ସ' ର ବ୍ୟବହାର ମିଳେ (ପ୍ରଧାନ :

Digitized by PPRACHIN, SOA

୧୯୭୨ : ୫୪) ପ୍ରାଚୀନ ଅଭିଲେଖ ଓ ସାରଳା ମହାଭାରତରେ (ସ), (ଶ), (ଷ)ର ଯଥେଚ୍ଛା ବ୍ୟବହାର ଦେଖାଯାଏ । ମାତ୍ର (ସ)ର ବ୍ୟବହାର ସବୁଠାରୁ ବେଶି ପରିଲକ୍ଷିତ ହୁଏ । ଯଥା:

ଅଭିଲେଖର ନମୁନା

ପ୍ରମେସର (<ପରମେଶ୍ୱର), ସିଙ୍ଗାର (<ଶୃଙ୍ଗାର), ମନସ (<ମନୁଷ୍ୟ), ସୀଦ୍ଧେଶ୍ୱର (<ସିଦ୍ଧେଶ୍ୱର), ବସନାଥ (<ବିଶ୍ୱନାଥ)

ସାରଳା ମହାଭାରତ

ସାନ୍ତନୁ (ଶାନ୍ତନୁ) ପ୍ରସୁରାମ (ପ୍ରଶୁରାମ) ଦ୍ରିସନ (<ଦର୍ଶନ) ସାଠି (<ଷାଠି) ରିସଭ (ରିଷଭ)

ପ୍ରାଚୀନ କାଳରେ ପ୍ରାକୃତ ଭାଷାରେ କେବଳ ଗୋଟିଏ ମାତ୍ର (ସ) ଏବଂ (ଜ) ସ୍ୱୀକୃତ ହୋଇଥିଲା । ଅଭିଲେଖ ଓ ସାରଳା ମହାଭାରତରେ ମଧ୍ୟ ଏହାର ପ୍ରଚଳନକୁ ଲକ୍ଷ୍ୟକରି ନୀଳକଣ୍ଠ ଓଡ଼ିଆରେ ସେହିପରି ଚଳିବାର ଯୁକ୍ତି ଯଥେଷ୍ଟ ବୋଲି ଦର୍ଶାଇଛନ୍ତି (ଦାସ; ୧୯୫୮ : ୯୪)

### ୨. ୨. ୩ (ୟ)

ସଂସ୍କୃତରେ ୟ ହେଉଛି ଏକ ତାଲବ୍ୟ ଅର୍ଦ୍ଧବ୍ୟଞ୍ଜନ (Semi Consonant) ଧ୍ୱନି । ଓଡ଼ିଆ 'ବାୟୁ', 'ଭୟ', 'ଲୟ', 'ୟାକୁ' ପ୍ରଭୃତି ଶବ୍ଦରେ ଏ ଧ୍ୱନି ରହିଛି । ବ୍ୟଞ୍ଜନ ଧ୍ୱନି ସହିତ ଯୁକ୍ତ ହେଲେ ଏହା ବ୍ୟଞ୍ଜନ ଧ୍ୱନିର ପ୍ରତିଧ୍ୱନି କରୁଥିବା ଲିପିର ପାର୍ଶ୍ୱରେ (୍ୟ) ଫଳା ରୂପେ ଲେଖା ଯାଇଥାଏ । ବ୍ୟାକରଣକାର ମାନେ ଏହାକୁ 'ଯ' ଫଳା କହିଥାନ୍ତି । ମାତ୍ର 'ଯ' ଫଳାର ଉଚ୍ଚାରଣ ଧ୍ୱନି ('ଯ') କାର ପରି ନ ହୋଇ ସଂସ୍କୃତରେ ଥିବା (ୟ)କାର ଧ୍ୱନିପରି ହୋଇଥାଏ (ନନ୍ଦ, ୧୯୬୮ : ୧୬, ୧୭) । ନୀଳକଣ୍ଠ ଓଡ଼ିଆ ବ୍ୟଞ୍ଜନରେ ଯୁକ୍ତ (ଯ) (କ୍ୟ, ଖ୍ୟ, ଗ୍ୟ, ଇତ୍ୟାଦି) ସବୁବେଳେ (ୟ) ଉଚ୍ଚାରଣ ପାଏ, (ଜ୍) ବା (ଜ୍ୟ) ହୁଏ ନାହିଁ ବୋଲି ମତ ଦେବା ସଙ୍ଗେ ସଙ୍ଗେ ଓଡ଼ିଆରେ ବାହ୍ୟ, ସହ୍ୟ ପ୍ରଭୃତିକୁ ବାଜ୍ହ୍ୟ, ସଜ୍ହ୍ୟ ପ୍ରଭୃତି ପରି ଉଚ୍ଚାରଣ କରିବା ବଙ୍ଗଳାର ଅଯଥା ଅନୁକରଣ ବୋଲି ଉଲ୍ଲେଖ କରିଛନ୍ତି । (ଦାସ, ୧୯୫୮ : ୧୦୫)

Digitized by PPRACHIN, SOA

## ୨. ୨. ୪. ଯୁକ୍ତ ବ୍ୟଞ୍ଜନ (Consonant Clusters)

### ୨. ୨. ୪. ୧.

ଓଡ଼ିଆ ଭାଷାର ଲିଖିତ ରୂପରେ 'କ୍ଷ' ଏବଂ 'ଜ୍ଞ'ର ବ୍ୟବହାର ରହିଛି ଏବଂ ବ୍ୟାକରଣକାର ମାନେ ଏହାକୁ କ୍‌+ଷ୍‌=କ୍ଷ ଏବଂ ଜ୍‌+ଞ= ଜ୍ଞ ରୂପେ ଦର୍ଶାଇ ଯୁକ୍ତାକ୍ଷର ନାମକରଣ କରନ୍ତି । ମାତ୍ର ନୀଳକଣ୍ଠ ଓଡ଼ିଆ ଭାଷାରେ ଏପରି ଉଚ୍ଚାରଣ ଆଦୌ ନ ଥିବାର ଉଲ୍ଲେଖ କରିଛନ୍ତି .(ଦାସ, ୧୯୫୮ : ୯୫) ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଗୋପୀନାଥ ନନ୍ଦ (୧୯୬୮ : ୨୦) ଆଧୁନିକ ଓଡ଼ିଆ ଭାଷାରେ 'କ୍ଷ' ଖ ରୂପେ ଏବଂ ଜ୍ଞ, ଗ+ଞ=ଗଁ୍ୟ ରୂପେ ଉଚ୍ଚାରିତ ହେଉଥିବାର ଦର୍ଶାଇଛନ୍ତି । ବର୍ତ୍ତମାନ ଓଡ଼ିଆ ଭାଷାର ଅଭିଲେଖ (Tripathy : 124) ଓ ପ୍ରାଚୀନ ଓଡ଼ିଆ ଭାଷାର କେତୋଟି ଉଦାହରଣ ନିଆଯାଉ :

| ସଂସ୍କୃତ | ଓଡ଼ିଆ | ସଂସ୍କୃତ | ଓଡ଼ିଆ |
|---|---|---|---|
| ସାକ୍ଷୀ | ସାଖି | କ୍ଷୀର | ଛଅର |
| ଦକ୍ଷିଣ | ଦଖିଣ | | |
| କ୍ଷେତ୍ରମ୍ | ଖେତ | କ୍ଷୁଦ୍ର | ଛୁଦ୍ର |
| କ୍ଷୁଦ୍ର | ଖୁଦ/ଖୁଦର | କ୍ଷୁର | ଛୁର |
| ପକ୍ଷ | ପାଖ | ପରୀକ୍ଷା | ପରିଛା |
| କ୍ଷୁର | ଖୁର | ଦକ୍ଷ | ଦଛ |
| ଭିକ୍ଷା | ଭିଖ | ଚକ୍ଷୁ | ଚଛୁ |

ଏଥିରୁ ଜଣାଗଲା ଯେ 'କ୍ଷ' କେତେକ ଶବ୍ଦରେ (ଖ)ରେ ଏବଂ ଅନ୍ୟ କେତେକ ଶବ୍ଦରେ (ଛ)ରେ ରୂପାନ୍ତରିତ ହୋଇ ଯାଇଛି ।

### ୨. ୨. ୪. ୨

ସଂସ୍କୃତ ଯୁକ୍ତ ବ୍ୟଞ୍ଜନ (ଜ୍ଞ) ଓଡ଼ିଆରେ ଗଁ୍ୟକୁ ରୂପାନ୍ତରିତ ହୋଇଛି ।

| ସଂସ୍କୃତ | ଓଡ଼ିଆ |
|---|---|
| ଯଜ୍ଞ | ଜଗଁ୍ୟ |
| ଜ୍ଞାନ | ଗଁ୍ୟାନ/ଗିଆଁନ |
| ଆଜ୍ଞା | ଆଗଁ୍ୟା/ଆଗିଆଁ |
| ସଂଜ୍ଞା | ସାଗଁ୍ୟା/ସାଁଗିଆ |

Digitized by PPRACHIN, SOA

୨. ୨. ୪. ୩.

ସଂସ୍କୃତ ଯୁକ୍ତ ବ୍ୟଞ୍ଜନ 'କ୍ଷ' ଏବଂ 'ଙ୍କ'ର ଏହି ପରିବର୍ତ୍ତିତ ରୂପ କେବଳ ଓଡ଼ିଆରେ ନୁହେଁ; ମୈଥିଳୀ, ପୁରାତନ ତଥା ଆଧୁନିକ ବଙ୍ଗଳାଭାଷା ଏବଂ କେତେକ ପରମାଣରେ ଅସମୀୟା ଭାଷାରେ ମଧ୍ୟ ପରିଲକ୍ଷିତ ହୋଇଥାଏ । (Majumdar 1970 : 143) । ସାରଳା ମହାଭାରତରେ 'ଙ୍କ'ସବଁଦ ଗଂ ରୂପେ ଲେଖାଅଛି ମାତ୍ର ପ୍ରକୃତରେ ଏହାର ଉଚ୍ଚାରଣ ଗଁ । ତାଳପତ୍ର ପୋଥିରେ ଚନ୍ଦ୍ରବିନ୍ଦୁ ( ଁ ) ପରିବର୍ତ୍ତେ ଅନୁସ୍ୱାର ଲେଖିବା ସହଜ ଥିଲା । ଓଡ଼ିଆ ଭାଷାରେ 'ଅନୁସ୍ୱାର' ଏକ ନିର୍ଦ୍ଦିଷ୍ଟ ଧ୍ୱନି ନୁହେଁ । ପଣ୍ଡିତ ନୀଳକଣ୍ଠ ଓଡ଼ିଆ ନାସିକ୍ୟ ଯୁକ୍ତ ବ୍ୟଞ୍ଜନ ଙ୍କ, ଙ୍ଗ, ଞ୍ଚ, ଞ୍ଜ, ଣ୍ଟ; ଣ୍ଡ, ନ୍ତ, ନ୍ଥ, ନ୍ଦ, ମ୍ପ, ମ୍ବ, ପ୍ରଭୃତିର ଲିପିଗତ ସମସ୍ୟାକୁ ଦୂରକରି ବର୍ଗର ପଞ୍ଚମ ବର୍ଣ୍ଣ ପାଇଁ ଅନୁସ୍ୱାରର (ଚାଂକ, କଂଗ୍ର, କଂଠ, ଅନଂତ, ଆଂବ) ପ୍ରଚଳନ କରିଥିବା ହେତୁ 'ପଂଡିତ ନୀଳକଂଠ' ରୂପେ ସମାଲୋଚିତ ହୋଇଥିଲେ । ଓଡ଼ିଆ ଭାଷାରେ ଏହି ଅନୁସ୍ୱାରର ପ୍ରଚଳନ ଏକ ସ୍ୱତନ୍ତ୍ର ଆଲୋଚନାର ବିଷୟ । ଅବଶ୍ୟ ଏମାନ ସମାଲୋଚକମାନଙ୍କୁ ଲକ୍ଷ୍ୟକରି ସେ କହିଥିଲେ, "ପଣ୍ଡିତ ମାନେ (ବିଜ୍ଞ ଲୋକେ) 'ପଂଡିତ' ବୋଲି ପଢ଼ିଥାନ୍ତି; ଅନ୍ୟ ମାନେ 'ପଂଡିତ' ପଢ଼ିବାରେ ବିପଦତା କିଛି ନାହିଁ ।"

୩. ୦.

ଉଚ୍ଚାରିତ ଧ୍ୱନି ସାହାଯ୍ୟରେ ମନୁଷ୍ୟ ଶବ୍ଦ, ପଦ, କିମ୍ବା ବାକ୍ୟ ଗଠନ କରିବା ସମୟରେ ଦୁଇଟି ଧ୍ୱନି (ସ୍ୱର କିମ୍ବା ବ୍ୟଞ୍ଜନ) ପରସ୍ପରର ନିକଟବର୍ତ୍ତୀ ହେଲେ କେତେକ କ୍ଷେତ୍ରରେ ଗୋଟିକର କିମ୍ବା ଉଭୟର ପରିବର୍ତ୍ତନ ଘଟିଥାଏ । ଭାଷା ବିଜ୍ଞାନରେ ଏହାକୁ * ରୂପ ଧ୍ୱନିଗତ ପରିବର୍ତ୍ତନ (morpho phonemic Change) କହନ୍ତି । ଓଡ଼ିଆ ଭାଷାରେ ଏହି ଧ୍ୱନି ପରିବର୍ତ୍ତନ ଭାଷାବିଜ୍ଞାନ ଦୃଷ୍ଟିରୁ ଗୁରୁତ୍ୱ ପୂର୍ଣ୍ଣ ହେଲେହେଁ ସଂସ୍କୃତ ନିୟମରେ ଓଡ଼ିଆ ବ୍ୟାକରଣରେ ସେଗୁଡ଼ିକ ଅଶୁଦ୍ଧ ଓ ଅନାଲୋଚିତ ହୋଇଥିଲା ମାତ୍ର ନୀଳକଣ୍ଠହିଁ ଓଡ଼ିଆ ଧ୍ୱନି ପରିବର୍ତ୍ତନର କେତୋଟି ଦିଗ ଉପରେ ବିଶେଷ ଆଲୋକ ପାତ କରିଛନ୍ତି ।

---

* ରୂପ ଧ୍ୱନିମିକ୍ ପରିବର୍ତ୍ତନ (Morpho phonemic Change)

Digitized by PPRACHIN, SOA

## ୩ ୧. ଓଡ଼ିଆ ସନ୍ଧି ନିୟମ

| ଓଡିଆ ସନ୍ଧି ନିୟମରେ | ସଂସ୍କୃତ ସନ୍ଧି ନିୟମରେ |
|---|---|
| ଜନ+ଏକ = ଜଣେକ/ଜଣକ | ଜନୈକ |
| ଆର+ଏକ = ଆରେକ/ଆରକ | ଆରୈକ |
| ପୁରୁଷ+ଉତ୍ତମ = ପୁରୁସ୍ତମ | ପୁରୁଷୋତ୍ତମ |
| ଭୋଗ+ମଣ୍ଡପ = ଭଅଣ୍ଡ | ଭୋଗମଣ୍ଡପ |

ସେହିପରି ପ୍ରତ୍ୟୟ ଯୋଗରେ :—

| | |
|---|---|
| କହ୍+ଆ = କୁହା | ନଅଁ+ଆ = ନୁଆଁ |
| ବହ୍+ଆ = ବୁହା | ଲଅଁ+ଆ = ଲୁଆଁ |

## ୩. ୨ 'ହ' ଧ୍ୱନିର ଆଗମ

| ସଂସ୍କୃତ | ଓଡିଆ |
|---|---|
| ସ୍ନାନ | ସ୍ନାହାନ |
| ପୃଷ୍ଠକାଳ | ପୃଷ୍ଠକାହାଳ |
| ବେଶ | ବେହେଶ, ଭେଶ |
| ଚଲ୍ | ଚହଲ୍ |

ଅଭିଲେଖ ଏବଂ ପ୍ରାଚୀନ ଓଡିଆରେ ଆହୁର (<ଆବର), ପୋହଳା (<ପ୍ରବାଳ), ଶହ (< ଶତ), ଲୁହ (<ଲୋତକ) ଇତ୍ୟାଦି ଶବ୍ଦର ଉଦାହରଣ ରହିଛି ।

## ୩. ୩. ବର୍ଣ୍ଣ ବିପର୍ଯ୍ୟୟ (Metathesis)

ଦୁଇଟି ଧ୍ୱନିର ପରସ୍ପର ସ୍ଥାନ ପରିବର୍ତ୍ତନକୁ ବର୍ଣ୍ଣ ବିପର୍ଯ୍ୟୟ କହନ୍ତି । ଗୋପୀନାଥ ନନ୍ଦ (ନନ୍ଦ : ୧୯୬୮ : ୫୫) ସ୍ୱର ପ୍ଲୁତି ପ୍ରସଙ୍ଗରେ ଏହି ପ୍ରକାର ଆଲୋଚନା କରିଛନ୍ତି ।

ବର୍ତ୍ତମାନ> ବ୍ରତମାନ
ଦର୍ଶନ> ଦ୍ରଶନ
ବେମାର> ବେରମି
ମଳଆ <ମଇଳା

ସେହିପରି ଓଡିଆରେ କାଣ> କଣା, ବାସ> ବସା, ତୁଷ> ତସୁ/ତସୁ ।

Digitized by PPRACHIN, SOA

## ୪୦. ଉପ ସଂହାର—

ମାଳକଣ୍ଠଙ୍କ ମତରେ ଓଡ଼ିଆ ଭାଷାର ଉଚ୍ଚାରଣ ଓ ଗଠନ ରୀତି (Structure) ପ୍ରତି ଦୃଷ୍ଟି ନଦେଇ ସଂସ୍କୃତ ଭାଷାର ନିୟମ ଅନୁସରଣରେ ଲିଖିତ ବ୍ୟାକରଣ ଓଡ଼ିଆ ଭାଷାର ପ୍ରକୃତ ବ୍ୟାକରଣ ନୁହେଁ । ଓଡ଼ିଆ ଭାଷାର ଧ୍ୱନି (ବର୍ଣ୍ଣ) ବିଚାରରେ ଲିଖିତ ରୂପ ଅପେକ୍ଷା ମୁଖର ଉଚ୍ଚାରଣକୁହିଁ ବିଚାର କରିବାକୁ ହେବ । ଦୀର୍ଘଈ; ଦୀର୍ଘ ଊ, ଋ, ଌ, ୡ, ଐ, ଔ, ଓଡ଼ିଆ ଭାଷାର ସ୍ୱରଧ୍ୱନି ନୁହନ୍ତି । ସେହିପରି ବ୍ୟଞ୍ଜନ ଧ୍ୱନି 'ଜ' 'ଯ' ମଧ୍ୟରୁ 'ଜ'; 'ସ', 'ଶ' 'ଷ' ମଧ୍ୟରୁ 'ସ'; ଯୁକ୍ତବ୍ୟଞ୍ଜନ 'କ୍ଷ' ପରିବର୍ତ୍ତେ 'ଖ୍ୟ' ଏବଂ 'ଜ୍ଞ' ପରିବର୍ତ୍ତେ 'ଗଁ୍ୟ' ଓଡ଼ିଆ ଧ୍ୱନିତତ୍ତ୍ୱ ଦୃଷ୍ଟିରୁ ଗ୍ରହଣୀୟ ।

—※—

ଅଧ୍ୟାପକ, ସାମନ୍ତ ଚନ୍ଦ୍ରଶେଖର କଲେଜ

ମୁଁ ଗତ ମାର୍ଚ୍ଚ, ଅପ୍ରେଲ, ମେ, ଜୁନ ମଧ୍ୟରେ ହଜାରିବାଗ ଜେଲରେ ଥିବାବେଳେ ଇଂରେଜ କବି ଟେନିସନଙ୍କର 'ଇନକ ଆଡେନ୍' କାବ୍ୟ ପଢୁଥିଲି । ହଠାତ ମନେହେଲା, ସମସ୍ତ ରାତି ଏକାକୀ ବନ୍ଦ ହେବାବେଳେ କିଛି ଲେଖିବାର ଆରଂଭ କଲେ, କାଳ କଟିଯିବ । ତେଣୁ ସେହି ଇନକ ଆଡେନ୍ ଆଶ୍ରୟରେ 'ଦାସ ନାଏକ' ବୋଲି ଏ କାବ୍ୟଟି ଲେଖିଲି ।

ସାଧାରଣ ଲୋକେ ବୁଝିବା ଭଳି ଭାଷା ତଥା ଭାବରେ କାବ୍ୟ ଏବେ ଲେଖି ହେବ କି/ନା ଏ କଥା ବହୁ ଦିନରୁ ବିଚାରୁଥିଲି । ସେଥିପାଇଁ ସାଧାରଣ ଘରୋଇ ଭାଷାରେ ଏହାକୁ ଲେଖିଛି । ଘରୋଇ ଭାଷାରେ ଚଳୁଥିବା ଶବ୍ଦର ସଂଖ୍ୟା ଏବେ ମଧ୍ୟ ବଡ ଅଳ୍ପ । ସେ ଅଳ୍ପତା ବ୍ୟବହାରର ପ୍ରାସଂଗିକ ମାଧୁର୍ଯ୍ୟରେ କିପରି ଆଚ୍ଛାଦିତ ହୋଇ ପାରିଛି, ତାହା ପାଠକମାନେ ଦେଖିବେ । ମୋର ସେଥିରେ କହିବାର କିଛି ନାଇ ।

(ଦାସ ନାଏକର ଭୂମିକା)

ନୀଳକଂଠ ଦାସ

ତା ୨୫ । ୯ । ୧୯୨୩

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ ଓ ଓଡ଼ିଆ ବ୍ୟାକରଣ ପଦ ବିଚାର

ଉପେନ୍ଦ୍ର ପ୍ରସାଦ ଦଳାଇ

ପଣ୍ଡିତ ନୀଳକଂଠ ଥିଲେ ଏକାଧାରରେ ବାଗ୍ମୀ, କବି, ପ୍ରାବଂଧିକ, ବେଦାନ୍ତବାଦୀ, ସଂସ୍କାରକ ଏବଂ ଓଡ଼ିଆ ସାହିତ୍ୟର ଇତିହାସ ଲେଖକ । ପ୍ରକୃତ ଅର୍ଥରେ ସେ ଜଣେ ଭାଷାବିତ୍ ବା ବ୍ୟାକରଣକାର ନଥିଲେ । ମାତ୍ର ଭାଷା ଓ ବ୍ୟାକରଣ ସଂବଂଧରେ ଥିବା ତାଂକର ଜ୍ଞାନ ତଥା ତାଂକ ବିଶ୍ଳେଷଣାତ୍ମକ ଦୃଷ୍ଟିଭଂଗୀ ତାଂକୁ ଅନ୍ୟ ଭାଷାବିତ୍ ବା ବ୍ୟାକରଣକାରଂକଠାରୁ କୌଣସି ଗୁଣରେ ନ୍ୟୂନ କରି ନ ଦେଖାଇ ଜଣେ ଉତ୍ତୁଂଗ ଭାଷାବିତ୍ ରୂପେ ପ୍ରତିପାଦନ କରିଥାଏ ।

ସତ୍ୟବାଦୀ ଯୁଗର ସାଧକମାନେ ଗଣ ବା ଜନ ସାଧାରଣଙ୍କର କଥିତ ଭାଷାକୁ ଏକ ମର୍ଯ୍ୟାଦା ପୂର୍ଣ୍ଣ ସ୍ଥାନ ଦେଉଥିଲେ । ଏ ସଂପର୍କରେ ସତ୍ୟବାଦୀ ଯୁଗର ନେତୃତ୍ୱ ଗ୍ରହଣ କରିଥିବା ପଂଡିତ ଗୋପବଂଧୁଙ୍କର ଅଭିମତଟି ଉଦ୍ଧାର କଲେ ସତ୍ୟବାଦୀ ଗୋଷ୍ଠୀଙ୍କର ଓଡ଼ିଆ ଭାଷା ପ୍ରତି କି ଦୃଷ୍ଟିଭଂଗୀ ଥିଲା, ତାହା ସହଜରେ ଜାଣିହେବ । "ପଲ୍ଲୀର ଓଡ଼ିଆ ଯେଉଁ ଭାଷା ବୁଝେ ତାହାହିଁ ଯଥାର୍ଥ ଓଡ଼ିଆ ଭାଷା । ଯେଉଁ ଦେଶ ବା ଜାତିର ଭାଷା ଓ ସାହିତ୍ୟ ଯେତିକି ଉନ୍ନତ, ମାର୍ଜିତ, ବିକଶିତ ଓ ବହୁମୁଖୀ ଜ୍ଞାନ ଗବେଷଣା ପୂର୍ଣ୍ଣ ତଥ୍ୟଗତ ଭାବ ସମ୍ବଳିତ, ସେ ଜାତିର ଯୋଗ୍ୟତା ସେହି ପରିମାଣରେ ପରିସ୍ଫୁଟ, ସେ ଜାତିର କଳ୍ପନା ଓ ଚିନ୍ତା ସେହି ପରିମାଣରେ ଅଗ୍ରଗାମୀ । ତେଣୁ ଜାତି ଗଢ଼ିବାକୁ ହେଲେ ଭାଷା ଓ ସାହିତ୍ୟକୁ ଗଢ଼ିବାକୁ ହେବ ।" ପୁନଶ୍ଚ "ସାଧାରଣ ଓଡ଼ିଆ ଲୋକେ ବହୁ ସଂଖ୍ୟାରେ ନିରକ୍ଷର, ଯେଉଁମାନେ ବା ସାକ୍ଷର, ସେମାନେ ସେହି ପୁରାତନ ମୌଳିକ ଭାଷା ବୁଝନ୍ତି । ତେଣୁ ବିଷୟକୁ ସେମାନଙ୍କର ବୋଧଗମ୍ୟ କରେଇବା ପାଇଁ ଯେତେଦୂର ସମ୍ଭବ ଭାଷାର ଅଭିବ୍ୟକ୍ତି ହେବା ଉଚିତ ।"

Digitized by PPRACHIN, SOA

ପଲ୍ଲୀର ଜନ ସାଧାରଣଙ୍କ ଭାଷାକୁ କପରି ସମ୍ମାନ ଦିଆଯାଇପାରେ ଗୋପବନ୍ଧୁଙ୍କର ଉପରୋକ୍ତ ଉକ୍ତି ଗୁଡ଼ିକ ତାହାର ପ୍ରକୃଷ୍ଟ ଉଦାହରଣ । ପଣ୍ଡିତ ନୀଳକଣ୍ଠ ଗୋପବନ୍ଧୁଙ୍କର ଏହି ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଆ ଭାଷା ଓ ବ୍ୟାକରଣକୁ ତାଙ୍କର ନିଜସ୍ୱ ମୌଳିକ ପ୍ରବୃତ୍ତି ଦୃଷ୍ଟିରୁ ବିଗ୍ରହ କରିଛନ୍ତି ।

## ଲିପି ସଂସ୍କାର—

ପ୍ରଥମତଃ ଓଡ଼ିଆ ଭାଷାର ଲିପି ସଂପର୍କରେ 'ସତ୍ୟବାଦୀ', 'ନବଭାରତ' ଏବଂ 'ଝଙ୍କାର' ଇତ୍ୟାଦି ପତ୍ର ପତ୍ରିକାରେ ନିଜର ମତାମତ ପ୍ରକାଶ କରି ଏଥିରେ ଥିବା ବିଭିନ୍ନ ତ୍ରୁଟିର ନିରାକରଣ କରିବାପାଇଁ ପଣ୍ଡିତ ନୀଳକଣ୍ଠଙ୍କ ଆହ୍ୱାନ ତାଙ୍କର ବୈଜ୍ଞାନିକ ଦୃଷ୍ଟି ଭଂଗୀର ପରିଚୟ ଦିଏ । ବିଶେଷ କରି ପ୍ରତ୍ୟେକ ବର୍ଗର ୫ମ ବର୍ଣ୍ଣକୁ ଅନୁସ୍ୱାର ମାଧ୍ୟମରେ ପ୍ରକାଶ କରିବା ଶ, ଷ, ଏବଂ ସ ମଧ୍ୟରୁ କେବଳ 'ସ'କୁ ଗ୍ରହଣ କରି ଅନ୍ୟ ଗୁଡ଼ିକୁ ଓଡ଼ିଆ ବର୍ଣ୍ଣ-ମାଳାରୁ ବାଦ୍ ଦେବା, ଜ ଏବଂ ଯ ମଧ୍ୟରେ ଏବଂ ବ ଓ ୱ ମଧ୍ୟରେ ପାର୍ଥକ୍ୟ ଜାଣିବା, ଓଡ଼ିଆ ଅକ୍ଷର ବିନ୍ୟାସରେ ସଂସ୍କୃତର ଅନୁବୃତ୍ତିକୁ ଗ୍ରହଣ ନ କରିବା ଏବଂ ସର୍ବୋପରି ଓଡ଼ିଆ ଲୋକମାନଙ୍କର କଥିତ ଭାଷା ଅନୁସାରେ ଲିଖିତ ଭାଷାର ଆମୂଳ ପରିବର୍ତ୍ତନ କରିବା ଇତ୍ୟାଦି ଯୁକ୍ତି ଗୁଡ଼ିକ ତାଙ୍କର ଓଡ଼ିଆ ଲିପି ସଂସ୍କାର ସଂପର୍କରେ ସୂଚନା ଦିଏ । 'ନବ ଭାରତ' ପତ୍ରିକା ୬ଷ୍ଠ ବର୍ଷ ୧ମ ସଂଖ୍ୟାରେ "ଓଡ଼ିଆ ବର୍ଣ୍ଣର ଶୁଦ୍ଧାଶୁଦ୍ଧ ବିଗ୍ରହ" ଶୀର୍ଷକ ଲେଖାରେ ପଣ୍ଡିତ ନୀଳକଣ୍ଠ ଏ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ତାଙ୍କର ଏ ଯୁକ୍ତିଗୁଡ଼ିକର ବାସ୍ତବତା ଉପଲବ୍‌ଧି କରି ତତ୍‌କାଳୀନ ଓଡ଼ିଶା ସରକାର ପଣ୍ଡିତ ନୀଳକଣ୍ଠଙ୍କ ଅଧ୍ୟକ୍ଷତାରେ ଏକ ଲିପି ସଂସ୍କାର କମିଟି ଗଠନ କରିଥିଲେ ।

## ଓଡ଼ିଆ ଭାଷା, ସାହିତ୍ୟ ଓ ବ୍ୟାକରଣ :—

ନୀଳକଣ୍ଠଙ୍କ ଓଡ଼ିଆ ଭାଷା ଓ ସାହିତ୍ୟ, ଓଡ଼ିଆ ଭାଷା ଓ ବ୍ୟାକରଣ, ଓଡ଼ିଆ ବ୍ୟାକରଣର କେତୋଟି ସମସ୍ୟା, ଗୋପୀନାଥ ନନ୍ଦଙ୍କ ଓଡ଼ିଆ ଭାଷାତତ୍ତ୍ୱ ପୁସ୍ତକର ମୁଖବନ୍ଧ ଏବଂ ଏତଦ୍ ବ୍ୟତୀତ ବିଭିନ୍ନ ପତ୍ର ପତ୍ରିକାରେ ଓଡ଼ିଆ ଭାଷା ସଂପର୍କିତ ଆଲୋଚନା ଇତ୍ୟାଦି ତାଙ୍କର ଓଡ଼ିଆ ବ୍ୟାକରଣ ଜ୍ଞାନର

Digitized by PPRACHIN, SOA

ପରିଚାୟକ । ଓଡ଼ିଆ ଭାଷା ଓ ବ୍ୟାକରଣ ('ନବ ଭାରତ' ଫେବୃୟାରୀ, ୧୯୪୦) ଶୀର୍ଷକ ଲେଖାରେ ନିଜର ମତାମତ ଦେଇ ପଣ୍ଡିତ ନୀଳକଂଠ କହିଛନ୍ତି—"ବ୍ୟାକରଣରୁ ଭାଷା ହୁଏ ନାହିଁ । ବ୍ୟାକରଣରୁ ଯେଉଁ ଭାଷା ହୁଏ, ତାହା ଚଳିତ ଭାଷା ନୁହେଁ, ତାକୁ କହନ୍ତି ମୃତ ଭାଷା । *ଓଡ଼ିଆ ଭାଷାକୁ ଅତିଶୀଘ୍ର ଜୀବନ୍ତ ଓ ସ୍ୱାଧୀନ କରିବା ଉଚିତ୍ । ସେହି ଦୃଷ୍ଟିରୁ ବ୍ୟାକରଣ ଲେଖା ଆଦୌ କର୍ତ୍ତବ୍ୟ ।" ତାଙ୍କ ମତରେ ଓଡ଼ିଆ ଭାଷାର ବ୍ୟାକରଣ ସଂସ୍କୃତାନୁସାରୀ ନ ହୋଇ ନିଜର ପ୍ରବୃତ୍ତି ବା ପ୍ରକୃତି ଅନୁଯାୟୀ ହେବା ଉଚିତ ଏବଂ ଏହି ଦୃଷ୍ଟିରୁ ନୂତନ ଭାବରେ ଓଡ଼ିଆ ବ୍ୟାକରଣ ଲେଖା ଯିବା ଉଚିତ । ସେ ଓଡ଼ିଆ ବ୍ୟାକରଣର କେତୋଟି ସମସ୍ୟା ଆଲୋଚନା କରି ଅନୁରୂପ ମତ ପ୍ରଦାନ କରିବା ସଂଗେ ସଂଗେ ଓଡ଼ିଆ ଭାଷାର ଜୀବନ ସ୍ପନ୍ଦନ ଏବଂ ପ୍ରାକୃତିକ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । କାରଣ' ଭାଷାକୁ କୃତ୍ରିମ କରି ଶିଖାଇଲେ ଜୀବନ ବିକାଶକୁ ଦୃଷ୍ଟି ଯିବ ନାହିଁ । ତେଣୁ ଜନମୁଖର ଭାଷାକୁ ଆଶ୍ରୟ କରି ସେହି ଧାରାରେ ବ୍ୟାକରଣ ଲେଖିଲେ ଓଡ଼ିଆ ଭାଷାର ଯଥାର୍ଥ ସ୍ୱରୂପ ଉଦ୍‌ଘାଟିତ ହୋଇ ପାରିବ ବୋଲି ସେ ଦୃଢ଼ ଯୁକ୍ତି ବାଢ଼ିଛନ୍ତି ।

## ଭାଷାର ସ୍ୱାତନ୍ତ୍ର୍ୟ ଓ ଭାଷାର ସାର୍ବଜନୀନତା—

ପଣ୍ଡିତ ନୀଳକଂଠ ଓଡ଼ିଆ ବ୍ୟାକରଣ ଆଲୋଚନା ପ୍ରସଙ୍ଗରେ ଓଡ଼ିଆ ଭାଷା ବିକାଶର ଦୁଇଟି ଦିଗ ସମ୍ପର୍କରେ ସୂଚନା ଦେଇଛନ୍ତି । ଯଥା :— ଭାଷାର ସ୍ୱାତନ୍ତ୍ର୍ୟ ଏବଂ ଭାଷାର ସାର୍ବଜନୀନତା । ପ୍ରଥମଟି ଭାଷାର ନିଜସ୍ୱ ମୌଳିକ ପ୍ରବୃତ୍ତିର ସ୍ୱତଃ ବିକାଶ ଏବଂ ଦ୍ୱିତୀୟଟି ଅନ୍ୟାନ୍ୟ ଭାଷା ସହ ସଂସ୍ପର୍ଶ ଜନିତ ବିକାଶ । ସାର୍ବଜନୀନତା ପ୍ରତି ଦୃଷ୍ଟି ନଦେଲେ ଭାଷା ଗ୍ରାମ୍ୟ ହୁଏ । ଠିକ୍ ସେହିପରି ସାର୍ବଜନୀନତା ଦେଖିବାରେ ଅତି-ବିସ୍ମୃତ ହେଲେ ଭାଷା କୃତ୍ରିମ ହୁଏ । ତେଣୁ ଭାଷାର ଏ ୨ଟି ଦିଗ ପ୍ରତି ଦୃଷ୍ଟି ଦେଇ ଭାଷାର ବିକାଶ ଘଟାଇବାକୁ ପଡ଼ିବ ବୋଲି ସେ ନିଜସ୍ୱ ମତ ପ୍ରଦାନ କରିଛନ୍ତି ।

---

* ୧୯୫୮ରେ ପ୍ରକାଶିତ 'ଓଡ଼ିଆ ଭାଷା ଓ ସାହିତ୍ୟ' ପୁସ୍ତକରେ 'ମାତୃଭାଷା'ର ମୁଦ୍ରଣ ପ୍ରମାଦକୁ ନୀଳକଂଠ ନିଜେ ସ୍ୱହସ୍ତରେ 'ମୃତଭାଷା' ବୋଲି ସଂଶୋଧନ କରିଛନ୍ତି ।

Digitized by PPRACHIN, SOA

ପଂଡିତ ଗୋପୀନାଥ ନନ୍ଦ ଓଡ଼ିଆ ଭାଷାର କେତେକ ସ୍ୱାତନ୍ତ୍ୟ ଦର୍ଶାଇ ତତ୍‌କାଳୀନ ରାଜନୀତିକ ତଥା ଅନ୍ୟାନ୍ୟ ବିବଦମାନ ଉପଦ୍ରବରୁ ଓଡ଼ିଆ ଭାଷାକୁ ରକ୍ଷା କରିଥିବାରୁ ପଂଡ଼ିତ ନୀଳକଂଠ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି । କାରଣ ସେ ସମୟରେ କେତେକ ସାହିତ୍ୟସେବୀ ଓଡ଼ିଆ ଭାଷାକୁ ଏକ ରାଜନୈତିକ ରଂଗ ଦେଇ ବିଗ୍ରହ କରାଯାଉଥିବାରେ ବିବ୍ରତ ହୋଇ ସଂସ୍କୃତ ଭାଷାର ବଂଶାବଳୀ ମଧ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାର ଅନୁସନ୍ଧାନ କରିବାକୁ ଯାଇ ଓଡ଼ିଆ ଭାଷାର ଯଥାର୍ଥ ଶିଷ୍ଟ ପ୍ରୟୋଗମାନଙ୍କୁ ସଂସ୍କୃତର କୃତ୍ରିମ ନିକଷରେ କଷି ତାକୁ ଅଶୁଦ୍ଧ କହିବାକୁ ଆରମ୍ଭ କରିଥିଲେ । ଶ୍ରୀଯୁକ୍ତ ଗୋପୀନାଥ ନନ୍ଦ ଏବଂ ପଂଡିତ ନୀଳକଂଠ ଏ ସବୁର ବିରୋଧୀ ଥିଲେ ।

ଓଡ଼ିଆ ଭାଷା ତଥା ବ୍ୟାକରଣର ସ୍ୱାତନ୍ତ୍ୟ ବିଷୟ ଚଳିତ ଓଡ଼ିଆ ଭାଷାର ବିଭିନ୍ନ ଉପାଦାନ ଗୁଡ଼ିକର ସ୍ୱାଧୀନ ଓ ସାଧୁ ପରିଶୀଳନ ଉପରେ ନିର୍ଭର କରେ । ଏହି ଚଳିତ ଓଡ଼ିଆ ଭାଷାର ସାଧୁ ଓ ଗ୍ରାମ୍ୟ—ଦ୍ୱିବିଧ ରୂପକୁ ନେଇ ପଂଡ଼ିତ ନୀଳକଣ୍ଠ ଓଡ଼ିଆ ବ୍ୟାକରଣ ଆଲୋଚନା କରିଛନ୍ତି ।

### ଓଡ଼ିଆ ସାଧୁ ଶବ୍ଦ—

ସାଧାରଣତଃ କେତେକ ଲୋକ ଓଡ଼ିଆରେ ପ୍ରଚଳିତ ସଂସ୍କୃତର ଅବିକୃତ ରୂପକୁ ଓଡ଼ିଆ 'ସାଧୁ' ଶବ୍ଦ ନାମରେ ଅଭିହିତ କରିଥାଆନ୍ତି । ମାତ୍ର ଏହା ଠିକ୍ ନୁହେଁ । ଶ୍ରୀଯୁକ୍ତ ଗୋପୀନାଥ ନନ୍ଦଙ୍କ ମତକୁ ସମର୍ଥନ ଜଣାଇ ପଂଡ଼ିତ ନୀଳକଂଠ ଏହି ତଥାକଥିତ ଶବ୍ଦକୁ ସାଧୁ ଓଡ଼ିଆ ରୂପେ ଗ୍ରହଣ ନକରି ସଂସ୍କୃତ ଶବ୍ଦ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ।

ଏ ସମ୍ପର୍କରେ ପଂଡ଼ିତ ନୀଳକଂଠଙ୍କ ଉଦାହରଣଟି ଏଠାରେ ପ୍ରଣିଧାନ ଯୋଗ୍ୟ :—

ସଂସ୍କୃତର ଏକ ସନ୍ଧି ନିୟମ—ଅ + ଏ = ଐ

ଜନ + ଏକ = ଜନୈକ

ଆର + ଏକ = ଆରୈକ

ପଂଡ଼ିତ ନୀଳକଣ୍ଠଙ୍କ ମତରେ ଏହା ଓଡ଼ିଆ ସାଧୁ ଶବ୍ଦ ନହୋଇ କେବଳ ସଂସ୍କୃତ ଶବ୍ଦ ରୂପେ ଗୃହୀତ ହେବା ବାଞ୍ଛନୀୟ ।

Digitized by PPRACHIN, SOA

ମାତ୍ର ଓଡ଼ିଆ ସନ୍ଧି ନିୟମାନୁସାରେ—ଅ+ଏ=ଏ ହୁଏ ।

ଯଥା :— ଜଣ + ଏକ = ଜଣେକ

ଆର + ଏକ = ଆରେକ

ଏହା ଓଡ଼ିଆ ସାଧୁ ଶବ୍ଦ । ଏ ଶବ୍ଦ ଦୁଇଟିର ଗ୍ରାମ୍ୟ ରୂପ ଯଥାକ୍ରମେ ଜଣକ ଏବଂ ଆରକ ।

ସେହିପରି ସଂସ୍କୃତର କେତେକ ଶବ୍ଦ ଯଥା :—ପୃଷ୍ଠବେଣ, କର୍ଣ୍ଣମୂଳ ବା କାନମୂଳ, କଂଶ, ମାନ୍ୟ, ପାଶୁ ଇତ୍ୟାଦି ସଂସ୍କୃତ ଶବ୍ଦ କିନ୍ତୁ ଓଡ଼ିଆରେ ସେଗୁଡ଼ିକର ପ୍ରତିରୂପ ଯଥାକ୍ରମେ ଫୁଲ ଡେମ୍ଫ,କାନମୁଣ୍ଡା, କାଇଁସ, ମାଇନ, ପାଉଁଶ ଇତ୍ୟାଦିକୁ ସାଧୁଶବ୍ଦ ରୂପେ ଗ୍ରହଣ କରିବା ଉଚିତ । ଓଡ଼ିଆ ଭାଷାରେ ଅନ୍ୟାନ୍ୟ ସାଧୁ ଶବ୍ଦର ଉଦାହରଣ ହେଉଛି ପାଉଚ, ଛଇଳ, ଗଠଣ, କାଣିକଉଡ଼ି, ଟେଡି ପଇସା, କୁଳ ବେଙ୍ଗ, କାନ, ପୁଅ, ମାଆ, ପାନ, ପିଢା, ପେଣ୍ଡା ବାଳ, କଳାହାଣ୍ଡିଆ ମେଘ ଇତ୍ୟାଦି । ଏ ଗୁଡ଼ିକରୁ କେତେକ ଓଡ଼ିଆରେ ବିଶେଷ୍ୟ ଅଥବା ବିଶେଷଣ ରୂପେ ବ୍ୟବହୃତ ହୋଇ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ସମ୍ପାଦନ କରିଥାଆନ୍ତି ।

## ସାଧୁ ଓ ଗ୍ରାମ୍ୟ ମଧ୍ୟରେ ପ୍ରଭେଦ—

ପୁନଶ୍ଚ ସାଧୁ ଓ ଗ୍ରାମ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ପଂଡିତ ନୀଳକଂଠ ଓଡ଼ିଆ କ୍ରିୟାର ବିଚାର କରିଛନ୍ତି । 'କୁହାଯାଏ' ଏକ ସାଧୁ ଓଡ଼ିଆ କ୍ରିୟା, ମାତ୍ର "କହାଯାଏ" କ୍ରିୟାରେ ଗ୍ରାମ୍ୟ ଓଡ଼ିଆ ଭାଷାର ସ୍ୱରୂପ ପ୍ରକଟିତ । 'ମୁଁ କରିପାରେ' ବାକ୍ୟଟିର କର୍ମ ବାଚ୍ୟ ହେଉଛି, "ମୋ ହାତେ କରିହୁଏ" ଏହା ସାଧୁ ଓଡ଼ିଆ ଭାଷାର ବୈଭବ । କିନ୍ତୁ ସେହି କର୍ମ ବାଚ୍ୟରେ ଅନ୍ୟ ଏକ ରୂପ ହେଉଛି "ମୋ ଦ୍ୱାରା କରି ପାରିଯାଏ" । ଏହା ସଂସ୍କୃତ ଗ୍ରନ୍ଥରେ ତିଆରି ହେତୁ ଓଡ଼ିଆ ଭାଷାର କୃତ୍ରିମ ରୂପହିଁ ପ୍ରକାଶ କରିଥାଏ ।

ତେଣୁ ପ୍ରଥମଟି ଗ୍ରହଣ କରି ଦ୍ୱିତୀୟଟିକୁ ତ୍ୟାଗ କରିବା ଉଚିତ ।

ଓଡ଼ିଆ ସନ୍ଧି ନିୟମରେ ସ୍ୱର ପରିବର୍ତ୍ତନର ଭୂମିକା ସଂପର୍କରେ ପଂଡିତ ନୀଳକଂଠ କେତେକ ଉଦାହରଣ ଦେଇଛନ୍ତି ।

Digitized by PPRACHIN, SOA

ଗୋଟିଏ ପଦ ବା ଶବ୍ଦ ମଧ୍ୟରେ ପରବର୍ତ୍ତୀ 'ଇ' କମ୍ବା 'ଉ' ପୂର୍ବବର୍ତ୍ତୀ 'ଅ'କୁ 'ଏ' କମ୍ବା 'ଓ'ରେ ପରିଣତ କରେ । ଯଥା:—

ଗୁଣ୍ଡାଇବା > ଗୁଣ୍ଡେଇବା

କଠାଉ > କଠୋଉ

ସେହିପରି ଗୋଟିଏ ଶବ୍ଦ ବା ପଦରେ 'ଅ' କମ୍ବା 'ଇ' ପରେ 'ଆ' ଥିଲେ, 'ଅ' କମ୍ବା 'ଇ' ଠାରେ 'ଉ' ହୁଏ ଯଥା:—

ବଖର > ବଖୁର (ବଖୁରି)

ଖପର > ଖପୁର

ବଗଲ > ବଗୁଲ

ମସିଣା > ମସୁଣି

ତେଲିଆ > ତେଲୁଣି

ଏଠାରେ ମୂଳ ଶବ୍ଦ ବା ପଦ ଗୁଡିକ ସାଧୁ ଶବ୍ଦ ରୂପେ ଗ୍ରହଣ କରି ସେଗୁଡିକରୁ ସୃଷ୍ଟ ଶବ୍ଦ ଗୁଡିକୁ ଗ୍ରାମ୍ୟ ଶବ୍ଦ ରୂପେ ଗ୍ରହଣ କରିବାକୁ ପଂଡିତ ନୀଳକଂଠ ପରାମର୍ଶ ଦେଇଛନ୍ତି ।

ପୁଣି ଅନ୍ୟ ଏକ ଦୃଷ୍ଟିରୁ ବଖୁରି, ଖପୁରି, ବଗୁଲି, ମସୁଣି, ତେଲୁଣି ଇତ୍ୟାଦି ଶବ୍ଦ ଶେଷରେ ଥିବା ଇ-ପ୍ରତ୍ୟୟଟି ଏଠାରେ କ୍ଷୁଦ୍ରାର୍ଥକ ଅଟେ । ସେହିପରି କେତେକ ଶବ୍ଦ ଯଥା ଚଇତୁଣି, ସାଆଁତାଣି, ଧରଣି; ଝାଡୁଣି ଇତ୍ୟାଦିରେ ଥିବା ଉଣି, ଆଣି, ଣି ପ୍ରତ୍ୟୟ ଗୁଡିକର ଅର୍ଥ ଭେଦରେ ବିଭିନ୍ନ ପ୍ରୟୋଗ ଏବଂ କଳଥିଁନା, ଚୋଂଚଡା, ନେବାଳ ଇତ୍ୟାଦି ଶବ୍ଦ ଗୁଡିକରେ ବର୍ଣ୍ଣର ଦ୍ୱିତ୍ୱ ଉପରେ ଆଲୋଚନା ହେବା ଏକାନ୍ତ ଆବଶ୍ୟକ ବୋଲି ପଣ୍ଡିତ ନୀଳକଂଠ ମତ ପ୍ରକାଶ କରିଛନ୍ତି ।

କେତେକ ଓଡିଆ ଶବ୍ଦର ବର୍ଣ୍ଣ ବିପର୍ଯ୍ୟାସ ବା ବର୍ଣ୍ଣ ବିପର୍ଯ୍ୟୟର ସୂଚନା ଯଥା:—

ବେମାରି > ବେରମି

ମଳଆ > ମଇଳା

ଏବଂ ସ୍ୱର ଭେଦରେ ଶବ୍ଦର ଅର୍ଥଗତ ପରିବର୍ତ୍ତନ ଯଥା:— 'ଭଲ' ଏବଂ 'ଭୋଲ' ଇତ୍ୟାଦି ଉଦାହରଣ ଗୁଡ଼ିକ ଦର୍ଶାଇ ପଣ୍ଡିତ ନୀଳକଂଠ ନିଜର ଭାଷାତାତ୍ତ୍ୱିକ ଜ୍ଞାନର ପରିଚୟ ଦେଇଛନ୍ତି ।

Digitized by PPRACHIN, SOA

## କାରକ ଓ ବିଭକ୍ତି—

ଚଳିତ ଭାଷାର କାରକ ଓ ବିଭକ୍ତି ସମ୍ପର୍କରେ ନୀଳକଣ୍ଠଙ୍କ ଯୁକ୍ତି ଗୁଡ଼ିକ ତାତ୍ପର୍ଯ୍ୟ ପୂର୍ଣ୍ଣ ଅଟେ । କର୍ମ ଓ ସଂପ୍ରଦାନର ବିଶେଷ ବିଧି, ଦ୍ୱିତୀୟା ଏବଂ ଚତୁର୍ଥୀ ବିଭକ୍ତିର ପ୍ରୟୋଗ, ସର୍ବବ୍ୟାପକ ଷଷ୍ଠୀ ବିଭକ୍ତିର ତାତ୍ତ୍ୱିକ ଆଲୋଚନା କରି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ବ୍ୟାକରଣରେ ବିଭକ୍ତି ପ୍ରତ୍ୟୟ ଗୁଡ଼ିକର ଭୂମିକା ଦର୍ଶାଇଛନ୍ତି । ଓଡ଼ିଆରେ କୌଣସି ବିଶେଷ୍ୟ ପଦର ଶେଷରେ ଷଷ୍ଠୀ ବିଭକ୍ତି ଥାଇ ଅନ୍ୟାନ୍ୟ ବିଭକ୍ତି ପ୍ରତ୍ୟୟର ଯୋଗ କରିଯାଇଁ ଶବ୍ଦମାନ ସୃଷ୍ଟି କରାଯାଏ । ଉଦାହରଣ ସ୍ୱରୂପ:— ରାମଠାକୁ (ରାମର ସ୍ଥାନକୁ), ଘର ଆଡ଼କୁ (ଘରର ଆଡ଼କୁ), ହରିଦ୍ୱାରା (ହରିର ଦ୍ୱାରା), ମଧୁ ପାଇଁ) ମଧୁର ପାଇଁ ମୋ ପାଇଁ (ମୋର ପାଇଁ) ଇତ୍ୟାଦି । ପୁଣି ଦ୍ୱିତୀୟା ବିଭକ୍ତି 'କୁ' କର୍ମ କାରକର ଚିହ୍ନ କି ନାହିଁ ଏବଂ ଠାରେ, ଠାକୁ, ଠୁଁ ଠୁଁ ଠିକ, ଇତ୍ୟାଦି ଅବ୍ୟୟ ପଦ କି ବିଭକ୍ତି ପ୍ରତ୍ୟୟ— ଏ ସଂପର୍କରେ ସର୍ବାଦୌ ଆଲୋଚନା ଆବଶ୍ୟକ । କାରଣ 'ଠା, କୁ ଆସ' "ଠାଆରୁ ଉଠ" "ଠାଆରେ ବସ" ଇତ୍ୟାଦିରେ ଥିବା ଠାଆକୁ, ଠାଆରୁ ଏବଂ ଠାଆରେ ସଂପୂର୍ଣ୍ଣ ବିଭକ୍ତି ନୁହେଁ । ଏହିପରି ବିଭିନ୍ନ ପ୍ରକାର ଜଟିଳତା କାରକ ଏବଂ ବିଭକ୍ତି ଆଲୋଚନା ବେଳେ ଦେଖାଦେଇପାରେ । ନୀଳକଣ୍ଠ ଏ ଗୁଡ଼ିକର ବିଶେଷ ଆଲୋଚନା ପାଇଁ ଆହ୍ୱାନ ଜଣାଇଛନ୍ତି । ଏ ବିଷୟରେ ତାଙ୍କର ଓଡ଼ିଆ ବ୍ୟାକରଣ ନାମକ ଏକ ପୁସ୍ତକରେ ବିଶଦ ଭାବରେ ଆଲୋଚନା କରିଥିଲେ ମଧ୍ୟ ତତ୍କାଳୀନ ଟ୍ରେନିଂ ସ୍କୁଲର ଗୁରୁମାନେ ଏ ବିଷୟଟିର ଗୁରୁତ୍ୱ ବୁଝି ନ ପାରିବାରୁ ନୀଳକଣ୍ଠ କ୍ଷୋଭ ପ୍ରକାଶ କରିଥିଲେ ।

## କ୍ରିୟାର ପ୍ରକୃତି ଓ କାଳ:—

ଓଡ଼ିଆ କ୍ରିୟାର ପ୍ରକୃତି ସଂପର୍କରେ ପଣ୍ଡିତ ନୀଳକଣ୍ଠ ମଧ୍ୟ କେତେକ ଆଲୋଚନା କରିଛନ୍ତି । ଫୋପାଡ଼ିବା, ଧଂଦାଳିବା, ଢୁଂଗୁଳେଇବା, ବୋବାଇବା, ଗ୍ରେବାଇବା, ଛୁଆଡ଼ିବା, ବିଗାଡ଼ିବା କ୍ରିୟା ସମୂହର ଜଟିଳ ତତ୍ତ୍ୱକୁ ଉପଯୁକ୍ତ ଭାବେ ଅନୁଶୀଳନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ନୀଳକଣ୍ଠ ଏକଦା ସମ୍ବଲପୁରରେ ଥିବା ସମୟରେ "ସେବା" ନାମକ ଏକ ମାସିକ ପତ୍ରିକା ସଂପାଦନା କାମରେ ଓଡ଼ିଆ ବ୍ୟାକରଣ ସଂପର୍କରେ କେତେକ କଥା ଲେଖିଥିଲେ, ଏବଂ ପରେ ସତ୍ୟବାଦୀ ସ୍କୁଲରେ ଶିକ୍ଷକ

Digitized by PPRACHIN, SOA

ଭାବେ ଯୋଗଦାନ କରି ଓଡ଼ିଆ ବ୍ୟାକରଣ ପଢ଼ାଇବା ପାଇଁ ସେଗୁଡ଼ିକୁ ଏକତ୍ର କରି ଯେଉଁ ନୋଟ୍ ପ୍ରସ୍ତୁତ କରିଥିଲେ ତାହା ପରବର୍ତ୍ତୀ ସମୟରେ "ଓଡ଼ିଆ ବ୍ୟାକରଣ" ନାମକ ଏକ ପୁସ୍ତକରେ ପ୍ରକାଶିତ ହୋଇଥିଲା । ଏଥିରେ ସେ ଓଡ଼ିଆ କ୍ରିୟାର କାଳ ନିରୂପଣ ସଂପର୍କରେ କେତେକ ଆଲୋଚନା କରିଥିଲେ । ତାଙ୍କ ମତରେ ଓଡ଼ିଆ କ୍ରିୟାର ୫ଟି କାଳ ଏବଂ ପ୍ରତ୍ୟେକ କାଳର ୩ଟି ଲେଖାଏଁ ଭାବ (mood) ଅଛି । ଯଥା:—

ବର୍ତ୍ତମାନ – ମୁଁ କରେ, ମୁଁ କରୁଥାଏ, ମୁଁ କରିଥାଏ ।
ଅତୀତ— ମୁଁ କଲି, ମୁଁ କରୁଥିଲି, ମୁଁ କରିଥିଲି
ଭବିଷ୍ୟତ – ମୁଁ କରିବି, ମୁଁ କରୁଥିବି, ମୁଁ କରିଥିବି ।
ସଂଭାବନା— ମୁଁ କରନ୍ତି, ମୁଁ କରୁଥାନ୍ତି, ମୁଁ କରିଥାନ୍ତି
ଅନୁଜ୍ଞା— ମୁଁ କରେ, ମୁଁ କରୁଥାଏ

ଏ ସବୁ ଗୁଡ଼ିକର ବିଚାର କରି ଓଡ଼ିଆ କ୍ରିୟା ପଦ୍ଧତି ସଂପର୍କରେ କେତେକ ଦିଗ୍ ଦର୍ଶନ ସେ ଦେଇଛନ୍ତି ।

## ଭାଷାର ସାର୍ବଜନୀନତା —

ଭାଷାର ସାର୍ବଜନୀନତା ସଂପର୍କରେ ନୀଳକଂଠଙ୍କ ଯୁକ୍ତି ମଧ୍ୟ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ତାଙ୍କ ମତରେ ଗୋଟିଏ ଭାଷାର ସାର୍ବଜନୀନତା ତାର ଅନ୍ୟାନ୍ୟ ଭାଷା ସହ ସଂପର୍କ ଉପରେ ନିର୍ଭର କରେ । ଏହା ନ ହେଲେ ଭାଷା ରକ୍ଷଣଶୀଳତା ଦୋଷରେ ଦୁଷ୍ଟ ହେବ । ତେଣୁ ଭାଷା ରାଜ୍ୟରେ ଆଦାନ ପ୍ରଦାନ ବା ଆହରଣଧର୍ମିତାକୁ ଗ୍ରହଣ କରିବାକୁ ପଡ଼ିବ । ପଣ୍ଡିତ ନୀଳକଂଠ ଗଂଜାମ ଓଡ଼ିଆରେ ତେଲୁଗୁ ଭାଷାର ଏବଂ ବାଲେଶ୍ୱର ଅଂଚଳରେ ବ୍ୟବହୃତ ଓଡ଼ିଆରେ ବଙ୍ଗଳାର ପ୍ରଭାବକୁ ଦର୍ଶାଇ କହିଛନ୍ତି ଯେ ଶବ୍ଦର ଆଦାନ ପ୍ରଦାନ ଦ୍ୱାରା ଭାଷାର ପ୍ରକୃତି ବଦଳେ ନାହିଁ । ଏହାର ଉଦାହରଣ ସ୍ୱରୂପ ଓଡ଼ିଆ, ବଙ୍ଗଳା ଏବଂ ହିନ୍ଦି ଇତ୍ୟାଦି ଭାଷା ସମୂହରେ ଦ୍ରାବିଡ, ଯାବନିକ ଏବଂ ଇଂରାଜୀ ଭାଷାର ପ୍ରଭାବ ପରିଦୃଷ୍ଟ । କିନ୍ତୁ ଏହା ସତ୍ତ୍ୱେ ବି ସେଗୁଡ଼ିକ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିପାରିଛନ୍ତି । ଓଡ଼ିଆ ଭାଷା ପ୍ରସଙ୍ଗରେ କୁହାଯାଇପାରେ ଯେ, ଅଧିକାଂଶ ଓଡ଼ିଆ ଶବ୍ଦର ମୂଳ ହେଉଛି ଦ୍ରାବିଡ଼ । ବଡ଼, ସାନ, ପିଲା, ନନା, ମାମୁ, ଅପା ଇତ୍ୟାଦି ଦ୍ରାବିଡମୂଳକ ଶବ୍ଦ.ମାତ୍ର ଏ ସବୁ ଶବ୍ଦର ମୂଳ ପ୍ରକୃତି ହେଉଛି ଓଡ଼ିଆ ଭାଷା (ଆର୍ଯ୍ୟଭାଷା)

Digitized by PPRACHIN, SOA

ଦ୍ରାବିଡ଼ ହୋଇ ନାହିଁ । ସେହିପରି ଯାବନିକ ଶବ୍ଦ ମୌଜା, ମଜ୍‌ଦୁର୍, ଜିଆବ୍, କଲମଦ, ଅଡ୍‌ଭର୍ ଏବଂ ପେନ୍‌ସିଲ୍, କଲ୍, ଟେବୁଲ ଚେୟାର୍ ଇତ୍ୟାଦି ଇଂରାଜୀ ଶବ୍ଦ ଗୁଡ଼ିକର ପ୍ରଚଳନ ଓଡ଼ିଆ ସମେତ ଭାରତୀୟ ଭାଷା ଗୁଡ଼ିକର କଳେବରକୁ ବୃଦ୍ଧି ମନ୍ତ କରିଛି ସତ, କିନ୍ତୁ ଭାରତୀୟ ଭାଷା ଗୁଡ଼ିକର ମୂଳ ପ୍ରକୃତି ସେହିପରି ଅପରିବର୍ତ୍ତନୀୟ ହୋଇ ରହିଛି ।

ପୁନଶ୍ଚ ଭାଷାର ଏହି ଆହାରଣ ପ୍ରକ୍ରିୟାକୁ ଅନ୍ୟ ଏକ ଦୃଷ୍ଟିକୋଣରୁ ମଧ୍ୟ ବିଚାର କରାଯାଇପାରେ । ଯେଉଁଠି ଭାଷାରେ ଆହୃତ ଶବ୍ଦ ବା ପଦ ସେହି ଭାଷାର ମୂଳ ପ୍ରକୃତି ଅନୁସାରେ ପରିବର୍ତ୍ତିତ ହୋଇ ନିଜସ୍ୱ ସଂପଦ ରୂପେ ସ୍ୱୀକୃତି ଲାଭକରିଥାଏ । ମାନଙ୍କଂଙ୍କ ମତରେ ଭାଷା ରାଜ୍ୟରେ ଏ ପ୍ରକାର ପରିବର୍ତ୍ତନର ଧାରା ଅତି ସ୍ୱାଭାବିକ ଏବଂ ଐତିହାସିକ ଦୃଷ୍ଟି କୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ବର୍ତ୍ତମାନର ବ୍ୟବହୃତ ଓଡ଼ିଆ ଭାଷାରୁ କେତେକ ଶବ୍ଦ ସଂଗ୍ରହ କରି ସେଗୁଡ଼ିକ କିପରି ଅନ୍ୟାନ୍ୟ ଭାଷାରୁ ଆହୃତ ହୋଇ ଓଡ଼ିଆ ଭାଷାର ନିଜସ୍ୱ ସଂପଦ ହୋଇ ପାରିଛନ୍ତି, ତାହାର କେତେକ ଉଦାହରଣ ଦେଇଛନ୍ତି ।

**ଉଦାହରଣସ୍ୱରୂପ:—**

### (କ) ଆଦିବାସୀ ଭାଷାର କେତେକ ଶବ୍ଦ

ଚିରଗୁଣୀ < ଚୁରିନ୍ (ମୁଣ୍ଡା)

ରଇ (ଛିଡ଼ାଗିରି) < ରଇ (ଶବର)

ଓଡ଼ :— ଏହା ଆଦିବାସୀ ଭାଷାର ଏକ ଜାତି ବାଚକ ଶବ୍ଦ "ଓରାଂ" (Oraon) ନାମକ ଏକ ଆଦିବାସୀ ନାଁରୁ ଏହା ଆସିପାରିଥାଏ ।

ଅରୁଆ ଉଆ :— ଏହି ଶବ୍ଦ ହୁଏତ ଆଦିବାସୀ ଭାଷାରୁ ଆସିଅଛି ।

ଭୂଇଁଆ :— ଏହା ଦ୍ରାବିଡ଼ କିମ୍ବା ଆଦିବାସୀ ଶବ୍ଦ କହିବା କଷ୍ଟକର । ତେବେ ଭୂମିଜ ନାମକ ଏକ ଆଦିବାସୀ ସଂପ୍ରଦାୟର ଭାଷାରେ ଏହା ଏକ ଜାତିବାଚକ ଶବ୍ଦ ହୋଇପାରେ ।

### (ଖ) ଦ୍ରାବିଡ଼ ଭାଷାର କେତେକ ଶବ୍ଦ :—

କୋଇଲି ଏବଂ ଗୁଣ୍ଡି ଚୁ :— ଏ ୨ଟି ପ୍ରାଚୀନ ଦ୍ରାବିଡ଼ ଶବ୍ଦ । ସେହିପରି ତମଃ (ଅଂଧାର,) ଅପ୍ (ଜଳ), ତୋଟା ଇତ୍ୟାଦି ପ୍ରାଚୀନ ତାମିଲ ଶବ୍ଦ ।

Digitized by PPRACHIN, SOA

ତମଲୁକ୍ ବା ତାମ୍ରଲପ୍ତ <ତାମିଲକୁଟ- ଏହା ଏକ ତାମିଲ ଶବ୍ଦ । ଏଥିରେ ଥିବା "ତାମ୍ର" ଶବ୍ଦ ମୂଳତଃ ସଂସ୍କୃତ ନୁହେଁ । ଦକ୍ଷିଣ ଆମେରିକାରେ ପ୍ରଚଳିତ "ଟୋବାକୋ" ବା "ତବାକୁ" ଶବ୍ଦ ଲୋକ ମୁଖରେ ତମାଖୁ ହୋଇ ପରେ ସଂସ୍କୃତରେ ତାମ୍ରକୁଟ ହୋଇଥିବାର ଅନୁମାନ । ଏତଦ୍‌ବ୍ୟତୀତ ପୂର୍ବରୁ କେତେକ ଦ୍ରାବିଡ ଶବ୍ଦର ଉଦାହରଣ ଦିଆଯାଇଛି ।

## (ଗ) ଅନ୍ୟାନ୍ୟ ଭାଷା ଓ ସଂସ୍କୃତିର ପ୍ରଭାବର ଉତ୍ପନ୍ନ କେତେକ ଶବ୍ଦ :—

ଅସୁର— ପ୍ରାଚୀନ କାଳର ଏସିରିଆ କିମ୍ବା ଗ୍ରୀକ୍ ଶବ୍ଦ ହୋଇପାରେ ।

ମାଆ ବୋଉ:— ଏସିରିଆ ବା ଅସୁର ସାମ୍ରାଜ୍ୟରେ ମାଆର ଅର୍ଥ ପର୍ବତ ବାସିନୀ (ପାର୍ବତୀ) ଏବଂ ସିଂହ ବାହିନୀ ଦେବୀଙ୍କ ଏକ ପରତ୍ୟକ୍ତ ମୂର୍ତ୍ତି । ଓଡିଆରେ ଏହା 'ମାଆ' ଏବଂ 'ବୋଉ' ନାମରେ ବ୍ୟବହୃତ । 'ମାଆ' ଶବ୍ଦ ସଂସ୍କୃତରେ ଉମା ବା ଅମ୍ବା ଏବଂ ଦ୍ରାବିଡ ଭାଷାରେ 'ଆମ୍ମା' ରୂପେ ପ୍ରଚଳିତ । ମାଆ, ଆମ୍ମା, ବୋଉ ଇତ୍ୟାଦି ମାତୃଦେବୀଙ୍କ ନାମ । ଏ ସବୁ ସୁମେରିଆ, ଏସିଆ ମାଇନର ଇତ୍ୟାଦି ଅଂଚଳରୁ ଆସିଅଛି । ପଂଡିତ ନୀଳକଂଠଙ୍କ ମତରେ 'ମାଆ' ଶବ୍ଦ ବୈଦିକ ମାତା ଶବ୍ଦରୁ ନ ଆସି ଏସିରିଆ 'ମାଆ' ଶବ୍ଦରୁ ଆସିଛି ।

ଯୋଗୀ — ପ୍ରଚୀନ ଇଜିପ୍ଟର Scribe ପ୍ରାଚୀନ ବେବିଲୋନ୍‌ର Patesi ପ୍ରାଚୀନ ଇଂଲଣ୍ଡର druid ଏବଂ ପ୍ରାଚୀନ ଗ୍ରୀସ, ବେବିଲୋନ୍ ଏବଂ ଇଜିପ୍ଟର Oracle ପରି ଓଡିଆରେ ଭାଗ୍ୟ ଓ ଭବିଷ୍ୟତ ଗଣନା କରୁଥିବା କିଂବା ଜଣେ ଯୋଗ କରୁଥିବା ବ୍ୟକ୍ତିକୁ ବୁଝାଏ ।

କା',— ଏହା ପ୍ରାଚୀନ ଇଜିପ୍ଟ ଭାଷାର ଏକ ଶବ୍ଦ । ଏହା ଏକ ପ୍ରାଚୀନ ତାମିଲ୍ ଶବ୍ଦ ହୋଇପାରେ । କାରଣ ସୁମେରିଆମାନେ ହେଉଛନ୍ତି ପ୍ରାଚୀନ ତାମିଲ୍ ଜାତି—ଏହି ପ୍ରାଚୀନ ତାମିଲ ଜାତି ଭୂମିବାଟେ ଏବଂ ସମୁଦ୍ର ବାଟେ ଭାରତରୁ ସୁମେରୁ ଯାଇଥିଲେ । ଏମାନେ ପ୍ରାଚୀନ

Digitized by PPRACHIN, SOA

କାଳରେ ସମସ୍ତ ଜୀବନ୍ତ 'ଜି' ବୋଲି ଗୋଟିଏ ଅଦୃଶ୍ୟ ଶକ୍ତିର କଳ୍ପନା କରିଥିଲେ ।

ଏହି ଅଦୃଶ୍ୟ ଶକ୍ତିକୁ ଜୀବ, ଜୀବନ, 'କା' ନାମରେ ନାମିତ କରା-ଯାଇଛି । ପୁନଶ୍ଚ 'ଜୀବ' ଶବ୍ଦଟି ସୁମେରୀୟ କମ୍ବା ତାମିଲ୍ ଶବ୍ଦ ହୋଇ ପାରେ ।

ଜିଣ:— ଏହା କଳିଙ୍ଗ ପ୍ରାକୃତ । ଏହା ସୁମେରୀୟ ଜୀ (Zi) ରୁ ଆସି ପାରିଥାଏ । ଜୈନ ଧର୍ମରେ ଏହାର ଅର୍ଥ ଜୟ କରିବା । ସଂସ୍କୃତ 'ଜୈନ' ଶବ୍ଦ "ଜିତ୍" ଶବ୍ଦରୁ ସୃଷ୍ଟି ନହୋଇ "ଜିତ୍" ରେଉରୁ ସୃଷ୍ଟି ହେବା ସମ୍ଭବ ।

ବିଣ:— ଏହା ପ୍ରାଚୀନ ଇଜିପ୍ଟ ଶବ୍ଦ

ମକର:— ( ଏକ ରାଶି ବା ନକ୍ଷତ୍ର ବିଶେଷ ) — ଏହା କମ୍ଭୀର ଲାଞ୍ଜ ଥିବା ଏକ ପଶୁ । ମାଛ କାଲ୍ଡିଆରେ ଏହା ସମୁଦ୍ର ଦେବ-ତାଙ୍କ ମାଛ ଲାଞ୍ଜ ଥିବା ଏକ ପଶୁ । ଗ୍ରୀକ୍ ଭାଷାରେ ଏହା ଛେଳି (Capricorn) ଅଟେ ।

ରାଇ ରୁଦ୍ର (ଖରା)—ରାଇ (ଶବର ଶବ୍ଦ-ଅର୍ଥ-ରଡାଗ୍ନି)
ରୁଦ୍ର (ସଂସ୍କୃତ ବା ଏସିରୀୟ ଶବ୍ଦ ଅର୍ଥ ଭୀଷଣ ବା ଭୟଙ୍କର)

ସତରଞ୍ଜି:—ଏକ ଯାବନିକ ଶବ୍ଦ । ପାର୍ସୀ— ସତରଂଜ

ଏସବୁ ଦେଶୀ ଓ ବିଦେଶୀ ଶବ୍ଦ ବା ପଦ ଦ୍ୱାରା ଓଡ଼ିଆ ଭାଷାର କଳେବର ବୃଦ୍ଧିମନ୍ତ ହୋଇଛି । ସେହିପରି କେତେ ମାତ୍ରାରେ ଓଡ଼ିଆ ଶବ୍ଦ ମଧ୍ୟ ଅନ୍ୟାନ୍ୟ ଭାଷାକୁ ପ୍ରବେଶ କରିଛି । ଯଥା:—

ସଂସ୍କୃତ ଓଁ କାର <ଓଡ଼ିଆ-'ଓ'-କାର (ପ୍ରାଚୀନ କଳିଙ୍ଗ ଓଡ଼ିଆ)
ବୈଦିକ ସଂସ୍କୃତ ହେ <ଓଡ଼ିଆ—ହେ (ସମ୍ବୋଧନ ସୂଚକ ଅବ୍ୟୟ ପଦ)

ଏତଦ୍ ବ୍ୟତୀତ ଅନଂତ; ଦେବେଶ, ଶୂନ୍ୟ, ହଂସ ଅଷ୍ଟାଙ୍ଗ ଇତ୍ୟାଦି ଶବ୍ଦ ଭାରତର ଅଧ୍ୟାତ୍ମିକ ଜଗତକୁ ଓଡ଼ିଆ ଭାଷାର ମହନୀୟ ଦାନ ବୋଲି ମାଳକଣ୍ଠଙ୍କର ମତ ।

Digitized by PPRACHIN, SOA

ଅନ୍ୟ କେତେକ ଶବ୍ଦର ବ୍ୟୁତ୍ପତ୍ତି କ୍ରମ :—

ନେଡ଼ା ନେଡ଼ୀ < ଲଂଡ଼ା ଲଂଡ଼ୀ

ଲଂଡ଼ା ଲଂଡ଼ୀ—ବୌଦ୍ଧ ଧର୍ମର ଲୁଂଚିତ ମସ୍ତକଧାରୀ ଶ୍ରାବକ ଏବଂ ଶ୍ରାବୀଙ୍କର ନାମ ଅଟେ ।

ମାତ୍ର ପରବର୍ତ୍ତୀ ସମୟରେ ଏହି ଶବ୍ଦଟି ବୈଷ୍ଣବ ଧର୍ମକୁ ପ୍ରବେଶ କରି ତାହା ନେଡ଼ା ନେଡ଼ୀ ରୂପେ ପ୍ରଚଳିତ ହୋଇଛି ।

ସରାକ < ପ୍ରାକୃତ-ସ୍ରାବକ :—

ଜୈନ ଧର୍ମ ଗ୍ରହଣ କରିଥିବା ଯେ କୌଣସି ସାଧାରଣ ଲୋକ । ମାତ୍ର ଏବେ କେଉଁଝରର ଏବଂ ସିଂହଭୂମି ଅଞ୍ଚଳରେ ଥିବା ପରିତ୍ୟକ୍ତ ଗ୍ରାମ୍ୟ ପୁଷ୍କରିଣୀ ଏବଂ କଟକ ଜିଲ୍ଲାର ତିଗିରିଆ ଅଞ୍ଚଳର ଏକ ପ୍ରକାର ବୁଣାକାର (ତନ୍ତୀ) ଜାତିକୁ ବୁଝାଏ ।

## (ଘ) ପୁରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ କେତେକ ଶବ୍ଦ :—

ମାହାରୀ—'ମହାରୀ' ଶବ୍ଦରୁ ଉତ୍ପନ୍ନ । ସିଂହଳରେ ଏହା 'ମହାରାଣୀ' । ଏଥିରୁ ଦକ୍ଷିଣ ଭାରତୀୟ ଦେବଦାସୀ ନୃତ୍ୟ ପରି 'ମାହାରୀ' ଏକ ନୃତ୍ୟ ବିଶେଷ) ଶବ୍ଦର ସୃଷ୍ଟି ।

ନେତ୍ର ପହରି—ଏହାର ମୂଳ ସଂସ୍କୃତ କି ଦ୍ରାବିଡ଼ କହିବା କଷ୍ଟକର । କିନ୍ତୁ ପ୍ରାକୃତ ବା ଅପଭ୍ରଂଶରେ ଥିବା 'ସିକ୍ତ ବହୁକାର' ଶବ୍ଦରୁ ଏହା ଉତ୍ପନ୍ନ ହୋଇ ଥାଇପାରେ । 'ସିକ୍ତ' ଅର୍ଥ ଛିଞ୍ଚିବା ଏବଂ 'ବହୁକାର' ଅର୍ଥ ଓଳାଇବା ବା ପଥ ପରିଷ୍କାର କରିବା ।

କୋଇଲି ବୈକୁଣ୍ଠ—କୋଇଲ ଏକ ଦ୍ରାବିଡ଼ ଶବ୍ଦ ଯାହାର ଅର୍ଥ ଦେବଗୃହ, ଦେଉଳ, ଦେହ ଇତ୍ୟାଦି । 'ବୈକୁଣ୍ଠ' ଅର୍ଥ ଯେଉଁଠାରେ କୁଣ୍ଠ ବା ଘୃଣାନାହିଁ, ଏହା ଏକ ସଂସ୍କୃତ ଶବ୍ଦ ଅଟେ । ଏ ୨ଟିର ମିଶ୍ରଣରେ କୋଇଲି ବୈକୁଣ୍ଠ ଶବ୍ଦର ସୃଷ୍ଟି ହୋଇଛି ।

ନିଯୋଗ (ଖଟିବା)—ଓଡ଼ିଆ ଖଟ୍ ଧାତୁ < ସଂସ୍କୃତ ଖଟ୍ । ଜଗନ୍ନାଥ ମନ୍ଦିରରେ ଏହା ନିଯୋଗ (ନିଯୁକ୍ତ) ଅର୍ଥରେ ପ୍ରଚଳିତ ।

ସଂଖୁଡ଼ି (ଉଚ୍ଛିଷ୍ଟ) :—ଏହା କଳିଙ୍ଗ ଓଡ଼ିଆ ଶବ୍ଦ ପ୍ରଥମେ ଜୈନମାନେ ସେମାନଙ୍କ ମଧ୍ୟରେ ଏହା ବ୍ୟବହାର କରୁଥିଲେ । ପରେ ଜଗନ୍ନାଥ ମନ୍ଦିରରେ ଏହା ପ୍ରଚଳନ କରାଯାଇଛି ।

Digitized by PPRACHIN, SOA

## ବୌଦ୍ଧଗାନ ଓ ଦୋହାର ଭାଷା :—

ପଂଡିତ ନୀଳକଂଠ ବୌଦ୍ଧ ଗାନ ଓ ଦୋହାର ଭାଷା ଆଲୋଚନା କରି ସେଗୁଡ଼ିକ କିପରି ଓଡ଼ିଆ ଭାଷାର ଅଂଶ ତାହା ଦର୍ଶାଇଛନ୍ତି— ( Oriya Language and Culture Pandit Nilakantha Das- the Oriya Historical Journal vol VIII April 1959, Part I PP-32-33, ଫୁଟ୍ ନୋଟ୍ ଦ୍ରଷ୍ଟବ୍ୟ) ।

## 'ଶ', 'ଷ' ଓ 'ସ':—

କେତେକ ଭାଷାବିତ୍ ସ, ଷ, ଶ କୁ କେନ୍ଦ୍ର କରି ୟୁରୋପୀୟ ଭାଷାକୁ ଶାତମ ଏବଂ ସେନ୍ତମ୍ ରୂପେ ବିଭାଗ କରିବା ପରି ଓଡ଼ିଆ ଭାଷାର ସ, ଶ ଏବଂ ଷ କୁ ନେଇ ପଂଡ଼ିତ ନୀଳକଂଠ ଓଡ଼ିଶାକୁ ଦୁଇଟି ଭାଷା ଗୋଷ୍ଠୀରେ ବିଭକ୍ତ କରିଛନ୍ତି ।

ପ୍ରାଚୀନ କଳିଙ୍ଗ ଏବଂ ଉତ୍ତର ଅଂଚଳରେ ଶ, ଷ, ସ ର କେବଳ 'ସ' ରୂପେ ଉଚ୍ଚାରିତ ହୁଏ । ଯଥା ଗୃସ (କୃଷି) । କିନ୍ତୁ ପ୍ରାଚୀନ ଉତ୍କଳ ଖଣ୍ଡରେ ବିଶେଷ କରି ପୂର୍ବ କୋଶଳରେ ତାହା ଗୃଷ ବା ଗୃଶ (ଷ ଏବଂ ଶ) ରୂପେ ଉଚ୍ଚାରିତ ହୁଏ । ଭାଷା ବିତ୍ ମାନଙ୍କ ମତରେତ ।ଲବ୍ୟ-ଶ ପୂର୍ବ ଭାରତରେ ପ୍ରଚଳିତ ମାଗଧୀ ଅପଭ୍ରଂଶର ଏକ ଲକ୍ଷଣ । ଏହି ଭାଷାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଆସାମୀ ବଙ୍ଗଳା, ବାହାରୀ (ମାଗଧୀ, ମୈଥିଳୀ, ଭୋଜ ପୁରୀ) ଏବଂ ଓଡ଼ିଆ ଭାଷାର ସୃଷ୍ଟି । ସେହିପରି ଦନ୍ତ୍ୟ-ସ ଧ୍ୱନି ପଶ୍ଚିମ ଗାଂଗେୟ ଅଂଚଳ ବା ପଞ୍ଜାବୀ ଅପଭ୍ରଂଶ ବିଶେଷ କରି ସୌରସେନୀ ଅପଭ୍ରଂଶ ଭାଷାରୁ ସୃଷ୍ଟ ଯାହାଠାରୁ ପଂଜାବୀ, ରାଜସ୍ଥାନୀ, ମହାରାଷ୍ଟ୍ରୀ, ଗୁଜରାଟୀ, ଓଡ଼ିଆ (କଳିଙ୍ଗ ଓଡ଼ିଆ) ଜନ୍ମ ନେଇଛି । କିନ୍ତୁ ବନାରସ ଅଂଚଳର ଅର୍ଦ୍ଧ ମାଗଧୀରେ ଏହି ଗତି ଶ, ଷ, "ସ" ରେ ପରିଣତ ହୋଇଥିବାର ମଧ୍ୟ ଲକ୍ଷ୍ୟ କରାଯାଏ ।

ଏ ସବୁ ଉଦାହରଣ ଗୁଡ଼ିକରୁ ବର୍ତ୍ତମାନ ପ୍ରଚଳିତ ଓଡ଼ିଆ ଶବ୍ଦ ତଥା ଧ୍ୱନିର ଐତିହାସିକ ବିକାଶ କ୍ରମ ଅନ୍ୟ ଭାଷା ଓ ସଂସ୍କୃତିର ସମ୍ପର୍କରେ ଓଡ଼ିଆ ଭାଷାର ସାର୍ବଜନୀନତା ସଂପର୍କରେ ପଣ୍ଡିତ ନୀଳକଂଠଙ୍କର ଗଭୀର ବସ୍ତୁର ବୋଧର ପରିଚୟ ମିଳିଥାଏ ।

—*—

Digitized by PPRACHIN, SOA

# ସହାୟକ ଗ୍ରନ୍ଥ ସୂଚୀ


୧- ଓଡ଼ିଆ:—

(କ) ଓଡ଼ିଆ ଭାଷାତତ୍ତ୍ୱ (ମୁଖବନ୍ଧ-ପଂଡ଼ିତ ନୀଳକଂଠ ଦାସ) ଗୋପୀନାଥ ନନ୍ଦ, ନିଉଷ୍ଟୁଡ଼େଣ୍ଟସ୍ ଷ୍ଟୋର, ୧୯୬୮

(ଖ) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ-ପଣ୍ଡିତ ନୀଳକଂଠ ଦାସ ୧ମ, ୨ୟ ଭାଗ-ନିଉଷ୍ଟୁଡେଣ୍ଟସ୍ ଷ୍ଟୋର-୨ୟ ସଂସ୍କରଣ, ୧୯୭୭

(ଗ) ସତ୍ୟବାଦୀ ଯୁଗ-ବୃନ୍ଦାବନ ଆଚାର୍ଯ୍ୟ

(ଘ) ନୀଳକଂଠ ଗ୍ରନ୍ଥାବଳୀ-କଟକ;ଷ୍ଟୁଡେଣ୍ଟସ୍ ଷ୍ଟୋର-୧୯୭୭

(ଙ) ପ୍ରାବନ୍ଧିକ ନୀଳକଂଠ-ଅଧ୍ୟାପକ ବାଉରୀବନ୍ଧୁ କର । ବୁକ୍ସ୍ ଆଣ୍ଡ ବୁକ୍ସ୍, ୧୯୮୨

(ଚ) ନୀଳକଂଠ ପ୍ରତିଭା—

(ଛ) ଓଡ଼ିଆ ଭାଷାର ବ୍ୟାକରଣ—ଗଦାଧର ବିଦ୍ୟାବାଗୀଶ (୧୮୦୬) ସଂପାଦନା—ମହେଶ ଚନ୍ଦ୍ର ମହାପାତ୍ର, ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ, ୧୯୮୨

୨—ଇଂରାଜୀ:—

(i) Introduction to Theoritical Linguistics Jhon Lyons, Cambridge University Press-1972.

(ii) Learning Theories and Linguistics - An introduction - Dr. M. S. Thirumalai Tamil Nuulagam, Madras.

(iii) Sunit Kumar Chaterjee Commemoration volume - Ed. Dr B. P. Mallick, University of Burdwan, 1981.

(iv) Oriya Language and Culture Pandit Nilakantha Das. Orissa historical Research Journal Vol VIII, April 1959, Part I, PP-1-40.


Digitized by PPRACHIN, SOA

# ଓଡ଼ିଆ ଭାଷା ଓ ବ୍ୟାକରଣର ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ପଣ୍ଡିତ ନୀଳକଣ୍ଠଙ୍କ ଉଦ୍ୟମ

କୁମୁଦିନୀ ମିଶ୍ର

"ଭାଷାହିଁ ସାହିତ୍ୟ ତଥା ସଭ୍ୟତାର ଆଧାର, ଭାଷା ଚର୍ଚ୍ଚା ବିନା ଆଜିଠାରୁ ତିନିଶହ ବର୍ଷ ପରେ ଲୋକେ ବର୍ତ୍ତମାନର ସାହିତ୍ୟ ବୁଝିବେ ନାହିଁ । ସଭ୍ୟତାର ଭୂୟୋବିକାଶ ପକ୍ଷରେ ଏହା ଏକ ଘୋର ଅନ୍ତରାୟ ।" (୧)

"ସମାଜର ଗତି ସଂଗେ ଓଡ଼ିଆ ଭାଷାର ବିକାଶ ହୋଇ ନାହିଁ । ଲିଖିତ ଭାଷାରେ ତ ହୋଇ ନାହିଁ, କଥିତ ଭାଷାରେ ବି ତାହା ହୋଇପାରିନାହିଁ । କେବଳ ଓଡ଼ିଆରେ ନୁହେଁ, ଭାରତର ଅନ୍ୟାନ୍ୟ ଅନେକ ଭାଷା ବିଶେଷରେ ସଂସ୍କୃତ ମୂଳକ ଭାଷାର ଏଇ ଅବସ୍ଥା ।" (୨)

ଭାଷାତତ୍ତ୍ୱବିତ୍ ପଣ୍ଡିତ ନୀଳକଣ୍ଠଙ୍କ ଉପରୋକ୍ତ ଉକ୍ତି ଦୁଇଟିରୁ ଜଣାଯାଏ, ସେ ଭାଷାକୁ ସଭ୍ୟତାର ଆଧାର ରୂପେ ଗ୍ରହଣ କରି ସଭ୍ୟତାର ଭୂୟୋବିକାଶ ପାଇଁ ଭାଷାଚର୍ଚ୍ଚା ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ ଓ ତା' ସଂଗେ ସଂଗେ ସମାଜର ଗତି ସଂଗେ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଗୁଡ଼ିକର ବିକାଶ ଘଟୁନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ସଂସ୍କୃତ ଭାଷାର ନିଗଡ଼ରୁ ମୁକ୍ତ ନ ହେଲେ ଏହି ଭାଷା ଗୁଡ଼ିକର ସ୍ୱାଭାବିକ ବିକାଶ ଘଟିବ ନାହିଁ, ଏ କଥା ହୃଦୟଙ୍ଗମ କରି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାକୁ ସଂସ୍କୃତ-ବନ୍ଧନ-ମୁକ୍ତ କରି ତାହାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାପାଇଁ ବିଭିନ୍ନ ଲେଖା ଓ ବକ୍ତୃତା ମାଧ୍ୟମରେ ଉଦ୍ୟମ କରିଥିଲେ ।

---

(୧) ଗୋପୀନାଥ ନନ୍ଦଶର୍ମାଙ୍କ ରଚିତ 'ଓଡ଼ିଆ ଭାଷାତତ୍ତ୍ୱ' ଗ୍ରନ୍ଥର 'ଗ୍ରନ୍ଥ-ପ୍ରବେଶ' ପର୍ଯ୍ୟାୟରେ ନୀଳକଣ୍ଠଙ୍କ ଉକ୍ତି ।

(୨) ଓଡ଼ିଆ ଭାଷା ଓ ବ୍ୟାକରଣ—'ଆଲୋଚନା'—ନବଭାରତ-୭,୮ସଂଖ୍ୟା

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ ଯୁକ୍ତିରେ, ସଂସ୍କୃତ ମୂଳକ ଭାଷା ବାରମ୍ବାର ଲୋକ ଭାଷାକୁ ଆକ୍ରମଣ କରିବା ଫଳରେ ଆମର ଭାଷା କୃତ୍ରିମ ହୋଇ ପଡ଼ୁଛି ଏବଂ ଆମ ଭାଷା ଯେତିକି ଲୋକ ଭାଷା ଓ ଲୋକ ରୁଚିର ଅନୁସରଣ କରିବ ତାହା ସେତିକି ସରଳ ଓ ସ୍ୱାଧୀନ ହେବ । ଏହାହିଁ ଭାଷା ବିକାଶରେ ମୂଳସୂତ୍ର ବୋଲି ସେ ବୁଝିଥିଲେ । ଏ ଦିଗରେ ପାଦ୍ରୀମାନଙ୍କର ଉଦ୍ୟମର ପ୍ରଶଂସା କରି ସେ ଲେଖିଛନ୍ତି—"ହେଲେ ହେଁ, ସବୁ ଆଗେ ପାଦ୍ରୀମାନେ ଓଡ଼ିଆକୁ ସଂସ୍କୃତ କରି ନଦେଖି କିମ୍ବା ବଙ୍ଗଳାର ଭ୍ରଷ୍ଟରୂପ ଭାବେ କଳ୍ପନା ନ କରି ଓଡ଼ିଆରେ ନିଜ ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ଦେଇ ଲେଖା ଆରମ୍ଭ କରିଥିଲେ । × × × ଭାଷା ଠିକ୍ କରିବା ଦରକାର ହେଲେ ସେମାନେ ବସିଥାଇ, ମୂଳିଆଙ୍କୁ ପଚାରି ଠା' କରୁଥିଲେ । ଓଡ଼ିଆ ତାଙ୍କ ମାତୃଭାଷା ନଥିବାରୁ ଅବଶ୍ୟ ଭାଷାକୁ ରୁଚିସଂପନ୍ନ କରିବାରେ ତତ୍ପରତା ତାଙ୍କର ନ ହେବାର କଥା — ହେଉ ନଥିଲା । ତଥାପି ଲିଖିତ ଭାଷା ତିଆରି କରିବାରେ ସେ ଯେଉଁ ସୂତ୍ର ଧରିଥିଲେ ତାହାହିଁ ଠିକ୍ ।" (ଗ)

## ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ପ୍ରତିପାଦନ ଲାଗି ନୀଳକଣ୍ଠଙ୍କ ଉଦ୍ୟମ

'ସତ୍ୟବାଦୀ' ର ବିଭିନ୍ନ ସଂଖ୍ୟାରେ, 'ନବଭାରତ' ର ଆଲୋଚନା ପର୍ଯ୍ୟାୟମାନଙ୍କରେ ଓ ଗୋପୀନାଥ ନନ୍ଦ ଶର୍ମାଙ୍କ ରଚିତ 'ଓଡ଼ିଆ ଭାଷା-ତତ୍ତ୍ୱ'ର 'ଗ୍ରନ୍ଥ ପ୍ରବେଶ' ରେ ଓଡ଼ିଆ ଭାଷା ସମ୍ବନ୍ଧରେ ବହୁ ଆଲୋଚନା କରି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଦର୍ଶାଇବା ଦିଗରେ ଉଦ୍ୟମ କରିଛନ୍ତି । ସେ ପୁଣି ଓଡ଼ିଆ ଭାଷାର ସ୍ୱରୂପ ସଂପର୍କରେ ଇଂରାଜୀ ଭାଷାରେ କେତୋଟି ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇ ଓଡ଼ିଶା ବାହାରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିପ୍ରଦାନ କରାଇବାରେ ସଫଳ ହୋଇଥିଲେ । ସେଥି ମଧ୍ୟରୁ All India Oriental Conferenceର ଷୋଡ଼ଶତମ ଅଧିବେଶନରେ ସଭାପତିତ୍ୱ କରି ଖ୍ରୀ: ୧୯୫୧ ଅକ୍ଟୋବର ୩ ତାରିଖରେ ଓଡ଼ିଆ ଭାଷା ଉପରେ ସେ ଯେଉଁ ଭାଷଣଟି ଦେଇଥିଲେ ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ଭାଷଣଟି 'ପ୍ରଜାତନ୍ତ୍ର' ପ୍ରେସ ଦ୍ୱାରା 'Presidential Address on Regional Language (Oriya Language) ଶୀର୍ଷକରେ ମୁଦ୍ରିତ ହୋଇଥିଲା । ଏହା ବ୍ୟତୀତ ତାଙ୍କ ଲିଖିତ 'Oriya Language and

(ଗ) ଆତ୍ମଜୀବନୀ— ନୀଳକଣ୍ଠ ଦାସ-ପୃ-୫୩.

Digitized by PPRACHIN, SOA

Culture (୪) ପ୍ରବନ୍ଧରୁ ମଧ୍ୟ ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ ସଂପର୍କରେ ସ୍ପଷ୍ଟଧାରଣା ଜନ୍ମେ ।

## ସମାଜର ଗତି ସଂଗେ ଭାଷା ପରିବର୍ତ୍ତିତ ହେବା ଉଚିତ ।

ସମାଜର ଗତି ସଂଗେ ଭାଷାର ପରିବର୍ତ୍ତନ ନ ଘଟିଲେ ଲୋକ ସାହିତ୍ୟ ଫଟିବ ନାହିଁ । ଏଥିପାଇଁ ସାରଳା ସାହିତ୍ୟରେ ଲୋକଭାଷା, ଲୋକ ରୁଚି ଓ ଲୋକ ପରଂପରା ଫୁଟି ଥିବାରୁ ତାହାକୁ ନୀଳକଣ୍ଠ ଆମ ଜାତିର ଯଥାର୍ଥ ସାହିତ୍ୟ ରୂପେ ପ୍ରତିଷ୍ଠା ଦେଇଛନ୍ତି । ପୁଣି ସାରଳା ସାହିତ୍ୟର ଏହି ବୈଶିଷ୍ଟ୍ୟ ବୈଷ୍ଣବ ଯୁଗରେ ଆଂଶିକ ଭାବେ ଏବଂ ଭଞ୍ଜଯୁଗରେ ବହୁ ଭାବରେ ବାଧା ପ୍ରାପ୍ତ ହୋଇ ସଂସ୍କୃତ ମୂଳକ ହୋଇ ପଡ଼ିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି ।

## ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ନୀଳକଂଠଙ୍କର ପୂର୍ବସୂରୀଙ୍କ ଉଦ୍ୟମକୁ ପ୍ରଶଂସା

ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ପ୍ରଥମେ ପାରଳାର ସୁପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁ ଉଦ୍ୟମ ଚଳାଇଥିଲେ । ତାଙ୍କର ସେହି ଉଦ୍ୟମକୁ ଫଳପ୍ରଦ କରିବାରେ ପାରଳାଖେମୁଣ୍ଡିରେ ଅନ୍ୟତମ ଭାଷାତତ୍ତ୍ୱବିଦ୍ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ସଫଳ ହେଲେ । ତେଣୁ ଏହି ପଣ୍ଡିତ ଦ୍ୱୟଙ୍କ ଉଦ୍ୟମକୁ ତଥା ସେମାନଙ୍କ ସୂକ୍ଷ୍ମଦୃଷ୍ଟି ଏବଂ ସତ୍‌ସାହାସକୁ ନୀଳକଣ୍ଠ ଶତ ମୁଖରେ ପ୍ରଶଂସା କରିଛନ୍ତି । ବିଶେଷତଃ 'ଓଡ଼ିଆ ଭାଷାତତ୍ତ୍ୱ' ଗ୍ରନ୍ଥରେ ପଣ୍ଡିତ ଗୋପୀନାଥ ସଂସ୍କୃତକୁ ସାଧୁଭାଷା ନ କହି ଓଡ଼ିଆ ସାଧୁ, ଗ୍ରାମ୍ୟ ଓ ଆଞ୍ଚଳିକ ଭାଷାର ସୀମା ପରିସର ଓ ବ୍ୟାପ୍ତି ନିର୍ଦ୍ଦେଶ କରିଥିବାରୁ, ପଦ, କାରକ, ବିଭକ୍ତି ପ୍ରଭୃତି ଆଲୋଚନାରେ ମୌଳିକ ଓ ସ୍ୱାଧୀନ ପନ୍ଥା ଫୁଟାଇ ଓଡ଼ିଆ ଭାଷାର ବଳିଷ୍ଠ ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥିବାରୁ; ଓଡ଼ିଆ ଲେଖା ଓ ଅଭି-ଧାନଗତ ଶବ୍ଦମାନଙ୍କର ତାତ୍ତ୍ୱିକ ଉଚ୍ଚାରଣ ଓ ଲିଖନ ପ୍ରଣାଳୀରେ ସଂଗତ ସୂଚନା ଦେଇଥିବାରୁ ଭାଷାତତ୍ତ୍ୱବିତ୍ ନୀଳକଣ୍ଠ ତାଙ୍କୁ ଉଚ୍ଚ ସମ୍ମାନ ଜ୍ଞାପନ

---

(୪) ଏ ପ୍ରବନ୍ଧ 'The Orissa Historical Jourhal-Vol-VII No. I April 1959ରେ ପ୍ରକାଶ ପାଇଥିଲା ।

Digitized by PPRACHIN, SOA

କରିଛନ୍ତି । ହେଲେହେଁ ଆଲୋଚ୍ୟ ଗ୍ରନ୍ଥର ଆଲୋଚନା ସମୟରେ ସେ ଗ୍ରନ୍ଥଟିର ଯେଉଁଠାରେ ଅଭାବ ଲକ୍ଷ୍ୟ କରିଛନ୍ତି ସେଠାରେ ପ୍ରତିକୂଳ ମନ୍ତବ୍ୟ ଦେଇ ପାଠକ ମାନଙ୍କୁ ସେ ବିଷୟରେ ସଚେତନ କରାଇବାକୁ ନିଜର କର୍ତ୍ତବ୍ୟ ମନେ କରିଛନ୍ତି ।

## ଭାଷାର ସ୍ୱାତନ୍ତ୍ର୍ୟ ଓ ସାର୍ବଜନୀନତା

'ଓଡ଼ିଆ ଭାଷାତତ୍ତ୍ୱ'ର ଆଲୋଚନା ସମୟରେ ସମୀକ୍ଷକ ମାନକର୍ଣ୍ଣ ଭାଷାର ଦୁଇଟି ବିଭବ ଉପରେ ଆଲୋକପାତ କରିଛନ୍ତି । ପ୍ରଥମଟି ଭାଷାର ସ୍ୱାତନ୍ତ୍ର୍ୟ ଓ ଅନ୍ୟଟି ତାହାର ସାର୍ବଜନୀନତା । ଭାଷାର ସ୍ୱାତନ୍ତ୍ର୍ୟ ଦର୍ଶାଇବା କ୍ରିୟାକୁ 'ବିଶ୍ଳେଷଣ କ୍ରିୟା' ଓ ସାର୍ବଜନୀନତା ଦର୍ଶାଇବା କ୍ରିୟାକୁ 'ସଂଶ୍ଳେଷଣ କ୍ରିୟା' ଅର୍ଥରେ ଗ୍ରହଣ କରି ସେ କହନ୍ତି ଯେ, ବିଶ୍ଳେଷଣ ସୂତ୍ରରେ ସାଧାରଣ ନୀତି ଦେଖାଇଦେବା ପାଇଁ ବେଳେବେଳେ ସଂଶ୍ଳେଷଣ ଦରକାର ହୋଇଥାଏ । କିନ୍ତୁ ସ୍ୱାତନ୍ତ୍ର୍ୟକୁ ସାର୍ବଜନୀନତା ଉପରେ ପ୍ରତିଷ୍ଠିତ କରାଇବାର ସେ ବିରୋଧୀ ଥିଲେ । ପଣ୍ଡିତ ଗୋପୀନାଥ ନନ୍ଦ ଓଡ଼ିଆ କବିତାର ସ୍ୱର ନିୟମ ତଥା ଛନ୍ଦରେ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟକରି କବିତାର ଛନ୍ଦକୁ ସାର୍ବଜନୀନ କରିବାପାଇଁ ସଂସ୍କୃତ ଗୁରୁ ଲଘୁ ସମ୍ବଳିତ ମାତ୍ରା ନିୟମକୁ ଓଡ଼ିଆରେ ଭର୍ତ୍ତି କରିବାର ଯେଉଁ ପ୍ରୟାସ କରିଥିଲେ ମାନକର୍ଣ୍ଣ ତାକୁ ସମାଲୋଚନା କରିଛନ୍ତି ।

## ଭାଷାର ପ୍ରାଣ ଓ ପିଣ୍ଡ

ଭାଷାର ପ୍ରକୃତି ସମ୍ବନ୍ଧରେ ଆଲୋଚନା କରି ସମୀକ୍ଷକ ମାନକର୍ଣ୍ଣ କହନ୍ତି, ବିଦେଶୀ ଶବ୍ଦର ଆଦାନ ପ୍ରଦାନରେ ଭାଷାର ପ୍ରକୃତି ବଦଳି ଯାଏ ନାହିଁ, କାରଣ ଯେଉଁ ସବୁ ବାହାର ଶବ୍ଦ କୌଣସି ଏକ ଭାଷାକୁ ଆସେ ତାହା ଅବିକଳ ସେହିପରି ରହେ ନାହିଁ । ଭାଷାର ସ୍ୱତନ୍ତ୍ର ପ୍ରକୃତିରେ ପଡ଼ି ତାହା ପରିବର୍ତ୍ତିତ ହୁଏ । ସେ ଗୁଡ଼ିକର ସ୍ୱର ବ୍ୟଞ୍ଜନ ବିନ୍ୟାସରେ ଆକୁଞ୍ଚନ, ପ୍ରସାରଣ ଓ ବିବର୍ତ୍ତନ ଘଟିଥାଏ । ଆଲୋଚକଙ୍କ ଭାଷାରେ— "ଏହି ସ୍ୱର ବା ବର୍ଣ୍ଣନିୟମର ପରିଣତି, ପ୍ରକ୍ରିୟା ଓ ପ୍ରଣାଳୀ ଭାଷାର ପ୍ରାଣ ଓ ବ୍ୟାକରଣ ନିୟମ ତାହାର ସ୍ଥୂଳ ଶରୀର ।" ( ୫ )

---

( ୫ ) ଗ୍ରନ୍ଥ ପ୍ରବେଶ—"ଓଡ଼ିଆ ଭାଷାତତ୍ତ୍ୱ"

Digitized by PPRACHIN, SOA

# ଭାଷା ଦୃଷ୍ଟିରୁ ଓଡ଼ିଶାର ବିଭାଗୀକରଣ

ପଣ୍ଡିତ ନୀଳକଣ୍ଠ ଉଭୟ ସଭ୍ୟତା ଓ ଭାଷା ଦୃଷ୍ଟିରୁ ଓଡ଼ିଶାକୁ ତିନି ଭାଗରେ ବିଭକ୍ତ କରିଛନ୍ତି, ସଭ୍ୟତା ତଥା ସଂସ୍କୃତି ଦୃଷ୍ଟିରୁ ଓଡ଼ିଶା କିପରି କଳିଙ୍ଗ କୋଶଳ ଓ ଉତ୍କଳ—ଏହି ତିନିଖଣ୍ଡରେ ବିଭକ୍ତ ହୋଇଛି, ତାହା ସେ 'ଗୀତାଭାଷ୍ୟ'ରେ ଦର୍ଶାଇଛନ୍ତି । ଭାଷାର ଉଚ୍ଚାରଣ ଦୃଷ୍ଟିରୁ କଳିଙ୍ଗ, କୋଶଳ ଓ ଉତ୍କଳ ଅଞ୍ଚଳର ଭିନ୍ନତା ପ୍ରତିପାଦନ କରି ନୀଳକଣ୍ଠ କହନ୍ତି – ଦ୍ରାବିଡ଼ ପ୍ରଭାବିତ 'କଳିଙ୍ଗ' ଖଣ୍ଡରେ ଶ, ଷ, ସ ର ଉଚ୍ଚାରଣ କେବଳ 'ସ' ( ଦନ୍ତ୍ୟ ) ହୁଏ - ସଂସ୍କୃତର **'କୃଷି'** ଶବ୍ଦ ଏଠାରେ **'ଚାସ'** ହୁଏ । କିନ୍ତୁ ବଂଗ ପ୍ରଭାବିତ 'ଉତ୍କଳ' ଖଣ୍ଡରେ ଏବଂ ପୂର୍ବ କୋଶଳର କେତେକ ସ୍ଥାନରେ ଏହି **'କୃଷି'** ଶବ୍ଦ **'ଚାଶ'** ହୁଏ । ଅର୍ଥାତ୍, କଳିଙ୍ଗର 'ସ' ( ଦନ୍ତ୍ୟ ) ଉତ୍କଳ ଏ ପୂର୍ବ କୋଶଳରେ **'ଶ'** ( ତାଲବ୍ୟ ) ରୂପେ ଉଚ୍ଚାରିତ ହୁଏ । ( ୧ ) ଏହି ଉଚ୍ଚାରଣର ଭିନ୍ନତା ଆଲୋଚକଙ୍କୁ ଚାରିହଜାର ବର୍ଷ ପୂର୍ବ ୟୁରୋପୀୟ ଭାଷା ପରିବାରର 'ଶତମ୍' ଓ 'କେନ୍ଟୁମ୍' ବର୍ଗର ବିଭାଗକୁ ସ୍ମରଣ କରାଇ ଦେଇଛି । ମାଗଧୀ ଅପଭ୍ରଂଶରୁ ତାଲବ୍ୟ 'ଶ' ଆସିଥିବାରୁ ନୀଳକଣ୍ଠ ଏହି ଅପଭ୍ରଂଶକୁ ଆସାମୀ, ବଙ୍ଗଳା, ବିହାରୀ ଓ **'ଉତ୍କଳ ଖଣ୍ଡ'** ରେ କଥିତ ଓଡ଼ିଆର ଉତ୍ପତ୍ତି ଉତ୍ସ ବୋଲି ଦର୍ଶାଇଛନ୍ତି । ପୁଣି ଦନ୍ତ୍ୟ 'ସ' ପଶ୍ଚିମ ଗାଙ୍ଗେୟ ବା ପଞ୍ଜାବ ଅଞ୍ଚଳରେ ବ୍ୟବହୃତ ସୌରସେନୀ ଅପଭ୍ରଂଶ ରୁ ଆସିଥିବାରୁ ଏହି ଅପଭ୍ରଂଶକୁ ସେ ପଞ୍ଜାବୀ, ରାଜସ୍ଥାନୀ, ମହାରାଷ୍ଟ୍ରୀ, ଗୁଜୁରାଟୀ ଓ **'କଳିଙ୍ଗ ଖଣ୍ଡ'** ରେ କଥିତ ଓଡ଼ିଆର ଉତ୍ପତ୍ତି ଉତ୍ସ ରୂପେ ସ୍ୱୀକାର କରିଛନ୍ତି । ( ୨ )

ପଣ୍ଡିତ ନୀଳକଣ୍ଠ ପୁଣି Encyclopedia Britanica (14th Edition—vol—XIIର Indo Aryan Language Dialectic variation ପୃଷ୍ଠା-୨୫୭-୨୫୮)ର ଉକ୍ତିକୁ ସମର୍ଥନ କରି କହନ୍ତି,

---

( ୧ ) presidential Address on Regional Language ( Oriya Language ) - By Nilakantha Das

( ୨ ) Oriya Language & Culture- O. H. R. J.-Vol-VIII No 1 ଦ୍ରଷ୍ଟବ୍ୟ

Digitized by PPRACHIN, SOA

ବନାରସ ଅଞ୍ଚଳର ଜୈନମାନଙ୍କ ଦ୍ୱାରା କଥିତ ଅର୍ଦ୍ଧମାଗଧୀରେ ମାଗଧୀ ପ୍ରାକୃତର ବହୁ ଲକ୍ଷଣ ପରିଲକ୍ଷିତ ହୁଏ । କିନ୍ତୁ ମାଗଧୀଠାରୁ ଏହାର ପାର୍ଥକ୍ୟ ହେଉଛି, ଏହି ଅର୍ଦ୍ଧମାଗଧୀରେ ଶ, ଷ, ସ — ( ଦନ୍ତ୍ୟ ) 'ସ' ପରି ଉଚ୍ଚାରିତ ହୁଏ, ଏହି ଉଚ୍ଚାରଣ-ଗତ ପାର୍ଥକ୍ୟ ('ଶ','ଷ','ଓ','ସ',ର) ନ ବୁଝି ଡକ୍ଟର ସୁନୀତି କୁମାର ଚାଟର୍ଜି ଓଡ଼ିଆକୁ ମାଗଧୀ ପ୍ରାକୃତର ଏକ ଶାଖା କହିଥିବାରୁ ନୀଳକଣ୍ଠ ତାହାର ପ୍ରତିବାଦ କରି ଲେଖିଛନ୍ତି— "But inspite of this Dental and palatal 'Sa' difference in Pronounciation which is not observed by our linguistic scholars, Dr. suniti kumar Chatterjee includes Oriya as a branch of the purely Magadhi Prakrit or Magadhi Apavransa. Such a division may be generally apparent but is not a fact in actual pronounciation." ( ୮ ) ଅର୍ଦ୍ଧମାଗଧୀ ପ୍ରାକୃତରୁ ଓଡ଼ିଆ ଭାଷା ସୃଷ୍ଟି ସମ୍ଭାବନାକୁ ସେ ସମର୍ଥନ କରିଛନ୍ତି । ନୀଳକଣ୍ଠଙ୍କ ଯୁକ୍ତିରେ ଓଡ଼ିଆ ଭାଷା ମୂଳତଃ ଆର୍ଯ୍ୟ ଭାଷା ପରିବାରର ଅନ୍ତର୍ଭୁକ୍ତ ହେଲେ ହେଁ ଏହା କଳିଙ୍ଗ, କୋଶଳ ଓ ଉତ୍କଳ-ଏହି ତିନି ଗୋଟି ମୁଖ୍ୟ ଅଞ୍ଚଳର ଭାଷାକୁ ନେଇ ସୃଷ୍ଟି । ଲେଖକଙ୍କ ଭାଷାରେ— ' The present Oriya Speaking land used a language which is now called Oriya. This is undoubtedly a branch of the Aryan family. But it consists to-day of three main elements—the Langnage of K linga region, the South Koshala region and the Utkala region." (୯)

କଳିଙ୍ଗ ଖଣ୍ଡରେ ଦ୍ରାବିଡ ଭାଷାର ପ୍ରଭାବ, ଦକ୍ଷିଣ କୋଶଳ ଖଣ୍ଡରେ ଶବର ଭାଷାର ପ୍ରଭାବ ଓ ପୂର୍ବ କୋଶଳ ଓ ଉତ୍କଳ ଖଣ୍ଡରେ ସଂସ୍କୃତ ଭାଷାର ପ୍ରଭାବ ଭାଷାବିତ୍ ନୀଳକଣ୍ଠ ଲକ୍ଷ୍ୟ କରିଛନ୍ତି । ଏହି ତିନି ଭାଷାଖଣ୍ଡର ସମନ୍ୱୟରେ ଓଡ଼ିଆ ଭାଷାର ସୃଷ୍ଟି ହୋଇଥିବାରୁ ଓଡ଼ିଆ ଭାଷାରେ ଦ୍ରାବିଡ, ନିଷାଦ ବା ଶବର ଏବଂ ଆର୍ଯ୍ୟ ଭାଷାର ସମ୍ମିଶ୍ରଣ ଘଟିଅଛି ।

---

(୮) Oriya Language and Culture-O.H.R.J.-Vol-VIII No. 1 ଦ୍ରଷ୍ଟବ୍ୟ ।

(୯) Presidential Address on Regional Language. ଦ୍ରଷ୍ଟବ୍ୟ

Digitized by PPRACHIN, SOA

## ଓଡ଼ିଆ ଭାଷା ତତ୍ସମ ଶବ୍ଦ ବହୁଳ ହେବାର କାରଣ

ଓଡ଼ିଆ ଭାଷା ତତ୍ସମ ଶବ୍ଦ ବହୁଳ ହେବା ପାଇଁ ପଣ୍ଡିତ ନୀଳକଣ୍ଠ ଗଙ୍ଗବଂଶୀ ରାଜାମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଛାନ୍ଦ ସାହିତ୍ୟକୁ ଦାୟୀ କରିଛନ୍ତି । ଗଙ୍ଗବଂଶୀ ରାଜାମାନେ କର୍ଣ୍ଣାଟକୀ ସଂଗୀତର ଅନୁକରଣରେ ଓଡ଼ିଶାରେ ସଂଗୀତର ପ୍ରଚାର ଘଟାଇବା ସଂଗେ ସଂଗେ ଓଡ଼ିଆ ଛାନ୍ଦ ସାହିତ୍ୟର ମଧ୍ୟ ପ୍ରଭୂତ ଉନ୍ନତି ସାଧନ କରିଥିଲେ । ଛାନ୍ଦ ସାହିତ୍ୟ ପାଇଁ ଉଚ୍ଚକୋଟୀର ଭାଷା ଆବଶ୍ୟକ ହେବାରୁ ସଂସ୍କୃତ ଭାଷାରୁ ବହୁ ଶବ୍ଦ ଓଡ଼ିଆରେ ପ୍ରବେଶ କଲା । ତାଙ୍କ ଭାଷାରେ- This Chhanda Literature required a very Copiaus and rich vocabulary and consequently the Oriya literature became burdened with Sanskrit and Tatsama words." (୧୦) ପୁଣି ଖ୍ରୀ : ୧୩ଶ ୧୪ଶ ଶତାବ୍ଦୀରେ ବିଶ୍ୱନାଥ କବିରାଜ ସଂସ୍କୃତର 'ନୈଷଧୀୟ ଚରିତ'ର ଶୈଳୀ ଦ୍ୱାରା ପ୍ରଭାବିତ ହୋଇ 'ସାହିତ୍ୟ ଦର୍ପଣ' ରଚନା କଲେ । କ୍ରମେ ଏଇ ସଂସ୍କୃତ ଭାଷାର ପ୍ରଭାବ ଫଳରେ ଓଡ଼ିଆ ତାହାର ସ୍ୱାତନ୍ତ୍ର୍ୟ ହରାଇବାକୁ ବସିଲା ।

## ଓଡ଼ିଆ ଭାଷାର ନବ ଯୁଗର ପ୍ରବର୍ତ୍ତକ

ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାର ନବଯୁଗର ପ୍ରବର୍ତ୍ତକ ରୂପେ ଗଜପତି କପିଳେନ୍ଦ୍ର ଦେବ ଓ ଶୂଦ୍ରମୁନି ସାରଳା ଦାସଙ୍କୁ ପ୍ରତିଷ୍ଠା ଦେଇଛନ୍ତି । ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ' ରଚିତ ହେବାପରେ ଓଡ଼ିଆ ଭାଷା ତାହାର ସ୍ୱାତନ୍ତ୍ର୍ୟ ହରାଇ ବସିବା ବେଳକୁ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ଓଡ଼ିଆ ଲିପି ବଙ୍ଗଳା ଓ ସଂସ୍କୃତଠାରୁ ସ୍ୱତନ୍ତ୍ର ହୋଇ ବର୍ତ୍ତୁଳାକାର ହେଲା । ପୁଣି ସାରଳାଙ୍କ ଲେଖନୀ ମାଧ୍ୟମରେ ଓଡ଼ିଆ ଭାଷା ତାହାର ପ୍ରକୃତ ସ୍ୱରୂପ ଫେରିପାଇଲା । ତେଣୁ ନୀଳକଣ୍ଠ ଯଥାର୍ଥରେ କହିଛନ୍ତି— "The Poet Sarala Das is the symbol of this renaissance. It was during his time and the time of the Emperor Kapilendra that, Oriya 'lipi' which is derived from

---

(10) Presidential Address on 'Regional Language' Page— 19.

Digitized by PPRACHIN, SOA

the lipi called proto Bengali and proto Devanagari, became fixed in the loop form of the palm leaf writng and took on the shape and form in which it is practically written at present.” (୧୧) ସାରଳାଙ୍କ ପରେ ଜଗନ୍ନାଥ ଦାସଙ୍କ ଭାଗବତରେ ଯେଉଁ ଓଡ଼ିଆ ଭାଷା ବ୍ୟବହୃତ ହୋଇଛି ତାହା ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି ବୋଲି ଆଲୋଚକ ଦୃଢମତ ପୋଷଣ କରିଛନ୍ତି । ମାତ୍ର ରାଧାନାଥଙ୍କ ଦ୍ୱାରା ପ୍ରଚଳିତ ଓଡ଼ିଆ ଛନ୍ଦରେ ଉପଧାମିଳନର ସେ ଘୋର ବିରୋଧ କରି ଏହା ଓଡ଼ିଆ ଛନ୍ଦର ନିତ୍ୟ ଅଂଶ ନୁହେଁ ବୋଲି ଦର୍ଶାଇଛନ୍ତି ।

## ଓଡ଼ିଆ ବ୍ୟାକରଣର ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ନୀଳକଣ୍ଠଙ୍କ ଉଦ୍ୟମ

‘ଓଡ଼ିଆ ବ୍ୟାକରଣ’ ଗ୍ରନ୍ଥ ଓ ବ୍ୟାକରଣ ସମ୍ବନ୍ଧୀୟ କେତେକ ପ୍ରବନ୍ଧ ଲେଖି ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ଜଣେ ବିଶିଷ୍ଟ ବୈୟାକରଣ ରୂପେ ସୁପରିଚିତ । ବ୍ୟାକରଣ କ୍ଷେତ୍ରରେ ଗତାନୁଗତିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ସେ ‘ଓଡ଼ିଆ ବ୍ୟାକରଣ’ ରଚନା କରିଛନ୍ତି । ସଂସ୍କୃତ ବ୍ୟାକରଣ ଗ୍ରନ୍ଥରେ ଓଡ଼ିଆ ବ୍ୟାକରଣ ଲେଖାଯିବାର ପ୍ରଚଳିତ ପ୍ରଥାର ବିରୁଦ୍ଧାଚରଣ କରି ସେ କହନ୍ତି, ଓଡ଼ିଆ ଶବ୍ଦର ଉଚ୍ଚାରଣ ନିୟମକୁ ଆଖି ଆଗରେ ରଖି ଓଡ଼ିଆ ବ୍ୟାକରଣ ତିଆରି କରିବାକୁ ହେବ । (୧୨) ଏଥିପାଇଁ ସେ କେତେକ ଶବ୍ଦର ଉଦାହରଣ ଦେଇଛନ୍ତି— “ଓଡ଼ିଆ ଉଚ୍ଚାରଣ ନିୟମରେ ‘ଭୋଗମଣ୍ଡପ’ହୁଏ ଭଅଣ୍ଡ, ‘ପୁରୁଷୋତ୍ତମ’ ହୁଏ ‘ପୁରୁସ୍ତମ’, ‘ବର୍ତ୍ତମାନ’, ବତମାନ, ହୁଏ ‘ସ୍ନାନ’ ହୁଏ ‘ସ୍ନାହାନ’, ‘ପୁଷକାଳ’ ହୁଏ ‘ପୁଷକାହାଳ’, ‘କେଶ’ ହୁଏ ‘କେହେଶ’ ବା ‘ଭେଶ’ ।” (୧୩) ନୀଳକଣ୍ଠଙ୍କ ସମୟ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ବ୍ୟାକରଣରେ ବର୍ଣ୍ଣର ଉଚ୍ଚାରଣକୁ ସ୍ୱତନ୍ତ୍ର ଭାବେ ବିଚାରକୁ ନିଆ-

---

(୧୧) Presidential Address on ‘Regional Language Page— 18

(୧୨) ଓଡ଼ିଆ ଭାଷା ଓ ବ୍ୟାକରଣ – ‘ଓଡ଼ିଆ ଭାଷା ଓ ସାହିତ୍ୟ’ ଗ୍ରନ୍ଥର ପୃ-୯୯ ଦ୍ରଷ୍ଟବ୍ୟ ।

(୧୩) ଓଡ଼ିଆ ଭାଷା ଓ ସାହିତ୍ୟ —ପୃ— ୯୯

Digitized by PPRACHIN, SOA

ଯାଇ ନଥିଲା । ଏହାର ଉପରେ ଗୁରୁତ୍ୱ ଦେଇ ସେ ଓଡ଼ିଆ ବ୍ୟାକରଣ ଗ୍ରନ୍ଥ ଲେଖିଛନ୍ତି । ଗ୍ରନ୍ଥଟିକୁ 'ଛ' ଭାଗରେ ବିଭକ୍ତ କରିବା ପାଇଁ ସେ ପରି କଳ୍ପନା କରିଥିଲେ— 'ବାକ୍ୟ ବିଗ୍ରହ', 'ପଦ ବିଗ୍ରହ', 'ଶବ୍ଦବିଗ୍ରହ', 'ବର୍ଣ୍ଣବିଗ୍ରହ', 'ଛନ୍ଦ ବିଗ୍ରହ' ଓ ତତ୍ତ୍ୱ ବିଗ୍ରହ । ମାତ୍ର କେବଳ ପ୍ରଥମ ଦୁଇଟି ଭାଗ ଏକତ୍ରିତ ହୋଇ 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥ ପ୍ରକାଶ ପାଇଛି । ଏ ଗ୍ରନ୍ଥର ଭୂମିକାରେ ଶେଷୋକ୍ତ ଚାରିଗୋଟି ବିଭାଗ ପ୍ରକାଶ କରିବାର ପ୍ରସ୍ତାବ ଦେଇ-ଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇନାହିଁ । 'ଶବ୍ଦ ବିଗ୍ରହ', 'ବର୍ଣ୍ଣ ବିଗ୍ରହ' ଓ 'ତତ୍ତ୍ୱ ବିଗ୍ରହ'ର ପାଣ୍ଡୁଲିପି ପ୍ରସ୍ତୁତ ହୋଇଥିବାର ଲେଖକ ସ୍ୱୀକାର କରିଥିଲେ ହେଁ ତାହା ଅପ୍ରକାଶିତ ରହିବାର କାରଣ ଏପର୍ଯ୍ୟନ୍ତ ଅଗୋଚର ।

ପଣ୍ଡିତ ମାଳକଣ୍ଠଙ୍କ ପୂର୍ବରୁ ଓଡ଼ିଆ ଭାଷାରେ ବ୍ୟାକରଣ ରଚନାରେ ନିମ୍ନୋକ୍ତ ଭାଷାବିତ୍‌ମାନେ ଉଦ୍ୟମ କରିଥିଲେ :—

ପଣ୍ଡିତ ଗଦାଧର ବିଦ୍ୟାବାଗୀଶ— 'ଓଡ଼ିଆ ଭାଷାର ବ୍ୟାକରଣ' ରଚନା
ସମୟ- ଖ୍ରୀ : ୧୮୦୭

An Introductory Grammar Oriya Language— ଓଡ଼ିଆ ବ୍ୟାକରଣ— Amos Sutton— ସମୟ— ଖ୍ରୀ : ୧୮୩୧ OOriyah Grammar— ବିଶ୍ୱମ୍ଭର ବିଦ୍ୟାଭୂଷଣ— ଖ୍ରୀ : ୧୮୪୩ OOriyah Grammar— ଓଡ଼ିଆ ବ୍ୟାକରଣ ସାର— ରଚୟିତା— W C. Lecey-— ସମୟ — ଖ୍ରୀ : ୧୮୫୫

ପଣ୍ଡିତ ରଘୁନାଥ ମିଶ୍ର—ପ୍ରବେଶିକ ବ୍ୟାକରଣ
ରଚନା ସମୟ—ଖ୍ରୀ : ୧୮୫୮

ଫକୀର ମୋହନ ସେନାପତି – ସରଳ ବ୍ୟାକରଣ
ରଚନା ସମୟ—ଖ୍ରୀ ୧୮୬୭

ବିଚ୍ଛନ୍ଦ ପଟ୍ଟନାୟକ—ଉତ୍କଳ ବ୍ୟାକରଣ ସଂକ୍ଷେପ
ରଚନା ସମୟ—ଖ୍ରୀ : ୧୮୬୯

A Practical Grammar of the Odhra Language
ଲେଖକ—Lingam Lakshmiji Pandit—ସମୟ ୧୮୬୯
ବ୍ୟାକରଣ କୌମୁଦୀ—ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଖ୍ରୀ : ୧୮୭୦

Digitized by PPRACHIN, SOA

ଓଡ଼ିଆ ବ୍ୟାକରଣ—କୈଳାଶ ଚନ୍ଦ୍ର ଶର୍ମା ଓ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ
ସମୟ—ଖ୍ରୀ : ୧୮୭୧

ମାତ୍ର ଓଡ଼ିଆ ଭାଷାକୁ ଗତାନୁଗତିକତାର ନିଗଡ଼ରୁ ମୁକ୍ତ କରି ଚଳିତ ଭାଷାନୁସାରୀ କରିବା ପାଇଁ 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥରେ ପଣ୍ଡିତ ନୀଳକଣ୍ଠ ଯେଉଁ ଉଦ୍ୟମ କରିଛନ୍ତି ତାହା ଅନ୍ୟତ୍ର ଦୁର୍ଲ୍ଲଭ । ସେ ଦୃଷ୍ଟିରୁ ଏହି ବ୍ୟାକରଣ ଗ୍ରନ୍ଥର ଆଲୋଚନା କରୁଛୁଁ ।

## ବ୍ୟାକରଣର ସ୍ୱରୂପ ସଂଜ୍ଞା ଓ ଉଦ୍ଦେଶ୍ୟ ।

ପଣ୍ଡିତ ନୀଳକଣ୍ଠ ବ୍ୟାକରଣର ସଂଜ୍ଞା ନିରୂପଣ କରି ଲେଖିଛନ୍ତି— "ଆମେ କଥାରେ କହୁଥିବା ଶବ୍ଦ ସମଷ୍ଟିର ପରସ୍ପର ସ୍ଥିତି ଓ ସମ୍ବନ୍ଧ ଯେଉଁ ଶାସ୍ତ୍ରରେ ଯଥାଯଥ ଓ ବିଶେଷ ଭାବରେ ଜଣାଯାଏ, ତାକୁ ବ୍ୟାକରଣ ଶାସ୍ତ୍ର ବା ବ୍ୟାକରଣ କହନ୍ତି ।" ପୁଣି ବ୍ୟାକରଣ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ ତାଙ୍କ ମତ ହେଉଛି, "କୌଣସି ଭାଷାର ବ୍ୟାକରଣରେ ବୈଜ୍ଞାନିକ ଭାବରେ ସେଇ ଭାଷାର ଆଲୋଚନା ଥାଏ । କୌଣସି ଭାଷାର ବ୍ୟାକରଣ ଲେଖିଲେ, ତାହାର ଯଥାର୍ଥ ପରୀକ୍ଷା ହେଉଛି, ବିଦେଶୀ ସେହି ବ୍ୟାକରଣ ସେହି ଭାଷାକୁ ଆୟତ୍ତ କରିପାରିବ ।" (୧୪)

## ବ୍ୟାକରଣ ଚଳିତ ଭାଷାନୁସାରୀ ହେବା ଉଚିତ ।

ପ୍ରୟୋଗାତ୍ମକ ଭାଷାର ସମର୍ଥକ ନୀଳକଣ୍ଠ 'ଓଡ଼ିଆ ଭାଷା ଓ ବ୍ୟାକରଣ' ପ୍ରବନ୍ଧରେ ଚଳିତ ଭାଷାନୁସାରୀ ପ୍ରବନ୍ଧ ଲେଖିବା ପାଇଁ ଆଧୁନିକ ବୈୟାକରଣମାନଙ୍କୁ ପରାମର୍ଶ ଦେଇ ଲେଖିଛନ୍ତି—"ଭାଷାରୁ ବ୍ୟାକରଣ ଭାଷା ହୁଏ ନାହିଁ । ବ୍ୟାକରଣରୁ ଯେଉଁ ଭାଷା ହୁଏ ତାହା ଚଳିତ ଭାଷା ନୁହେଁ ତାକୁ କହନ୍ତି ମୃତ * ଭାଷା । (ଏହା ମାତୃଭାଷା ବୋଲି ମୁଦ୍ରଣ

(୧୪) ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା—ଝଙ୍କାର ମାର୍ଚ୍ଚ ୧୯୮୭
ଆଲୋଚନା—ନବଭାରତ—୭/୧୦ ସଂଖ୍ୟା

* ୧୯୮୫ରେ ଓଡ଼ିଆ ଭାଷା ଓ ସାହିତ୍ୟ ପୁସ୍ତକରେ 'ମାତୃଭାଷା' ମୁଦ୍ରଣ ଭ୍ରମାତ୍ମକ ହୋଇଥିବାରୁ ନୀଳକଣ୍ଠ ନିଜେ ସ୍ୱହସ୍ତରେ ତାକୁ 'ମୃତ' ଭାଷା ସହ ସଂଶୋଧନ କରିଛନ୍ତି ।

Digitized by PPRACHIN, SOA

ଦୋଷରୁ ପ୍ରକାଶ ପାଇଛି । ) ଓଡ଼ିଆ ଭାଷାକୁ ଅତିଶୀଘ୍ର ଜୀବନ୍ତ ଓ ସ୍ୱାଧୀନ କରିବା ଉଚିତ । ସେ ଦୃଷ୍ଟିରେ ବ୍ୟାକରଣ ଲେଖିବା ଆଦୌ କର୍ତ୍ତବ୍ୟ ।" (୧୫) ସେ ପୁଣି ଅନ୍ୟତ୍ର କହିଛନ୍ତି— ବ୍ୟାକରଣ ଭାଷା ପାଇଁ, ଭାଷାରେ ପ୍ରକାଶିତ ଭାବକୁ କାଳରେ ଓ ଦେଶରେ ଜୀବନ୍ତ ଓ ସ୍ଥାୟୀ କରିବା ପାଇଁ; ଭାଷା ବ୍ୟାକରଣ ପାଇଁ ନୁହେଁ ।" ଆଲୋଚନା- ନବଭାରତ (୨/୧୦ ସଂଖ୍ୟା)

## ସଂସ୍କୃତ ବ୍ୟାକରଣର ନିଗଡ଼ରୁ ଓଡ଼ିଆ ବ୍ୟାକରଣକୁ ରକ୍ଷା କରିବାରେ ନୀଳକଂଠଂକ ଉଦ୍ୟମ :—

ସଂସ୍କୃତ ବ୍ୟାକରଣ ଗ୍ରଞ୍ଜରେ ଓଡ଼ିଆ ବ୍ୟାକରଣ ସୃଷ୍ଟି ହେଉଥିବାର ଦେଖି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ନବଯୁଗର ପ୍ରବର୍ତ୍ତକ ନୀଳକଣ୍ଠଙ୍କ ପ୍ରାଣ ବିଦ୍ରୋହ କରି ଉଠିଛି । ତାଙ୍କ ମତରେ, ଓଡ଼ିଆ ଭାଷାର ସଂସ୍କୃତ ଭାଷା ସଂଗେ ସମ୍ବନ୍ଧ ରହିଛି ସତ, କିନ୍ତୁ ବ୍ୟବହାରରେ, ପଦ ବିନ୍ୟାସରେ ତଥା ଉଚ୍ଚାରଣରେ ଓଡ଼ିଆ କାହିଁରେ ସଂସ୍କୃତ ନୁହେଁ । ତେଣୁ ଦୃଢତାର ସହ ଚେତାବନୀ ଶୁଣାଇ ସେ କହିଛନ୍ତି— "ଯେଉଁମାନେ ଉଚ୍ଚାରଣ, ବର୍ଣ୍ଣ ବିନ୍ୟାସ, ତଥା ବାକ୍ୟ ଗଠନ ପ୍ରଭୃତି ପ୍ରକ୍ରିୟାରେ ସଂସ୍କୃତର ଅନୁକରଣ କରିବେ, ସେମାନଙ୍କର କେବଳ ପୁରୋଦୃଷ୍ଟିର ଅଭାବ ବୁଝିବାକୁ ହେବ । × × × ବ୍ୟାକରଣ ନିବଦ୍ଧ ସଂସ୍କୃତ ଯେତେଦିନ ଭାରତୀୟ ଭାଷାଥିଲା, ସେତେଦିନ ଜାତୀୟ ଜୀବନରେ କେବଳ ନିୟମ ଓ ବିଧିବଦ୍ଧ ଅନୁଷ୍ଠାନ ପ୍ରବଣତାହିଁ ପରମ ଲକ୍ଷଣ ରୂପେ ପ୍ରତିଭାତ ହେଉଥିଲା । × × × ଆଜି ଲୋକେ କଥିତ ଭାଷାକୁ ହିଁ ଜାତୀୟ ସାହିତ୍ୟର ଏକମାତ୍ର ଆଧାର ବୋଲି ବୁଝୁଛନ୍ତି ଏବଂ ତାହାକୁ ହିଁ ଲୋକ ସାଧାରଣରେ ଶକ୍ତି ଉଦ୍‌ବୋଧନରେ ଲଗାଉଛନ୍ତି । ତାହା ନ କଲେ ଜୀବନ ସଂଘର୍ଷରେ ତିଷ୍ଠିବା ଅସମ୍ଭବ ହୋଇ ପଡ଼ିବ ।" (୧୬) ସଂସ୍କୃତ ଭାଷାରେ ନିଜର ପ୍ରଗାଢ଼ ପାଣ୍ଡିତ୍ୟ ସତ୍ତ୍ୱେ, ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା ଉଦ୍ଦେଶ୍ୟରେ ନୀଳକଣ୍ଠ 'ଓଡ଼ିଆ ବ୍ୟାକରଣ' ଏବଂ ଭାଷା ଓ ବ୍ୟାକରଣ ବିଷୟକ ଅନେକ ପ୍ରବନ୍ଧ ରଚନା କରିଛନ୍ତି ।

---

(୧୫) ଓଡ଼ିଆ ଭାଷା ଓ ସାହିତ୍ୟ—ପୃଷ୍ଠା, ୧୦୦

(୧୬) ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା— ଓଡ଼ିଆ ଭାଷା ଓ ସାହିତ୍ୟ—ପୃଷ୍ଠା—୮

Digitized by PPRACHIN, SOA

## 'ଓଡ଼ିଆ ବ୍ୟାକରଣ'ରେ କେତୋଟି ନୂତନ ତଥ୍ୟ

**ଉଚ୍ଚାରଣତତ୍ତ୍ୱ :—** ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ଗୁରୁତ୍ୱ ଦେଇ ପଣ୍ଡିତ ନୀଳକଣ୍ଠ 'ଓଡ଼ିଆ ବ୍ୟାକରଣ'ରେ କେତେକ ନୂତନ ତଥ୍ୟ ଦେଖାଇଛନ୍ତି । ଏହି ଗ୍ରନ୍ଥରେ ଉଚ୍ଚାରଣକୁ ଅକ୍ଷରର ପ୍ରାଣ ରୂପେ ସ୍ୱୀକାର କରି ସେ କହନ୍ତି, ବର୍ଣ୍ଣ ବିଚାରରେ ଉଚ୍ଚାରଣ ହିଁ ଆଦୌ ବିଚାର୍ଯ୍ୟ ।

(କ) 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' କାର ଗୋପାଳଚନ୍ଦ୍ର କହନ୍ତି, ବଙ୍ଗଳା ପ୍ରଭୃତି ପରି ଓଡ଼ିଆ 'ଅ' କାରାନ୍ତ ବର୍ଣ୍ଣର ହଲନ୍ତ ଉଚ୍ଚାରଣ ନାହିଁ । କିନ୍ତୁ ନୀଳକଣ୍ଠଙ୍କ ମତରେ ବାସ୍ତବିକ୍, ଉଚିତ୍, ବର୍ତ୍ତମାନ୍ ପ୍ରଭୃତି ଉଚ୍ଚାରଣରେ ଠିକ୍ ।

(ଖ) ଅକ୍ଷର ଉଚ୍ଚାରଣ ସମ୍ପର୍କରେ ସ୍ୱର ବ୍ୟଞ୍ଜନ ମାନଙ୍କର ଓଡ଼ିଆରେ ଯେଉଁଭଳି ବି ପରିଣତି ହୁଏ ତାହାର ଉଦାହରଣ ନେଇ ନୀଳକଣ୍ଠ ଲେଖିଛନ୍ତି— "ଯେ ଟିଏ ଶବ୍ଦ ହେଉଛି ସଂସ୍କୃତରେ 'କ୍ଷିପ୍ର' । ସେଥିରୁ ଓଡ଼ିଆରେ କେତେପ୍ରକାର ପରିବର୍ତ୍ତନ ହୁଏ । ଏହା ହୁଏ ଭିନ୍ନ ଭିନ୍ନ ପ୍ରକାର ଘୃଣା ଓ ତାଚ୍ଛଲ୍ୟ ପ୍ରଭାବରେ ଯଥା—ଛେଉଡ଼ା, ଛେଡ଼ିବର, ହୁଏତ ଲଟପଟ ହେବା, ଲତବତ ହେବା ଇତ୍ୟାଦି ।" (୧୭)

(ଗ) ଡ, ଢ଼, ଢ, ଢ଼ —ର ଉଚ୍ଚାରଣ ଭେଦ ନିର୍ଦ୍ଦେଶ କରି ଭାଷାବିତ୍ ନୀଳକଣ୍ଠ କହନ୍ତି— "ଶବ୍ଦର ପ୍ରଥମରେ ଥିବା ଓ ଅନୁସ୍ୱାର ଛଡ଼ା ଅନ୍ୟ ବର୍ଣ୍ଣରେ ଯୁକ୍ତଥିବା 'ଡ' ମୂର୍ଦ୍ଧନ୍ୟ, ଅନ୍ୟତ୍ର ଟିକିଏ ତାଲବ୍ୟ (ଡ଼), 'ଢ' ସମ୍ବନ୍ଧରେ ମଧ୍ୟ ସେଇଆ ।" (୧୮)

(ଘ) ବୈୟାକରଣ ନୀଳକଣ୍ଠଙ୍କ ମତରେ 'ବାହ୍ୟ', 'ସହ୍ୟ' ପ୍ରଭୃତି ଶବ୍ଦକୁ 'ବାଜ୍‌ହ୍ୟ' 'ସଜ୍‌ହ୍ୟ' ପରି ଉଚ୍ଚାରଣ କରିବା ହେଉଛି ବଙ୍ଗଳାର ଅଯଥା

(୧୭) ଓଡ଼ିଆ ବର୍ଣ୍ଣ ଓ ଲିପି— ଓଡ଼ିଆ ବ୍ୟାକରଣ ।
(୧୮) ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା- ନବଭାରତ-୭, ୧୦ ସଂଖ୍ୟା

Digitized by PPRACHIN, SOA

ଅନୁକରଣ । ଓଡ଼ିଆରେ ବ୍ୟଞ୍ଜନ ବର୍ଣ୍ଣରେ ଯୁକ୍ତ 'ଯ'ର(କ୍ୟ, ଖ୍ୟ, ଗ୍ୟ) ସବନ୍ଧ 'ୟ' ଉଚ୍ଚାରଣ ହୁଏ । 'ଜ' ବା 'ଜ୍ୟ' ହୁଏ ନାହିଁ ।

(ଙ) ଓଡ଼ିଆରେ 'ରେଫ୍' ( ˊ ) ଓ 'ହ' (ଃ ପରେଥିବା ବ୍ୟଞ୍ଜନ ଦ୍ୱିତ୍ୱ ଉଚ୍ଚାରଣ ହୁଏ ନାଇ । ତେଣୁ ଲିପି ସଙ୍କେତରେ ମଧ୍ୟ 'ମୂର୍ଖ' 'ବର୍ତ୍ତମାନ' ସୂର୍ଯ୍ୟ', ଲେଖିବା ଠିକ୍ । 'ମୂର୍କ୍ଖ', 'ବର୍ତ୍ତ୍ତମାନ', 'ସୂର୍ଯ୍ୟ୍ୟ', ଲେଖିବା ଠିକ୍ ନୁହେଁ । (୧୯)

ପଣ୍ଡିତ ନୀଳକଣ୍ଠ ନିଜ ଲେଖାରେ 'ରେଫ୍' ଓ 'ହ' (ଃ) ପରେ ଦ୍ୱିତ୍ୱ ବ୍ୟଞ୍ଜନ ପରିହାର କରିଛନ୍ତି । ତାଙ୍କ ମତରେ, ଏହା ବ୍ୟାକରଣ ନିୟମ ସିଦ୍ଧ । ସଂସ୍କୃତ ଉଚ୍ଚାରଣ ନିୟମରେ ଅଛି, ଏଇ 'ରେଫ୍' ଓ 'ହ' ପରେ ଯେଉଁ ବ୍ୟଞ୍ଜନ ଥାଏ, ଇଚ୍ଛାକଲେ ସେହି ବ୍ୟଞ୍ଜନ ଦ୍ୱିତ୍ୱ ବ୍ୟଞ୍ଜନ ହୋଇପାରେ । ଯଥା—ମୂର୍ଖ > ମୂର୍କ୍ଖ, କର୍ମ > କର୍ମ୍ମ, ବର୍ତ୍ତମାନ > ବର୍ତ୍ତ୍ତମାନ, ସୂର୍ଯ୍ୟ > ସୂର୍ଯ୍ୟ୍ୟ ଇତ୍ୟାଦି । ଏ ସମ୍ପର୍କରେ ଡକ୍ଟର ଖଗେଶ୍ୱର ମହାପାତ୍ର ଲେଖିଛନ୍ତି—ରେଫ୍ ପରେ ବର୍ଣ୍ଣର (ଉଚ୍ଚାରଣରେ) ଦ୍ୱିତ୍ୱ ହେବା ନିୟମଟିରେ ଯେଉଁ ବିକଳ୍ପ ପନ୍ଥା ରହି ଅଛି ତାହା ଶ୍ରେୟ । × × × ଏହି ନିୟମ ପାଳନ କଲେ ଓଡ଼ିଆ ଲିପିରେ ଏକ ବିଶେଷ ଭଲ ହେବ ଯେ, କେତେକ ଯୁକ୍ତାକ୍ଷର ସହଜରେ ବର୍ଜନ କରାଯାଇ ପାରିବ ।" (୨୦)

## ଓଡ଼ିଆ ଭାଷାର ଅନ୍ୟ କେତେକ ବୈଶିଷ୍ଟ୍ୟ :—

ଉଚ୍ଚାରଣ ପଦ୍ଧତି ବ୍ୟତୀତ ପଣ୍ଡିତ ନୀଳକଣ୍ଠ ତାଙ୍କ ବ୍ୟାକରଣରେ ଓଡ଼ିଆ ଭାଷାର ଆଉ କେତୋଟି ବୈଶିଷ୍ଟ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି :—

(କ) ଓଡ଼ିଆ ଭାଷାରେ ଭାବରେ ବିକଳ୍ପେ ଷଷ୍ଠୀ ବିଭକ୍ତି ହୁଏ ଯଥା :—'ରାମ ମୁ ଦେହେଁ ଯିବୁ'—'ରାମର ମୋର ଦେହେଁ ଯିବୁ'—ଉଭୟ ପ୍ରୟୋଗ ସାଧୁ । (୨୧)

---

(୧୯) ରେଫ୍—ବର୍ଣ୍ଣ ବିଗ୍ରହ—ଓଡ଼ିଆ ବ୍ୟାକରଣ—୩ୟ ଭାଗ

(୨୦) ଓଡ଼ିଆ ଲିପି ଓ ବନାନ୍—ଝଙ୍କାର—୨୦ଶ ବର୍ଷ—ଦ୍ୱାଦଶ ସଂଖ୍ୟା ମେଷ, ୧୩୭୫ ସାଲ ।

(୨୧) ଓଡ଼ିଆ ବ୍ୟାକରଣରେ କେତୋଟି ସମସ୍ୟା—ଓଡ଼ିଆ ଭାଷା ଓ ସାହିତ୍ୟ —ପୃଷ୍ଠା—୧୦୩

Digitized by PPRACHIN, SOA

(ଖ) ଓଡ଼ିଆରେ କେତେକ ବିଶେଷ୍ୟ ପଦରେ ଷଷ୍ଠୀ ବିଭକ୍ତି ଚିହ୍ନ ଲାଗି ବିଶେଷଣ ପଦ ହୁଏ :—'ଗୁଣ', 'ସୁଧା'—**ଗୁଣର** ପିଲ, **ସୁଧାର** ପିଲ୍ । (୨୨) ମାଳକଣ୍ଠ କହନ୍ତି, ଷଷ୍ଠୀ ଚିହ୍ନର ପ୍ରକୃତ ହେଉଛି ବିଶେଷ୍ୟକୁ ସମ୍ବନ୍ଧୀ ପଦର ବିଶେଷଣ କରିଦେବା । ଯେପରି—ଆମ (ର) ଘର, ରାମ (ର) ଘର, ବାବୁ (ଙ୍କ) ଘର—ଏ ସବୁଥିରେ ପୂର୍ବ ପଦ ଗୁଡ଼ିକ ପର ପଦର ବିଶେଷଣ ।

(ଗ) ଓଡ଼ିଆରେ କ୍ଲୀବଲିଙ୍ଗକୁ ବ୍ୟାକରଣରେ ସ୍ଥାନ ନ ଦେବା ପାଇଁ ସେ ଯୁକ୍ତି ବାଢ଼ିଛନ୍ତି । ତାଙ୍କ ଭାଷାରେ— "ଏହା ଅନ୍ଧପରି ସଂସ୍କୃତକୁ ଅନୁକରଣ କରିବାରୁ ହୋଇଛି । (୨୩)

**ଓଡ଼ିଆ ବ୍ୟାକରଣ ଇଂରେଜ ଭାଷାର ବ୍ୟାକରଣ ଅନୁସାରୀ ହେବା ବିଧେୟ :—**

ମାଳକଣ୍ଠ କହନ୍ତି, ସଂସ୍କୃତ ଏକ ପ୍ରାଚୀନ ଆର୍ଯ୍ୟଭାଷା; ମାତ୍ର ଓଡ଼ିଆ, ବଙ୍ଗଳା, ହିନ୍ଦୀ; ଗୁଜରାଟୀ, ମରହଟ୍ଟି, ସିନ୍ଧି, ପଞ୍ଜାବୀ ପ୍ରଭୃତି ଇଂରେଜୀ ପରି ଗୋଟିଏ ଗୋଟିଏ ପ୍ରାଚୀନ ଆର୍ଯ୍ୟଭାଷାର ବଂଶଧର ବା ସେଥିରୁ ଜାତ ଚଳିତ ଭାଷା । ସେଥିପାଇଁ ଇଂରେଜୀ ଭାଷା ସଂଗେ ଓଡ଼ିଆ ପ୍ରଭୃତିର ସାମ୍ୟ ରହିବାର କଥା । ତେଣୁ ତାଙ୍କ ରଚିତ ବ୍ୟାକରଣରେ ପଦର ବିଭାଗ ଓ ବ୍ୟାଖ୍ୟା ବହୁ ପରିମାଣରେ ଇଂରେଜ ବ୍ୟାକରଣର ଆଦର୍ଶରେ ତିଆରି ହୋଇଛି । ପ୍ରସଙ୍ଗକ୍ରମେ ବାକ୍ୟରେ ପ୍ରଥମଚ୍ଛେଦ ବା କମା (,), ଦ୍ୱିତୀୟଚ୍ଛେଦ ବା ସେମି କୋଲନ (;) ତୃତୀୟଚ୍ଛେଦ ବା କୋଲନ ( : ) ପ୍ରଶ୍ନ ଚିହ୍ନ ( ? ) ବିସ୍ମୟ ସୂଚକ ଚିହ୍ନ ( ! ) ଉଦ୍ଧୃତ ଚିହ୍ନ ("   ") ସଂଯୋଜକ ଚିହ୍ନ ବା ସମାସ ଚିହ୍ନ ବା ହାଇଫେନ୍ ( - ) ଆଦିର ଉଦାହରଣ ଦେଇ ସେ ଲେଖିଛନ୍ତି— "ଏ ସବୁର ବ୍ୟବହାର ଓଡ଼ିଆରେ ବଡ଼ ନୂତନ । ଇଂରାଜୀରୁ ଏହା ଅନୁକରଣ, ତେଣୁ କ୍ରମେ କ୍ରମେ ଏହା ପ୍ରସାର ଲାଭ କରୁଛି ଓ ପୁଷ୍ଟି ହେଉଛି ।" (୨୪)

**ବାକ୍ୟ ବିଚାର — ଉଦ୍ଦେଶ୍ୟ ଓ ବିଧେୟ :—** "ଓଡ଼ିଆ ବ୍ୟାକରଣ" ର ପ୍ରଥମ ଭାଗ 'ବାକ୍ୟ ବିଚାର'ରେ ମାଳକଣ୍ଠ ବାକ୍ୟକୁ ଦୁଇଭାଗରେ ବିଭକ୍ତ କରିଛନ୍ତି— ଉଦ୍ଦେଶ୍ୟ ଓ ବିଧେୟ । ତାଙ୍କ

---

(୨୨) ତତ୍ରୈବ । ପୃଷ୍ଠା—୧୦୩

(୨୩) ଓଡ଼ିଆ ଭାଷା ଓ ସାହିତ୍ୟ—ପୃଷ୍ଠା—୧୦୩

(୨୪) ଓଡ଼ିଆ ବ୍ୟାକରଣ— ୧ମ ଭାଗ ଦ୍ରଷ୍ଟବ୍ୟ

Digitized by PPRACHIN, SOA

ଭାଷାରେ— "ବାକ୍ୟ ଯେତେବଡ଼ ହେଲେ ମଧ୍ୟ ସେଥିରେ ଉଦ୍ଦେଶ୍ୟ ଓ ବିଧେୟ ଛଡ଼ା ଆଉ କିଛି ରହି ନପାରେ ।" ଯାହା ବିଷୟରେ ବା ଯାହାକୁ ଉଦ୍ଦେଶ୍ୟ କରି କୁହାଯାଏ ତାହାକୁ ଉଦ୍ଦେଶ୍ୟ ବା ବିଷୟ; ଏବଂ ସେହି ଉଦ୍ଦେଶ୍ୟ ବିଷୟରେ ଯାହା କୁହାଯାଏ ତାହାକୁ ବିଧେୟ ବା ବାଚ୍ୟ କହନ୍ତି । ଉଦାହରଣ ସ୍ୱରୂପ ଯେ— 'ଦଶରଥଙ୍କ ପୁତ୍ର ବୀର ରାମ ବନବାସ ସମୟରେ ରାବଣ ସୀତାଙ୍କୁ ଅପହରଣ କରିବାରୁ ତାକୁ ବଧକରି ବିଭୀଷଣଙ୍କୁ ଲଙ୍କାର ରାଜା କଲେ ।' — ଏହି ଜଟିଳ ବାକ୍ୟକୁ ଖଣ୍ଡ ଖଣ୍ଡ କରି ବାକ୍ୟ ମଧ୍ୟରେ ଥିବା ବିଭିନ୍ନ ପଦ କିପରି ସମ୍ପର୍କରେ ରହି ଉଦ୍ଦେଶ୍ୟ ଓ ବିଧେୟର ଅଂଗ ହୁଅନ୍ତି ତାହା ନିମ୍ନୋକ୍ତ ଭାବେ ଦର୍ଶାଇଛନ୍ତି—

| | ଉଦ୍ଦେଶ୍ୟ | | ବିଧେୟ | | |
|---|---|---|---|---|---|
| କର୍ତ୍ତା | ବିଶେଷକ | କି ପ୍ରକାର ବିଶେଷକ | ସମାପିକା କ୍ରିୟା | ବିଶେଷକ | କି ପ୍ରକାର ବିଶେଷକ |
| ରାଜା | | | କଲେ | ବଧକରି — | ଅସମାପିକା କ୍ରିୟା ('କରି'କୁ ଅସମାପିକା ଅସମ୍ପୂର୍ଣ୍ଣ କ୍ରିୟା ଓ 'ବଧ'କୁ ବିକୃତ କର୍ମ କୁହାଯାଇପାରେ |
| | ପୁତ୍ର— | ବ୍ୟାଖ୍ୟାନ ବିଶେଷ୍ୟ | | | |
| | ଦଶରଥଙ୍କ | ପୁତ୍ରର ବିଶେଷକ | | | |
| | | | | ବନବାସ ସମୟରେ ଅପହରଣ କରିବାରୁ ବିଭୀଷଣଙ୍କୁ | କାରକ |
| | | | | ରାବଣ— | ଅପହରଣ କରିବାର କର୍ତ୍ତା |
| | | | | ସୀତାଙ୍କୁ— | ଅପହରଣ କରିବାର କର୍ମ |
| | | | | ରାଜା— | ବିକୃତ କର୍ମ |
| | | | | ଲଙ୍କାର — | 'ରାଜା'ର ବିଶେଷକ |

Digitized by PPRACHIN, SOA

## କ୍ରିୟାର କାଳଭଙ୍ଗୀ ବିଚାର

ମାଳକଣ୍ଠଙ୍କ ବିଚାରରେ ଓଡ଼ିଆ ଭାଷାର କାଳ ବିଚାର ଅତି ସରଳ ଓ ବିଜ୍ଞାନ ସମ୍ମତ। ସେ ସଂସ୍କୃତ ଓ ଇଂରାଜୀ ଦୁଇଭାଷାର ବ୍ୟାକରଣର ସଙ୍କେତକୁ କଳନାରେ ମିଶାଇ ଓଡ଼ିଆରେ କାଳ ନିରୂପଣ କରିଛନ୍ତି। କାଳ ରୂପ ଦର୍ଶାଇବା ପାଇଁ ସଂସ୍କୃତରେ ଯେଉଁ ଦଶଗୋଟି 'ଲ'କାର ରୂପ ରହିଛି ତାହାକୁ ସେ ବିଜ୍ଞାନ ସମ୍ମତ ମନେକରି ନାହାନ୍ତି। କାରଣ ଲଂଙ୍, ଲୁଂଙ୍, ଲିଟ୍ ପ୍ରଭୃତି ଅତୀତ କାଳର ରୂପ ଦେଖାଇଲେ ମଧ୍ୟ ତାହା କେଉଁ ଅତୀତ ଜାଣିହୁଏ ନାହିଁ। ଇଂରାଜୀରେ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ—ଏହି ତିନି କାଳର ରୂପ ପ୍ରତ୍ୟେକଟି ଯେପରି ଚାରି ଗୋଟି ଭଙ୍ଗୀରେ ପ୍ରକାଶ ପାଆନ୍ତି ତାହାକୁ ମାଳକଣ୍ଠ ସମର୍ଥନ ଜଣାଇଛନ୍ତି। ଯଥା :—

(କ) —ସାଧାରଣ ବର୍ତ୍ତମାନ—ସେ କରେ।

(ଖ) —ଚାଲୁଥିବା ବର୍ତ୍ତମାନ—ସେ କରୁଛି।

(ଗ) —ସରି ଯାଇଥିବା ବର୍ତ୍ତମାନ—ସେ କରିଛି।

(ଘ) —ଚାଲି ଆସୁଥିବା ବର୍ତ୍ତମାନ—ସେ କରି ଆସୁଛି।

ଅତୀତ ଓ ଭବିଷ୍ୟତ ପାଇଁ ମଧ୍ୟ ଏହି ଚାରିଗୋଟି ଭଙ୍ଗୀ ପ୍ରଯୁଜ୍ୟ। ଅତୀତରେ—ସେ କଲା, ସେ କରୁଥିଲା, ସେ କରିଥିଲା, ସେ କରି ଅସୁଥିଲା। ଭବିଷ୍ୟତରେ—ସେ କରିବ, ସେ କରୁଥିବ, ସେ କରିଥିବ, ସେ କରିଅସୁଥିବ। (୨୫)

ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ—ଏଇ ତିନିଗୋଟି ମୁଖ୍ୟକାଳ ବ୍ୟତୀତ ଅନୁଜ୍ଞା ଓ ସମ୍ଭାବନାରେ ମଧ୍ୟ ମାଳକଣ୍ଠ କ୍ରିୟାର ଭିନ୍ନ ଭିନ୍ନ ରୂପ ଦର୍ଶାଇଛନ୍ତି। ପୁଣି ପ୍ରତ୍ୟେକ କାଳ ରୂପରେ ସେ ଦୁଇଟି ଲେଖାଏଁ ପ୍ରକାର ନିର୍ଦ୍ଦେଶ କରିଛନ୍ତି। ପ୍ରଥମଟି କାର୍ଯ୍ୟ ଚାଲୁଥିବା ପ୍ରକାର ଓ ଦ୍ୱିତୀୟଟି କାର୍ଯ୍ୟ ସରିଯାଇଥିବା ବା ନିଷ୍ପନ୍ନ ହୋଇଥିବା ପ୍ରକାର। ଉଦାହରଣ ସ୍ୱରୂପ 'ମୁଁ କରେ'—ଏହାର କାର୍ଯ୍ୟଟି ଚାଲୁଥିବା ପ୍ରକାର ହେଉଛି 'ମୁଁ କରୁଛି', ଏବଂ

(୨୫) ଓଡ଼ିଆ ବ୍ୟାକରଣ—୨ୟ ଭାଗ—ପଦବିଚାର

Digitized by PPRACHIN, SOA

କାର୍ଯ୍ୟଟି ନିଷ୍ପନ୍ନ ହୋଇଥିବା ପ୍ରକାର ହେଉଛି—ମୁ କରିଚ ।

ସେହିପରି ଅନୁଜ୍ଞାରେ—'ତୁ କର'

ଏହାର ଚାଲୁଥିବା ପ୍ରକାରଟି—'ତୁ କରୁଥା'

ଏବଂ ନିଷ୍ପନ୍ନ ହୋଇଥିବା ପ୍ରକାରଟି—'ତୁ କରିଥା' ।

ପୁଣି 'ସମ୍ଭବନା'ରେ—'ତୁ କରନ୍ତୁ' ।

'ତୁ କରୁଥାନ୍ତୁ' ଏବଂ

'ତୁ କରିଥାନ୍ତୁ' । (୨୭)

ଅତୀତ, ବର୍ତ୍ତମାନ, ଭବିଷ୍ୟତ, ଅନୁଜ୍ଞା ଓ ସମ୍ଭବନା—ଏହି ପାଞ୍ଚଟି କାଳ ସହ ପ୍ରତ୍ୟେକର ଅତୀତ ଭଙ୍ଗୀ ଓ ବର୍ତ୍ତମାନ ଭଙ୍ଗୀକୁ ନେଇ ନୀଳକଣ୍ଠ ଓଡ଼ିଆରେ ସର୍ବମୋଟ ପନ୍ଦର ଗୋଟି କାଳ ଭଙ୍ଗୀକୁ ସ୍ୱୀକାର କରିଛନ୍ତି । ବର୍ତ୍ତମାନ କାଳ ପାଇଁ ଯେପରି—ମୁଁ କରେ,

ମୁଁ କରୁଚ

ମୁଁ କରିଚ—

ସେହିପରି ଅତୀତ, ଭବିଷ୍ୟତ, ଅନୁଜ୍ଞା ଓ ସମ୍ଭାବନା ପାଇଁ ପ୍ରଯୁଜ୍ୟ ତାଙ୍କ ଯୁକ୍ତିରେ, ଏହି ପନ୍ଦରଟି କାଳଭଙ୍ଗୀ ବ୍ୟତୀତ ଓଡ଼ିଆରେ ଆଉ ଅଧିକ ବା ଊଣା କାଳ ରୂପର ପ୍ରକାର ନାହିଁ । କାଳ ଭଙ୍ଗୀରେ ନିତ୍ୟ, ପ୍ରବୃତ୍ତ, ଅନଦ୍ୟତନ, ପ୍ରାଗ୍-ଭବିଷ୍ୟତ ପ୍ରଭୃତି ବିଭଙ୍ଗୀ କରଣକୁ ନୀଳକଣ୍ଠ ସ୍ୱୀକାର କରିନାହାଁନ୍ତି । *

**'ଦ୍ୟୋତକ କ୍ରିୟା' ବା** Auxiliary Verb—

ଇଂରାଜୀରେ ହୋଇ ଆସିଥିବା କ୍ରିୟାବାଚକ ଆସିଥିବା ଅର୍ଥରେ ଆଉ ଗୋଟିଏ ରୂପ ବା ପ୍ରକାର ହୁଏ । ଓଡ଼ିଆରେ ତାହା ସାହାଯ୍ୟକାରୀ କ୍ରିୟା ଦ୍ୱାରା ପ୍ରକାଶିତ ହୁଏ । ଯଥା—'କରି ଆସୁଅଛି', 'କରି ଯାଉଅଛି',

---

(୨୭) 'ଓଡ଼ିଆ ବ୍ୟାକରଣ'—୨ୟ ଭାଗ—ପଦ ବିଚାର ।

* ତୁଳନାତ୍ମକ ଭାବେ ପଣ୍ଡିତ ନାରାୟଣ ମହାପାତ୍ର ଓ ଶ୍ରୀଧର ଦାସଙ୍କ ରଚିତ 'ସଂସ୍କାର ବ୍ୟାକରଣ'ର 'କ୍ରିୟାର କାଳ' ବିଚାର ଦେଖିଲେ ଜଣାଯିବ ତାହା ନୀଳକଣ୍ଠଙ୍କ 'ଓଡ଼ିଆ ବ୍ୟାକରଣ'ରେ ଦିଆଯାଇଥିବା 'କାଳ ବିଚାର' ତୁଳନାରେ କେତେ ଜଟିଳ ।

Digitized by PPRACHIN, SOA

'ମାଣି ଆଣି ଯାଇଥିଲି' ଇତ୍ୟାଦି । ଏହି ସାହାଯ୍ୟକାରୀ କ୍ରିୟାକୁ 'ଦ୍ୟୋତକ କ୍ରିୟା' କୁହାଯିବା ସପକ୍ଷରେ ନୀଳକଣ୍ଠ ଲେଖିଛନ୍ତି— "ଇଂରେଜୀରେ Auxiliary Verb (has, have, can, shall, may, might ଇତ୍ୟାଦି) ଅଛି । ଓଡ଼ିଆରେ ତାହାର ନାମ ସାହାଯ୍ୟକାରୀ କ୍ରିୟା । କିନ୍ତୁ କ୍ରିୟାର ଯଥାର୍ଥ ଅର୍ଥଟି ଦ୍ୟୋତକ ବା ପ୍ରକାଶ କରୁଥିବାରୁ ଏହାକୁ 'ଦ୍ୟୋତକ କ୍ରିୟା' କୁହାଯାଏ । ପ୍ରକୃତରେ ଏଇ ଦ୍ୟୋତକ କ୍ରିୟାଟି କାର୍ଯ୍ୟଟିର ଅର୍ଥ ବୁଝାଏ ।" (୨୭)

## 'କ୍ରିୟା ବିଭକ୍ତି'ର ପ୍ରୟୋଗ

'ବିଭକ୍ତି'ର ଅର୍ଥ ବୁଝାଇବାକୁ ଯାଇ ନୀଳକଣ୍ଠ କହନ୍ତି—'ଯେ ଭର୍ଗୀ ଚିହ୍ନାଇ ଦିଏ ତାହା 'ବିଭକ୍ତି' । ବିଭକ୍ତିର ପ୍ରୟୋଗରେ ପଦ ମଧ୍ୟରେ ଥିବା ଶବ୍ଦ ଗୁଡ଼ିକର ରୂପ ବଦଳି ଯାଏ । ଏଇ ବିଭକ୍ତି ଦୁଇ ପ୍ରକାରର—**କାରକ ବିଭକ୍ତି** ଓ **କ୍ରିୟା ବିଭକ୍ତି** । ଅନ୍ୟାନ୍ୟ ବ୍ୟାକରଣ ଗ୍ରନ୍ଥରେ କେବଳ କାରକ ବିଭକ୍ତି ସଂପର୍କରେ ଉଲ୍ଲେଖ ଅଛି । ଯଥା :—"ଯେଉଁ ଚିହ୍ନ ବାକ୍ୟରେ ଥିବା ପଦର ସଂଖ୍ୟା ଓ କାରକ ସୂଚାଇଦିଏ, ତାହା ବିଭକ୍ତି ।" (୨୮) କିମ୍ବା — 'ଯାହାଦ୍ୱାରା ସଂଖ୍ୟା ଓ କାରକର ପ୍ରତୀତି ଜନ୍ମେ, ତାହାକୁ 'ବିଭକ୍ତି' ବୋଲାଯାଏ । (୨୯)

ଓଡ଼ିଆରେ '**କ୍ରିୟା ବିଭକ୍ତି**'ର ପ୍ରୟୋଗ ହେଉଛି ନୀଳକଣ୍ଠଙ୍କ ସ୍ୱାତନ୍ତ୍ର୍ୟ । ତାଙ୍କ ବକ୍ତବ୍ୟରେ—'ସେ **କରିବ**', 'ମୁଁ **ଠେଲିଲି**'—ଏଠାରେ 'କର୍' ଓ 'ଠେଲ୍' ଧାତୁ ରୂପରେ 'ଇବ' ଓ 'ଇଲି' କ୍ରିୟା ବିଭକ୍ତି ମାନ ଲଗାଇ ତାକୁ ପଦ କରାଯାଇଛି । ଏହି 'କ୍ରିୟା ବିଭକ୍ତି'ର ସଂଜ୍ଞା ନିରୂପଣ କରି ସେ ଲେଖିଛନ୍ତି —ମୂଳ ଧାତୁ ସଂଗେ ଲିଙ୍ଗ, ବଚନ, ପୁରୁଷରେ କ୍ରିୟାର ରୂପ ଭେଦ ନିମନ୍ତେ ଯେଉଁସବୁ ପଦଭାଗ ଯୋଗ କରାଯାଏ, ତାହାକୁ

---

(୨୭) ଓଡ଼ିଆ ବ୍ୟାକରଣ—୨ୟ ଭାଗ—ପଦ ବିଚାର ।

(୨୮) 'ମାଧ୍ୟମିକ ଓଡ଼ିଆ ବ୍ୟାକରଣ' — ମାଧ୍ୟମିକ ଶିକ୍ଷାବୋର୍ଡ ଦ୍ୱାରା ପ୍ରକାଶିତ ଗ୍ରନ୍ଥ ପୃ—୪୭ ।

(୨୯) 'ସର୍ବସାର ବ୍ୟାକରଣ'—ପଣ୍ଡିତ ନାରାୟଣ ମହାପାତ୍ର ଓ ଅଧ୍ୟାପକ ଶ୍ରୀଧର ଦାସ—ପୃ—୫୫

Digitized by PPRACHIN, SOA

'କ୍ରିୟା ବିଭକ୍ତି' କହନ୍ତି ।" (୩୦) ବଚନ ଓ ପୁରୁଷର ଭେଦ ଦର୍ଶାଇବା ପାଇଁ 'କହ୍' ମୂଳ ଧାତୁର ଏ, ଅନ୍ତି, ଉଚ, ଉଚି, ଉଚନ୍ତି ଆଦି କ୍ରିୟା ବିଭକ୍ତି ଯୁକ୍ତ ହୋଇ ଯଥାକ୍ରମେ କହେ, କହନ୍ତି, କହୁଚ, କହୁଚି, କହୁଚନ୍ତି ଆଦି କ୍ରିୟାପଦ ଗଠିତ ହୋଇଥିବାର ସେ ସୂଚନା ଦେଇଛନ୍ତି ।

**ବର୍ଣ୍ଣବିଗ୍ରହ** :—'ଓଡ଼ିଆ ବ୍ୟାକରଣ'ର 'ବର୍ଣ୍ଣବିଗ୍ରହ' ପର୍ଯ୍ୟାୟରେ ନୀଳକଣ୍ଠ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣର ଉଚ୍ଚାରଣ ସ୍ଥଳ, ଉଚ୍ଚାରଣ ନିୟମ, ଲିଖନ ନିୟମ ଆଦି ଆଲୋଚନା କରିଛନ୍ତି । ସେ ସଂସ୍କୃତର ଉଚ୍ଚାରଣ ନିୟମଠାରୁ ଓଡ଼ିଆ ଉଚ୍ଚାରଣ ନିୟମର ପାର୍ଥକ୍ୟ ଦର୍ଶାଇ ଓଡ଼ିଆରେ ଯୁକ୍ତାକ୍ଷରରେ ଥିବା ବର୍ଗର ପଞ୍ଚମ ବର୍ଣ୍ଣ ସ୍ଥାନରେ ଅନୁସ୍ୱାରର ପ୍ରୟୋଗକୁ ଉଚିତ ମନେ କରିଛନ୍ତି । ତାଙ୍କ ଭାଷାରେ—"ଓଡ଼ିଆରେ ସବୁବର୍ଣ୍ଣରେ ସଂସ୍କୃତରେ ନିର୍ଦ୍ଦିଷ୍ଟ ରହିଥିବା ଉଚ୍ଚାରଣ ନାଇ । ଯଥା – ଓଡ଼ିଆରେ '**ବଂଚିବା**'ର ଉଚ୍ଚାରଣ ଠିକ୍ । 'ବଞ୍ଚିବା' ନୁହେଁ ବରଂ ଏହା 'ବନ୍‌ଚିବା'; '**ବାଂଛା**'— 'ବାଞ୍ଛା' ନୁହେଁ—'ବାନ୍‌ଛା' । ଏଣୁ ଅନୁସ୍ୱାର ଦେଇ ଲେଖିବା ସାଧୁ । 'ଙ', 'ଞ'ର ଯେଉଁ ଉଚ୍ଚାରଣ ନିର୍ଦ୍ଦିଷ୍ଟ ହୋଇ ଆସିଚି, ତା' ଏସବୁ ଠାରେ ନାଇ । କିନ୍ତୁ '**ବାଙ୍‌ମୟ**', '**ମୃଣ୍ମୟ**' ପ୍ରଭୃତିକୁ ବାଂମୟ, ମୃଂମୟ – ଏପରି ଲେଖିବା ଠିକ୍ ନୁହେଁ । ତା' ହେଲେ ଅନୁସ୍ୱାରରେ 'ମ' ଉଚ୍ଚାରଣହିଁ ହେବ ଓ ଶବ୍ଦଟିମାନ 'ବାମ୍ମୟ' 'ମୃମ୍ମୟ'—ଏହିପରି ହୋଇଯିବ ।" (୩୧) ଏଠାରେ ନୀଳକଣ୍ଠ କହିବାକୁ ଚାହିଁଛନ୍ତି—ଯେଉଁଠାରେ ଯୁକ୍ତାକ୍ଷରରେ ଦୁଇଟି ବର୍ଗର ପଞ୍ଚମ ବର୍ଣ୍ଣ ରହିବ ସେଠାରେ ଗୋଟିଏ ପଞ୍ଚମ ବର୍ଣ୍ଣ ସ୍ଥାନରେ ଅନୁସ୍ୱାର ପ୍ରୟୋଗ କଲେ ଉଚ୍ଚାରଣ ଠିକ୍ ହେବ ନାହିଁ ।

## ବର୍ଣ୍ଣ, ଲିପି ଓ ଅକ୍ଷର –

ପଣ୍ଡିତ ନୀଳକଣ୍ଠ ସ୍ୱରଚିତ ବ୍ୟାକରଣରେ ଲିପି ଓ ବର୍ଣ୍ଣ ମଧ୍ୟରେ ପ୍ରଭେଦ ଦର୍ଶାଇ ଲେଖିଛନ୍ତି – "ବର୍ଣ୍ଣ କହିବା ଲୋକର ମୁହଁରେ ଅଛି । ତାହାର ଉଚ୍ଚାରଣ ଅଛି । ଲିପି ବା ଲେଖରେ ସେ ସବୁ କିଛି ନାଇ ।

(୩୦) ବର୍ଣ୍ଣବିଗ୍ରହ – 'ଓଡ଼ିଆ ବ୍ୟାକରଣ –

(୩୧) ବର୍ଣ୍ଣ ବିଗ୍ରହ – ଓଡ଼ିଆ ବ୍ୟାକରଣ

Digitized by PPRACHIN, SOA

ଲିପି—ବର୍ଣ୍ଣର ସଂକେତ ମାତ୍ର ।" (୩୨) ସାହିତ୍ୟ ଓ ଭାଷାକୁ ଆପେକ୍ଷିକ ସ୍ଥାୟିତ୍ୱ ଦେବା ଉଦ୍ଦେଶ୍ୟରେ ପ୍ରତୀକ ବା ଚିହ୍ନ ଦ୍ୱାରା ଲିପିର ସୃଷ୍ଟି । ଅନ୍ୟ ଓଡ଼ିଆ ବୈୟାକରଣମାନେ ସଂସ୍କୃତ ବ୍ୟାକରଣକୁ ଅନୁସରଣ କରି ଥିବାରୁ ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ନାହାନ୍ତି । ଉଦାହରଣ ସ୍ୱରୂପ ପଣ୍ଡିତ ନାରାୟଣ ମହାପାତ୍ର ଓ ଶ୍ରୀଧର ଦାସ କହନ୍ତି—"ଲିଖିତ ଚିହ୍ନ ଦ୍ୱାରା ଭାଷାକୁ ବ୍ୟକ୍ତ କରିବାପାଇଁ ଯେଉଁସବୁ ସଂକେତର ସୃଷ୍ଟି ହୋଇଅଛି । ସେ ସବୁକୁ ବର୍ଣ୍ଣ ବା ଅକ୍ଷର ବୋଲିଯାଏ ।" (୩୩) କିନ୍ତୁ ନୀଳକଣ୍ଠ ବର୍ଣ୍ଣ ଓ ଅକ୍ଷର ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଲେଖିଛନ୍ତି —"ସଂସ୍କୃତରେ ବର୍ଣ୍ଣ ଓ ଅକ୍ଷର ଦୁହିଁଙ୍କର ଅର୍ଥ ସମାନ । ମାତ୍ର ଓଡ଼ିଆରେ ସାଧାରଣତଃ ଅକ୍ଷର ବୋଇଲେ, ଯାହା ଏକ ସ୍ୱରକେ ଉଚ୍ଚାରିତ ହୁଏ । 'କ' ଗୋଟିଏ ଅକ୍ଷର । ମାତ୍ର ଏଥିରେ ବର୍ଣ୍ଣ ଦୁଇଟି – 'କ୍' ଓ 'ଅ' । ସେଇପରି 'କା' = କ୍ + ଆ । ଓଡ଼ିଆରେ 'ସ୍ତ୍ର', 'ଣ୍ଟ' ପ୍ରଭୃତିକୁ ଗୋଟିଏ ଗୋଟିଏ ଯୁକ୍ତାକ୍ଷର କହନ୍ତି । ମାତ୍ର ଏଥିରେ ତିନୋଟି ଲେଖାଏଁ ବର୍ଣ୍ଣ ଅଛି – ସ୍ତ୍ର = ସ୍ + ତ୍ + ଅ, ଣ୍ଟ = ଣ୍ + ଟ୍ + ଅ ।" (୩୪) ସେପୁଣି ଲିପି ଓ ବର୍ଣ୍ଣ ମଧ୍ୟରେ ପ୍ରଭେଦ ନିର୍ଣ୍ଣୟ କରିଛନ୍ତି – "ଲିପି ସବୁବେଳେ ଗୋଟିଏ କୃତ୍ରିମ ବସ୍ତୁ । ମାଇଲ ପଥରଟା ଯେପରି ମାଇଲ୍ ନୁହେଁ, ଲିପିଟା ସେଇପରି ବର୍ଣ୍ଣ ନୁହେଁ । ବର୍ଣ୍ଣ ସ୍ୱର ଯନ୍ତ୍ରରେ, ଲିପିଟା ଲେଖାରେ ।" (୩୫) କିନ୍ତୁ ବର୍ଣ୍ଣର ଉଚ୍ଚାରଣ ଠିକ୍ ପ୍ରକାଶ କରିବାରେ ଲିପିର ଆବଶ୍ୟକତା ଦର୍ଶାଇ ସେ ଲେଖିଛନ୍ତି – "ଲିପି ବର୍ଣ୍ଣର ଉଚ୍ଚାରଣ ପ୍ରକାଶ କରିବା ପାଇଁ ।' ଠିକ୍ କରି ତାହା କରି ପାରିଲେ ଭାଷାରେ ସାର୍ବ-କାଳିକ ଓ ସାର୍ବଜନୀନ ଦୃଷ୍ଟି ଫିଟେ ।" (୩୬)

**ଗୁରୁସ୍ୱର ଓ ଦୀର୍ଘସ୍ୱର** :– 'ଓଡ଼ିଆ ବ୍ୟାକରଣ'କାର ନୀଳକଣ୍ଠ ସ୍ୱର ବର୍ଣ୍ଣର ଉଚ୍ଚାରଣରେ ଗୁରୁତା ଓ ଦୀର୍ଘତା ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ

---

(୩୨) ବର୍ଣ୍ଣ ବିଗ୍ରହ—ଓଡ଼ିଆ ବ୍ୟାକରଣ

(୩୩) ସର୍ବସାର ବ୍ୟାକରଣ – ପୃଷ୍ଠା--୧ ।

(୩୪) ବର୍ଣ୍ଣ ବିଗ୍ରହ – ଓଡ଼ିଆ ବ୍ୟାକରଣ

(୩୫) ଓଡ଼ିଆ ବର୍ଣ୍ଣ ଓ ଲିପି – (ଦୁଇ)

(୩୬) ବର୍ଣ୍ଣ ବିଗ୍ରହ – ଓଡ଼ିଆ ବ୍ୟାକରଣ ।

Digitized by PPRACHIN, SOA

କରିଛନ୍ତି । ତାଙ୍କ ବିଚାରରେ ସ୍ୱରଟି ଉଚ୍ଚାରଣରେ ଲମ୍ୱାହେଲେ ହୁଏ ଦୀର୍ଘ । ସ୍ୱର ଉପରେ ଜୋର ପଡିଲେ ଗୁରୁ ହୁଏ । ଯୁକ୍ତ ବର୍ଣ୍ଣର ପୂର୍ବର ସ୍ୱର ଗୁରୁ । ଅନୁସ୍ୱାର, ବିସର୍ଗ ପୂର୍ବରେ ଥିବା ସ୍ୱର ମଧ୍ୟ ଗୁରୁ । ଗୁରୁସ୍ୱର, ଦୀର୍ଘସ୍ୱର ଏକା କଥା ନୁହେଁ । ଦୀର୍ଘ ଓ ହ୍ରସ୍ୱ ଦୁଇସ୍ୱର ଗୁରୁ ହୁଅନ୍ତି ।

ନୀଳକଣ୍ଠ ପୁଣି କହନ୍ତି, ଗୁରୁସ୍ୱର ଓ ଦୀର୍ଘସ୍ୱର ଏକା ପ୍ରକାରର ନ ହେଲେ ବି ଏକା ଜାତିର । ଓଡ଼ିଆ ଉଚ୍ଚାରଣରେ ବହୁ ଗୁରୁସ୍ୱର କାଳକ୍ରମେ ଦୀର୍ଘ ହୋଇଥିବାର ସେ ଦର୍ଶାଇଛନ୍ତି । ଯଥା-ଶର୍କର>ସାକର, ପତ୍ତନ> ପାଟଣା, ମକ୍ଷି>ମାଛି, କର୍ଦ୍ଦମ>କାଦୁଅ, ଅଙ୍ଗୁଲି>ଆଙ୍ଗୁଠି ଇତ୍ୟାଦି । ଏଇ ଦୀର୍ଘ ଉଚ୍ଚାରଣ କ୍ରମେ ଘଷି ହୋଇ ହ୍ରସ୍ୱ ମଧ୍ୟ ହୋଇଛି । ବିଦ୍ୟୁତ୍> ବିଜୁଳି, କର୍କଟ>କକଡ଼ା, କୁବ୍‌ଜ>କୁଜ, କୁକ୍‌କୁଟ>କୁକୁଡ଼ା, ନିଦ୍ରା> ନିଦ ପ୍ରଭୃତି ଶବ୍ଦରେ ଲିପିରେ ମଧ୍ୟ ଦୀର୍ଘତା ଲୋପ ପାଇଛି ।

**ଶବ୍ଦ ବିଚାର :—** ସ୍ୱରଚିତ 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥରେ ପଣ୍ଡିତ ନୀଳକଣ୍ଠ 'ଶବ୍ଦ ବିଚାର' ପର୍ଯ୍ୟାୟରେ ବ୍ୟାକରଣରେ ଶବ୍ଦର ବ୍ୟବହାର ସମ୍ପର୍କରେ କହନ୍ତି— 'ଶବ୍ଦ ଖାଲି ଥିବାତକ ସେମାନେ ଅଭିଧାନର ସାମଗ୍ରୀ । ବ୍ୟାକରଣ କିନ୍ତୁ ଖାଲି ଶବ୍ଦ ଓ ତା' ଅର୍ଥର ବିଚାର କରେ ନାହିଁ । ବାକ୍ୟରେ ପ୍ରୟୋଗ ଲାଗି ବ୍ୟାକରଣ ଶବ୍ଦର ବିଚାର କରେ । ସେଇ ସୂତ୍ରେ ଶବ୍ଦର ଅର୍ଥ ଦେଖିବା ମଧ୍ୟ ବ୍ୟାକରଣର କାର୍ଯ୍ୟ ।'— ଏହାର ଉଦାହରଣ ସ୍ୱରୂପ ସେ 'କରିବା' ଶବ୍ଦଟିକୁ ନେଇ ତାହାର ବିବିଧ ଅର୍ଥ ଦର୍ଶାଇଛନ୍ତି—

(୧) — **'କରିବା'**— (ସାଧିବା ଅର୍ଥରେ)— ଆମେ ଏ କର୍ମ କରିବା

(୨) — (କରଣୀୟ ଅର୍ଥରେ)— ଏ ଆମର କରିବା କର୍ମ

(୩) — (କରାଯାଇଥିବା ଅର୍ଥରେ)— ଏ ମୋର ହାତରେ କରିବା କାମ

(୪) — (ସାଧନ ଅର୍ଥରେ)— ତୋର ଏ କାର୍ଯ୍ୟ କରିବାଟା ମୁଁ ପସନ୍ଦ କରୁନାହିଁ ।

— ଏହି ଚାରିଗୋଟି ବାକ୍ୟର ଅର୍ଥ ପ୍ରକରଣରୁ ଜଣାଯାଏ—
ପ୍ରଥମ ବାକ୍ୟରେ **'କରିବା'** ଶବ୍ଦ କ୍ରିୟାପଦ, ଦ୍ୱିତୀୟ ବାକ୍ୟରେ ଏହା ବିଶେଷଣ ମାତ୍ର ଭବିଷ୍ୟତ ସୂଚକ, ତୃତୀୟ ବାକ୍ୟରେ ଏହା ବିଶେଷଣ ମାତ୍ର ଅତୀତ ସୂଚକ ଏବଂ ଚତୁର୍ଥ ବାକ୍ୟରେ ଏହା ବିଶେଷ୍ୟ ପଦ ରୂପେ ବ୍ୟବହୃତ ।

Digitized by PPRACHIN, SOA

ଏହି ଶବ୍ଦ ବର୍ଗର ପର୍ଯ୍ୟାୟରେ ନୀଳକଣ୍ଠ ଶବ୍ଦମୂଳ, ଧାତୁରୂପ, ଉପସର୍ଗ, ପ୍ରତ୍ୟୟ, ପ୍ରଯୋଜକ ଧାତୁ, ନାମଧାତୁ ଆଦିର ତାତ୍ତ୍ୱିକ ଆଲୋଚନା କରି ବାକ୍ୟରେ ପରିଣତ ହେବାବେଳେ ଶବ୍ଦ ଗୁଡିକ କିପରି ପ୍ରଯୋଜନ ଅନୁସାରେ ଭିନ୍ନ ଭିନ୍ନ ରୂପ ଗ୍ରହଣ କରନ୍ତି ତାହାର ସୂଚନା ଦେଇଛନ୍ତି । ଅବ୍ୟୟ ବ୍ୟତୀତ ଅନ୍ୟ ସମସ୍ତ ପଦ ମାନଙ୍କର ବାକ୍ୟରେ ଏଇପରି ଭିନ୍ନ ଭିନ୍ନ ରୂପ ଦେଖାଯାଏ । କାରଣ 'ଅବ୍ୟୟ' କଥାଟିର ଅର୍ଥ ହେଉଛି ଯାହାର ବ୍ୟୟ ବା ଭିନ୍ନ ରୂପ ନାହିଁ ।

## ବୁଝାଇ କହିବାର ଶୈଳୀ ନୀଳକଂଠଂକର ବିଶେଷତ୍ୱ :—

ନୀଳକଣ୍ଠଙ୍କ 'ବ୍ୟାକରଣ'ର ସବୁଠାରୁ ବଡ଼ ବିଶେଷତ୍ୱ ବା ସ୍ୱାତନ୍ତ୍ର୍ୟ ହେଉଛି, ତାଙ୍କର ବୁଝାଇ କହିବା ଶୈଳୀ । ସେ ଯେତେବେଳେ ଯେଉଁ ତତ୍ତ୍ୱ ଉପସ୍ଥାପନ କରିବାକୁ ଚାହାଁନ୍ତି ତାକୁ ଅତି ପ୍ରାଞ୍ଜଳ ଭାବରେ ଆମେ ନିତିଦିନ ବ୍ୟବହାର କରୁଥିବା ବାକ୍ୟମାନଙ୍କରୁ ଉଦାହରଣ ଦେଇ ବୁଝାଇଛନ୍ତି । ଯେପରି 'ସନ୍ଧି କଅଣ' ?— ଏହାର ବାଖ୍ୟା କରି ସେ କହନ୍ତି— "ଶବ୍ଦର ଉଚ୍ଚାରଣରେ ଭିନ୍ନ ଭିନ୍ନ ଅକ୍ଷରର ସ୍ୱର ଉପରେ ଜୋର୍ ପଡେ । ଏଇ ଜୋର୍ ଅମୁକ ଅକ୍ଷରରେ ପଡିଲା ବୋଲି ଚିହ୍ନାଇ ଦିଆଯାଏ । ବାକ୍ୟରେ ଏଇ ଶବ୍ଦ ସବୁ ବ୍ୟବହାର ହେଲେ କହିବାର ଭଂଗୀ ଓ ଆଶୟ ଅନୁସାରେ ଭିନ୍ନ ଭିନ୍ନ ଶବ୍ଦରେ ମଧ୍ୟ ଜୋର୍ ପଡ଼େ । ପୁଣି ସମସ୍ତ ଶବ୍ଦରେ ଜୋର୍‌ଟି ନ ବସି ସେଇ ଶବ୍ଦର ଅକ୍ଷରରେ ବସେ । ସେଇ ହେତୁ ଶବ୍ଦମାନଙ୍କର ଅକ୍ଷର ତଥା ବର୍ଣ୍ଣର ନାନା ପ୍ରକାର ପରିବର୍ତ୍ତନ ହୁଏ । ଏଇପରି ବର୍ଣ୍ଣ ପରିବର୍ତ୍ତନକୁ ସନ୍ଧି କହନ୍ତି ।" (୩୭)

**ଉପସଂହାର** :—ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଭାଷାକୁ ସର୍ବଦା 'ଚଳନ୍ତି ଭାଷା' ରୂପେ ଗ୍ରହଣ କରିଥିବାରୁ ବ୍ୟାକରଣର ନିର୍ଦ୍ଦେଶ ଅନୁଯାୟୀ ଭାଷାକୁ ଆବଦ୍ଧ ରଖିବାକୁ ସେ ପସନ୍ଦ କରିନାହାନ୍ତି । କାରଣ ଚଳନ୍ତି ଭାଷା ସର୍ବଦା ପରିବର୍ତ୍ତନଶୀଳ । ତେଣୁ ସେ ଭାଷାରୁ ବ୍ୟାକରଣର ନିୟମ ଆଲୋଚନା କରିବା ପାଇଁ ବୈୟାକରଣମାନଙ୍କୁ ଆହ୍ୱାନ ଜଣାଇଛନ୍ତି । କଥାରେ ଓ

---

(୩୭) ବର୍ଣ୍ଣ ବିଗ୍ରହ— ଓଡ଼ିଆ ବ୍ୟାକରଣ

Digitized by PPRACHIN, SOA

ବର୍ଷ୍ଣ ଆଦିରେ କପରି ପରିବର୍ତ୍ତନ ହୋଇ ଆସିଛି ଓ ହୋଇ ଯାଉଛି ତାହା ଦେଖିବା ପାଇଁ ପରାମର୍ଶ ଦେଇଛନ୍ତି । ପୁଣି 'ଓଡ଼ିଆ ବ୍ୟାକରଣ' ଗ୍ରନ୍ଥରେ ନିଜେ ଏ ଦିଗରେ ଉଦ୍ୟମ କରି ଓଡ଼ିଆ ଭାଷା ଓ ବ୍ୟାକରଣର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଦିଗରେ ସଫଳ ହୋଇଛନ୍ତି ବୋଲି ନିଃସନ୍ଦେହରେ କୁହାଯାଇପାରେ ।

Digitized by PPRACHIN, SOA

# ରାଷ୍ଟ୍ର ଗଠନ, ଭାଷା-ରାଜନୀତି ଓ ପଣ୍ଡିତ ନୀଳକଣ୍ଠଙ୍କର ଭାଷା ଚର୍ଚ୍ଚା ।*

ଭାବଗ୍ରାହୀ ମିଶ୍ର

"ମୁଁ ଏ କଥା ପଚାରି ପାରେ କି ଭାରତ ସରକାରଙ୍କ ସଚିବାଳୟରେ ଓଡ଼ିଶାର କେଉଁ ପ୍ରାନ୍ତରୁ କେତେ ଜଣ ଓଡ଼ିଆ ଅଛନ୍ତି ? ଓଡ଼ିଆ ଯୁବକ-ମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ବିଶ୍ୱରପତ୍ତ ଭାବରେ ନିର୍ବାଚନ କରାଯାଇଛି ? କେତେଜଣ ସ୍ନାତକଙ୍କୁ ବୈଦେଶିକ ବା ସେହି ଭଳି କାର୍ଯ୍ୟ ପାଇଁ ବଛାଯାଇ ପାରିଛି ।" ଏହିଭଳି ବହୁପ୍ରଶ୍ନ ଉତ୍ଥାପନ କରାଯାଇ ପାରେ ଓ ତାହାର କେଉଁ ଉତ୍ତର ମିଳିବ ତାହା ସମସ୍ତଙ୍କୁ ଜଣା ।" —ଏ ପ୍ରଶ୍ନ କିନ୍ତୁ ଉତ୍ଥାପନ କରିଥିଲେ ପଣ୍ଡିତ ନୀଳକଣ୍ଠ ୧୯୩୧ ମସିହାରେ (ଦାସ : ୧୯୫୯, ୧୬୭) । ଓଡ଼ିଆ ଭାଷାକୁ ଏକ ବୈଜ୍ଞାନିକ ଭିତ୍ତିରେ ଉପସ୍ଥାପିତ କରିବା, ଓଡ଼ିଆଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା, ନିଖିଳ ଭାରତ କଂଗ୍ରେସ କମିଟିର ପ୍ରସ୍ତାବ ଜରିଆରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସ୍ୱତନ୍ତ୍ର ସୀମା ନିର୍ଦ୍ଧାରଣ କରିବା ପାଇଁ ଚେଷ୍ଟା କରିବା ଆଦି କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠ କେବଳ ସଚେତନ ନ ଥିଲେ ବରଂ ଅତ୍ୟଧିକ ପରିମାଣରେ ସକ୍ରିୟତା ପ୍ରଦର୍ଶନ କରିଥିଲେ । ଏହି ସକ୍ରିୟତା ଫଳରେ ସେ ଭାଷା-ସଂଘର୍ଷ ଓ ଭାଷା-ରାଜନୀତିର ଶିକାର ହୋଇ ଗଲେ ସତ; କିନ୍ତୁ ବୈଜ୍ଞାନିକ ଓ ଯୁକ୍ତି ସମ୍ମତ ଦୃଷ୍ଟି ଭଙ୍ଗୀରୁ ଓହରି ଯାଇ ନ ଥିଲେ । ଏଥିପାଇଁ ଅବଶ୍ୟ ତାଙ୍କୁ ଯଥେଷ୍ଟ ମୂଲ୍ୟ ଦେବାକୁ ପଡ଼ିଛି, ରାଷ୍ଟ୍ରୀୟ ଦେ ପଦବୀଠାରୁ ଅଲଗା ହୋଇ ରହିବାକୁ ପଡ଼ିଛି । କିନ୍ତୁ ସେ ନିଜ ସିଦ୍ଧାନ୍ତରେ ଅଟଳ ରହିଛନ୍ତି—ସ୍ୱାର୍ଥ-ପରତାରୁ ଊର୍ଦ୍ଧ୍ୱରେ ରହି ସାମୂହିକ ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ରାଷ୍ଟ୍ରଗଠନ କ୍ଷେତ୍ରରେ ତାଙ୍କର ସ୍ପଷ୍ଟ ସ୍ୱାକ୍ଷର ଲିପିବଦ୍ଧ କରିଯାଇଛନ୍ତି ।

---

* ଏହି ପ୍ରବନ୍ଧ ରଚନା କାଳରେ ଇଂ ମଧୁସୂଦନ ଦାଶ ମତେ ବହୁ ତଥ୍ୟ ଯୋଗାଇ ଦେଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ—ଲେଖକ ।

Digitized by PPRACHIN, SOA

ଇତିହାସର ଏହି ବ୍ୟକ୍ତି ନିଜର ବ୍ୟକ୍ତିତ୍ୱର ପ୍ରଭାବ ବଳରେ, ଜ୍ଞାନଗାରିମାର ଉତ୍କର୍ଷତା ବଳରେ, ଯୁକ୍ତିପ୍ରବଣତା ଭିତରେ ବହୁ କ୍ଷେତ୍ରରେ ନିଜର ଅଗ୍ରଗାମୀତ୍ୱର ପରିଚୟ ଦେଇ ପାରିଚନ୍ତି—ତେବେ ରାଜନୈତିକ କ୍ଷେତ୍ରରେ ନିଜକୁ ଉଚ୍ଚ ପଦପଦବୀ ବିମଣ୍ଡିତ ଜଣେ ନେତା ଭାବରେ ପ୍ରତିଷ୍ଠିତ କରିବାକୁ କ୍ଷମ ହୋଇ ପାରି ନାହାଁନ୍ତି । ଜଣେ ନିର୍ଭୀକ ସ୍ପଷ୍ଟବାଦୀ, ଯୁକ୍ତି-ପ୍ରବଣ ବ୍ୟକ୍ତିଙ୍କୁ ଏ ରାଜନୈତିକ ସୁଯୋଗ ମିଳନ୍ତା ବା କିପରି ?

ଭାଷା ହିଁ ଗୋଟିଏ ଜାତିର ପ୍ରାଣ । ଭାଷାର ଉନ୍ନତି ବିନା ଜାତି ଗଠନ ସମ୍ଭବ ନୁହେଁ—ଆଉ ଜାତି ଗଠନ ନ ହେଲେ ରାଷ୍ଟ୍ର ଗଠନ ବି ସମ୍ଭବ ନୁହେଁ । ରାଜନୈତିକ ପ୍ରକ୍ରିୟାର ହିସାବ ନିକାଶ ଭିତରେ, ସମୟ ଓ ପରିବେଶର ପ୍ରଭାବରେ ଭାରତ ଏକ ମୁକ୍ତ ରାଷ୍ଟ୍ରରେ ଓ ଏକ ସଂଯୁକ୍ତ ରାଷ୍ଟ୍ରରେ ପରିଣତ ହୋଇ ପାରିଲା । କିନ୍ତୁ ଏହି ସଂଯୁକ୍ତ ରାଷ୍ଟ୍ରର ଭାଷା ଭିତ୍ତିକ ମୂଳଦୁଆ ପକାଇବାରେ ଓ ସଂକୀର୍ଣ୍ଣ ଭାଷା ଭିତ୍ତିକ ସଂଘର୍ଷଠାରୁ ନିଜକୁ ନିରପେକ୍ଷ ଦୂରତ୍ୱରେ ପ୍ରତିଷ୍ଠା କରିବା ମଧ୍ୟରେ ପଣ୍ଡିତ ନୀଳକଂଠଙ୍କର ଅବଦାନ ଅତୁଳନୀୟ ।

୧୯୨୧ ମସିହାରେ ବାବୁ ରାଜେନ୍ଦ୍ର ପ୍ରସାଦଙ୍କର ଅଧିନାୟକତ୍ୱରେ ନିଖିଳ ଭାରତ କଂଗ୍ରେସ କମିଟି ଏକ ସବ୍ କମିଟି ପ୍ରତିଷ୍ଠା କଲେ । ଏହି କମିଟି 'ସିଂହଭୂମି ଜିଲ୍ଲା'ର ଭବିଷ୍ୟତ ସମ୍ପର୍କରେ କଂଗ୍ରେସ କମିଟିକୁ ଏକ ରିପୋର୍ଟ ଦେବାର ଥିଲା । 'ସିଂହଭୂମି ଜିଲ୍ଲା'ର ୮,୦୦୦ କଂଗ୍ରେସ ସଭ୍ୟଙ୍କୁ ଗୋଟିଏ ଗୋଟିଏ ପୋଷ୍ଟକାର୍ଡ଼ ଯୋଗେ ସେମାନଙ୍କର ମତ ଜଣାଇବାକୁ କୁହାଗଲା । ଜିଲ୍ଲା କଂଗ୍ରେସ ଅଫିସରେ ୫,୦୦୦ ଉତ୍ତର ଆସି ପହଞ୍ଚିଲା । ଏହି ୫୦୦୦ କଂଗ୍ରେସ ସଭ୍ୟଙ୍କ ଭିତରୁ କେବଳ ୩୩୨ଟି ସିଂହଭୂମି ଜିଲ୍ଲା ବିହାର କଂଗ୍ରେସ କର୍ତ୍ତୃତ୍ୱାଧୀନରେ ରହିବାକୁ ମତ ଦେଇଥିଲେ । ବାକୀ ସମସ୍ତେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସହିତ ରହିବାକୁ ମତ ଦେଲେ । ତେଣୁ ଅନିଚ୍ଛା ସତ୍ତ୍ୱେ ବିହାର କଂଗ୍ରେସ ସିଂହଭୂମି ଜିଲ୍ଲାର ରାଜନୈତିକ କାର୍ଯ୍ୟ (କଂଗ୍ରେସ କାର୍ଯ୍ୟ) ଉତ୍କଳ କଂଗ୍ରେସ ହାତରେ ଛାଡ଼ି ଦେଲେ ।" Orissa Committce ଆଗରେ ସ୍ୱତନ୍ତ୍ର ପ୍ରଦେଶ ଦାବୀ ଉପସ୍ଥାପନ କରି ନୀଳକଣ୍ଠ ଏହା ଦର୍ଶାଇଥିଲେ । (ଦାସ ୧୯୫୯-୧୪୫)

Digitized by PPRACHIN, SOA

ଏ ଉଦାହରଣରୁ ବୁଝିହୁଏ ଯେ ପଣ୍ଡିତ ନୀଳକଂଠଙ୍କର ଭାଷା ଚର୍ଚ୍ଚା କ୍ଷେତ୍ରରେ ପ୍ରେରଣାର ଉତ୍ସଥିଲା ରାଜନୀତି । ସମ୍ଭାବ୍ୟ ରାଷ୍ଟ୍ରଗଠନର ପ୍ରାକ୍-କାଳରେ ରାଜନୀତିକ ଉଦ୍ଦେଶ୍ୟକୁ ବଳିଷ୍ଠ ଭିତ୍ତିଭୂମିରେ ଉପସ୍ଥାପିତ କରିବାକୁ ଯାଇ ସେ ଓଡ଼ିଆ ଭାଷାଚର୍ଚ୍ଚାର ପରଂପରାରେ ନିଜର ଅବଦାନକୁ ପ୍ରତିଷ୍ଠିତ କରିପାରିଥିଲେ । ତେଣୁ ସାଧାରଣ ଭାବରେ ଅଧ୍ୟାପକୀୟ ବା ଗବେଷକୀୟ ରୀତିରେ ପଣ୍ଡିତ ନୀଳକଂଠଙ୍କୁ "ଭାଷା ବିଜ୍ଞାନୀ" ଭାବରେ ଉପସ୍ଥାପିତ କରି ବସିଲେ ତାଙ୍କର ବ୍ୟକ୍ତିତ୍ୱର ପ୍ରଧାନ ଦିଗକୁ ଅବହେଳା ପ୍ରଦର୍ଶନ କରାଯିବ ।

ରାଷ୍ଟ୍ର ଗଠନ କ୍ଷେତ୍ରରେ "ଭାଷା-ରାଜନୀତି"ର ଭୂମିକାକୁ ବିଶ୍ଳେଷଣ କରିବାର ପରଂପରା ଏ ଯାବତ୍ ଭାରତ ବର୍ଷରେ ପ୍ରତିଷ୍ଠା ପାଇ ନାହିଁ । ରାଜନୀତି ବିଜ୍ଞାନ ଅଧ୍ୟାପକ ମାନେ ଏ ଦିଗରେ ବିଶେଷ ଅଗ୍ରଗାମୀ ନେତୃତ୍ୱ ନେଇ ପାରିନାହାନ୍ତି । ତେଣୁ ପଣ୍ଡିତ ନୀଳକଂଠଙ୍କର "ଭାଷା-ଚର୍ଚ୍ଚା"ର ଉଦ୍ଦେଶ୍ୟକୁ ଏ ଯାଏ ସୀମିତ ପରିବେଶ ମଧ୍ୟରେ ବିଚାର କରାଯାଇଛି । ଆଧୁନିକ ରାଷ୍ଟ୍ରୀୟ ବିକାଶ ସହିତ "ଭାଷା-ରାଜନୀତି"ର ସଂପର୍କକୁ ଗଭୀର ଭାବରେ ଅଧ୍ୟୟନ କଲେ ଏ କଥା ସ୍ପଷ୍ଟ ପ୍ରତୀୟମାନ ହେବ ଯେ ଔପନିବେଶିକ ଶାସନ ବ୍ୟବସ୍ଥାରୁ ନିଜକୁ ମୁକ୍ତ କରି ଏକ ସ୍ୱାଧୀନ ରାଷ୍ଟ୍ରଗଠନ କାଳରେ ଯେଉଁ ପରିକଳ୍ପନା ଓ ସଂଗ୍ରାମୀ ମନୋଭାବ କାର୍ଯ୍ୟ କରିଛି, ତାହାର ଅନ୍ତରାଳରେ "ଭାଷା-ରାଜନୀତି"ର ସ୍ଥାନ ଆଦୌ ଗୌଣ ନୁହେଁ । ଭାରତ ବର୍ଷର ରାଜନୈତିକ ଓ ଭୌଗଳିକ ମାନଚିତ୍ର ଓ ସ୍ୱାଧୀନତା ପରବର୍ତ୍ତୀ କାଳର "ଭାଷା-ସଂଘର୍ଷ" ରାଜନୈତିକ ପ୍ରବାହରେ ଏ କଥା ପ୍ରମାଣିତ ହୋଇ ସାରିଛି ।

ଏକ ଭାଷା-ଭାଷୀ ରାଷ୍ଟ୍ରଗଠନ ଓ ବହୁ ଭାଷା-ଭାଷୀ ରାଷ୍ଟ୍ରଗଠନ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି । ପ୍ରଥମ କ୍ଷେତ୍ରରେ ରାଷ୍ଟ୍ରୀୟ ଭାଷାର ଆବଶ୍ୟକତାକୁ ସ୍ୱୀକାର କରି ଯାଇଛି । ସେଥିପାଇଁ ଆନ୍ଦୋଳନାତ୍ମକ ପନ୍ଥାର ଆବଶ୍ୟକତା ଉପଲବ୍ଧ ହୋଇନାହିଁ । 'ଭାଷା-ଯୋଜନା' ଜରିଆରେ ଏ କାର୍ଯ୍ୟ ସୁରୁଖୁରୁ ରୂପେ ସଂଘଟିତ ହୋଇଛି । କିନ୍ତୁ ବହୁ ଭାଷାଭାଷୀ ରାଷ୍ଟ୍ରଗଠନ ଅନ୍ତରାଳରେ ଭାଷା—ଜନିତ "ସଂଘର୍ଷ ରାଷ୍ଟ୍ର ଗଠନ ପ୍ରକ୍ରିୟାକୁ ବିଭିନ୍ନ ଭାବରେ ପ୍ରଭାବିତ କରିଛି । ସନ୍ଦେହ ଓ ଭୟ ରହିଛି ଯେ, ରାଷ୍ଟ୍ରୀୟ ଭାଷାର ପ୍ରଭାବ ଫଳରେ ଆଂଚଳିକ ଭାଷା ନିଜର ଅସ୍ତିତ୍ୱକୁ ହରାଇପାରେ ଓ ଭାଷା-ଅନୁଗତ୍ୟ ବ୍ୟତିରେକ, ବ୍ୟକ୍ତିତ୍ୱ ଓ ସଂସ୍କୃତିର ପରିଚିତି ଓ ବିକାଶ ସମ୍ଭବ ହୋଇ ନପାରେ ।

( ଦାସଗୁପ୍ତ : [illegible] : [illegible] )

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠ ଏଇଭଳି ଏକ ପରିବେଶରେ ଭାଷାଚର୍ଚ୍ଚା କ୍ଷେତ୍ରରେ ଅଂଶ ଗ୍ରହଣ କରିଥିଲେ । ଏ କ୍ଷେତ୍ରରେ ତାଙ୍କର ଅବଦାନ ତତ୍କାଳୀନ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀଠାରୁ ପୃଥକ ନଥିଲା ଓ ବେଳେବେଳେ ସୂଚନାରେ ସେ ଏଭଳି କେତେକ ମନ୍ତବ୍ୟ ପ୍ରଦାନ କରିଥିଲେ ଯାହା ତାଙ୍କର ଦୂରଦୃଷ୍ଟି, ଅଗାଧ ପାଣ୍ଡିତ୍ୟ ଓ ବୈଜ୍ଞାନିକ ମନୋଭାବର ସ୍ପଷ୍ଟ ସଂକେତ ଦେଇଥାଏ । ତେବେ "ଭାଷାଚର୍ଚ୍ଚା" କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କୁ ଜଣେ "ଭାଷାବିଜ୍ଞାନୀ" ଭାବରେ ସୀମିତ ରଖିବା ତାଙ୍କର ବ୍ୟକ୍ତିତ୍ୱ କଳନାରେ ଆମର ସହାୟକ ହେବନାହିଁ । ବରଂ ଜଣେ ରାଷ୍ଟ୍ରନୀତିଜ୍ଞ ଭାବରେ ତାଙ୍କୁ ବିଚାର କରିପାରିଲେ ହିଁ ଭାଷାଚର୍ଚ୍ଚା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ପଷ୍ଟ ଭାବରେ ମୂଲ୍ୟାୟନ କରିହେବ ।

ତେଣୁ ପଣ୍ଡିତ ନୀଳକଣ୍ଠଙ୍କର "ଭାଷାଚର୍ଚ୍ଚା"ର ଉଦ୍ଦେଶ୍ୟକୁ କେବଳ ଦୁଇଟି ପର୍ଯ୍ୟାୟ ମଧ୍ୟରେ ଆଲୋଚନା କରାଯାଇପାରେ—(କ) ଭାଷା–ରାଜନୀତି ପ୍ରତି ତାଙ୍କର ସଚେତନା ଓ ତତ୍ ସମ୍ପର୍କୀୟ କାର୍ଯ୍ୟକ୍ରମ (ଖ) ଭାଷା-ସଂସ୍କୃତିର ଐତିହ୍ୟକୁ ପୁନରୁଜ୍ଜୀବିତ କରିବା ପାଇଁ ତାଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ।

## (କ) ଭାଷା ରାଜନୀତି ଓ ପଣ୍ଡିତ ନୀଳକଣ୍ଠ :—

୧୯୦୩ ମସିହାରେ ଉତ୍କଳ ସମ୍ମିଳନୀରେ ଜଣେ ଦର୍ଶକ ଭାବରେ ଯୋଗ ଦେବା ବେଳେ ନୀଳକଣ୍ଠ ଯୁବକ । ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମ ସେତେବେଳର "ଭାଷା-ରାଜନୀତି" କ୍ଷେତ୍ରରେ ସାଂଗଠନିକ ନେତୃତ୍ୱ ନେଇ ସାରିଥିଲା । ନୀଳକଣ୍ଠଙ୍କ ଉପରେ ଏହାର ପ୍ରଭାବ ଗୌଣ ନୁହେଁ । ସେହି ୧୯୦୩ ମସିହାରେ ଭାଷାଚର୍ଚ୍ଚା କ୍ଷେତ୍ରରେ ଗ୍ରୀୟରସନ୍ଙ୍କର Lingustic Survey of India ପ୍ରକାଶ ପାଇଛି । ୧୯୧୧ରୁ ୨୧ ପର୍ଯ୍ୟନ୍ତ ପଣ୍ଡିତ ନୀଳକଣ୍ଠ ଶିକ୍ଷକତା ଓ ଅଧ୍ୟାପନା କରିଥିଲେ ଓ ଏହି ସମୟକାଳରେ ରାଷ୍ଟ୍ରୀୟ ଶିକ୍ଷା ବ୍ୟବସ୍ଥାର ଉଚ୍ଚ ଆଦର୍ଶ ପରିପ୍ରେକ୍ଷୀରେ ଭାଷାଚର୍ଚ୍ଚାର ଆବଶ୍ୟକତା ସମ୍ପର୍କରେ ସଚେତନ ହୋଇ ଉଠିଥିଲେ । ଏହି ସଚେତନା ତାଙ୍କୁ ଆନ୍ଦୋଳନାତ୍ମକ କାର୍ଯ୍ୟରେ ଅଂଶ ଗ୍ରହଣ କରିବାକୁ ଯେତିକି ପ୍ରଭାବିତ କରିଥିଲା, ବୈଜ୍ଞାନିକ ଭିତ୍ତି ଭୂମି ପ୍ରତିଷ୍ଠା କରି "ଓଡ଼ିଆ ଭାଷାଚର୍ଚ୍ଚାର ପରଂପରା" ସୃଷ୍ଟି କରିବା ପ୍ରତି ମଧ୍ୟ ସେତିକି ଆକୃଷ୍ଟ କରିଥିଲା । ତେଣୁ ସେ ଭାଷା ଓ

Digitized by PPRACHIN, SOA

ଲିପିର ସଂସ୍କାର ଦିଗରେ ନିଜର ଅଗ୍ରଗାମୀତାର ପରିଚୟ ଦେଇଥିଲେ ଓ ତାହାକୁ ଭିତ୍ତି କରି "ଭାଷା-ରାଜନୀତି" କ୍ଷେତ୍ରରେ ତାଙ୍କର ବକ୍ତବ୍ୟକୁ ଅଧିକ ଯୁକ୍ତିଯୁକ୍ତ ଭାବରେ ଉପସ୍ଥାପନ କରିପାରିଥିଲେ । (ଦାସ : ୧୯୫୯ : ୧୪୨-୧୪୮)

ରାଜନୀତି କ୍ଷେତ୍ରରେ ସେ ବିଶ୍ୱାସ କରୁଥିଲେ ଯେ **ରାଷ୍ଟ୍ରଗଠନ ପାଇଁ ଭାଷା ଭିତ୍ତିକ ସଂଘର୍ଷକୁ ଦୂର କରି ନ ପାରିଲେ ତାହା ଆଞ୍ଚଳିକ ସାଂପ୍ରଦାୟିକତା "(Territorial Communalism)" ସୃଷ୍ଟି କରିବ ଓ ଭାରତର ଭବିଷ୍ୟତକୁ ବିପଦାପନ୍ନ କରିବ ।** ଏ ସବୁ କଥା କେବଳ ତାଙ୍କର "ବିଶ୍ୱାସ"ର ବିଷୟବସ୍ତୁ ନଥିଲା । ତାଙ୍କର ଏହି "ବିଶ୍ୱାସ" ଯୁକ୍ତି-ସମ୍ମତ ବୈଜ୍ଞାନିକ ଭିତ୍ତି ଭୂମି ଉପରେ ପ୍ରତିଷ୍ଠିତ ଥିଲା । ଏହି ପରିପ୍ରେକ୍ଷୀରେ ୧୯୨୩ ମସିହାରେ କାକିନଡ଼ାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଆନ୍ଧ୍ର-ଓଡ଼ିଶା ସୀମା ନିର୍ଦ୍ଧାରଣ ସମ୍ପର୍କରେ ତାଙ୍କର ବକ୍ତବ୍ୟ ଯୁକ୍ତି, ୧୯୨୭ ମସିହାରେ ମୁଦଲିଙ୍ଗମ୍‌ଠାରେ କଳିଙ୍ଗ ଦିବସରେ ପ୍ରଦତ୍ତ ଭାଷଣ ଓ ୧୯୨୭ ମସିହାରେ କେନ୍ଦ୍ର ବ୍ୟବସ୍ଥା ସଭାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବିଧିବଦ୍ଧ ପ୍ରସ୍ତାବ ଆଣିବା ଦିଗରେ ପଣ୍ଡିତ ନୀଳକଣ୍ଠଙ୍କର ସଚେତନା ଓ ସକ୍ରିୟତା ସୁସ୍ପଷ୍ଟ । (ରାଜଗୁରୁ : ୧୯୮୩ : ୧୩-୧୭)

'ସଂସ୍କୃତ'ର ପ୍ରଭାବରୁ 'ଓଡ଼ିଆ'କୁ ମୁକ୍ତ କରିବା ଓ ସାଂସ୍କୃତିକ ଇତିହାସରେ ଓଡ଼ିଆଙ୍କର ଐତିହ୍ୟକୁ ପ୍ରତିଷ୍ଠିତ କରିବା କ୍ଷେତ୍ରରେ ତତ୍‌କାଳୀନ ବିଶେଷଜ୍ଞମାନଙ୍କର ରଚନାବଳୀକୁ ପଣ୍ଡିତ ନୀଳକଣ୍ଠ ଗଭୀର ଭାବରେ ଅଧ୍ୟୟନ କରିଥିଲେ, ବିଶ୍ଳେଷଣ କରିଥିଲେ ଓ ତା'ଉପରେ ସ୍ୱକୀୟ ମତକୁ ଉପସ୍ଥାପନ କରିଥିଲେ । ତେଣୁ ପାଣିନୀଙ୍କଠାରୁ ଗ୍ରୀୟରସନ୍ ଓ ସୁନୀତି କୁମାର ଚାଟାର୍ଜିଙ୍କ ପର୍ଯ୍ୟନ୍ତ, ଐତିହାସିକ ରାଜେନ୍ଦ୍ର ମିଶ୍ରଙ୍କଠାରୁ ଆର. ଡି. ବାନାର୍ଜିଙ୍କ ପର୍ଯ୍ୟନ୍ତ ଗବେଷକଙ୍କର ରଚନାବଳୀକୁ ଆଲୋଚନା କରି ସେ "ଓଡ଼ିଆ ଭାଷା"ର ସ୍ୱାତନ୍ତ୍ର୍ୟକୁ ଉପସ୍ଥାପିତ କରିଛନ୍ତି ଏବଂ ନିଜର ଭାଷାତାତ୍ତ୍ୱିକ ଅବବୋଧକୁ ପରିପ୍ରକାଶ କରିଛନ୍ତି—"To call Maghi or any other Bihari language a dialect of Hindi still, would simply be tantamount to a linguistic

Digitized by PPRACHIN, SOA

nonsense.'' (ଦାସ : ୧୯୫୯ : ୧୪୪) । ସେହିପରି ଭାବରେ ଓଡ଼ିଶାକୁ କମିଶନ ଆଗରେ ଉପସ୍ଥାପିତ ହୋଇପାରି ନଥିବା ବିବରଣୀର ଶେଷ ଭାଗରେ ସେ ଆଶା ପ୍ରକାଶ କରିଛନ୍ତି ଯେ ''In course of time, she (Orissa) may again come to her glory and grandeur as a **proud unit** (emphasis is mine) **in the coming Indian Federation** (emphasis is mine)

( ଦାସ : ୧୯୫୯-୧୫୬ )

ଅନୁରୂପ ଭାବରେ ସ୍ୱାଧୀନତା ପରବର୍ତ୍ତୀ କାଳରେ ୧୯୫୫ ମସିହାରେ ଅଫିସିଆଲ ଲାଙ୍ଗୁଏଜ୍ କମିଶନ ( Official Language Commission) ନିକଟରେ ନିଜର ବକ୍ତବ୍ୟ ଉପସ୍ଥାପନ କରି 'ହିନ୍ଦୀ'ର ସଂସ୍କାର ସମ୍ପର୍କରେ ନୀଳକଣ୍ଠ ଯେଉଁ ମତାମତ ବ୍ୟକ୍ତ କରିଛନ୍ତି, ତାହା ତାଙ୍କର ଭାଷାତାତ୍ତ୍ୱିକ ଗଭୀର ମନନଶୀଳତାର ସୂଚନା ଦିଏ ।

( ଦାସ : ୧୯୫୯ ୧୬୦-୧୬୧ )

ଏପରିକି ୧୯୧୩ ମସିହାରେ ''ଓଡ଼ିଆ ଲିପି ସଂସ୍କାର'' ପାଇଁ ସେ ଯେଉଁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ପ୍ରକାଶ କରିଥିଲେ, ୧୯୬୧ ମସିହାରେ ମଧ୍ୟ ଓଡ଼ିଆ ଟାଇପ୍‌ରାଇଟରରେ ଲିପି ସଂସ୍କାର ପାଇଁ ଉଦ୍ୟମରେ ତାଙ୍କର ସେ ପ୍ରତିବାଦର, ପ୍ରତିରୋଧର ଗଠନ ମୂଳକ ସମାଲୋଚନାର ସ୍ୱର ସୁଦୃଢ଼ ଥିଲା ।

## (ଖ) ଭାଷା-ସଂସ୍କୃତିର ଆଲୋଚନାରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ—

ତାଙ୍କର ଭାଷା ସମ୍ପର୍କୀୟ ରଚନାବଳୀର କାଳ ସମୀକ୍ଷା କଲେ ଜଣାଯିବ ଯେ ପଣ୍ଡିତ ନୀଳକଣ୍ଠ ଭାଷାତାତ୍ତ୍ୱିକ ଦିଗରୁ ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟ ଓ ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକର ବୈଜ୍ଞାନିକ ବିଚାରଧାରା ସହିତ ବେଶ୍ ପରିଚିତ ଥିଲେ । ସେ ସମୟରେ 'କଥିତ ଭାଷା'କୁ ବୈଜ୍ଞାନିକ ମର୍ଯ୍ୟାଦା ଦିଆଯାଉ ନଥିଲା ଓ ଅନୁଶୀଳନ କ୍ଷେତ୍ରରେ ଐତିହାସିକତା ( Search for Origin ) ପ୍ରଧାନ ଆଲୋଚ୍ୟ ବିଷୟ ଥିଲା । ଏତେବେଳକୁ ଡାର୍-ଉଇନ୍‌ଙ୍କର ବିବର୍ତ୍ତନ ବାଦ ଭାଷାତତ୍ତ୍ୱର ଆଲୋଚନା କ୍ଷେତ୍ରରେ ମଧ୍ୟ ପ୍ରଭାବ ବିସ୍ତାର କରିବସିଥିଲା । ଏହି ସମୟରେ ''ଜାତିଗତ

Digitized by PPRACHIN, SOA

ପ୍ରାଧାନ୍ୟ" ( Racial determinism ) ବିବର୍ତ୍ତନବାଦ evolutionism ) ଐତିହାସିକ ନିର୍ଦ୍ଦିଷ୍ଟବାଦ (Historical Particularism) ଓ ସଂପ୍ରସାରଣ ବାଦ ( Diffusionism ) ସମାଜ ବିଜ୍ଞାନ, ମାନବ ବିଜ୍ଞାନ ଓ ଭାଷାତାତ୍ତ୍ୱିକ ଆଲୋଚନାର ମାର୍ଗ ( method ) ଥିଲା । (Hams 1968:80, 142-180, 250, 373 ) । ପଣ୍ଡିତ ନୀଳକଂଠ ଜଣେ ଭାଷା ବିଜ୍ଞାନୀ ନ ଥିଲେ । କିଂନ୍ତୁ ତାଙ୍କର ମନନଶୀଳତା ଓ ଅବବୋଧ ତତ୍କାଳୀନ ଭାଷାତତ୍ତ୍ୱ ବିଦ୍‌ଙ୍କଠାରୁ କୌଣସି ଗୁଣରେ ନ୍ୟୁନ ତ ନଥିଲା— ଅଧିକନ୍ତୁ ଅଧିକ ବିଜ୍ଞାନ ସମ୍ମତ ଥିଲା । ତେଣୁ ପାଣିନୀଙ୍କଠାରୁ ଆରମ୍ଭ କରି ଗ୍ରୀୟର୍‌ସନଙ୍କ ପର୍ଯ୍ୟନ୍ତ ଅଧ୍ୟୟନ 'ଆଦର୍ଶ' ଦୃଷ୍ଟିରେ ଓଡ଼ିଆ ଭାଷା ସମ୍ପଦ ମଧ୍ୟରେ ଦ୍ରାବିଡୀୟ ଅନୁପ୍ରବେଶ ସଂପର୍କରେ ତାଙ୍କର ମୌଳିକ ଚିନ୍ତା, ଭାଷାର ମାନକୀ କରଣ, (ଦାସ:୧୯୬୮, ୧୪–୧୫) ଭାଷା ଶିକ୍ଷା ସହାୟକ ବ୍ୟାକରଣର ଆଲୋଚନା, ଧ୍ୱନି ଓ ଭାଷାର ସମ୍ପର୍କ ପ୍ରତିଷ୍ଠା କ୍ଷେତ୍ରରେ ଅଗ୍ରଗାମୀ ଚିନ୍ତାଧାରା (ଦାସ : ୧୯୬୮ : ୨୭-୨୮) ଓ ଭାଷା-ଭିତ୍ତିକ ସଂସ୍କୃତି ଚର୍ଚ୍ଚାର ପରିକଳ୍ପନା କ୍ଷେତ୍ରରେ ସେ ଉପରୋକ୍ତ ତାତ୍ତ୍ୱିକ ମାର୍ଗ ଅବଲମ୍ବନ କରିଛନ୍ତି ଓ ନିଜର ସ୍ୱକୀୟ ମତ ଉପସ୍ଥାପନ କରିଛନ୍ତି । ତେବେ ଏ ସବୁ "ମୂଳରେ ଥିଲା ସ୍ୱାଧୀନତା ସଂଗ୍ରାମର ଦ୍ୟୋତକ ସ୍ପଷ୍ଟ ମହା ଭାରତୀୟ ଜାଗରଣ ।" (ଦାସ : ୧୯୬୧ : ୧୧) ଏଇ ଜାଗରଣକୁ ଜଣେ ଭାଷା ବିଜ୍ଞାନୀର ଅବବୋଧ ବୋଲି ବିଚାର କରିବା ଭୁଲ ହେବ । ବରଂ ଏହା ଜଣେ ରାଷ୍ଟ୍ରନାୟକଙ୍କର "ରକ୍ଷଣଶୀଳତାରୁ ମୁକ୍ତ" ସ୍ୱୟଂ ସମ୍ପୂର୍ଣ୍ଣ ବଳିଷ୍ଠ ବ୍ୟକ୍ତିତ୍ୱ ଓ ଚେତନଶୀଳ ମନୀଷାର ପରିପ୍ରକାଶ ଭାବରେ ଗ୍ରହଣ କରାଯାଇ ପାରେ । ଭାଷା ବିଜ୍ଞାନ ଚର୍ଚ୍ଚା କ୍ଷେତ୍ରରେ ପରବର୍ତ୍ତୀ କାଳରେ ଯେଉଁମାନେ କାର୍ଯ୍ୟ କରିଛନ୍ତି ସେମାନେ ସ୍ୱୀକାର କରିବେ ଯେ "ଭାଷା-ବିଜ୍ଞାନ"ର ତିନୋଟି ମୌଳିକ ଗବେଷଣାତ୍ମକ ଦିଗ, ଅର୍ଥାତ ଧ୍ୱନି ବିଚାର, ବ୍ୟାକରଣ ଓ ଶୈଳୀର ଆଲୋଚନା ( Stylistics ) କ୍ଷେତ୍ରରେ (ଦାସ ୧୯୬୮ : ୪୨-୯୧) ପଣ୍ଡିତ ନୀଳକଣ୍ଠଙ୍କର ଅବଦାନ ଏବେ ବି ପ୍ରଣିଧାନ ଯୋଗ୍ୟ ।

-

ଅତ୍ୟନ୍ତ ପରିତାପର ବିଷୟଯେ ରାଜନୈତିକ ସଂହତି ଓ ରାଷ୍ଟ୍ରୀୟ ସଂହତିର ଆଲୋଚକମାନେ ବହୁ ଭାଷାଭାଷୀ ରାଷ୍ଟ୍ରରେ ରାଜ୍ୟ ଓ ଭାଷା ଭିତ୍ତିକ ଆନୁଗତ୍ୟକୁ ଅବହେଳା ପ୍ରଦର୍ଶନ କରିଛନ୍ତି (Das Gupta : 1970-12)

Digitized by PPRACHIN, SOA

ବୋଧହୁଏ ସେଥିପାଇଁ ପଣ୍ଡିତ ନୀଳକଣ୍ଠ ଭାରତୀୟ ରାଜନୈତିକ ପ୍ରବାହରେ ସେଭଳି ଉଚ୍ଚପଦବୀର ଅଧିକାରୀ ହୋଇପାରିଲେ ନାହିଁ । କିନ୍ତୁ ରାଷ୍ଟ୍ର ଗଠନ କାଳୀନ ଭାରତୀୟ ନେତାମାନଙ୍କ ମଧ୍ୟରେ "ଭାଷା—ରାଜନୀତିର"ର ସଚେତନତା ଦିଗରୁ ପଣ୍ଡିତ ନୀଳକଣ୍ଠଙ୍କର ଅବବୋଧନ ଯେ ଅଗ୍ରଗାମୀ ଥିଲା, ଏହା ଅନାୟାସରେ ପ୍ରମାଣ କରାଯାଇ ପାରେ । ରାଜନୈତିକ କ୍ଷେତ୍ରରେ ଯେଉଁ "ଏକ-ଦେଶଦର୍ଶୀ" କ୍ଷମତାର ଅପପ୍ରୟୋଗ ଦେଖାଯାଏ, ଭାଷା ଆଲୋଚନା କ୍ଷେତ୍ରରେ ମଧ୍ୟ ଅନୁରୂପ 'ଭାବ ପ୍ରବଣତା' ଦେଖାଯାଇ ଥାଏ । କିନ୍ତୁ ପଣ୍ଡିତ ନୀଳକଣ୍ଠ ରାଜନୈତିକ ଜୀବନରେ ଯେପରି ଏ ସବୁଠାରୁ ଦୂରରେ ରହି ମଧ୍ୟ "କର୍ତ୍ତୃତ୍ୱର ଅଧିକାରୀ ହୋଇ ପାରିଥିଲେ, ଭାଷା-ତାତ୍ତ୍ୱିକ ବିଚାରରେ ମଧ୍ୟ ଅନୁରୂପ 'ଦକ୍ଷତା' ପ୍ରଦର୍ଶନ କରିଥିଲେ । ତେଣୁ ପଣ୍ଡିତ ନୀଳକଣ୍ଠଙ୍କୁ ଜଣେ "ଭାଷାବଞ୍ଚାମୀ" ଭାବରେ ଅବହିତ ନକରି 'ଭାଷା ତତ୍ତ୍ୱ' ସଚେତନ ଜଣେ ରାଷ୍ଟ୍ରମନୀଷୀଙ୍କ ଭାବରେ ବିଚାର କରିବା ଅଧିକ ଯୁକ୍ତିଯୁକ୍ତ ହେବ । ରାଷ୍ଟ୍ର ଗଠନ କାଳରେ ଓ ପରେ ଭାଷା ଭିତ୍ତିକ ଆଲୋଚନା କ୍ଷେତ୍ରରେ ତାଙ୍କର ଦକ୍ଷତା, ଦୂରଦୃଷ୍ଟି, ବିଜ୍ଞତାକୁ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । (ମିଶ୍ର : ୧୯୮୪-୭୪-୭୬)

ଭାଷା ସଂଘର୍ଷ ସମ୍ପର୍କରେ ସଚେତନ ନୀଳକଂଠ, ସଂହତି ପାଇଁ ଯେଭଳି ଉଦ୍‌ଗ୍ରୀବ ଥିଲେ, ଭାଷା ଭିତ୍ତିକ ରାଷ୍ଟ୍ରୀୟ ବିକାଶ ପାଇଁ ସେଇଭଳି 'ପ୍ରତିବାଦୀ'ର ଭୂମିକା ଗ୍ରହଣ କରି ପାରିଥିଲେ । ପ୍ରତିବାଦ, ପ୍ରତିରୋଧଭିତ୍ତିକ ଗଠନ ମୂଳକ ପ୍ରକ୍ରିୟା ଜନ୍ମଲାଭ କରିଥାଏ । ନୀଳକଂଠଙ୍କ ବ୍ୟକ୍ତିତ୍ୱ ଏକ 'ପ୍ରତିବାଦୀ'ର ବ୍ୟକ୍ତିତ୍ୱ – କିନ୍ତୁ ଲକ୍ଷ୍ୟ ତାଙ୍କର ସାମୂହିକ ବିକାଶ । ସେଥିପାଇଁ ସେ କହିଥିଲେ—"ଦେହରେ ଖାଦ୍ୟ ବୋଲି ହେଲେ ଦେହ ବଢେ ନାହିଁ, ଖାଦ୍ୟର ଆହରଣରେ ଦେହକୁ ବଢାଇବାକୁ ହୁଏ । ଆହରଣରେ ପୁଣି ଯା'-ଛା'ତା ଖାଆନ୍ତି ନାହିଁ । ଯାହା ହଜମ ହୋଇ ଦେହରେ ଲାଗେ ତା'କୁଇ ଖାଆନ୍ତି । ଏଇଠାରେ ଆହରଣରେ ନିର୍ବାଚନ । ଏଇ ଆହରଣ ଓ ଏଇ ନିର୍ବା-ଚନ ଜୀବନ ଓ ବ୍ୟକ୍ତିତ୍ୱର ଲକ୍ଷଣ, ଏଥିରେ ଶ୍ରୀବୃଦ୍ଧି ହୁଏ ।"

( ଦାସ : ୧୯୬୫ – ୬୮ )

ରାଷ୍ଟ୍ର ଗଠନ, ଭାଷା ରାଜନୀତି ଓ ପଣ୍ଡିତ ନୀଳକଣ୍ଠଙ୍କର ଭାଷା ଚର୍ଚ୍ଚାର ଅନ୍ତରାଳରେ ଏଇ 'ଶ୍ରୀବୃଦ୍ଧି'ହିଁ କାର୍ଯ୍ୟ କରି ଆସିଛି ।

—❋—

ଖାରବେଳ ନଗର, ଭୁବନେଶ୍ୱର-୧

Digitized by PPRACHIN, SOA

## ସହାୟକ ବହି ଓ ପ୍ରବନ୍ଧ


Das, Nilakantha, 1959, Speeches and Remarks of Pandit Nilakantha Das, Vol, I

Das Gupta, J, 1970, Language Conflict and National Development ( University of California Press)

Harris, Marvin, 1968, The Rise of Anthropological Theory, A History of Theories of Culture (Thomas, Y, Crowel & Co.)

ଦାସ, ନୀଳକଣ୍ଠ, ୧୯୫୮, ଓଡ଼ିଆ ଭାଷା ଓ ସାହିତ୍ୟ (ନଉ ଷ୍ଟୁଡେଣ୍ଟଷ୍ଟୋର).

ଦାସ, ନୀଳକଣ୍ଠ, ୧୯୬୫, ନୀଳକଣ୍ଠ ଗ୍ରନ୍ଥାବଳୀ—୩ୟ ଖଣ୍ଡ (କଟକ ଷ୍ଟୁଡେ଼ଣ୍ଟସ୍ ଷ୍ଟୋର)

ମିଶ୍ର ଭବଗ୍ରାହୀ, ୧୯୮୪, ରାଷ୍ଟ୍ରନୀତିଜ୍ଞ ପଣ୍ଡିତ ନୀଳକଣ୍ଠ : ଏକ ପ୍ରାରମ୍ଭିକ ଆଲୋଚନା—'କୋଣାର୍କ, ନୀଳକଂଠ ବିଶେଷାଙ୍କ' (ଓଡିଶା ସାହିତ୍ୟ ଏକାଡେମୀ)

ରାଜଗୁରୁ, ସତ୍ୟନାରାୟଣ, ୧୯୮୩, ପଣ୍ଡିତ ନୀଳକଂଠ ଓ ତାଙ୍କ ପ୍ରତିଭା (ଉତ୍କଳ ବିଶ୍ୱବିଦ୍ୟାଳୟ)


—*—

Digitized by PPRACHIN, SOA

# ରାଷ୍ଟ୍ରୀୟ ବ୍ୟବସ୍ଥାପକ

# ନୀଳକଂଠ

Digitized by PPRACHIN, SOA

# ରାଷ୍ଟ୍ରୀୟ ବ୍ୟବସ୍ଥାପକ ନୀଳକଣ୍ଠ

ଡଃ ପ୍ରତାପ ଚନ୍ଦ୍ର ଚନ୍ଦର

ମର୍ମାନୁବାଦ— ଅଧ୍ୟାପକ ବନମାଳୀ ମିଶ୍ର

ଇଂ. ମଧୁସୂଦନ ଦାସ

[ପଣ୍ଡିତ ନୀଳକଣ୍ଠଙ୍କୁ ଜଣେ ରାଷ୍ଟ୍ରନୀତିଜ୍ଞ ଭାବରେ ଏବେ ଅନୁଧ୍ୟାନ କରାଯାଉଛି । ଦୀର୍ଘ ୨ ଦଶନ୍ଧି କାଳ ଓଡ଼ିଶାର ସଭ୍ୟ ଭାବରେ ସେ କେନ୍ଦ୍ର ବ୍ୟବସ୍ଥା ସଭାରେ ଓଡ଼ିଶାର ନାନାବିଧ ସମସ୍ୟା ଉପରେ ଆଲୋଚନା, ସମସ୍ତ ଓଡ଼ିଆ-ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନରେ ଆଣି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଲାଗି ଦାବୀ ଉପସ୍ଥାପନ ଓ ତାର ସଫଳ ରୂପାୟନ ଲାଗି ସକଳ ଉଦ୍ୟମ କରିବା ବ୍ୟତୀତ, ଭାରତର ଅର୍ଥନୀତି, ରେଳବାଇ ବଜେଟ୍, ରେଳବାଇର ଜାତୀୟ କରଣ, ରେଳବାଇରେ ନିଯୁକ୍ତି ବଡ଼ ବଡ଼ ଶିଳ୍ପ କାରଖାନାମାନଙ୍କରୁ ବିଦେଶୀ କର୍ମଚାରୀମାନଙ୍କ ପ୍ରତ୍ୟାହାର, ଗୋରା ଓ ଭାରତୀୟମାନଙ୍କ ଦରମାରେ ତାରତମ୍ୟ ପରି ସର୍ବଭାରତୀୟ ପ୍ରଶ୍ନ ତଥା ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ସମସ୍ୟା, ଆବିସିନିଆକୁ ଭାରତରୁ ସୈନ୍ୟ ପ୍ରେରଣ ଏବଂ କମ୍ୟୁନିଜିମ୍‌ର ଭାରତରେ ଅନୁପ୍ରବେଶ ଆଦି ବହୁ ଆନ୍ତର୍ଜାତୀୟ ଜଟିଳ ବିଷୟ ଉପରେ ମଧ୍ୟ ସେ ଭାଷଣମାନ ଦେଉଥିଲେ ଓ ଆଲୋଚନାରେ ବିଶେଷ ଅଂଶ ଗ୍ରହଣ କରୁଥିଲେ ।

ପୁଣି ତାଙ୍କର ବକ୍ତୃତାମାନ ବଡ଼ ଉଚ୍ଚକୋଟିର ହେଉଥିଲା । ଓଡ଼ିଶାର ରାଜ୍ୟପାଳ ଡଃ ବିଶ୍ୱମ୍ଭରନାଥ ପାଣ୍ଡେ ନିଜ ଅଭିଜ୍ଞତା ବର୍ଣ୍ଣନା କରି ଏ ମଧ୍ୟରେ ପ୍ରକାଶ କରିଛନ୍ତି ଯେ, ପଣ୍ଡିତ ନୀଳକଣ୍ଠ ବ୍ୟବସ୍ଥାସଭାରେ କହିବାକୁ ଉଠିଲା ବେଳେ ସମଗ୍ର ଗୃହ ଆନ୍ଦୋଳିତ ହୋଇ ଉଠୁଥିଲା ଏବଂ ପଣ୍ଡିତ ନୀଳକଣ୍ଠ ଯେ କେବଳ ଜଣେ ବଡ଼ ବାଗ୍ମୀଭାବରେ ପରିଚିତ ଥିଲେ ତା ନୁହେଁ, ତାଙ୍କର ବକ୍ତୃତା ସବୁ ଏପରି ତଥ୍ୟ ସମ୍ବଳିତ ହେଉଥିଲା ଯେ, ସରକାରୀ ଦଳର ଡିଭିଜନ୍‌ମାନେ (ଇଂରେଜ ସଭ୍ୟମାନେ) ମଧ୍ୟ ତାହାଁର ମୁକାବିଲା କରି ପାରୁ ନ ଥିଲେ ।

Digitized by PPRACHIN, SOA

ଭାରତର ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡ଼ଃ ପ୍ରତାପ ଚନ୍ଦ୍ର ଚନ୍ଦର ଗତ ୧୯୮୪ ସେପ୍ଟେମ୍ବର ୯।୧୦ ତାରିଖରେ ରେଭେନ୍ସା କଲେଜରେ ପଣ୍ଡିତ ନୀଳକଂଠ ସ୍ମାରକୀ ବକ୍ତୃତାମାଳାର ଯେଉଁ ୨ଟି ବକ୍ତୃତା ପ୍ରଦାନ କରିଥିଲେ, ସେଥିରେ ସେ ନୀଳକଂଠଙ୍କୁ ଜଣେ ରାଷ୍ଟ୍ରୀୟ ବ୍ୟବସ୍ଥାପକ ରୂପେ ପ୍ରତିପାଦିତ କରିଥିଲେ । ଏହା ତାହାଁର ସଂକ୍ଷିପ୍ତ ଓଡ଼ିଆ ମର୍ମାନୁବାଦ

ମର୍ମାନୁବାଦକ ।]

ପଣ୍ଡିତ ନୀଳକଣ୍ଠ ଭାରତର ଜଣେ ସୁନାମଧନ୍ୟ ବ୍ୟକ୍ତି । ଛାତ୍ରାବସ୍ଥାରୁ ସେ ଗୋପବନ୍ଧୁ ଦାସଙ୍କ ସଙ୍ଗେ ଦେଶ ସେବାର ବ୍ରତ ଗ୍ରହଣ କରି ଦୁଃଖୀ ଓ ରୋଗୀର ସେବା କରୁଥିଲେ । ବିଦ୍ୟାଧ୍ୟୟନ ପରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦେଶରେ ସୁନାଗରିକ ଗଢ଼ିବାରେ ଚେଷ୍ଟିତ ହେଲେ ଓ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଥିଲେ । କଲିକତା ବିଶ୍ୱ ବିଦ୍ୟାଳୟର କୁଳପତି ନୀଳକଂଠଙ୍କ ଏହି କାର୍ଯ୍ୟରେ ଅତ୍ୟନ୍ତ ପ୍ରୀତ ହୋଇ ତାଙ୍କୁ ବିଶ୍ୱ-ବିଦ୍ୟାଳୟର ଅଧ୍ୟାପକ ଭାବେ ନିଯୁକ୍ତ କଲେ । ମାତ୍ର କେତେ ମାସ ପରେ ନୀଳକଣ୍ଠ ଅଧ୍ୟାପନା ପରିତ୍ୟାଗ କରି ଦେଶର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ ଓ ଏଥି ଲାଗି ସେ ଅବିରତ ସଂଗ୍ରାମ ଚଳାଇ ଥିଲେ । ସ୍ୱାଧୀନତା ଲାଭ ପରେ ମଧ୍ୟ ଦେଶର ବିଭିନ୍ନ ବିଭାଗର ବିକାଶ ଲାଗି ସେ ନାନା ଭାବରେ ଉଦ୍ୟମ କରି ଯାଇଅଛନ୍ତି । ପଣ୍ଡିତ ନୀଳକଣ୍ଠ ଏକାଧାରରେ ଜଣେ ବିଶିଷ୍ଟ ଜାତୀୟବାଦୀ, କବି ଓ ଦେଶ ସେବକ, କର୍ମୀ ପୁରୁଷ ଓ ଶିକ୍ଷାବିତ୍, ସାମ୍ବାଦିକ ତଥା ପ୍ରସିଦ୍ଧ ବ୍ୟବସ୍ଥାପକ ଥିଲେ । ବାଲ୍ୟ କାଳରୁ ମୁଁ ତାଙ୍କୁ ବ୍ୟବସ୍ଥାପକ ଭାବେ ଜାଣେ । ସେ ମୋର ପିତା ନିର୍ମଳ ଚନ୍ଦ୍ର ଚନ୍ଦରଙ୍କର ବନ୍ଧୁ ଥିଲେ—ଦୁହେଁ ସରକାରୀ ଚାକିରି ନ କରି ଦେଶ ପାଇଁ ଜୀବନ ପଣ କରିଥିଲେ । ଉଭୟେ ସ୍ୱାଧୀନ ବୃତ୍ତି ଗ୍ରହଣ କରିଥିଲେ । ପଣ୍ଡିତ ନୀଳକଂଠ ହେଲେ ଶିକ୍ଷକ, ମୋ ପିତା ହେଲେ ଓକିଲ । ଉଭୟେ ୧୯୨୧ରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ଜେଲ ବରଣ କରିଥିଲେ । ଉଭୟେ କଂଗ୍ରେସ (ସ୍ୱରାଜ୍ୟ) ପାର୍ଟିରେ ଯୋଗ ଦେଇ କେନ୍ଦ୍ର ବ୍ୟବସ୍ଥାସଭାରେ ବହୁ ବର୍ଷ ଧରି କାର୍ଯ୍ୟ କରିଥିଲେ । ଉଭୟେ ନେତାଜୀ ସୁଭାଷଙ୍କୁ ଅକୁଣ୍ଠ ଚିତ୍ତରେ ସମର୍ଥନ ଦେଇଥିଲେ । ପଣ୍ଡିତ ନୀଳକଂଠ ଜଣେ ନିଜେ ପ୍ରତିଷ୍ଠିତ କବି ଓ ସାହିତ୍ୟିକ ଥିଲେ । ମୋ ପିତା କିନ୍ତୁ ସାହିତ୍ୟ ଓ

Digitized by PPRACHIN, SOA

ସଂସ୍କୃତିର ପୃଷ୍ଠପୋଷକ ଥିଲେ । ମୋର ମନେ ପଡ଼େ ପଣ୍ଡିତଜୀ ବହୁ ବାର ଆମ କଲିକତା ବାସଭବନରେ ଆସି ରହୁଥିଲେ । ମୋ ପିତାଙ୍କ ବୈଠକଖାନାରେ ପ୍ରଖ୍ୟାତ ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ, ଖ୍ୟାତ ଅଭିନେତା ଶିଶିର କୁମାର ଭାଦୁଡ଼ି ଓ ହାସ୍ୟ ରସିକ ଶରତ ଚନ୍ଦ୍ର ପଣ୍ଡିତଙ୍କ ସହ ମୋ ପିତା ଓ ନୀଳକଣ୍ଠ ଯୋଗ ଦେଉଥିଲେ । ଏଠାରେ ଯେଉଁ ସବୁ ଗରମ ଆଲୋଚନା ହେଉଥିଲା, ଆମେ ପିଲାଏ ସେଥିରେ ଭାରି ଖୁସି ହେଉଥିଲୁ ।

## ନୀଳକଂଠଂକ ବ୍ୟବସ୍ଥାପକ ଜୀବନକାଳ :

ପଣ୍ଡିତ ନୀଳକଂଠ ୧୯୨୪, ୧୯୨୭, ୧୯୩୦ ଓ ୧୯୩୫ ରେ ଚାରି-ଥର କେନ୍ଦ୍ର ବ୍ୟବସ୍ଥାସଭାକୁ ନିର୍ବାଚିତ ହୋଇଥିଲେ । କେବଳ ୧୯୩୦ରେ ମାତ୍ର ଅଳ୍ପ ଦିନ ଲାଗି ସେ ବ୍ୟବସ୍ଥାସଭାରେ ସଭ୍ୟ ଥିଲେ ଓ ପରେ ପରେ ସଭ୍ୟ ପଦ ତ୍ୟାଗ କରି ଲବଣ ସତ୍ୟାଗ୍ରହରେ ଯୋଗ ଦେଇ କାରା ବରଣ କରିଥିଲେ । ସେହିପରି ୧୯୩୫ ରେ ନିର୍ବାଚିତ ହୋଇ ୧୯୪୫ ଯାଏଁ କେନ୍ଦ୍ର ବ୍ୟବସ୍ଥାସଭାର ସଭ୍ୟ ରୂପେ ରହିଥିଲେ ସେ । ଏଠାରେ ସ୍ମରଣ ରଖିବାକୁ ହେବ ଯେ, ଏବର ପାର୍ଲାମେଣ୍ଟ ପରି ସେତେବେ ବ୍ୟବସ୍ଥା ସଭାର ସାର୍ବଭୌମ କ୍ଷମତା ନଥିଲା କିମ୍ବା ନିର୍ବାଚନ କେବଳ ସାବାଳକ ଭିତ୍ତିରେ ହେଉ ନ ଥିଲା । ସେତେବେଳେ ଶିକ୍ଷା ଓ ସମ୍ପତ୍ତିର ନିର୍ଦ୍ଦିଷ୍ଟ ମାନ ଉପରେ ମାତ୍ର ଅଳ୍ପ ସଂଖ୍ୟକ ଲୋକଙ୍କୁ ଭୋଟ ଅଧିକାର ମିଳୁଥିଲା । ଏପରିକି ୧୯୩୪ରେ ସମଗ୍ର ଭାରତରେ କେନ୍ଦ୍ର ବ୍ୟବସ୍ଥା ସଭାର ଭୋଟରଙ୍କ ସଂଖ୍ୟା ଥିଲା ମାତ୍ର ୧୪,୧୫,୮୯୨ ଏବଂ ସେଥି ମଧ୍ୟରୁ ମହିଳା ଭୋଟର ଥିଲେ ୮୧,୬୦୨ । ବସ୍ତୁତଃ କେନ୍ଦ୍ର ବ୍ୟବସ୍ଥାସଭାକୁ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ଭୋଟରେ ସଭ୍ୟମାନେ ନିର୍ବାଚିତ ହେଉଥିଲେ । ଏପରି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ ହେଁ, ପଂଡିତ ନୀଳକଂଠ ସମାଜର ଦୁର୍ବଳ ଶ୍ରେଣୀର ଲୋକଂକ ସ୍ୱାର୍ଥ ରକ୍ଷା ଲାଗି କେନ୍ଦ୍ର ବ୍ୟବସ୍ଥାସଭାରେ ଅହରହ ସଂଗ୍ରାମ ଚଳାଇଥିବାର ଦେଖାଯାଏ । ଇଂରେଜ ସରକାର 'ସୀମିତ ନିର୍ବାଚନ ନୀତି' ଦ୍ୱାରା ଭାରତୀୟଂକ କ୍ଷମତା ସଙ୍କୁଚିତ କରି ରଖିବା ପାଇଁ ଉଦ୍ୟମ କରୁଥିଲେ । ଏଥିରେ କଂଗ୍ରେସ ତଥା ସ୍ୱରାଜ୍ୟ ପନ୍ଥୀମାନେ ଅସନ୍ତୁଷ୍ଟ ହୋଇ

Digitized by PPRACHIN, SOA

ଲୋକଂକ ହାତକୁ ଢ଼େର ଅଧିକ କ୍ଷମତା ଆସିବ, ସେଥିଲାଗି କେନ୍ଦ୍ର ସଭାରେ ବରାବର ଆନ୍ଦୋଳନ ଚଳାଉଥିଲେ ଓ ଇଂରେଜମାନେ ଭାରତୀୟଙ୍କୁ ପର୍ଯ୍ୟାୟକ୍ରମେ ସାମାନ୍ୟ ସାମାନ୍ୟ କରି କ୍ଷମତା ବିକେନ୍ଦ୍ରୀକରଣ କରିବାକୁ ବାଧ୍ୟ ହେଉଥିଲେ । ପଂଡ଼ିତ ମାଳବ୍ୟଂକ ପରି କଂଗ୍ରେସର ଯେଉଁ ପରିବର୍ତ୍ତନବାଦୀମାନେ (Prochangers) ଆସେମ୍ବ୍ଲି ପ୍ରବେଶକୁ ନୀତି ରୂପେ ଗ୍ରହଣ କରିଥିଲେ ଏହା ସେମାନଂକର ଅବଦାନ ବୋଲି ବୁଝିବାକୁ ହେବ ।

## କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ସଂଖ୍ୟା ଓ ଆସେମ୍ବ୍ଲିର ସଂକୁଚିତ କ୍ଷମତା :

ପ୍ରଥମ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ସଂଖ୍ୟା ଥିଲା ମାତ୍ର ୧୪୩ । ସେଥିରେ ୧୦୩ ନିର୍ବାଚିତ ସଭ୍ୟ ଓ ୪୦ ଜଣ ମନୋନୀତ ସଭ୍ୟ । ଏହି ମନୋନୀତ ସଭ୍ୟଙ୍କ ମଧ୍ୟରେ ୨୫ ଜଣ ସରକାରୀ କର୍ମଚାରୀ । ନିର୍ବାଚିତ ସଭ୍ୟଙ୍କ ମଧ୍ୟରୁ ୫୧ଟି ସାଧାରଣ ନିର୍ବାଚନ ମଣ୍ଡଳୀରୁ ୩୦ଟି ମୁସଲମାନ ପ୍ରତିନିଧି. ୨ ଜଣ ଶିଖ୍ ପ୍ରତିନିଧି, ୭ଜଣ ଜମିଦାର ପ୍ରତିନିଧି, ୯ ଜଣ ଗୋରା ସାହେବଙ୍କ ପ୍ରତିନିଧି, ୪ ଜଣ ବଣିକ ପ୍ରତିନିଧି ରହୁଥିଲେ ।

ଅବଶ୍ୟ ନିର୍ବାଚିତ ପ୍ରତିନିଧିଗଣ ଏକଜୁଟ ହେଲେ ସରକାରଙ୍କୁ ପରାସ୍ତ କରି ପାରୁଥିଲେ । ମାତ୍ର ଆସେମ୍ବ୍ଲିରେ ପରାସ୍ତ ହେଲେ ମଧ୍ୟ ସରକାର ଭାଙ୍ଗୁ ନ ଥିଲା— କେବଳ ଜନଚକ୍ଷୁରେ ସରକାର ଅପଦସ୍ତ ହେବା ଛଡ଼ା ତହିଁରେ ଆଉ କୌଣସି ଫଳ ହେଉ ନ ଥିଲା । ୧୯୨୭ରେ କେନ୍ଦ୍ର ବ୍ୟବସ୍ଥା ସଭାରେ ୩୪ ଥର ଭୋଟ ନିଆ ହେବାରେ ସରକାର ୧୭ଥର ପରାସ୍ତ ହୋଇ ଥିଲେ । କିନ୍ତୁ ବଡ଼ଲାଟଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ବ୍ୟବସ୍ଥାସଭାରେ ରଦ୍ଦ ହୋଇଥିବା ବିଲଗୁଡ଼ିକୁ ମଧ୍ୟ ସେ ସ୍ୱୀକୃତି ଦେଇ ଆଇନରେ ପରିଣତ କରି ପାରୁଥିଲେ ।

## ୧୯୧୯ର ଶାସନ ବ୍ୟବସ୍ଥା ପ୍ରତି କଂଗ୍ରେସ ଓ ସ୍ୱରାଜ୍ୟ ଦଳର ମନୋଭାବ

୧୯୧୯ର ଶାସନ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ବ୍ୟବସ୍ଥାସଭାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ଏହି ଶାସନ ପଦ୍ଧତିକୁ ଘୋର

Digitized by PPRACHIN, SOA

ସମାଲୋଚନା କରି ୧୯୨୦ରେ ପ୍ରଥମ ନିର୍ବାଚନରେ ଯୋଗ ଦେଇ ନ ଥିଲେ । ୧୯୨୦ ରେ ନାଗପୁର କଂଗ୍ରେସ ଅଧିବେଶନରେ ଅସହଯୋଗ ପ୍ରସ୍ତାବ ଗୃହୀତ ହୁଅନ୍ତେ ପଣ୍ଡିତ ନୀଳକଂଠ ଗୋପବନ୍ଧୁଙ୍କ ସହ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ୧୯୨୧ ରେ ଗାନ୍ଧିଜୀଙ୍କର ଓଡ଼ିଶା ପରିଭ୍ରମଣ ଫଳରେ ଓଡ଼ିଶାରେ ଆନ୍ଦୋଳନ ପ୍ରବଳ ହୋଇ ଉଠିଲା । (ସତ୍ୟବାଦୀ ଠାରେ ନୀଳକଂଠଙ୍କର ଗାନ୍ଧିଜୀଙ୍କ ସହ ଆଲୋଚନା ହୋଇଥିଲା. ଅସହଯୋଗର ଅନ୍ୟତମ ଅଙ୍ଗ ସୂତା କଟାରେ ସ୍ୱରାଜ୍ୟ ମିଳିପାରିବନାହିଁ ବୋଲି ନୀଳକଂଠ ଯୁକ୍ତି ବାଢିଥିଲେ । ) ଏହି ଆନ୍ଦୋଳନକୁ ମୁକାବିଲା କରିବାପାଇଁ ଇଂରେଜ ସରକାର ଘୋର ଦମନଲୀଳା ଚଳାଇଲେ । ପଣ୍ଡିତ ନୀଳକଂଠ ତଥା ଓଡ଼ିଶାର ନେତୃବର୍ଗ କାରାରୁଦ୍ଧ ହେଲେ । ୧୯୨୨ରେ ଚୌରିଚୌରା ହିଂସା-କାଣ୍ଡ ଯୋଗୁଁ ଗାଂଧିଜୀ ଅସହଯୋଗ ଆନ୍ଦୋଳନ ବନ୍ଦ କରିଦେଲେ । ଗାଂଧିଜୀଙ୍କର ଏହି କାର୍ଯ୍ୟକୁ ବହୁ କଂଗ୍ରେସ ନେତା ବିରୋଧ କଲେ । ଚିତ୍ତରଞ୍ଜନ, ମୋତିଲାଲ, ଜୟକାର, ଭିଥଲ ଭାଇ ପଟେଲ ପ୍ରଭୃତି ନେତା ନିର୍ବାଚନରେ ଭାଗ ନେବାକୁ ଚାହିଁଲେ ଏବଂ ସେମାନଙ୍କର ଯୁକ୍ତିଥିଲା, ବ୍ୟବସ୍ଥାସଭାରେ ସରକାରଙ୍କ ସହ ବିରୋଧ ଅସହଯୋଗର ଏକ ସମ୍ପ୍ରସାରିତ ଅଙ୍ଗ ମାତ୍ର । ଗୟା କଂଗ୍ରେସର ସଭାପତି ଶ୍ରୀ ସି· ଆର୍ ଦାସ ଏହି ପ୍ରସ୍ତାବଟି ଅଧିବେଶନରେ ଆଗତ କଲେ, ମାତ୍ର ଏହା ଗୃହୀତ ନ ହେବାରୁ ସେ ସଭାପତି ପଦରୁ ଇସ୍ତଫା ଦେଲେ । ୧୯୨୨ ଡିସେମ୍ବର ୩୧ ତାରିଖରେ ସ୍ୱରାଜ୍ୟଦଳ ଗଠିତ ହେଲା ।

## ପଣ୍ଡିତ ନୀଳକଂଠଙ୍କର ସ୍ୱରାଜ୍ୟ ଦଳରେ ଯୋଗଦାନ ଓ କେନ୍ଦ୍ର ଆସେମ୍ବ୍ଲିରେ ପ୍ରବେଶ :—

ପଣ୍ଡିତ ନୀଳକଂଠ ଏ ସମୟରେ ଜେଲରେ ଥିଲେ । ସେଇ ଜେଲରେ ପଣ୍ଡିତ ଗୋପବନ୍ଧୁଙ୍କ ସହିତ ପରାମର୍ଶ କରି ୧୯୨୩ରେ ଜେଲ ମୁକ୍ତିପରେ ସେ ଏହି ଦଳରେ ଯୋଗଦେଲେ । ଗାନ୍ଧିଜୀ ୧୯୨୪ରେ ଜେଲରୁ ଖଲାସ ହେବାପରେ ସ୍ୱରାଜ୍ୟ ପନ୍ଥୀଙ୍କସହ ମିଳାମିଶାପାଇଁ ଉଦ୍ୟମ କରିଥିଲେ । କିନ୍ତୁ ସେ ଉଦ୍ୟମ ବିଫଳ ହେଲା ନିର୍ବାଚନରେ ଜୟଯୁକ୍ତ ହୋଇ ସ୍ୱରାଜ୍ୟ ପନ୍ଥୀ ମାନେ କେନ୍ଦ୍ର ଓ ପ୍ରାଦେଶିକ ବ୍ୟବସ୍ଥା ସଭାରେ ପ୍ରବେଶ କଲେ । ପଣ୍ଡିତ

Digitized by PPRACHIN, SOA

ନୀଳକଣ୍ଠ ଏହି ଦଳ ପକ୍ଷରୁ କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହେଲେ । ପୁରୀ, କଟକ ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାକୁ ନେଇ ତାଙ୍କର ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା । ସେ ପ୍ରଥମେ ୪୦ ବର୍ଷ ବୟସରେ ୧୯୨୪ ଜାନୁୟାରୀ ୩୦ ତାରିଖରେ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟଭାବେ ଶପଥ ଗ୍ରହଣ କରିଥିଲେ ଓ ପରେ ପରେ କେନ୍ଦ୍ର ବ୍ୟବସ୍ଥାସଭା ସ୍ୱରାଜ୍ୟ ଦଳର ଅନ୍ୟତମ ସେକ୍ରେଟାରୀ ରୂପେ ନିର୍ବାଚିତ ହେଲେ । ପଣ୍ଡିତ ମୋତିଲାଲ ନେହେରୁ ଏହି ଦଳର ନେତା ଥିଲେ ।

## ପଣ୍ଡିତ ନୀଳକଣ୍ଠ ପ୍ରଥମରୁହିଁ ଜଣେ ଧୁରୀଣ ବ୍ୟବସ୍ଥାପକ ହୋଇ ଉଠିଲେ—

ଓଡ଼ିଶାରୁ ପଣ୍ଡିତ ନୀଳକଣ୍ଠଙ୍କ ସହିତ ଭୁବନାନନ୍ଦ ଦାସ ମଧ୍ୟ ସ୍ୱରାଜ୍ୟ ଦଳ ଟିକେଟରେ ନିର୍ବାଚିତ ହୋଇଥିଲେ । ଉଭୟେ ବ୍ୟବସ୍ଥାସଭାରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ ଏବଂ ସେମାନଙ୍କର ଲକ୍ଷ୍ୟ ଥିଲା ୨ଟି । ପ୍ରଥମତଃ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା, ଦ୍ୱିତୀୟତଃରେ ଇଂରେଜ ଶାସନନୀତିର ନିଷ୍ଫଳତା ପ୍ରମାଣ କରିବା । ପଣ୍ଡିତ ନୀଳକଣ୍ଠ ପ୍ରଥମ କେନ୍ଦ୍ର ଆସେମ୍ବ୍ଲିରେ ମଦନ ମୋହନ ମାଳବ୍ୟ, ପଣ୍ଡିତ ମୋତିଲାଲ, ମିଃ: ଜିନ୍ନା, ତୁଳସୀ ଦାସ ଗୋସ୍ୱାମୀଙ୍କ ପରି ପ୍ରବୀଣ ରାଜନୀତିଜ୍ଞମାନଙ୍କର ସାହଚର୍ଯ୍ୟ ଲାଭକରି କ୍ରମେ ବ୍ୟବସ୍ଥାସଭା କାର୍ଯ୍ୟରେ ଧୁରୀଣ ହୋଇ ଉଠିଲେ ଓ ଅଲ୍ପଦିନ ମଧ୍ୟରେ ନାନାବିଧ ପ୍ରଶ୍ନ କାଟ ପ୍ରସ୍ତାବ, ସଂଶୋଧନ ପ୍ରସ୍ତାବ ଜାତୀୟ ସ୍ୱାର୍ଥଗତ ପ୍ରସ୍ତାବମାନ ଆଗତ କରି ଆସେମ୍ବ୍ଲି ସଭ୍ୟ ଓ କର୍ମକର୍ତ୍ତାମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ଫଳରେ କେନ୍ଦ୍ର ବ୍ୟବସ୍ଥା ସଭାର ବହୁ ସ୍ଥାୟୀ କମିଟି ଓ ଯାଞ୍ଚକମିଟିମାନଙ୍କରେ ସେ ସଭ୍ୟ ନିର୍ବାଚିତ ହେଲେ । ଜଣେ ନବାଗତ ସଭ୍ୟ ହେଲେହେଁ ନୀଳକଣ୍ଠ ନିଜ କାର୍ଯ୍ୟ ଦକ୍ଷତା ବଳରେ ସମସ୍ତଙ୍କର ପ୍ରଶଂସା ଭାଜନ ହୋଇ ପାରିଥିଲେ । ସେ ଇଂରେଜୀରେ ଭଲ ଭାବରେ ବକ୍ତୃତା ଦେଇ ପାରୁଥିଲେ । ବେଳେ ବେଳେ ବକ୍ତୃତା ଖୁବ୍ ଦୀର୍ଘ ହୋଇ ଯାଉଥିବାରୁ ବାଚସ୍ପତି ଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ସଂକ୍ଷିପ୍ତ କରିବାକୁ ପଡୁଥିଲା ।

Digitized by PPRACHIN, SOA

## ନୀଳକଣ୍ଠଙ୍କ ପ୍ରଥମ ବ୍ୟବସ୍ଥାପକ ଜୀବନ - ୧୯୨୪ରେ ଓଡ଼ିଶା ଉପକୂଳରେ ଲବଣ ଶିଳ୍ପର ପୁନରୁତ୍ଥାନ ଲାଗିଦାବୀ

୧୯୨୪ ମାର୍ଚ୍ଚ ୮ ତାରିଖରେ ନୀଳକଣ୍ଠ ଗୋଟିଏ ପ୍ରଶ୍ନ ଉତ୍ଥାପନ କରି ବ୍ୟବସ୍ଥା ସଭାର ଉପାଦେୟତା ତଥା ଆବଶ୍ୟକତା ଜାଣିବାକୁ ଚେଷ୍ଟା କରିଥିଲେ । ନୀଳକଣ୍ଠଙ୍କ ପ୍ରଶ୍ନ ଥିଲା, ବ୍ୟବସ୍ଥା ସଭା ଗତ ୩ବର୍ଷ (ପ୍ରଥମ କେନ୍ଦ୍ର, ବ୍ୟବସ୍ଥାପକ ସଭା କାର୍ଯ୍ୟକାଳ ଥିଲା ୧୯୨୧-୧୯୨୩ ଭିତରେ ରାଜନୈତିକ ବନ୍ଦୀଙ୍କର ମୁକ୍ତି ପାଇଁ କୌଣସି ଉଦ୍ୟମ କରିଛି କି ? ଜେଲରେ ରାଜନୈତିକ ବନ୍ଦୀ ସୁବନ୍ଦୋବସ୍ତ ହେବାର କୌଣସି କର୍ମପନ୍ଥା ଗ୍ରହଣ କରି ପାରିଛି କି ? ଏବଂ ବ୍ୟବସ୍ଥା ସଭା ଏ ଭଳି ପ୍ରସ୍ତାବ ଗ୍ରହଣ କରିଥିଲେ ତାହା କେତେଦୂର ସଫଳ ହୋଇଛି ? ଏସବୁ ପ୍ରଶ୍ନରେ ସରକାର ବଡ଼ ଅସୁବିଧାରେ ପଡ଼ି ଜଣାଇଲେ । "ତଥ୍ୟ ସଂଗ୍ରହ କରାଯାଉଛି" ।

ସେହିପରି ୧୯୨୪ ମାର୍ଚ୍ଚ ୨୫ ତାରିଖରେ ରାଜନୈତିକ ବନ୍ଦୀ ଓ ଜେଲ ଭିତରେ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ସେ ପ୍ରଶ୍ନ ଛଳରେ ନାନା ଆପତ୍ତି ଉଠାଇଥିଲେ । ପୁଣି ଜେଲ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବିରୁଦ୍ଧରେ ଫେରାଦ ହେବାର ସୁଯୋଗ କଏଦୀମାନଙ୍କୁ ଦେବା ଲାଗି ନୀଳକଣ୍ଠ ପ୍ରସ୍ତାବ ଆଗତ କରିଥିଲେ । ସେହି ସମୟରେ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ଗ୍ରାମପଞ୍ଚାୟତମାନଙ୍କ ସଂପର୍କରେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ମଧ୍ୟ ସେ ଜାଣିବାକୁ ଚାହିଁଥିଲେ । ସରକାର ନୀଳକଣ୍ଠଙ୍କର ଏପରି ବହୁଜଟିଳ ପ୍ରଶ୍ନରେ ଅଡ଼ୁଆରେ ପଡ଼ି "ତଥ୍ୟ ସଂଗ୍ରହ ହେଉଛି" ବୋଲି ଉତ୍ତର ଦେଇ ନିଜକୁ ରକ୍ଷା କରୁଥିଲେ ।

୧୯୨୪ ସେପ୍ଟେମ୍ବର ୧୬ ତାରିଖରେ ରେଳଗାଡ଼ିର ତୃତୀୟ ଶ୍ରେଣୀରେ ଅତିରିକ୍ତ ଯାତ୍ରୀ ନେବା ପାଇଁ ନୀଳକଣ୍ଠ ପ୍ରଶ୍ନ କରିଥିଲେ ଓ ରେଳ ଯାତ୍ରୀଙ୍କର ଅସୁବିଧା ବିଷୟରେ ସେ ବାରମ୍ବାର ଗୁଡ଼ିଏ ଗୁଡ଼ିଏ ପ୍ରଶ୍ନ ଉଠାଇଥିଲେ । ଓଡ଼ିଶାର ଗରିବ ଦରିଦ୍ର ଲୋକଙ୍କ ପାଇଁ ସେ ବହୁ ପ୍ରଶ୍ନ ଉତ୍ଥାପନ କରିଥିଲେ । ଏହି ସଂପର୍କରେ ଲୁଣ ମାରିବାକୁ ଲୋକଙ୍କୁ ବଂଚିତ କରିବା ଫଳରେ ୧୯୧୯-୧୯୨୦ରେ ଓଡ଼ିଶାରେ ଯେଉଁ ଦୁର୍ଭିକ୍ଷ ଦେଖା ଦେଇଥିଲା ସେଥିଲାଗି ସେ ସରକାରଙ୍କୁ ଦାୟୀ କରିଥିଲେ ।

Digitized by PPRACHIN, SOA

୧୯୨୫ ମାର୍ଚ୍ଚ ୨୩ରେ ବଜେଟ ଆଲୋଚନାରେ ଭାଗନେଇ ଓଡ଼ିଶା ଉପକୂଳରେ ଲବଣ ଶିଳ୍ପର ପୁନରୁତ୍‌ଥାନ ଲାଗି ସେ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ମନେ ରଖିବାର କଥା ଗାନ୍ଧିଜୀଙ୍କର ଲବଣ ସତ୍ୟାଗ୍ରହ ଏହାର ୫ବର୍ଷ ପରେ ଆରମ୍ଭ ହୋଇଥିଲା ।

୧୯୨୫ରେ ରେଳବାଇ ଶାସନ ବ୍ୟବସ୍ଥା ଓ ରାଜନୈତିକ ବନ୍ଦୀ ସଂପର୍କରେ ସେ ବହୁ ପ୍ରଶ୍ନ କରିଥିଲେ । ରେଳବାଇରେ ଓଡ଼ିଆଙ୍କ ନିଯୁକ୍ତି ତଥା ଭାରତୀୟ ଗାର୍ଡ଼ ଓ ଗୋରା ଗାର୍ଡ଼ଙ୍କ ଦରମାରେ ତାରତମ୍ୟ ନେଇ ସେ ନାନା ପ୍ରଶ୍ନ କରିବା ବ୍ୟତୀତ ଭାରତ ସରକାରଙ୍କ ଷ୍ଟୋର୍ସ ଡ଼ିପାର୍ଟମେଣ୍ଟର ଜିନିଷପତ୍ର ଖରିଦରେ ଟେଣ୍ଡର ନେଇ ସରକାରଙ୍କୁ ବହୁ ଜଟିଳ ପ୍ରଶ୍ନମାନ ପଚାରି ଅଡୁଆରେ ପକାଇଥିଲେ ।

ସେହି ସମୟରେ ପଣ୍ଡିତ ନୀଳକଂଠ ହିନ୍ଦୁ ଧର୍ମ ଓ ଦାତବ୍ୟଟ୍ରଷ୍ଟ ବିଲ୍ ତଥା ମାତୃମଙ୍ଗଳ ବା (ମ୍ୟାଟରନିଟି ବେନିଫିଟ୍) ବିଲ୍‌ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଏବଂ ପ୍ରଥମୋକ୍ତ ବିଲ୍‌ର ଯାଞ୍ଚକମିଟିର ସଭ୍ୟ ନିର୍ବାଚିତ ହୋଇଥିଲେ । ମ୍ୟାଟରନିଟି ବିଲ୍‌ର ଯାଞ୍ଚକମିଟିର ବିଚାର ଲାଗି ନୀଳକଂଠ କହିଲେ, “ ଆସାମ ଚା’ ବଗିଚା ଆଦିରେ ଯେତେ ପୁରୁଷ ଓ ମହିଳା କାମ କରନ୍ତି, ତାର ଏକ ଚତୁର୍ଥାଂଶ ଓଡ଼ିଶାରୁ ଆସିଛନ୍ତି । ଚା’ ବଗିଚା ମାଲିକମାନେ ଏମାନଙ୍କ ପ୍ରତି ସଂତୋଷଜନକ ବ୍ୟବହାର କରନ୍ତି ନାହିଁ । ତେଣୁ ଶ୍ରମିକ ମଙ୍ଗଳ ଲାଗି ଆଇନ ହେବା ଉଚିତ । ”

୧୯୨୬ରେ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କ ସମସ୍ୟା ନେଇ ସେ ବହୁ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ୧୯୨୬ ମାର୍ଚ୍ଚ ପହିଲାରେ ଭାରତୀୟ ଶୁଳ୍କ ସଂଶୋଧନ ବିଲ୍‌ର ଆଲୋଚନାରେ ଭାଗ ନେଇ ନୀଳକଂଠ କହିଲେ, “ସରକାର ଯଦି ତ୍ରୈଵ କାରବାର ରୋକି ପାରନ୍ତେ ତେବେ ସରକାରଙ୍କ ଆୟ କଦାପି କମନ୍ତା ନାହିଁ । ” ପଣ୍ଡିତଜୀଙ୍କ ଏହି ଉକ୍ତିର ସାରବତ୍ତା ଏବେବି ସ୍ୱାଧୀନ ଭାରତରେ ଉପଲବ୍ଧି କରିହେବ । ପଣ୍ଡିତ ନୀଳକଂଠ ସେହି ବର୍ଷ କେନ୍ଦ୍ରବ୍ୟବସ୍ଥାସଭାର ଗୁରୁତ୍ୱପୂର୍ଣ୍ଣ କମିଟି ‘ପବ୍‌ଲିକ୍ ଆକାଉଣ୍ଟସ୍ କମିଟିକୁ ସଭ୍ୟ ନିର୍ବାଚିତ ହୋଇଥିଲେ ।

Digitized by PPRACHIN, SOA

## ନୀଲକଣ୍ଠଙ୍କ ୨ୟ ଥର ସଭ୍ୟ ଜୀବନ—
## ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନରେ ଆଣିବା ଲାଗି ବେସରକାରୀ ପ୍ରସ୍ତାବ

କେନ୍ଦ୍ର ସଭାକୁ ୨ୟ ଥର ଲାଗି ନିର୍ବାଚିତ ହୋଇ ନୀଲକଣ୍ଠ ୧୯୨୭ ଜାନୁୟାରୀ ୧୯ ତାରିଖରେ ସଭ୍ୟ ରୂପେ ଶପଥ ଗ୍ରହଣ କଲେ ଏବଂ ଏଥର ମଧ୍ୟ ସେ କଂଗ୍ରେସ ଆସେମ୍ବ୍ଲି ପାର୍ଟିର ସେକ୍ରେଟାରୀ ହେଲେ । ତା' ସଙ୍ଗେ ସଙ୍ଗେ ପବ୍ଲିକ ଆକାଉଣ୍ଟ କମିଟିର ସଭ୍ୟ ମଧ୍ୟ ହେଲେ । ଅର୍ଥ ବିଲ୍ ଆଲୋଚନାରେ ଭାଗ ନେଇ ଜାତୀୟ ଆୟ ବ୍ୟୟ ସମ୍ପର୍କରେ ସେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ଉପସ୍ଥାପିତ କରି ଜାତୀୟ ଅର୍ଥଗତ ସମସ୍ୟା ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲେ । ଏହି ସମୟରେ ଇଣ୍ଡିଆନ ଲିମିଟେସନ୍ ବିଲ ଓ ମାନ୍ଦ୍ରାଜ ଲବଣ ସଂଶୋଧନ ବିଲ୍ ଉପରେ ସେ ପାଣ୍ଡିତ୍ୟପୂର୍ଣ୍ଣ ବକ୍ତୃତାମାନ ଦେଇଥିଲେ ।

ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ଯୋଜନା ପଣ୍ଡିତ ନୀଳକଣ୍ଠ ବହୁ ସମୟରେ ନାନା ପ୍ରଶ୍ନ ଉତ୍ଥାପନ କରିଥିଲେ । ଶେଷରେ ୧୯୨୭ ଫେବୃୟାରୀ ୮ ତାରିଖରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ବେସରକାରୀ ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ସେଥିପାଇଁ ସେ ଏକ ତଥ୍ୟପୂର୍ଣ୍ଣ ଦୀର୍ଘ ବକ୍ତୃତା ଦେଇଥିଲେ । ନୀଳକଣ୍ଠ କେବଳ ଯେ କଂଗ୍ରେସ (ସ୍ୱରାଜ୍ୟ) ଦଳର ସମ୍ପାଦକ ଥିଲେ, ତା ନୁହେଁ, ଜଣେ ପାରଦର୍ଶୀ ବ୍ୟବସ୍ଥାପକ ରୂପେ ତାଙ୍କର ଖ୍ୟାତି ପ୍ରସାରିତ ହୋଇ ସାରିଥିଲା । ଫଳରେ ସରକାର ଏଥିର ସୁବିଚାର କରିବେ ବୋଲି ପ୍ରତିଶ୍ରୁତ ହେଲେ ଓ ନୀଳକଣ୍ଠ ପ୍ରସ୍ତାବଟି ପ୍ରତ୍ୟାହାର କରି ନେଲେ । ଏ ସମ୍ପର୍କରେ ବ୍ରିଟିଶ କାଉନସିଲରଙ୍କ ସହ ତାଙ୍କର ବାରମ୍ବାର ଆଲୋଚନା ଓ ଶେଷରେ ତାଙ୍କ ପ୍ରସ୍ତାବରେ ଆପାତତଃ ରାଜି ହେବାରେ ନୂତନ ପ୍ରଦେଶ ଗଠନ କଷ୍ଟ ସ୍ୱୀକୃତ ହୋଇଥିବା କଥା ପଣ୍ଡିତଜୀ ନିଜ 'ଆତ୍ମ ଜୀବନୀରେ ଲେଖିଯାଇଛନ୍ତି ।

୧୯୨୮ରେ ପଣ୍ଡିତ ନୀଳକଣ୍ଠ 'ସାରଦା ବିଲ୍' ଯୋଜନା ଗଠିତ ଯାଞ୍ଚ କମିଟିର ସଭ୍ୟ ହୋଇଥିଲେ । ସେହି ବର୍ଷ ପଣ୍ଡିତ ଗୋପ-

Digitized by PPRACHIN, SOA

ବନ୍ଧୁଙ୍କର ମହା ପ୍ରୟାଣ ପରେ ସେ ଓଡ଼ିଶାର କଂଗ୍ରେସ କାର୍ଯ୍ୟରେ ବହୁ ଭାବରେ ବ୍ୟାପୃତ ରହିଲେ । ୧୯୨୯ ଫେବୃୟାରୀ ୨୧ ତାରିଖରେ ରେଲବାଇ ବଜେଟ୍ ଆଲୋଚନାରେ ଅଂଶ ଗ୍ରହଣ କରି ନୀଳକଣ୍ଠ ରେଲ ବିଭାଗର ଗୋରା କର୍ମଚାରୀଙ୍କ ସ୍ଥାନରେ କ୍ରମେ ଭାରତୀୟମାନଙ୍କୁ ନିଯୁକ୍ତ ଦେବା ପାଇଁ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ତା' ବ୍ୟତୀତ ରେଲ କର୍ମଚାରୀଙ୍କ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉପଯୁକ୍ତ ବ୍ୟବସ୍ଥା କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ନୀଳକଣ୍ଠ ରେଲୱେ ଅର୍ଥ କମିଟିର ସଭ୍ୟ ଥିଲେ । ୧୯୨୯ ମାର୍ଚ୍ଚ ୨୦ ତାରିଖରେ ବଜେଟ୍ ଆଲୋଚନାରେ ଭାଗ ନେଇ କୃଷି ଶ୍ରମିକ ଓ ନାମମାତ୍ର ଚାଷୀଙ୍କର ସ୍ୱାର୍ଥ ରକ୍ଷା ଲାଗି ସେ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ ।

ପଣ୍ଡିତଜୀଙ୍କ ଭାଷା ଅତି ସରଳ ଥିଲା ଓ ସେ ସବୁ ତାଙ୍କ ହୃଦୟରୁ ନିସୃତ ପରି ପ୍ରତୀୟମାନ ହେଉଥିଲା— ସେଇ ହେତୁରୁ ତାଙ୍କ ବକ୍ତୃତା ସବୁ ସମସ୍ତଙ୍କର ହୃଦୟସ୍ପର୍ଶୀ ହେଉଥିଲା ଓ କେନ୍ଦ୍ର ବ୍ୟବସ୍ଥା ସଭାର ବିବରଣୀରେ ଲିପିବଦ୍ଧ ହୋଇଥିବା ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ବୈଧାନିକ ପ୍ରଶ୍ନ ଓ ବକ୍ତୃତାମାନ ସଭ୍ୟମାନଙ୍କ ଉପରେ ଗଭୀର ରେଖା-ପାତ କରି ପାରୁଥିଲା ।

ପଣ୍ଡିତ ନୀଳକଣ୍ଠ ୧୯୨୯ ଫେବୃୟାରୀ ୨ ତାରିଖରେ 'ସାଧାରଣ ନିରାପତ୍ତା ବିଲ୍'ର ବିରୋଧ କରି ଏକ ଦୀର୍ଘ ବକ୍ତୃତା ଦେଇ ଇଂରେଜ ସରକାରଙ୍କର ଘୋର ସମାଲୋଚନା କରିଥିଲେ । ସେ କହିଥିଲେ, 'ତୁମେ ଭାରତ ସାମ୍ରାଜ୍ୟକୁ ଗୋଟେ ଅନ୍ତଃପୁର କରି ରଖି ପାରିବ ନାହିଁ—ଭାରତ ଭୂମିକୁ ଇଂରେଜ ସାମ୍ରାଜ୍ୟବାଦୀଙ୍କ ଅନ୍ଦର ମହଲ କରି ଅନ୍ଧକାର ଭିତରେ ଶୋଷଣ କରି ପାରିବ ନାହିଁ ।' କମ୍ୟୁନିଷ୍ଟବାଦର ଭାରତ ପ୍ରବେଶରେ ସରକାରଙ୍କର ଭୟଭୀତ ହେବା ଆଶଂକାକୁ ତାଚ୍ଛଲ୍ୟ କରି ସେ କହିଥିଲେ, ମୁଁ କହେ, କମ୍ୟୁନିଷ୍ଟବାଦ ଆସୁଛି— ଏହା ଆସୁ— ଆମେ ଏଠାରେ ତାହାର ସମ୍ମୁଖୀନ ହେବା । ମୁଁ କହେ ବିକାଶର ଧାରାରେ ପ୍ରତ୍ୟେକ ବର୍ଷରୁ ଗୋଟିଏ ଲେଖାଏଁ କ୍ରମ ବିକାଶ । ବିପ୍ଳବର ଧାରଣାହିଁ ତ୍ରୁଟିପୂର୍ଣ୍ଣ ବୁଦ୍ଧିମତ୍ତାର ଫଳ ଏବଂ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଏହା ଏକ ଅହେତୁକ ସୃଷ୍ଟି ।" ସେ ପୁଣି କହିଥିଲେ, 'କିଏ ଜାଣେ, ଏ ସେଉଁ ନୂତନ ମତବାଦ

Digitized by PPRACHIN, SOA

ଆସୁଛୁ, ମାନବ ସଂସ୍କୃତି—ବିକାଶର କ୍ରମପରିଣାମରେ ଏହା ସର୍ବୋତ୍କୃଷ୍ଟ ଅବସ୍ଥା ନୁହେଁ, ଅଥବା ମନୁଷ୍ୟ ଯେଉଁ ଲକ୍ଷ୍ୟ ପ୍ରତି ଦୃଷ୍ଟି ରଖିଛି, ଏହା ତାହାର ଏକ ସୂଚନା ନୁହେଁ? ଭାରତରେ ଏହାର ଏକ ପରୀକ୍ଷା ହୋଇ ଯାଉ।' ନୀଳକଣ୍ଠଙ୍କର ଏହି ବକ୍ତୃତା ଶୁଣି ଜଣେ ଇଂରେଜ ସଭ୍ୟ ଆଶ୍ଚର୍ଯ୍ୟା-ନ୍ୱିତ ହୋଇ କହି ପକାଇଲେ ମାନ୍ୟବର ବନ୍ଧୁ ଶ୍ରୀଯୁକ୍ତ ନୀଳକଣ୍ଠ ଦାସ କାହିଁକି ଏପରି ଏକ କଠୋର ବକ୍ତୃତା ଦେଲେ।

୧୯୨୯ ଏପ୍ରିଲ ୩ ତାରିଖରେ ପଣ୍ଡିତ ନୀଳକଣ୍ଠ ଶିଳ୍ପ ବିବାଦ ବିଲ୍ (*Trade dispute bill*) ଉପରେ ଆଲୋଚନା କରି କହିଲେ, "ଲୋକଙ୍କୁ ଅନ୍ଧାରରେ ରଖିବା ସରକାରଙ୍କର ଏକ ସୁଚିନ୍ତିତ ନୀତି; ତା'ହେଲେ ସେମାନେ କଦାପି ସ୍ୱରାଜ୍ୟ କଥା ଚିନ୍ତା କରି ପାରିବେ ନାହିଁ।" ସରକାରଙ୍କୁ ସେ ଚେତାଇ ଦେଇ କହିଥିଲେ, "ରାଜନୀତି ଓ ଶ୍ରମିକମାନଙ୍କ ଭିତରେ ଦୃଢ଼ ପ୍ରାଚୀର ସୃଷ୍ଟି କରିବା ହେଉଛି, ଏକ କଳ୍ପନା ବିଳାସ ମାତ୍ର।" (ଏହି ବିଲ୍ ଆଲୋଚନା କାଳରେ ବଟୁକେଶ୍ୱର ଦତ୍ତ ଓ ଭଗବତ୍ତି ସିଂହ କେନ୍ଦ୍ର ବ୍ୟବସ୍ଥା ସଭାରେ ଦୁଇଟି ବୋମା ପକାଇ ଗିରଫ ହେଲେ।)

ସାରଦା ବିଲ୍ ଆଲୋଚନା ବେଳେ ଏ ସମ୍ବନ୍ଧରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ସେ କହିଥିଲେ, "ହିନ୍ଦୁ ଧର୍ମ ବୋଲି କହିବା ଏକ ଭ୍ରାନ୍ତ କଥା। ହିନ୍ଦୁ ବୋଲି ସେପରି କିଛି ଅଛି ବୋଲି ମୁଁ ବିଶ୍ୱାସ କରେନାହିଁ। ଧର୍ମ ବୋଇଲେ ଆମେ ବୁଝୁ ଏକ ପ୍ରତିଷ୍ଠିତ ଧର୍ମ, ଯାହାର କୌଣସି ପୁସ୍ତକ ଅଛି ଏବଂ ବାସ୍ତବ କ୍ଷେତ୍ରରେ ଜଣେ କେହି ଉକ୍ତ ଧର୍ମକୁ ପ୍ରଚାର କରେ। ହିନ୍ଦୁ ଧର୍ମ ତେଣୁ ଏକ ଭ୍ରମାତ୍ମକ କଥା ! ମୁଁ ହିନ୍ଦୁ ସଂସ୍କୃ-ତିରେ ବିଶ୍ୱାସ କରେ।" ନୀଳକଣ୍ଠଙ୍କର ଏହି ମତକୁ ବହୁ ବର୍ଷ ପରେ ସର୍ବପଲ୍ଲୀ ରାଧାକୃଷ୍ଣନ୍ ସମର୍ଥନ ଜଣାଇ ତାଙ୍କ ପୁସ୍ତକରେ ଏ ସମ୍ବନ୍ଧରେ ବିଷଦ ଆଲୋଚନା କରିଛନ୍ତି। (*Indian Religious, S. Radhakrishanan New Delhi 1919*)

ସାରଦା ବିଲ୍ ଯାଞ୍ଚ କମିଟିରେ ପଣ୍ଡିତ ନୀଳକଣ୍ଠ ଜଣେ ସଭ୍ୟ ଥିଲେ। ଏ କମିଟିର ରିପୋର୍ଟ ଆଲୋଚନା କାଳରେ ସେ ଏକ ସଂଶୋଧନ ପ୍ରସ୍ତାବ ଆଗତ କରିଥିଲେ ଯେ, "୧୨ରୁ ୧୪ ବର୍ଷ ବୟସ୍କା ଝିଅମାନଙ୍କର ବିବାହ ଲାଗି କେତେକ ବିଷୟରେ ଦେବାନୀ ଅଦାଲତର ଅନୁମତି ନେବାର

Digitized by PPRACHIN, SOA

ବ୍ୟବସ୍ଥା ରହୁ ।" ଏହିରେ ଏକ ଗୁରୁତ୍ୱପୂର୍ଣ୍ଣ ବିଲ ଉପରେ ନିଜ ମତ ଅନୁସାରେ ଭୋଟ ଦେବାର ଅଧିକାର କଂଗ୍ରେସ ସଭ୍ୟମାନଙ୍କୁ ଦିଆଯାଇଥିଲା । କଂଗ୍ରେସ ସଭ୍ୟ ଶ୍ରୀ ଏ ରଙ୍ଗାସ୍ୱାମୀ ଆୟଙ୍ଗାର ନୀଳକଣ୍ଠଙ୍କ ସଂଶୋଧନ ପ୍ରସ୍ତାବକୁ ସମର୍ଥନ କରିଥିଲେ । ମାତ୍ର ସଂଶୋଧନ ପ୍ରସ୍ତାବଟି ଶେଷରେ ଗୃହୀତ ହୋଇ ପାରି ନ ଥିଲା ଓ ବିଲ୍‌ଟି ୧୯୨୮ ସେପ୍‌ଟେମ୍ବର ୩୦ ତାରିଖ ଦିନ ଗୃହୀତ ହୋଇଗଲା । ପଣ୍ଡିତ ନୀଳକଣ୍ଠ ଶାସନ ବିଧିକୁ ଉପର ସ୍ତରରୁ ତଳେ ଜନସାଧାରଣଙ୍କ ଉପରେ ଲଦି ଦେବାକୁ ପସନ୍ଦ କରୁ ନ ଥିଲେ । ପଞ୍ଚାୟତ ପ୍ରତିଷ୍ଠା ବିଷୟରେ ସେ ୧୬।୯।୨୯ରେ ଭାଷଣ ଦେଇ କହିଥିଲେ, "ଭାରତ ଗୋଟିଏ ଗ୍ରାମବହୁଳ ଦେଶ ଓ ଆମର ପ୍ରକୃତ ଜୀବନ ଗ୍ରାମ୍ୟ ଜୀବନରୁ ଆରମ୍ଭ ହୋଇଥାଏ । ତେଣୁ ଯେ କୌଣସି ଶାସନ ପଦ୍ଧତି ଗ୍ରାମ୍ୟ ସ୍ତରରୁ ଆରମ୍ଭ ହେବା ଉଚିତ ।"

## ଟିନ୍‌ପ୍ଲେଟ୍ କମ୍ପାନୀ ଧର୍ମଘଟ—ପଣ୍ଡିତ ନୀଳକଣ୍ଠଙ୍କ ସଂଶୋଧନ ପ୍ରସ୍ତାବରେ ସରକାରଙ୍କ ପରାଜୟ

ଏଥି ମଧ୍ୟରେ ଜାମସେଦ୍‌ପୁରର ଟିନ୍‌ପ୍ଲେଟ କାରଖାନାରେ ଶ୍ରମିକ ଧର୍ମଘଟ ଆରମ୍ଭ ହେଲା । କଂଗ୍ରେସ କାର୍ଯ୍ୟକାରୀ କମିଟି ଏ ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ସ୍ଥିର କଲେ । ପଣ୍ଡିତ ନୀଳକଣ୍ଠ *Steel Protection Act*-୧୯୨୭ର କେବଳ ସଂଶୋଧନ ଆଣିବା ପାଇଁ ବ୍ୟବସ୍ଥା ସଭାରେ ତା ୨୦।୯।୧୯୨୯ରେ ଏକ ପ୍ରସ୍ତାବ ଉପସ୍ଥାପନ କଲେ । ଟାଟା ଟିନ୍ ପ୍ଲେଟ କମ୍ପାନୀକୁ ଯେଉଁ କେତେକ ସରକାରୀ ସୁବିଧା ଦିଆଯାଉଥିଲା, କମ୍ପାନୀ ଭାରତୀୟମାନଙ୍କୁ ଏହି ଶିଳ୍ପରେ ଆଶାନୁପ ତାଲିମ ଦେବାରେ ବିଫଳ ହୋଇଥିବା ହେତୁ ସେ ସମସ୍ତ ସୁବିଧା ପ୍ରତ୍ୟାହାର କରି ନେବା ପଣ୍ଡିତଜୀଙ୍କ ଏହି ସଂଶୋଧନ ପ୍ରସ୍ତାବର ମୂଳ ଲକ୍ଷ୍ୟ ଥିଲା । ସେ ପୁଣି ଦର୍ଶାଇଥିଲେ ଯେ, "ଧର୍ମଘଟ ହେବା ପୂର୍ବରୁ ସେଠାରେ ଶ୍ରମିକଙ୍କ ଉପରେ ନାନା ଭାବରେ ଅତ୍ୟାଚାର ଚାଲିଛି, ଗୋରା ଲୋକଙ୍କୁ ଯେଉଁ କାମ ପାଇଁ ମାସିକ ୧୦୦ ଶହ ଟଙ୍କା ଦରମା ଦିଆଯାଉଛି, ଭାରତୀୟଙ୍କୁ ସେଇ କାମ ଲାଗି ମାତ୍ର ୩୮ ଟଙ୍କା ଦିଆଯାଉଛି । ଉପରନ୍ତୁ ଧର୍ମଘଟ ବେଳେ ଶ୍ରମିକଙ୍କ ଉପରେ ଘୋର ଅତ୍ୟାଚାର କରାହେଉଛି । ଫଳରେ ଭାରତୀୟ କର ଦାତାଙ୍କର କ୍ଷତି କରି ଏହି ସଂସ୍ଥାକୁ ସ୍ୱତନ୍ତ୍ର ସୁବିଧା ଦେବାର ଆବଶ୍ୟକତା ଆଉ ନାହିଁ ।"

Digitized by PPRACHIN, SOA

କଂଗ୍ରେସ ବ୍ୟବସ୍ଥା ସଭାର ନେତା ପ୍ରସ୍ତାବଟିକୁ 'ସମର୍ଥନ କରି କହିଲେ: "ଏହା କେବଳ ସ୍ୱରାଜ୍ୟ ଦଳର ପ୍ରସ୍ତାବ ନୁହେଁ, ଭାରତୀୟ ଜାତୀୟ କଂଗ୍ରେସର ଏଥି ପ୍ରତି ସମର୍ଥନ ଅଛି।" ପ୍ରସ୍ତାବଟି ୫୧—୪୨ ଭୋଟରେ ଗୃହୀତ ହେବାରେ ସରକାର ପରାସ୍ତ ହୋଇଥିଲେ। ଏହା ଥିଲା ପଣ୍ଡିତ ନୀଳକଂଠଙ୍କ ବ୍ୟବସ୍ଥା ସଭାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ।

## ବ୍ୟବସ୍ଥା ସଭାରୁ ନୀଳକଣ୍ଠଙ୍କ ଇସ୍ତଫା

୧୯୨୯ରେ ଦେଶରେ ଏକ ଅଶାନ୍ତ ପରିସ୍ଥିତି ଉପୁଜିଥିଲା। ତା ୫।୭।୨୯ରେ କଂଗ୍ରେସ କାର୍ଯ୍ୟକାରୀ କମିଟି ନୂଆଦିଲ୍ଲୀ ଠାରେ ବସି କଂଗ୍ରେସ ସଭ୍ୟମାନେ ବ୍ୟବସ୍ଥା ସଭାରୁ ଇସ୍ତଫା ଦେବାପାଇଁ ସ୍ଥିର କଲେ ଓ ଏଥିର ଚୂଡ଼ାନ୍ତ ନିଷ୍ପତ୍ତି ନି. ଭା. କ. କମିଟି ଉପରେ ଛାଡ଼ିଦେଲେ। ଗାନ୍ଧୀଜୀଙ୍କ ପରାମର୍ଶରେ କଂଗ୍ରେସର ପ୍ରକାଶ୍ୟ ଅଧିବେଶନରେ ଏହାର ବିଚାର ହେବା ସ୍ଥିର ହେଲା। ଏ ମଧ୍ୟରେ ୧୯୨୯ ଡିସେମ୍ବର ୩୧ ତାରିଖରୁ ଦେଶରେ ଅହିଂସା ଅସହଯୋଗ ଆନ୍ଦୋଳନ ଯେ କୌଣସିମତେ ଚଳାଇବା ପାଇଁ ଗାନ୍ଧିଜୀ ପ୍ରସ୍ତାବ ଦେଲେ। ଗାନ୍ଧିଜୀଙ୍କର ଏଇ ପ୍ରସ୍ତାବକୁ ଶ୍ରୀ ସୁଭାଷ ଚନ୍ଦ୍ର ବୋଷ ଅନୁମୋଦନ କରି କହିଥିଲେ, "ସ୍ୱରାଜ୍ୟ ପନ୍ଥୀମାନେ ସ୍ପଷ୍ଟ କରି ଦେଇଛନ୍ତି ଯେ ସେମାନଙ୍କର ବ୍ୟବସ୍ଥା ସଭା ପ୍ରତି କୌଣସି ମୋହ ନାହିଁ ଓ ସବୁ ସାମ୍ମୁଖ୍ୟରେ ଇଂରେଜ ସରକାରଙ୍କୁ ଅସୁବିଧାରେ ପକାଇବା ହେଉଛି, ସେମାନଙ୍କର ଲକ୍ଷ୍ୟ।" ତେବେ ଗାନ୍ଧିଜୀ ଧରି ବସିଲେ, ୧୯୩୦ ଜାନୁୟାରୀ ପହିଲା ପୂର୍ବରୁ ସବୁ କଂଗ୍ରେସ ସଭ୍ୟଙ୍କୁ ବ୍ୟବସ୍ଥା ସଭାରୁ ଇସ୍ତଫା ଦେବାକୁ ହେବ। ତଦନୁଯାୟୀ ପଣ୍ଡିତ ନୀଳକଣ୍ଠ ଅନ୍ୟମାନଙ୍କ ସହିତ ସେହି ଡିସେମ୍ବର ମାସରେ ବ୍ୟବସ୍ଥା ସଭାରୁ ଇସ୍ତଫା ଦେଲେ।

## ନୀଳକଂଠଂକର ସ୍ୱଳ୍ପ କାଳ ସ୍ଥାୟୀ ତୃତୀୟ ବ୍ୟବସ୍ଥାପକ ଜୀବନ :—

ପଣ୍ଡିତଜୀ କଂଗ୍ରେସ ନିର୍ଦ୍ଦେଶରେ ବ୍ୟବସ୍ଥା ସଭାରୁ ଇସ୍ତଫା ଦେଇ ଥିଲା ହେଁ ପରେ ମାଳବ୍ୟଜୀଙ୍କ ଜାତୀୟ ଦଳରୁ ବ୍ୟବସ୍ଥା ସଭାକୁ ପୁଣି ନିର୍ବାଚିତ ହେଲେ। ତା ୨୧।୩।୩୦ରେ ସେ କେନ୍ଦ୍ର ବ୍ୟବସ୍ଥା ସଭାରେ ଲବଣ କର ଉଠାଇ ଦେବା ପାଇଁ ଏକ ସଂଶୋଧନ ପ୍ରସ୍ତାବ ଆଣିଥିଲେ।

Digitized by PPRACHIN, SOA

ତାହା ଆବଶ୍ୟ ଗୃହୀତ ହୋଇ ପାରିଲାନାହିଁ । ଆଉ ଏକ ସଂଶୋଧନ ପ୍ରସ୍ତାବରେ ଲବଣ କର ଅବ୍ୟାହତି ଦେବାର ଅଧିକାର ସରକାରଙ୍କୁ ଦେବା ପାଇଁ ସେ ପ୍ରସ୍ତାବ ଆଣିଲେ । ଉକ୍ତ ପ୍ରସ୍ତାବ ମଧ୍ୟ ଭୋଟରେ କାଟ ଖାଇଗଲା । ତଥାପି ପଣ୍ଡିତଜୀ ତାଙ୍କର ଉଦ୍ୟମ ଅବ୍ୟାହତ ରଖିଥିଲେ ଫଳରେ ଶୁଳ୍କ ବୋର୍ଡ଼ରେ ଏହି ପ୍ରସ୍ତାବର ବିଚାର ପାଇଁ ସରକାର ରାଜି ହେଲେ । ଏଥର ବ୍ୟବସ୍ଥା ସଭାରେ ଯୋଗ ଦେବାର ମାସ ଅଳ୍ପ ଦିନ ପରେ ତା ୨।୪।୩୦ରେ ନୀଳକଣ୍ଠ ତହିଁରୁ ଇସ୍ତଫା ଦେଲେ ଓ ସେଠାରୁ ଫେରି ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହ କରି ୬ ମାସ ଲାଗି କାରା ବରଣ କରିଥିଲେ । ତା' ପରେ ମଧ୍ୟ ୨ୟ ଥର ୧ୟ ବର୍ଷରୁ ଅଧିକ କାଳ ତାଙ୍କୁ କାରା ଦଣ୍ଡ ହୋଇଥିଲା । ଫଳରେ ୧୯୩୦ରୁ ୧୯୩୪ ଯାଏ ସେ ବ୍ୟବସ୍ଥା ସଭାରେ ରହି ପାରି ନ ଥିଲେ ।

## ନୀଳକଂଠଂକ ଚତୁର୍ଥ ବ୍ୟବସ୍ଥାପକ ଜୀବନ ଓ ତହିଁର ବିରାଟ ସାଫଲ୍ୟ :—

୧୯୩୪ ଶେଷ ଭାଗରେ ଅନୁଷ୍ଠିତ ନିର୍ବାଚନରେ ଚତୁର୍ଥ ଥର ପାଇଁ ପଣ୍ଡିତ ନୀଳକଣ୍ଠ ବ୍ୟବସ୍ଥା ସଭାକୁ ନିର୍ବାଚିତ ହେଲେ ଓ ୧୯୩୫ ଜାନୁଆରୀ ୨୧ ତାରିଖରେ ଶପଥ ଗ୍ରହଣ କଲେ । ଏଥର ଶ୍ରୀ ଭୁଲାଭାଇ ଦେଶାଇ କଂଗ୍ରେସ ବ୍ୟବସ୍ଥାପକ ଦଳର ନେତୃତ୍ୱ ନେଲେ । ପଣ୍ଡିତଜୀ ପୂର୍ବ ପରି ଏହି ବ୍ୟବସ୍ଥାପକ ଦଳର ସମ୍ପାଦକ ରୂପେ ନିର୍ବାଚିତ ହେଲେ ଓ ମାନ୍ଦ୍ରାଜର ଶ୍ରୀ ସତ୍ୟମୂର୍ତ୍ତି ଦଳର ଅନ୍ୟତମ ସେକ୍ରେଟାରୀ ହେଲେ । ପଣ୍ଡିତଜୀ ରେଳ-ବାଇ ଷ୍ଟାଣ୍ଡିଂ ଅର୍ଥ କମିଟି ଓ ଲାଇବ୍ରେରୀ କମିଟିର ସଭ୍ୟ ନିର୍ବାଚିତ ହେଲେ । ପୂର୍ବ ପରି ମଧ୍ୟ ଏଥର ସେ ରେଳବାଇ, ଶ୍ରମ ସମସ୍ୟା ଓ ସାମ୍ୟବାଦୀ ସଂସ୍ଥା ଭଳି ନାନା ପ୍ରଶ୍ନ ପଚାରି ସରକାରଙ୍କୁ ବହୁ ଅସୁବିଧାରେ ପକାଇବା ବ୍ୟତୀତ ଅନେକ ପରାମର୍ଶ ମଧ୍ୟ ଦେଉଥିଲେ । ପୁଣି ସପ୍ଲିମେଣ୍ଟାରୀ ଡିମାଣ୍ଡ ପ୍ରଭୃତିର ଆଲୋଚନାରେ ଭାଗ ନେଇ ପ୍ରଜାତନ୍ତ୍ର, ପୋଲିସ ଶାସନ, କୃଷିଜାତ ଦ୍ରବ୍ୟର କିଣାବିକା, ବେକାର ପ୍ରଭୃତି ପ୍ରଭୃତି ବିଭିନ୍ନ ସମସ୍ୟା ଭଳି ସୁଚିନ୍ତିତ ମତ ପ୍ରକାଶ କରି ନିଜର ପ୍ରତିପତ୍ତି ବଢ଼ାଇବାରେ ଲାଗିଲେ । ରାଜସ୍ୱ ନୀତି ସଂଶୋ-ଧନ କରି ନାମମାତ୍ର ଚାଷୀଙ୍କ ଜମି ଉପରୁ କର ଉଠାଇବା ପାଇଁ ସେ ଦାବୀ କରିଥିଲେ । ପରୋକ୍ଷ କର ଆଦାୟ ବ୍ୟବସ୍ଥା କମାଇ ଦେବା ପାଇଁ ସେ

Digitized by PPRACHIN, SOA

ପରାମର୍ଶ ଦେଉଥିଲେ । ୧୯୩୫ ମାର୍ଚ୍ଚ ୨୩ ତାରିଖରେ ଅର୍ଥ ବିଲ୍ ଉପରେ ଆଲୋଚନା କରି ସେ ଇଂରେଜ ସାମ୍ରାଜ୍ୟବାଦୀଙ୍କ ଶୋଷଣ ନୀତିକୁ ପଦାରେ ପକାଇବାରେ ସମର୍ଥ ହୋଇଥିଲେ । ଏଥିରେ ନୀଳକଣ୍ଠଙ୍କର ଭାରତୀୟ ଅର୍ଥନୀତି ଉପରେ ଗଭୀର ଜ୍ଞାନ ରହିଥିବା ପ୍ରକାଶ ପାଇଥିଲା ଓ କଂଗ୍ରେସ ଦଳ ପକ୍ଷରୁ କରତାଳି ଦ୍ୱାରା ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା ।

ଏଥରକ କେନ୍ଦ୍ର ବ୍ୟବସ୍ଥା ସଭାରେ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠ ହୋଇ ପାରି ନ ଥିଲେ ହେଁ, ଅନ୍ୟାନ୍ୟ ଦଳଙ୍କ ସମର୍ଥନ ଲାଭ କରି ବହୁ ଜାତୀୟ ସମସ୍ୟାରେ ସରକାରଙ୍କୁ ପରାସ୍ତ କରିପାରିଥିଲେ । ତା ୨୧।୧।୩୫ରେ ସରକାରଙ୍କ ଦ୍ୱାରା ଆଗତ ଭାରତ ବ୍ରିଟିଶ ବାଣିଜ୍ୟ ଚୁକ୍ତି ପ୍ରସ୍ତାବ ୭୬-୫୮ ଭୋଟରେ କାଟଖାଇଲା । ତା ୫-୨-୩୫ରେ ସୀମାନ୍ତ ଗାନ୍ଧିଙ୍କ ଲାଲକୁର୍ତ୍ତି ଦଳ ଉପରୁ କଟକଣା ଉଠାଇ ଦେବା ପ୍ରସ୍ତାବ ୭୩-୪୬ ଭୋଟରେ ଗୃହୀତ ହେଲା । ରେଲବାଇ ବୋର୍ଡ଼ ଉପରେ ଆସିଥିବା କାଟ ପ୍ରସ୍ତାବମାନ ୭୫-୪୭ ଓ ୮୧-୪୪ ଭୋଟରେ ଯଥାକ୍ରମେ ଫେବୃୟାରୀ ୨୨ ଓ ୨୫ ତାରିଖରେ ଗୃହୀତ ହୋଇଗଲା । ସରକାର ଲବଣ ଟିକସ ପୁନର୍ବାର ବସାଇବା ଲାଗି ଯେଉଁ ପ୍ରସ୍ତାବ ଆଣିଥିଲେ, ତାହା ମଧ୍ୟ ୭୪-୪୧ ଭୋଟରେ କାଟଖାଇଗଲା । ଏଇପରି ଭାବରେ ବାରଂବାର ବ୍ୟବସ୍ଥା ସଭାରେ ପରାସ୍ତ ହୋଇ ସରକାରଙ୍କ ସମ୍ମାନ ଲୋକଚକ୍ଷୁରେ କ୍ଷୁର୍ଣ୍ଣ ହେବାକୁ ଲାଗିଲା । ହେଲେ ହେଁ, ଜହ୍ନିବା ଅନାବଶ୍ୟକ ଯେ ବଡ଼ଲାଟଂକ ସ୍ୱତନ୍ତ୍ର କ୍ଷମତା ବଳରେ କେନ୍ଦ୍ର ଆସେମ୍ବ୍ଲିରେ କାଟ ଖାଇ ଯାଉଥିବା ପ୍ରସ୍ତାବ ମାନ ଦେଶରେ ପ୍ରଚଳନ କରାଗଲା । କେନ୍ଦ୍ର ବ୍ୟବସ୍ଥାସଭାରେ କଂଗ୍ରେସ ଦଳର ଏହିସବୁ ବିଜୟ ଲାଗି ନିଃ. ଭାଃ କଂଗ୍ରେସ କମିଟି ଦଳର ନେତା ଓ ସଭ୍ୟମାନଙ୍କୁ ବଧାଇ ଜଣାଇ ଏକ ପ୍ରସ୍ତାବ ଗ୍ରହଣ କଲେ । ଏଥିରେ ଦଳର ସଂପାଦକ ପଣ୍ଡିତ ନୀଳକଂଠର ଯେ ଅଂଶ ରହିଥିଲା, ଏହା ଅନସ୍ୱୀକାର୍ଯ୍ୟ । ତା ୩-୯-୩୫ରେ ସିମଳା ବୈଠକରେ ପଣ୍ଡିତ ନୀଳକଂଠ କେନ୍ଦ୍ର ଆସେମ୍ବ୍ଲିର ମତ ନ ନେଇ ସରକାର ଆବସିନିଆକୁ ଭାରତୀୟ ସୈନ୍ୟ ପଠାଇବା ସଂପର୍କରେ ସରକାରଙ୍କ ଉପରେ ଏକ ନିନ୍ଦାସୂଚକ ପ୍ରସ୍ତାବ ଆଣିଥିଲେ । ତାଙ୍କର ଯୁକ୍ତି ହେଲା, "ଆବସିନିଆ ପ୍ରତି ଭାରତର ସହାନୁଭୂତି ରହିଛି । ଭାରତୀୟ ସୈନ୍ୟଙ୍କୁ ପଠାଇ ସେଠାର ଭାରତୀୟମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ସେମାନଙ୍କୁ ବ୍ୟବହାର କରାଯାଇ

Digitized by PPRACHIN, SOA

ପାରେ । ମାତ୍ର ଭାରତୀୟ ସେନାଙ୍କୁ ସେଠାକୁ ପଠାଇ ଯୁଦ୍ଧରେ ନିଯୁକ୍ତ କରିବା ଉଚିତ ନୁହେଁ” । ଇଟାଲିର ଯୁଦ୍ଧଖୋର ନୀତି ଓ ମୁସୋଲିନିଂକର କଳା ଲୋକଙ୍କ ପ୍ରତି ଘୃଣା ଭାବର ସେ ନିନ୍ଦା କରିଥିଲେ । ସରକାର ଗୃହରେ ବନ୍ଦି ବ୍ୟପାର ଆଲୋଚନା ଲାଗି ଅନୁମତି ଦେଇ ନ ଥିଲେ ହେଁ ଏଥିରେ ସରକାରଙ୍କ ଭିତର କାର୍ଯ୍ୟ ସବୁ ପଦାରେ ପକାଇବାରେ ନୀଳକଂଠ ସଫଳ ହୋଇଥିଲେ । ସେଇପରି ତା ୨୩-୪-୩୫ରେ କପିକର ବିଲ୍‌ଟି ଜନମତ ପାଇଁ ପଠାଇବା ନିମନ୍ତେ ପଣ୍ଡିତଜୀ ଗୋଟିଏ ପ୍ରସ୍ତାବ ଆଣିଲେ, ତାହା କିନ୍ତୁ ବାଣିଜ୍ୟ ସଭ୍ୟ ଜାଫରୁଲ୍ଲା ଖାଁଙ୍କ ବ୍ୟକ୍ତିଗତ ସମର୍ଥନ ସତ୍ତ୍ୱେ ଏହା ଭୋଟରେ କାଟ ଖାଇଗଲା । ଆସେମ୍ବ୍ଲି ସଭ୍ୟ ମୋହନ ଲାଲ ସାକ୍‌ସେନାଙ୍କ ଉପରେ ବଂଗ ପ୍ରଦେଶକୁ ଯିବା କଟକଣା, ଉତ୍ତର-ପଶ୍ଚିମ ସୀମାନ୍ତରେ ମହିଳା ଓ ଶିଶୁଂକ ଉପରେ ବୋମା ବର୍ଷଣ ପ୍ରଭୃତି ପ୍ରସ୍ତାବରେ କଂଗ୍ରେସ ଦଳର ବିଜୟ ହେଲା । କହିବା ବାହୁଲ୍ୟ ଯେ ଏହା ନୀଳକଂଠଙ୍କ ସଂଗଠନ ଶକ୍ତିର ପରିଚାୟକ ଥିଲା ।

## ନୀଳକଂଠଂକର ମୁଲତବୀ ପ୍ରସ୍ତାବ ଓ ସଂଶୋଧନ ପ୍ରସ୍ତାବରେ ସରକାରଙ୍କର ପରାଜୟ :—

୧) ୧୯୩୬ ମାର୍ଚ୍ଚ ୨୦ ତାରିଖରେ ନୀଳକଂଠ ସେଇ ଏପ୍ରିଲ ପହିଲାରୁ ଲୁଣକର ନିର୍ଦ୍ଦିଷ୍ଟ ପରିମାଣରେ ଉଠାଇବା ପାଇଁ ଅର୍ଥ ବିଲ୍ ଉପରେ ଏକ ସଂଶୋଧନ ପ୍ରସ୍ତାବ ଆଣି ଥିଲେ । ତାଙ୍କର ଏହି ପ୍ରସ୍ତାବରେ ସେ ପଡ଼ିଆ ଜମିରେ ଗରିବ ଜନସାଧାରଣଙ୍କୁ ଲୁଣ ମାରିବାର ଅନୁମତି ଦେବାଲାଗି ଲୁହିଁ ଥିଲେ । ତଦ୍ଵାରା ସରକାରଂକର ୮କୋଟି ଟଙ୍କା କ୍ଷତି ହେବବୋଲି ସରକାରୀ ପକ୍ଷ ଦର୍ଶାଇଲେ । ମାତ୍ର ନୀଳକଣ୍ଠ ମୁସଲିମ୍ ଲିଗ୍‌ରୁ ମିଃ ଜିନ୍ନାଙ୍କର ଏହି ପ୍ରସ୍ତାବ ଉପରେ ସମର୍ଥନ ଲାଭ କରି ପାରିଥିଲେ ଓ ପଣ୍ଡିତଜୀଙ୍କ ପ୍ରସ୍ତାବ ୫୨-୪୧ ଭୋଟରେ ଗୃହୀତ ହୋଇଗଲା । ଏଥିରେ କଂଗ୍ରେସ ତଥା ଜାତୀୟ-ବାଦୀ ଦଳ ପଣ୍ଡିତ ନୀଳକଂଠଙ୍କୁ ଉଚ୍ଛ୍ୱସିତ ଧନ୍ୟବାଦ ଜ୍ଞାପନ କରିଥିଲେ ।

୨) ତା ୨୩-୩-୧୯୩୬ ରେ ସୁଭାଷ ବୋଷଂକ ଉପରେ ଭାରତରେ ପ୍ରବେଶ କରିବା କଟକଣା ଉଠାଇଦେବାଲାଗି ପଣ୍ଡିତଜୀ ଗୋଟିଏ ମୁଲତବୀ ପ୍ରସ୍ତାବ ଆଣିଥିଲେ । ଏ ପ୍ରସ୍ତାବରେ ମିଃ ଜିନ୍ନା ଓ ତାଙ୍କ ସମର୍ଥକମାନେ ନିରପେକ୍ଷ ରହିଲେ ହେଁ ପ୍ରସ୍ତାବଟି ୬୫-୫୬ଭୋଟରେ ଗୃହୀତ ହୋଇଥିଲା ।

Digitized by PPRACHIN, SOA

୩) ତା ୧୪-୪-୧୯୩୭ ରେ କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ ସଂସ୍ଥା ମାନଙ୍କ କ୍ଷେତ୍ରରେ ଋଣଦାନ ଲାଘବ କରି କେତେକ ସରକାରୀ ସାହାଯ୍ୟ ଦେବା ଲାଗି ନୀଳକଂଠ ଯେଉଁ ପ୍ରସ୍ତାବ ଆଣିଥିଲେ, ସରକାରଂକର ଘୋର ବିରୋଧ ସତ୍ତ୍ୱେ ତାହା ଗୃହୀତ ହୋଇଗଲା ଏବଂ ପଣ୍ଡିତ ନୀଳକଂଠ ଯେ ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଉପକାରପାଇଁ ମନ ପ୍ରାଣ ଦେଇ ଲଢ଼ନ୍ତି, ଏଥିରୁ ତାହା ବହୁ ଭାବରେ ଜଣାପଡ଼ିଥିଲା ।

## କେନ୍ଦ୍ର ବ୍ୟବସ୍ଥାସଭାରେ ନୀଳକଂଠଙ୍କ ସମ୍ମାନ ବୃଦ୍ଧି :—

ପଣ୍ଡିତ ନୀଳକଂଠ ମଧ୍ୟ ରେଳବାଇ ବଜେଟ, ଲାଖ ଟିକସ ସଂଶୋଧନ ବିଲ୍, ଭାରତୀୟ ଶୁଳ୍କ ବିଲ୍, ଆର୍ଯ୍ୟ ବିବାହ ବୈଧିକରଣ ବିଲ୍, ଭାରତୀୟ କମ୍ପାନୀ ବିଲ୍ ପ୍ରଭୃତିର ଆଲୋଚନାରେ ବହୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିଲେ । ବିନା ଟିକେଟ ଯାତ୍ରୀମାନଙ୍କ ବିଷୟରେ ସେ କହିଥିଲେ, ସରକାରୀ କର୍ମଚାରୀଙ୍କ ଦୋଷରୁ ଏହିପରି ଦୁର୍ଣ୍ଣୀତି ଘଟୁଛି ।"

ଏ ସମସ୍ତ ଫଳରେ ନୀଳକଂଠ କେନ୍ଦ୍ର ବ୍ୟବସ୍ଥା ସଭାରେ କେବଳ ଜଣେ ବିଶିଷ୍ଟ ସଭ୍ୟ ଭାବେ ପରିଚିତ ହୋଇ ନ ଥିଲେ; ଦେଶର ବିଭିନ୍ନ ସମସ୍ୟା ଉପରେ ତାଙ୍କ ଜ୍ଞାନ ଯେ, ଅତି ଗଭୀର, ତାହା ଜଣାଯିବା ସଙ୍ଗେ ସଙ୍ଗେ ପଣ୍ଡିତ ନୀଳକଂଠଙ୍କ ସମ୍ମାନ ଅନ୍ୟ ସଭ୍ୟମାନଙ୍କ ଠାରୁ ବହୁ ଊର୍ଦ୍ଧ୍ୱରେ ହୋଇ ପଡ଼ିଥିଲା । ସେ ପୁଣି ପେଟିସନ୍ କମିଟି ଏବଂ କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ କମିଟିମାନଙ୍କର ସଭ୍ୟ ନିର୍ବାଚିତ ହୋଇଥିଲେ ।

## ପଣ୍ଡିତ ନୀଳକଂଠ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା

୧୯୨୭ରେ ପଣ୍ଡିତ ନୀଳକଂଠ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ଲାଗି ଯେଉଁ ପ୍ରସ୍ତାବ ଆଣିଥିଲେ, ଗୋପବନ୍ଧୁ ଦାସଂକ ମୃତ୍ୟୁ ପରେ ତାଙ୍କୁ ଏଥିପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା । ୧୯୩୪ରେ ମଧୁବାବୁଂକର ମଧ୍ୟ ମୃତ୍ୟୁ ହୋଇଗଲା । ଓଡ଼ିଶା ଓ ଓଡ଼ିଶା ବାହାରେ ଜନମତ ସୃଷ୍ଟି କରିବା ତାଂକର ଅନ୍ୟତମ କାର୍ଯ୍ୟ ଥିଲା । କଂଗ୍ରେସ ଓ ମହାତ୍ମାଙ୍କୁ ଏଥିରେ ସାହାଯ୍ୟ କରିବା ଲାଗି ସେ ରାଜି କରାଇଥିଲେ ।

Digitized by PPRACHIN, SOA

୧୯୩୫ରୁ ପଣ୍ଡିତଜୀ ଉତ୍କଳ କଂଗ୍ରେସର ସଭାପତି ଥିଲେ । ତେଣୁ ତାଙ୍କୁ କେନ୍ଦ୍ର ଆସେମ୍ବ୍ଲି କାର୍ଯ୍ୟ ସହିତ ଓଡ଼ିଶା କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟରେ ମଧ୍ୟ ବ୍ୟସ୍ତ ରହିବାକୁ ପଡ଼ୁଥିଲା । ଏ ସମସ୍ତ ମଧ୍ୟରେ ୧୯୩୬ ଅପ୍ରେଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା ଓ ପଣ୍ଡିତ ନୀଳକଣ୍ଠଙ୍କର ବହୁ ଦିନର ସାଧନା ଫଳବତୀ ହେଲା । ଏ ସମ୍ବନ୍ଧରେ "ଜାତୀୟ ଜୀବନୀମାଳା ଅଭିଧାନ" *(The Dicctionary of National Biography)* ଯଥାର୍ଥଭାବେ ସ୍ୱୀକାର କରିଛି ଯେ, 'ପଣ୍ଡିତ ନୀଳକଣ୍ଠ ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଥିଲେ ।' *Vol I P-353)*

## ୧୯୩୭ରେ ଓଡ଼ିଶାର ପ୍ରଥମ ନିର୍ବାଚନ ଓ ନୀଳକଣ୍ଠ ସେଥିରେ ପ୍ରଧାନମନ୍ତ୍ରୀ ହୋଇ ନ ପାରିବା

ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ଥିବା ମଧ୍ୟରେ ୧୯୩୬ର ଶେଷ ଭାଗରେ ଓଡ଼ିଶାରେ ଅନୁଷ୍ଠିତ ପ୍ରଥମ ପ୍ରାଦେଶିକ ନିର୍ବାଚନ ଲାଗି ପଣ୍ଡିତ ନୀଳକଣ୍ଠଙ୍କୁ ଆପ୍ରାଣ ଉଦ୍ୟମ କରିବାକୁ ପଡ଼ିଥିଲା । ତାଙ୍କର ନେତୃତ୍ୱରେ ଏଇ ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କଲା । ନିଜର ସମସ୍ତ ସମୟ ଓ ଶକ୍ତି ଦେଇ ପ୍ରାର୍ଥୀମାନଙ୍କୁ ଜିତାଇବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଏଥିପାଇଁ ନିଜେ ପ୍ରାର୍ଥୀ ହୋଇ ନ ଥିଲେ । ତାଂକର ଏକକ ଅକ୍ଳାନ୍ତ ଉଦ୍ୟମ ଫଳରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୩୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୬ଜଣ ବିଜୟୀ ହେଲେ । ଏଥି ମଧ୍ୟରୁ ନୀଳକଣ୍ଠ ୨୨ଜଣ କଂଗ୍ରେସ ସଭ୍ୟଂକର ସମର୍ଥନ ଲାଭ କରୁଥିଲେ ମଧ୍ୟ ନାନା କୁଚକ୍ର କରି ତାଙ୍କୁ କିପରି ଓଡ଼ିଶାର ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) କରାଇ ଦିଆଯାଇ ନ ଥିଲା, ତାହା ସର୍ବଜନ ବିଦିତ । ଏଠାରେ ତାର ଆଲୋଚନା ଅନାବଶ୍ୟକ ।

## ନୀଳକଣ୍ଠଂକ କେଂଦ୍ର ବ୍ୟବସ୍ଥାପକ ଅନ୍ତିମ ପର୍ଯ୍ୟାୟର କୃତି

୧୯୩୯ ଫେବୃୟାରୀ ୧୬ ତାରିଖରେ ନୀଳକଣ୍ଠ ବିରୋଧୀ ଦଳ ପକ୍ଷରୁ ରେଲବାଇ ବଜେଟ ଉପରେ ଆଲୋଚନା ଆରମ୍ଭ କରିବାର ଗୌରବ ଅର୍ଜନ କରିଥିଲେ । ତାଙ୍କର ଦୀର୍ଘ ବକ୍ତୃତାରେ ସେ ରେଲବାଇର ଷ୍ଟୋର୍ସ ଡ଼ିପାର୍ଟମେଣ୍ଟର କାର୍ଯ୍ୟ ନୀତିର ଘୋର ସମାଲୋଚନା କରି କହିଥିଲେ,

Digitized by PPRACHIN, SOA

'ରେଲବାଇର ଯେଉଁ ୨୦ କୋଟି ଟଙ୍କାର ଜିନଷ ବ୍ୟୟ କର ହୋଇଛ ସେଥିରେ ଭାରତ ତିଆରି ଜିନଷର ପରିମାଣ ଅତି ନଗଣ୍ୟ ଓ ଏହା ଦିନକୁ ଦିନ କମି କମି ଯାଉଛି । ସରକାରଙ୍କ ପରିଚାଳିତ ରେଲବାଇ ସଂସ୍ଥା ୧୯୩୨ -୩୬ରୁ ଶତକଡ଼ା ୫୮.୧ ଭାଗରୁ ୭୨.୯ ଭାଗ ପର୍ଯ୍ୟନ୍ତ ଜିନିଷ ବିଦେଶରୁ କିଣୁଛନ୍ତି । ଟାଟା କମ୍ପାନୀରୁ ରେଲବାଇ ଧାରଣାଗୁଡ଼ିକ କିଣାଯିବାର ସେ ଘୋର ସମାଲୋଚନା କରିଥିଲେ ଓ ରାଜତନ୍ତ୍ରର ଶୋଷଣ ନୀତିକୁ ଛିନ୍ନ ଭିନ୍ନ କରି ପଦାରେ ପକାଇ ଦେଇଥିଲେ ।

## ଭାରତୀୟ ରାଜନୀତିରେ କନ୍ଦଳ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ

ଏହି ସମୟରେ କଂଗ୍ରେସ ଭିତରେ ଭୀଷଣ କନ୍ଦଳ ଉପୁଜିଲା । ୧୯୩୯ ନିର୍ବାଚନରେ ଗାନ୍ଧିଜୀଙ୍କ ସମର୍ଥିତ ପ୍ରାର୍ଥୀ ଡକ୍ଟର ଭି. ସୀତାରାମାୟାଙ୍କୁ ପରାସ୍ତ କରି ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସର ସଭାପତି ହେଲେ । ମାତ୍ର ଅବସ୍ଥା ଚକ୍ରରେ ପଡ଼ି ସେ ଏଥିରୁ ଇସ୍ତଫା ଦେଲେ ଓ ୧୯୩୯ ଅଗଷ୍ଟ ୧୧ ତାରିଖରେ ତାଙ୍କୁ କଂଗ୍ରେସ ସଭ୍ୟ ପଦରୁ ବହିଷ୍କାର କରାଗଲା । ଏହି ବର୍ଷ ଅଗଷ୍ଟ ୩୦ ତାରିଖରୁ ସିମଲାରେ ଅନୁଷ୍ଠିତ ବ୍ୟବସ୍ଥା ସଭା ଅଧିବେଶନରେ କେନ୍ଦ୍ର ଆସେମ୍ବ୍ଲି କଂଗ୍ରେସ ସଭ୍ୟମାନେ ବୈଠକରେ ଯୋଗ ଦେଲେନାହିଁ । କଂଗ୍ରେସ ସଭ୍ୟ ପଣ୍ଡିତ ନୀଳକଣ୍ଠ ମଧ୍ୟ କଂଗ୍ରେସ ନୀତି ଅନୁସରଣ କରି ବୈଠକରେ ଯୋଗ ଦେଇ ନ ଥିଲେ ।

୧୯୩୯ ସେପ୍ଟେମ୍ବର ୩ ତାରିଖରେ ଇଂଲଣ୍ଡ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ଏଥିଲାଗି କଂଗ୍ରେସ ଓ ସରକାର ମଧ୍ୟରେ ନାନା ଭାବରେ ମତଦ୍ୱୈଧ ଉପୁଜିଲା । ସେପ୍ଟେମ୍ବର ୨୨ ତାରିଖରେ ପ୍ରାଦେଶିକ କଂଗ୍ରେସ ମନ୍ତ୍ରିମଣ୍ଡଳମାନଙ୍କୁ ଇସ୍ତଫା ଦେବାକୁ କଂଗ୍ରେସ ନିର୍ଦ୍ଦେଶ ଦେଲେ । ପଣ୍ଡିତ ନୀଳକଣ୍ଠ ଏ ପ୍ରସ୍ତାବର ପୁନର୍ବିଚାର ଲାଗି ସଭାପତି ରାଜେନ୍ଦ୍ର ପ୍ରସାଦଙ୍କୁ ଅନୁରୋଧ ଜଣାଇଲେ ଏବଂ ଏ ପରିସ୍ଥିତିରେ ଭାରତୀୟଙ୍କୁ ଯୁଦ୍ଧ ବିଦ୍ୟା ଶିଖିବାର ମିଳୁଥିବା ସୁଯୋଗ ନ ହରାଇବା ପାଇଁ ପରାମର୍ଶ ଦେଇଥିଲେ । ମାତ୍ର ଏହାର କୌଣସି ଫଳ ହେଲନାହିଁ । ୧୯୩୯ ନଭେମ୍ବର ୪ ତାରିଖରେ ଓଡ଼ିଶାର କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଦେଲେ ।

Digitized by PPRACHIN, SOA

## ପଣ୍ଡିତ ନୀଳକଣ୍ଠଙ୍କର ଯୁଦ୍ଧକାଳୀନ ଆଭିମୁଖ୍ୟ

ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ବନ୍ଧୁ ପଣ୍ଡିତ ଗୋଦାବରୀଶ ଯୁଦ୍ଧ-ବିରୋଧୀ ପ୍ରସ୍ତାବକୁ ବିରୋଧ କଲେ । ପଣ୍ଡିତ ନୀଳକଣ୍ଠ ଏଥିରେ ନେତୃତ୍ୱ ନେଇ ଓଡ଼ିଶାରେ 'ଓଡ଼ିଶା କଂଗ୍ରେସ ସ୍ୱରାଜ୍ୟ ଦଳ' ଗଠନ କଲେ ଓ ୧୯୪୦ ନଭେମ୍ବରରେ କଂଗ୍ରେସରୁ ଇସ୍ତଫା ଦେଲେ । [*History & Culture of Orissa page 260*] ତାଙ୍କର ପ୍ରଚେଷ୍ଟାରେ ପାରଳାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ତା ୨୪।୧୧।୧୯୪୧ରେ ଓଡ଼ିଶାରେ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା । ପଣ୍ଡିତଜୀ କେନ୍ଦ୍ର ବ୍ୟବସ୍ଥା ସଭାରେ ବକ୍ତୃତା ପ୍ରସଙ୍ଗରେ କାହିଁକି ଓ କପରି ଏହା ଗଠନ କରାଗଲା, ସେ ସମସ୍ତ ବୁଝାଇ କହିଛନ୍ତି । ୧୯୪୧ରେ ପୁଣି ପୂର୍ବ ପରି ଉତ୍ସାହର ସହିତ ଦେଶର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ପ୍ରସଙ୍ଗରେ ସେ ଭାଗ ନେଇଛନ୍ତି । ରେଲୱେ ସମ୍ବନ୍ଧୀୟ ବିଷୟ ଠାରୁ ଆଜମିର-ମେରୱାଡ଼ ଓ ଆଣ୍ଡାମାନ ନିକୋବାର ଦ୍ୱୀପପୁଞ୍ଜ ଲବଣ କର ଓ ଷ୍ଟାମ୍ପ ହାର ପ୍ରଭୃତି କିଛି ତାଙ୍କ ଆଲୋଚନାରୁ ବାଦ ଯାଇ ନ ଥିଲା ।

୧୯୪୧ ମାର୍ଚ୍ଚ ୨୮ ତାରିଖରେ କେନ୍ଦ୍ର ସଭାରେ ସେ ସିଭିକ ଗାର୍ଡ଼ ସମ୍ପର୍କରେ ଏକ ସଂଶୋଧନ ପ୍ରସ୍ତାବକୁ ସମର୍ଥନ କରି କହିଲେ, 'ଓଡ଼ିଶା ହେଉଛି, ଇଂରେଜ ସରକାରଙ୍କର ଏକ ଅବହେଳିତ ଅଞ୍ଚଳ । ଯୁଦ୍ଧ ଆରମ୍ଭ ହେଲା ପରେ ମୁଁ ସ୍ୱୀକାର କରୁଛି ଯେ, ଚରଖା ଓ ଅହିଂସା ନୀତି ଉପରୁ ମୋର ବିଶ୍ୱାସ ତୁଟି ଯାଇଛି । ଅହିଂସା ଦ୍ୱାରା ଯେ ଆମ ଦେଶ ରକ୍ଷା କରା-ଯାଇ ପାରିବ ନାହିଁ, ଏହା ମୋପରି ଅନେକ ମଧ୍ୟ ଏବେ ଅନୁଭବ କଲେଣି । ଏହି ପରିସ୍ଥିତିରେ ମୁଁ ଓଡ଼ିଶା କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲି ଏବଂ ସରକାରଙ୍କ ସହ ସହଯୋଗ କରିବା ପାଇଁ ଲୋଡ଼ିଲି । ଯୁଦ୍ଧ କମିଟିରେ ଯୋଗ ଦେବା ପାଇଁ ମୁଁ ଆମନ୍ତ୍ରିତ ହେଲି । କଂଗ୍ରେସ ପକ୍ଷରୁ ଏ ସମ୍ପର୍କରେ କଟକଣା ଥିଲା । ଏହା ସତ୍ତ୍ୱେ ମୁଁ ଯୁଦ୍ଧ କମିଟିରେ ଯୋଗ ଦେଲି । ମୋର ଏପରି କମିଟିରେ ଯୋଗ ଦେବା କିଛି ନୂଆ କଥା ନୁହେଁ, ଯେହେତୁ ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଗାନ୍ଧିଜୀ ମଧ୍ୟ ଇଂରେଜଙ୍କ ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିଥିଲେ । ବର୍ତ୍ତମାନ ଯୁଦ୍ଧ ସମୟରେ ଆମେ ଦେଶ ରକ୍ଷା ପାଇଁ ଯାହା

Digitized by PPRACHIN, SOA

ଯାହା ସବୁ ଲୋଡ଼ା, ତାହା ବୁଝି ନେବା ଉଚିତ ଓ ସେ ସବୁରେ ତାଲିମ ହେବା ଉଚିତ । ତା' ହେଲେ ଯୁଦ୍ଧ ପରେ ମଧ୍ୟ ଦେଶ ରକ୍ଷା ପାଇଁ ଆମେ ପ୍ରସ୍ତୁତ ରହି ପାରିବା । ଏହି ପରିସ୍ଥିତିରେ ଆମର ଯୁବକମାନଙ୍କୁ ସୈନ୍ୟ ବିଭାଗରେ ପ୍ରବେଶ କରାଇ ଯଦି ଶିକ୍ଷିତ କରା ନ ଯାଏ, ଯୁଦ୍ଧରେ ଯେତେ ଅର୍ଥ ବିନିଯୋଗ କରାଯାଉଛି, ସେଥିରୁ ଆମେ କିଛି ଫାଇଦା ଉଠାଇ ପାରିଲୁ ନାହିଁ ବୋଲି ବୁଝାଯିବ । ଇଂରେଜମାନଙ୍କୁ ସେ ଲକ୍ଷ୍ୟ କରି କହିଲେ, "ଗଲ ୧୮୦ ବର୍ଷ ଧରି ତୁମେ ଆମକୁ ବିଶ୍ୱାସ କରିନାହଁ । ଏବେ ବି ଏ ଅସ୍ୱାଭାବିକ ପରିସ୍ଥିତିରେ ମଧ୍ୟ ସେଇ ନୀତି ଅନୁସରଣ କରୁଛ ।"

ଏହି ଯୁକ୍ତି ବିବୃତିରୁ ସ୍ପଷ୍ଟ ଜଣାଯାଏ, ନୀଳକଣ୍ଠ କୌଣସି ବ୍ୟକ୍ତିଗତ ଲାଭ ପାଇଁ ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିବାକୁ ଚାହିଁ ନ ଥିଲେ । ସେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଓ ଦେଶର ଭବିଷ୍ୟତ ଚିନ୍ତା କରି ଏ କାର୍ଯ୍ୟ କରିଥିଲେ ଏବଂ ଏହା ସ୍ୱାଧୀନତା ଲାଭ ପାଇଁ ଏକ ପଦକ୍ଷେପ ବୋଲି ସେ କହିଥିଲେ ।

ପଣ୍ଡିତ ନୀଳକଣ୍ଠ ବ୍ୟବସ୍ଥା ସଭାକୁ ନିଜ ଜାତିକୁ ସମ୍ବୋଧନ କରିବା ଲାଗି ଏକ ଡାକବାକ୍ସ ଯନ୍ତ୍ର ରୂପେ ବ୍ୟବହାର କରିବା ପାଇଁ ଚାହୁଁଥିବା ପରି ପରି ମନେ ହୁଏ ଏବଂ ଥରେ ପୋଲିସ ଓ ସୈନ୍ୟଙ୍କର ଅତି ଶକ୍ତି ବଳ ପ୍ରୟୋଗ ବିଷୟ କହୁ କହୁ "ମୋ ଦେଶବାସୀଙ୍କୁ ମୁଁ କହୁଛି କହେ" ବୋଲି କହନ୍ତେ ଏହା ଡାକବାକ୍ସ ଯନ୍ତ୍ର ନୁହେଁ ବୋଲି ତାଙ୍କୁ ଚେତାଇ ଦିଆଯାଇଥିଲା ।

## ସରକାରଙ୍କ ତରଫରୁ ଅତିରିକ୍ତ ବଳ ପ୍ରୟୋଗ, ଖାଦ୍ୟ ଶସ୍ୟ ଯୋଗାଣରେ ଦୂରଦୃଷ୍ଟିର ଅଭାବ ଇତ୍ୟାଦିର ସମାଲୋଚନା ଏବଂ ରାଷ୍ଟ୍ରସଂଘ ଗଠନ ଓ ବ୍ୟବସ୍ଥାପକମାନଂଙ୍କ ମାସିକ ଦରମା ଦେବା ପ୍ରଭୃତି ପ୍ରସ୍ତାବ :—

ସରକାରଙ୍କ ଯୁଦ୍ଧକାଳୀନ ଯୋଗାଣ ବ୍ୟବସ୍ଥାର କଡ଼ା ସମାଲୋଚନା କରି ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିରେ ଦୃଢ଼ ସ୍ୱର ଉଠାଇଥିଲେ । ବାହାରେ ଇଂରେଜ ସରକାରଙ୍କ ସ୍ୱାର୍ଥ ନୀତିଙ୍କ ବିରୁଦ୍ଧ ମାତ୍ରେ ୧୯୩୨ରୁ ୧୯୪୫ ଯାଏଁ ସଂଗ୍ରାମରେ ବାପୃତ ଥିଲା ବେଳେ, କହିବା ବାହୁଲ୍ୟ ଯେ, ପଣ୍ଡିତ ନୀଳକଣ୍ଠ

Digitized by PPRACHIN, SOA

ଇଂରେଜଙ୍କ ସହ ବ୍ୟବସ୍ଥା ସଭାରେ ବୈଧାନିକ ପନ୍ଥାରେ ଘୋର ସଂଗ୍ରାମ ଚଳାଇଥିଲେ ।

ଦେଶରେ ଯେତେବେଳେ ଅନ୍ତର୍ଘାତି କାର୍ଯ୍ୟର ଦମନ ଲାଗି ସରକାର ଯେଉଁ ଅତ୍ୟଧିକ ବଳ ପ୍ରୟୋଗ କରୁଥିଲେ ସେ ଏକ ସଂଶୋଧନ ପ୍ରସ୍ତାବରେ ତାହାର ଘୋର ସମାଲୋଚନା କରିଥିଲେ ।

୧୯୪୩ ଫେବୃୟାରୀ ୧୮ ତାରିଖରେ ପଣ୍ଡିତ ନୀଳକଣ୍ଠ ବ୍ରିଟିଶ୍ ଶାସିତ ଅଞ୍ଚଳ ଓ କରଦ ରାଜ୍ୟଗୁଡ଼ିକର ଏକତା ଆଣିବା ଉଦ୍ଦେଶ୍ୟରେ ୧୯୩୫ ଶାସନ ବ୍ୟବସ୍ଥା ଅନୁଯାୟୀ ରାଷ୍ଟ୍ରସଂଘ ଗଠନ ପାଇଁ କେନ୍ଦ୍ର ବ୍ୟବସ୍ଥା ସଭାରେ ତାଙ୍କ ମର୍ଯ୍ୟାଦା ସମ୍ପନ୍ନ ପ୍ରସ୍ତାବ ଆଣିଥିଲେ । ମୁସଲମାନ ସଭ୍ୟମାନେ ଏହାର ବିରୋଧ କରିଥିଲେ ଓ ଏହା ସେ ସମୟରେ ଗୃହୀତ ହୋଇ ପାରି ନ ଥିଲା । କିନ୍ତୁ ନୀଳକଣ୍ଠଙ୍କର ବରାବର ଦୃଢ଼ ବିଶ୍ୱାସ ଥିଲା, ସେକାଳେ ରାଷ୍ଟ୍ରସଂଘ ଗଢ଼ା ହୋଇଥିଲେ ଭାରତ ଆଜି ଭାଗ ଭାଗ ହୋଇ ନ ଥାନ୍ତା ।

ପଣ୍ଡିତ ନୀଳକଣ୍ଠ ଏକ ଦୂରଦର୍ଶୀ ବ୍ୟକ୍ତି । ସେ ୧୯୪୩ରେ ଏକ ପ୍ରସ୍ତାବ ଆଣିଥିଲେ ଯେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟମାନଙ୍କୁ ମାସିକ ଦରମା ଦିଆଯାଉ । ସେତେବେଳେ ସଭ୍ୟମାନେ କେବଳ ଦୈନିକ ଭତ୍ତା ପାଉଥିଲେ । ବିଲ୍ ଆଗତ କରି ପଣ୍ଡିତ ଦାସ କହିଥିଲେ ବ୍ୟବସ୍ଥା ସଭା କାର୍ଯ୍ୟରେ ସେମାନଙ୍କର ବହୁ ସମୟ ବ୍ୟୟିତ ହେଉଛି । ଜୀବିକା ନିର୍ବାହ ପାଇଁ ଦରମା ପାଇଲେ, ଆସେମ୍ବ୍ଲି କାର୍ଯ୍ୟରେ ସେମାନେ ଅଧିକ ସମୟ ଦେଇ ପାରିବେ । ମାତ୍ର ବିଲ୍ଟି ଭୋଟରେ ଅଗ୍ରାହ୍ୟ ହୋଇଗଲା । ଏବେ କିନ୍ତୁ କେନ୍ଦ୍ର ବ୍ୟବସ୍ଥା ସଭା ତଥା ପ୍ରାଦେଶିକ ବିଧାନ ସଭାମାନଙ୍କରେ ସଭ୍ୟମାନେ ନିୟମିତ ଦରମା ପାଉଛନ୍ତି ଓ ତାହା ବେଳକୁ ବେଳ ବଢିବାରେ ଲାଗିଛି ।

ନୀଳକଣ୍ଠ ଜନସାଧାରଣଙ୍କ ଅଭାବ ଅସୁବିଧା ପ୍ରତି ଯଥେଷ୍ଟ ସହାନୁଭୂତିଶୀଳ ଥିଲେ । ୧୯୪୩ରେ ରାଜନୈତିକ ବନ୍ଦୀଙ୍କ ପ୍ରତି ଦୁର୍ବ୍ୟବହାର ତଥା ବଙ୍ଗଳାକୁ ଚାଉଳ ଯୋଗାଇବାରେ ସରକାରୀ ଅପାରଗତାର ସେ କଠୋର ସମାଲୋଚନା କରିଥିଲେ । ବଂଗଳା ଦୁର୍ଭିକ୍ଷ ବିଷୟରେ ସେ କହିଥିଲେ, "କେନ୍ଦ୍ର ସରକାରଙ୍କ ଦୁର୍ବଳତା, ଦୂର ଦୃଷ୍ଟିର ଅଭାବ ଓ ଶୃଙ୍ଖଳା

Digitized by PPRACHIN, SOA

ବନ୍ଧନ କାର୍ଯ୍ୟ ଯୋଗୁଁ ବଂଗଦେଶରେ ଦୁର୍ଭିକ୍ଷ ଦେଖା ଦେଇଛି।” ଓଡ଼ିଶାର ଖାଦ୍ୟ ପରିସ୍ଥିତି ସଂକଟଜନକ ହେବାର ଲକ୍ଷ୍ୟ କରି ସେ କହିଥିଲେ, “ଓଡ଼ିଶାରେ ଅନାହାର ସର୍ବଦା ଲାଗି ରହିଛି। ଏବେ ଓଡ଼ିଶାର ଲୋକେ ଅନାହାର ମୃତ୍ୟୁର ଦ୍ୱାର ଦେଶରେ ପହଞ୍ଚିଲେଣି।” ସେ ଠିକ ନଥି ହିସାବ କରି ଦେଖାଇଥିଲେ ଯେ, ଓଡ଼ିଶାରେ ଖାଦ୍ୟ ଶସ୍ୟର ଜଣ ପିଛା ହାରାହାରି ଉତ୍ପାଦନ ୧୯.୬୦୨ ହେଲେ ଖାଉଟି ଖର୍ଚ୍ଚ ମାତ୍ର ୧୩.୨। ତା’ ସତ୍ତ୍ୱେ ଓଡ଼ିଶାର ଖାଦ୍ୟ ପରିସ୍ଥିତିର ଅସହାୟ ଅବସ୍ଥା ପାଇଁ ସେ ପ୍ରାଦେଶିକ କୁଶାସନକୁ ଦାୟୀ କରିଥିଲେ । ତେଣୁ ଦେଶରେ ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ପ୍ରତିଷ୍ଠା ପାଇଁ ସେ ଯୁକ୍ତି ଉପସ୍ଥାପନ କରିଥିଲେ ।

୧୯୪୩ରେ ଡକ୍ଟର ଦେଶମୁଖ ‘ସଗୋତ୍ର ବିବାହ’ ବୈଧକରଣ ବିଲ୍ ଉପସ୍ଥାପିତ କରିଥିଲେ। ଏଥିରେ ପଣ୍ଡିତଜୀ ପ୍ରତିବାଦ କରି କହିଲେ, ‘ହିନ୍ଦୁ ଧର୍ମ ତଥା ହିନ୍ଦୁମାନଙ୍କୁ ପରିଚାଳିତ କରୁଥିବା ମତରେ ସରକାର ହସ୍ତକ୍ଷେପ କରିବା ଉଚିତ ନୁହେଁ । ମୁଁ କୌଣସି ଆଇନ-ପାଶ୍ କରିବାର ବିରୋଧୀ ନୁହେ, ମାତ୍ର ପଣ୍ଡିତମାନଙ୍କୁ ସମାଲୋଚନା କରି ସମାଜ ଓ ଧର୍ମରେ ବିଶୃଙ୍ଖଳା ସୃଷ୍ଟି କରିବାର କି ଆବଶ୍ୟକତା ରହିଛି ମୁଁ ବୁଝି ପାରୁନାହିଁ।” ଅବଶ୍ୟ ଏଇ ସ୍ୱାଧୀନ ଭାରତରେ ଏହି ଆଇନ ପରେ ଗୃହୀତ ହୋଇଛି।

ଯୁଦ୍ଧ ପ୍ରାୟ ସରି ଆସୁଥାଏ। କଂଗ୍ରେସ ସଭ୍ୟମାନେ ସିମଲା ଅଧିବେଶନରେ ଯୋଗ ଦେବାକୁ ଆସିଲେ । ସଭା ଗୃହର କର୍ମ ଚଞ୍ଚଳ ହୋଇ ଉଠିଲା । ଏତେବେଳେ ୧୯୪୪ରେ ପଣ୍ଡିତ ଦାସଙ୍କ ପ୍ରତିଷ୍ଠିତ ଓଡ଼ିଶାରେ ମିଳିତ ମନ୍ତ୍ରିମଣ୍ଡଳର ପତନ ଘଟିଲା । ମାଳକଂଠ କ୍ଷୁବ୍ଧ ହୋଇ କେନ୍ଦ୍ର ସଭାରେ ବିଶେଷ ଭାଗ ନେଇ ପାରି ନଥିଲେ ହେଁ ସେ ବାଣିଜ୍ୟ ସ୍ଥାୟୀ କମିଟି ତଥା ଖାଦ୍ୟ ସ୍ଥାୟୀ କମିଟି (Standing Committee)ର ସଭ୍ୟ ଭାବେ ନିର୍ବାଚିତ ହେଲେ । ମିଳିତ ଜାତିସଂଘରେ ଏକ ସ୍ଥାୟୀ ଖାଦ୍ୟ ଓ କୃଷି ସଂଗଠନର ଆବଶ୍ୟକତା ନେଇ ଆଣିତ ପ୍ରସ୍ତାବ ସମ୍ପର୍କରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତୃତା ଦେଇଥିଲେ ।

୧୯୪୫ରେ କେନ୍ଦ୍ର ଆସେମ୍ବ୍ଲିର କାର୍ଯ୍ୟକାଳ ପୂରିଗଲା । ଶେଷ ଅଧିବେଶନରେ ପଣ୍ଡିତଜୀ ଖାଦ୍ୟ ଓ ଏମିଗ୍ରେସନ ସ୍ଥାୟୀ କମିଟିର ସଭ୍ୟ

Digitized by PPRACHIN, SOA

ନିର୍ବାଚିତ ହୋଇଥିଲେ । ସେ ଯଥାଯଥ ଭାବେ ପୂର୍ବ ବର୍ତ୍ତମାନଙ୍କ ପରି ରେଳବାଇ ବଜେଟ ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରି ବେଙ୍ଗଲ-ନାଗପୁର ରେଲୱେରେ ଓଡ଼ିଆ ଲୋକଙ୍କୁ ନିଯୁକ୍ତି ଦେବାରେ ଅବହେଳାର କଠୋର ସମାଲୋଚନା କରିଥିଲେ ଓ ଶିକ୍ଷମାନଙ୍କୁ ମଧ୍ୟ ଅତି କମ୍ ସଂଖ୍ୟାରେ ନିଯୁକ୍ତି ଦେବା ଅସମୀଚୀନ ହୋଇଛି ବୋଲି ମତ ଦେଇଥିଲେ । ଦାୟିତ୍ୱପୂର୍ଣ୍ଣ ସହଯୋଗ ଗ୍ରହଣ କରିବାରେ ସରକାରଙ୍କ ନିଷ୍କ୍ରିୟତା ବିଷୟ ଉଲ୍ଲେଖ କରି ଜାତୀୟ ଯୁଦ୍ଧ ସାହାଯ୍ୟ ସଂପର୍କରେ ସେ ନିଜର ବ୍ୟକ୍ତିଗତ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ, "ଲୋକଙ୍କ ନୈତିକତା ରକ୍ଷା ଲାଗି ଏଥିରେ କିଛି କରା ହୋଇନାହିଁ । ଓଡ଼ିଶାରେ ମୋ ନିଜ ପ୍ରଚେଷ୍ଟାରେ ଗଠିତ ମନ୍ତ୍ରି-ମଣ୍ଡଳର ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ମୁଁ ଯୁଦ୍ଧ ସାହାଯ୍ୟର କର୍ମକର୍ତ୍ତା ହୋଇଥିଲି । ଦେଖିଲି ଏଥିରେ ସେହି ବେସରକାରୀ ଲୋକଙ୍କୁ ଗ୍ରହଣ କରା-ଯାଉଥିଲା, ଯେଉଁମାନେ କେବଳ 'ନିରାପଦ' ବୋଲି ମନେ ହେଉଥିଲେ । ସଚ୍ଚୋଟ ବେସରକାରୀ ଲୋକଙ୍କୁ ଏଥିରେ ଗ୍ରହଣ କରାଗଲା ନାହିଁ । ଏହି ଯୁଦ୍ଧ ସାହାଯ୍ୟ ପ୍ରତିଷ୍ଠା ହେବାର କେତେକ ମାସ ଭିତରେ ମୋତେ ଏ ଅନୁଷ୍ଠାନରୁ ସଂପର୍କ ଛିନ୍ନ କରିବାକୁ ହେଲା । ଏହାହିଁ "ଦାୟିତ୍ୱପୂର୍ଣ୍ଣ ସହ-ଯୋଗ'ର ଦୁଃଖାବହ ପରିଣତି ।"

## ଉପସଂହାର :—

ଏ ସମସ୍ତରୁ ଦେଖାଯିବ ଯେ, ୧୯୨୪ରୁ ୧୯୪୫ ଯାଏ ୨୨ ବର୍ଷ ମଧ୍ୟରୁ ପ୍ରାୟ ୧୮ ବର୍ଷ କାଳ ପଣ୍ଡିତ ନୀଳକଂଠ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ଥିଲେ ଓ ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ ପରିଚାଳନା ପ୍ରଭୃ-ତିରେ ଯୋଗ କାରାବାସ ଭୋଗି ୧୯୩୪ ଯାଏ ବ୍ୟବସ୍ଥା ସଭା ବାହାରେ ରହିଥିଲେ । ଏହି ଦୀର୍ଘକାଳ ଧରି ସେ କଂଗ୍ରେସ (ସ୍ୱରାଜ୍ୟ) ଦଳର ସମ୍ପାଦକ ଥିଲେ ଏବଂ ନିଜ ପାଣ୍ଡିତ୍ୟ, ବ୍ୟକ୍ତିତ୍ୱ ତଥା ବ୍ୟବସ୍ଥା ସଭାର ବିଚକ୍ଷଣ ପାରଦର୍ଶିତା ଯୋଗୁ ସେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ । ସେ ବହୁଦିନ ଧରି ରେଳବାଇ ବୋର୍ଡ଼, ରେଳବାଇ ସ୍ଥାୟୀ (ଷ୍ଟ୍ୟାଣ୍ଡିଂଗ) କମିଟି, ରେଳ-ବାଇ ଅର୍ଥ କମିଟି ପବ୍ଲିକ୍ ଆକାଉଣ୍ଟସ୍ କମିଟି, ପିଟିସନ୍ କମିଟି, କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ କମିଟି, ଲାଇବ୍ରେରୀ କମିଟି, ଖାଦ୍ୟ ଓ ଇମିଗ୍ରେସନ୍ କମିଟି ପ୍ରଭୃତି କମିଟି ଓ ବିଭିନ୍ନ ଯାଂଚ କମିଟି ମାନଙ୍କରେ ସଭ୍ୟ ରହିଥିଲେ ।

Digitized by PPRACHIN, SOA

ବିରୋଧୀ ଦଳ ପକ୍ଷରୁ ବଜେଟ୍ ଉପରେ ଆଲୋଚନା ଆରମ୍ଭ କରିବାର ଗୌରବ ମଧ୍ୟ ତାଙ୍କୁ ମିଳୁଥିଲା । ତାଙ୍କର ତଥ୍ୟ ସମ୍ବଳିତ ଓ ଓଜସ୍ୱିନୀ ଭାଷଣ ଓ ସମସ୍ୟାର ବିକନିଷ୍ ଆଲୋଚନାରେ ଇଂରେଜ ସଭ୍ୟମାନେ ମଧ୍ୟ ଚମତ୍କୃତ ହୋଇ ପଡୁଥିଲେ । ଫଳରେ ତାଙ୍କ ଦଳ ଗୃହରେ ସଂଖ୍ୟା ଗରିଷ୍ଠ ହୋଇ ନଥିଲେ ହେଁ ତାଙ୍କର ମୁଲତବୀ/କାଟ/ସଂଶୋଧନ ପ୍ରସ୍ତାବ ମାନ ସେ ଅନେକ ସମୟରେ ଗୃହରେ ଗ୍ରହଣ କରାଇ ନେଇ ପାରୁଥିଲେ । ସେତେବେଳେ ଅବଶ୍ୟ ବ୍ୟବସ୍ଥା ସଭାର ବିଶେଷ କ୍ଷମତା ନଥିଲା, ମାତ୍ର ପଣ୍ଡିତ ନୀଳକଣ୍ଠ ତାହାର ପୂର୍ଣ ଉପଯୋଗ କରି ସରକାରଙ୍କୁ ନାନା ଅସୁବିଧାରେ ପକାଇ ସେମାନଙ୍କ ଦଳର ଉଦ୍ଦେଶ୍ୟ ସାଧନ କରି ପାରୁଥିଲେ ।

ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକଶାସନାଧୀନରେ ଆଣି ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବୀ ନୀଳକଣ୍ଠହିଁ ପ୍ରଥମେ କେନ୍ଦ୍ର ବ୍ୟବସ୍ଥା ସଭାରେ ଉପସ୍ଥାପିତ କରିଥିଲେ ଓ ସେଥିଲାଗି ସେ ଉଭୟ ସଭା ମଧ୍ୟରେ ଓ ବାହାରେ ଯେତେ ଯେତେ ପ୍ରଚେଷ୍ଟା କରି ସଫଳକାମ ହୋଇ-ଥିଲେ, ସେଥିପାଇଁ ତାଙ୍କୁ ଯଥାର୍ଥରେ ଓଡ଼ିଶାର ଅନ୍ୟତମ ନିର୍ମାତା ବୋଲି କୁହାଯାଏ ।

ପଣ୍ଡିତ ନୀଳକଣ୍ଠ ଦୀନ, ଦରିଦ୍ର ଓ ନିଷ୍ପେଷିତଙ୍କ ପାଇଁ ଲଢ଼ୁଥିଲେ ଓ ତାଙ୍କ ପ୍ରସ୍ତାବମାନ ଯେପରି ସଭାରେ ଗୃହୀତ ହୋଇ ପାରିବ, ସେଥିଲାଗି ବାରମ୍ବାର ଉଦ୍ୟମ କରୁଥିଲେ । ମହାତ୍ମାଙ୍କର ଲବଣ ଆଇନ ଅମାନ୍ୟର ବହୁବର୍ଷ ପୂର୍ବରୁ ସେ ଯେପରି ଲବଣ କର ଛାଡ଼ ଓ ସମୁଦ୍ରକୂଳ ଅଞ୍ଚଳର ଓଡ଼ିଆ ଜମିରେ ଲୁଣମାରି ଲାଗି ଅନୁମତି ଦେବାପାଇଁ, ତଥା ଶ୍ରମିକ ମାନଙ୍କ ମଙ୍ଗଳ ଓ ତାଙ୍କ ପିଲାଙ୍କର ଶିକ୍ଷା, ସ୍ୱାସ୍ଥ୍ୟର ସୁବ୍ୟବସ୍ଥା କରିବାପାଇଁ ବ୍ୟବସ୍ଥା ସଭାରେ ଦାବୀ ଉପସ୍ଥାପିତ କରିଥିଲେ, ସେହିପରି ମଧ୍ୟ ପରବର୍ତ୍ତୀ କାଳରେ ବ୍ୟବସ୍ଥାପକମାନଙ୍କ ପାଇଁ ମାସିକ ଦରମା ପ୍ରବର୍ତ୍ତନର ବହୁପୂର୍ବରୁ ଏହାର ଆବଶ୍ୟକତା ଲାଗି ଯୁକ୍ତି ବାଢ଼ିଥିଲେ ୧୯୨୫ରେ ନୀଳକଣ୍ଠଙ୍କର ଲବଣ କର ଛାଡ଼ ଦାବି ଗୃହୀତ ହୋଇ ପାରି ନଥିଲେ ହେଁ ୧୯୩୬ରେ ପୁଣି ସେ ଅର୍ଥ ବିଲ ଉପରେ ଏକ ସଂଶୋଧନ ପ୍ରସ୍ତାବ ଆଣି ନିର୍ଦ୍ଦିଷ୍ଟ ପରିମାଣରେ ଲବଣ କର ଛାଡ଼ ପାଇଁ ବ୍ୟବସ୍ଥା ସଭାର ଅନୁମୋଦନ ଲାଭ କରି ପାରିଥିଲେ ।

Digitized by PPRACHIN, SOA

ପଣ୍ଡିତ ନୀଳକଂଠ ଜଣେ ଉଚ୍ଚ ଚିନ୍ତାଶୀଳ ଓ କର୍ମ୍ମକ ଜନନେତା ଥିଲେ— ତାଙ୍କ ମନକୁ ନ ପାଇବା ଭଳି ଚିନ୍ତା ଦଳର ନିର୍ଦ୍ଦେଶ ବୋଲି ସବୁବେଳେ ଗ୍ରହଣ କରି ନେବାକୁ ସେ ରାଜି ହେଉ ନଥିଲେ । ଦେଶର ଭବିଷ୍ୟତ ମଙ୍ଗଳ ବିଗୃଚକୁ ନେଇ ଲୋକପ୍ରିୟତା ହରାଇବାକୁ ଖାତିର ନ କରି, ଦଳର ସର୍ବୋଚ୍ଚ ପଦ ମଧ୍ୟ ପରିହାର କରିବାକୁ ସେ ପ୍ରସ୍ତୁତ ହେଉ ନଥିଲେ । ବିଶ୍ୱଯୁଦ୍ଧ ବେଳେ ଭାରତବାସୀ ଇଂରେଜଙ୍କ ଉଦ୍ୟମରେ ସାହାଯ୍ୟ କରିବା ଉଚିତ ବୋଲି ତାଙ୍କର ସୁସ୍ପଷ୍ଟମତ ଥିଲା । ତା'ହେଲେ ଏଇ ପ୍ରକାରରେ ଭବିଷ୍ୟତରେ ଭାରତର ସ୍ୱାଧୀନତା ରକ୍ଷା ଲାଗି ଆବଶ୍ୟକୀୟ ଯୁଦ୍ଧ କୌଶଳ ଭାରତବାସୀ ଶିକ୍ଷା କରି ପାରିବେ ଓ ତେଣୁ ଏ ସୁଯୋଗ ହରାଇବା ଉଚିତ ହେବ ନାହିଁ ବୋଲି ସେ ଯୁକ୍ତି ବାଢ଼ିଥିଲେ । ଏଥିପାଇଁ ସେ ଓଡ଼ିଶା କଂଗ୍ରେସର ସଭାପତି ପଦରୁ ଇସ୍ତଫା ଦେଇଥିଲେ ଓ ସୁବୋଧ ବୋଷଙ୍କ ପରାମର୍ଶରେ ଓଡ଼ିଶାରେ ଏକ ଯୁଦ୍ଧକାଳୀନ ସରକାର ଗଠନର ସୁବିଧା ହୋଇଥିଲେ ଏବଂ ଏହା ଯେ ଭାରତର ସ୍ୱାଧୀନତା ପ୍ରାପ୍ତିକୁ ତ୍ୱରାନ୍ୱିତ କରିବା ଲାଗି ଉଦ୍ଦିଷ୍ଟ ଥିଲା, ଏବେ ତାହା କହି ବୁଝାଇବା ଅନାବଶ୍ୟକ ।

ପଣ୍ଡିତ ନୀଳକଂଠ ବହୁ କ୍ଷେତ୍ରରେ ନିବଶ ହୋଇଛନ୍ତି— ମାତ୍ର ସେଥିପାଇଁ ସେ କେତେବେଳେ ହେଲେ ଭାଙ୍ଗି ପଡ଼ି ନାହାନ୍ତି । ଅବଶେଷରେ ଯେତେବେଳେ କଂଗ୍ରେସକୁ ଫେରି ଯିବାଲାଗି ପଣ୍ଡିତ ଜବାହରଲାଲ ନେହରୁ ତାଙ୍କୁ ନିମନ୍ତ୍ରଣ ଜଣାଇଲେ, ଜୀବନର ସାୟାହ୍ନରେ ସେ ତାଙ୍କର ସମସ୍ତ ମର୍ଯ୍ୟାଦା ଫେରି ପାଇଥିଲେ ଓ କଂଗ୍ରେସରେ ପୁଣି ଯୋଗ ଦେଇଥିଲେ ।

**ପଣ୍ଡିତ ନୀଳକଂଠ ଜଣେ ଯୁଗସ୍ରଷ୍ଟା ବ୍ୟକ୍ତି ଥିଲେ ।**

—୦—

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କୁ ଜାଣିବାକୁ ହେଲେ ପଢନ୍ତୁ

୧ । ମନୀଷୀ ନୀଳକଣ୍ଠ

ଲେଖକ— ଅଧ୍ୟାପକ ଚନ୍ଦ୍ରମଣି ଦାଶ

ଦାମ – ସାଧାରଣ ସଂସ୍କରଣ ଟ ୩୦.୦୦

ବନ୍ଧାଇ ଟ ୩୬-୦୦

୨ । ପଣ୍ଡିତ ନୀଳକଣ୍ଠ ଜୀବନୀ ଓ କୃତି

ଲେଖକ—ବର୍ଷୁଦ୍ଧାରଣର ପ୍ରାଧ୍ୟାପକ ଡଃ ନରେନ୍ଦ୍ର ନାଥ ମିଶ୍ର

ଦାମ୍ – ସୁଲଭ ସଂସ୍କରଣ ଟ ୨୦-୦୦

ଶୋଭନ ସଂସ୍କରଣ ଟ ୩୦-୦୦

୩ । ପଣ୍ଡିତ ନରସିଂହ ମହାପାତ୍ରଙ୍କ ମନୀଷୀ ନୀଳକଣ୍ଠ

ଦାମ୍ - ସାଧାରଣ ସଂସ୍କରଣ ଟ ୧୦ ୦୦

ସୁଲଭ ସଂସ୍କରଣ ଟ ୭-୦୦

୪ । ନୀଳକଣ୍ଠ ସ୍ମାରକୀ—୨ୟ ଖଣ୍ଡ

ଦାମ - ଟ୩୦-୦୦

ବୋର୍ଡ ବନ୍ଧାଇ ଟ୩୦-୦୦

5. Pandit Nilakanth Dash —Lila Ray

Ordinary : Rs. 30 00

Delux : Rs 50 00

୬ । ପଣ୍ଡିତ ନୀଳକଣ୍ଠଙ୍କ ନିଜ ରଚିତ 'ଲାବଣ୍ୟବତୀ'

ଟୀକା ଓ ବ୍ୟାଖ୍ୟା ( ୬୦୦ ପୃଷ୍ଠା ବିଶିଷ୍ଟ ଗ୍ରନ୍ଥ )

ଦାମ୍ - ଟ ୬୦-୦୦

ପ୍ରାପ୍ତିସ୍ଥାନ— ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

୩୦୩, ଖାରବେଳ ନଗର

ଭୁବନେଶ୍ୱର-୧

Digitized by PPRACHIN, SOA

# ଲେଖକ ପରିଚୟ

## ଗଗନେନ୍ଦ୍ର ନାଥ ଦାଶ

ଜନ୍ମ: ୧୯୪୦ ଜୁଲାଇ, ବଡଚଣା ( କଟକ )

ଶିକ୍ଷା: ଏମ୍. ଏ. (ଓଡ଼ିଆ) ୧୯୬୧, ବିଶ୍ୱଭାରତୀ (ଶାନ୍ତିନିକେତନ); ଭାଷା-ବିଜ୍ଞାନରେ ଏମ୍. ଏ. ତୁଲ୍ୟ ଡିପ୍ଲୋମା, ୧୯୬୯, ଡେକାନ କଲେଜ (ପୁନା); ପି. ଏଚ୍‌ଡି ( Descriptive Morphology of Oriya ) ୧୯୭୭, ଉତ୍କଳ ବିଶ୍ୱବିଦ୍ୟାଳୟ ।

୧୯୬୨ରୁ ଉତ୍କଳ ବିଶ୍ୱବିଦ୍ୟାଳୟ, ବିଶ୍ୱଭାରତୀ (ଶାନ୍ତିନିକେତନ) ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟାପନା । ସମ୍ପ୍ରତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାଷାବିଜ୍ଞାନ ବିଭାଗରେ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ରୂପେ ଅବସ୍ଥାପିତ ।

ଆମେରିକାର ହାର୍ଭାର୍ଡ୍ ବିଶ୍ୱବିଦ୍ୟାଳୟର ପ୍ରଫେସର Cora Du Boisଙ୍କ ନିର୍ଦ୍ଦେଶରେ ପରିଚାଳିତ Harvard-Bhubaneswar Projectରେ ଭାଷାବିଜ୍ଞାନୀ ଭାବରେ ଅଂଶ ଗ୍ରହଣ । ଜର୍ମାନୀସ୍ଥ ହାଇଡେଲବର୍ଗ ବିଶ୍ୱବିଦ୍ୟାଳୟର ଆନୁକୂଲ୍ୟରେ ପରିଚାଳିତ Orissa Research Projectର Member ଓ କିଛିକାଳ ପାଇଁ Resident Director ଭାବରେ ଆଞ୍ଚଳିକ ପରମ୍ପରାର ଉନ୍ମେଷ, ବିକାଶ ଓ ଭୂମିକା ଉପରେ ଗବେଷଣା ପ୍ରସଙ୍ଗରେ, ଜର୍ମାନୀ, ଇଂଲଣ୍ଡ ଓ ଇଉରୋପର ଅନ୍ୟାନ୍ୟ ଦେଶ ପରିଭ୍ରମଣ ।

**ପ୍ରକାଶିତ ପୁସ୍ତକ:** (୧) Conversational Oriya ( jointly with D. P. Pattanayak ); (୨) Orissa Bibliography ( jointly with H. Kulhe, M. N. Das & K. S. Behera ); (୩) Descriptive Morphology of Oriya ( Viswa-Bharati Research Publication Series), (୪) ଜନଶ୍ରୁତି କାଞ୍ଚି କାବେରୀ (୫) ଓଡ଼ିଆ ଭାଷାଚର୍ଚ୍ଚାର ପରମ୍ପରା (୬) ଖଦ୍ୟୋତର ଦୁ୍ୟତି ।

Digitized by PPRACHIN, SOA

## ନୀଳକଂଠ ଦାସ

୧୮୮୪ ଅଗଷ୍ଟ ୫ ତାରିଖରେ ପୁରୀ ଜିଲ୍ଲା ସାକ୍ଷିଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଜନ୍ମ ଲାଭ କରିଥିବା ନୀଳକଂଠ ଦାସ ସ୍ୱନାମ-ଧନ୍ୟ । ତାଙ୍କର ପରିଚୟ ଦେବା ଅନାବଶ୍ୟକ ।

## ସଚ୍ଚିଦାନନ୍ଦ ମିଶ୍ର

ଜନ୍ମ:—୧୯୩୦ ଛତ୍ରପୁର, ଗଞ୍ଜାମ ।
ଶିକ୍ଷା:—ବି. ଏସ୍. ସି (୧୯୫୧), ଏଲ୍. ଏଲ୍. ବି (୧୯୫୩)

୧୯୫୪ରୁ ୧୯୫୧ ଛତ୍ରପୁରରେ ଓକିଲାତି, ୧୯୫୯ରୁ ୧୯୬୪ ଜିଲ୍ଲା ଗେଜେଟିୟର ସଙ୍କଳକ, ୧୯୬୪ରୁ ଆଇନ ଅନୁବାଦକ । ବର୍ତ୍ତମାନ ଆଇନ ବିଭାଗର ଡେପୁଟି ସେକ୍ରେଟାରୀ ।

୧୯୫୦ରୁ ଏ ଅବଧି ୧୫୦ଟି ପ୍ରବନ୍ଧ ଓ ଅର୍ଦ୍ଧଶତାଧିକ ଗଳ୍ପ, କବିତା ଓ ରମ୍ୟରଚନା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ।

### ପ୍ରକାଶିତ ପୁସ୍ତକ:—

(୧) ଚଉତିଶା ବିଚିତ୍ରା (ସମ୍ପାଦନା), ୨- ହାସ୍ୟ କଲ୍ଲୋଳ (ସମ୍ପା-ଦନା), ୩-ପ୍ରାଚୀନ ହାସ୍ୟ ସମୁଚ୍ଚୟ (ସଙ୍କଳନ), ୪-ବିଚିତ୍ର ରାମାୟଣ (ସମ୍ପାଦନା), ୫-ରୁଚିର ରଚନାବଳୀ, ୬-ବଳଦେବ ରଥ ଅଧ୍ୟୟନ ।

ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ପ୍ରଜାତନ୍ତ୍ର ପ୍ରଚାର ସମିତି ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ଓ ଉପାଧିକ ପ୍ରାପ୍ତ ।

## ପଞ୍ଚାନନ ମହାନ୍ତି

ଜନ୍ମ:—୧୯୫୩, ସୋରୋ (ବାଲେଶ୍ୱର) ।
ଶିକ୍ଷା:—ଏମ୍. ଏ. (ଓଡ଼ିଆ) ୧୯୭୫ ବିଶ୍ୱଭାରତୀ (ଶାନ୍ତିନିକେତନ); ଭାଷା-ବିଜ୍ଞାନରେ ଏମ୍. ଏ. ତୁଲ୍ୟ ଡିପ୍ଲୋମା, ୧୯୭୯, ଦିଲ୍ଲୀ ବିଶ୍ୱ-ବିଦ୍ୟାଳୟ ।

Digitized by PPRACHIN, SOA

୧୯୮୦ରୁ ୧୯୮୪ ପର୍ଯ୍ୟନ୍ତ ଓଡ଼ିଶାର ଏକାଧିକ ସରକାରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟାପନା । ୧୯୮୪ରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଭାଷାବିଜ୍ଞାନରେ ଅଧ୍ୟାପକ ରୂପେ ଅବସ୍ଥାପିତ ।

୧୯୮୨ରେ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ବିଷୁବମିଳନ ପୁରସ୍କାର ପ୍ରାପ୍ତି, National Book Trust ଓ Central Hindi Directorateର ଅନୁରୋଧରେ ଓଡ଼ିଆରୁ ହିନ୍ଦୀକୁ ଓ ହିନ୍ଦୀରୁ ଓଡ଼ିଆକୁ ବହି ଓ ଲେଖା ଅନୁବାଦ ; ଏଷଣା ଓ ମୂଲ୍ୟାୟନ ସମ୍ପାଦନା ମଣ୍ଡଳୀର ସଦସ୍ୟ ।

## ଗୋପବନ୍ଧୁ ଦାଶ

ଜନ୍ମ:—୧୯୪୨, ଗଣିଆ (ପୁରୀ) ।

ଶିକ୍ଷା:—ଏମ୍. ଏ. (ଓଡ଼ିଆ) ୧୯୬୭, ଉତ୍କଳ ବିଶ୍ୱବିଦ୍ୟାଳୟ; ଭାଷାବିଜ୍ଞାନରେ ଡିପ୍ଲୋମା, ୧୯୬୮, ଦିଲ୍ଲୀ ବିଶ୍ୱବିଦ୍ୟାଳୟ; ପି. ଏଚ୍‌ଡି, (Structure of Kui : A Tribal Language of Orissa ), ୧୯୮୨, ବିଶ୍ୱଭାରତୀ (ଶାନ୍ତିନିକେତନ) ।

୧୯୬୭ରୁ ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟାପନା । ସମ୍ପ୍ରତି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପୁରୀରେ ଅବସ୍ଥାପିତ ।

## ଉପେନ୍ଦ୍ର ପ୍ରସାଦ ଦଲାଇ

ଜନ୍ମ:—୧୯୪୧, କନମୂଳ, ଓଡ଼ୋଲ (କଟକ) ।

ଶିକ୍ଷା:—ଏମ୍. ଏ. (ଓଡ଼ିଆ) ୧୯୬୪, ଉତ୍କଳ ବିଶ୍ୱବିଦ୍ୟାଳୟ ଭାଷାବିଜ୍ଞାନରେ, ସ୍ନାତକୋତ୍ତର, ଡିପ୍ଲୋମା (୧ମ ବର୍ଷ), ୧୯୭୫, ଡେକାନ କଲେଜ (ପୁଣେ) ପି. ଏଚ୍‌ଡି (A Descriptive Analysis of Standard Colloquial Oriya of the Puri District of Orissa) । ୧୯୮୧ ପୁନା ବିଶ୍ୱବିଦ୍ୟାଳୟ । ୧୯୭୦ରୁ ଜୟପୁରସ୍ଥ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପନା ।

**ପ୍ରକାଶିତ ପୁସ୍ତକ** :—ଭାଷାତତ୍ତ୍ୱ ସମୀକ୍ଷା ।

Digitized by PPRACHIN, SOA

## କୁମୁଦନୀ ମିଶ୍ର

ଜନ୍ମ:—୧୯୪୫, ଗ୍ରାମ ପୁରୁଷୋତ୍ତମପୁର (ପୁରୀ),
ଶିକ୍ଷା:—୧୯୬୧, ଏମ୍. ଏ. ଉତ୍କଳ ବିଶ୍ୱବିଦ୍ୟାଳୟ ; ୧୯୬୨, ଶିକ୍ଷା ବିଭାଗରେ ଓଡ଼ିଆ ଅଧ୍ୟାପିକା ରୂପେ ଯୋଗଦାନ । ୧୯୮୦ରୁ ୧୯୮୩, U. G. C ଶିକ୍ଷକ ଗବେଷିକା ଭାବେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟର ଗବେଷଣା ; ୧୯୮୪, 'ସାହିତ୍ୟ ସାଧକ ପଣ୍ଡିତ ନୀଳକଣ୍ଠ' ସନ୍ଦର୍ଭ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ D. Litt ଲାଭ । ଏହା ଲାଭ କରିବାରେ ପ୍ରଥମ ମହିଳା ।

ରମାଦେବୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପିକା ରୂପେ ଅବସ୍ଥାପିତା ।

## ଭାବଗ୍ରାହୀ ମିଶ୍ର

ଜନ୍ମ:—୧୯୩୪, ମଞ୍ଜୁଦା (କଟକ ।
ଶିକ୍ଷା:—ଏମ୍. ଏ. (ଓଡ଼ିଆ), ୧୯୬୦, ବିଶ୍ୱଭାରତୀ (ଶାନ୍ତିନିକେତନ), ପି. ଏଚ୍. ଡ଼ି. ୧୯୬୯, ଇଣ୍ଡିଆନା ବିଶ୍ୱବିଦ୍ୟାଳୟ (ଯୁକ୍ତରାଷ୍ଟ୍ର ଆମେରିକା) ।

୧୯୬୧-୬୬ ଓଡ଼ିଶା ଶିକ୍ଷା ବିଭାଗରେ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟାପନା ।

୧୯୬୬-୬୮ ଇଣ୍ଡିଆନା ବିଶ୍ୱବିଦ୍ୟାଳୟରେ ଗବେଷଣା (ଲୋକ-ସଂସ୍କୃତି) ।

୧୯୬୮-୭୭ ହାର୍ଟଫୋର୍ଡ ସେମିନାରୀ ଫାଉଣ୍ଡେସନ, ସେଣ୍ଟ୍ ଯୋଶେଫ କଲେଜ ଓ ଗ୍ରେଟାର ହାର୍ଟଫୋର୍ଡ କମ୍ୟୁ-ନିଟି କଲେଜରେ ନୃତତ୍ତ୍ୱ ଅଧ୍ୟାପନା ।

୧୯୭୩-୭୭ ଓଡ଼ିଶାରେ ସମାଜସେବା ।

୧୯୭୮-୮୦ ଭାରତୀୟ ବିଦ୍ୟାଭବନ (ଭୁବନେଶ୍ୱର) କେନ୍ଦ୍ରର ପରିଚାଳନା ।

୧୯୭୯-୮୩ ସମାଜସେବା ।

୧୯୮୪-୮୬ ଏସିଆ ଶ୍ରମିକ ବିକାଶ ପ୍ରତିଷ୍ଠାନ (ରାଉରକେଲା)ରେ ନିର୍ଦ୍ଦେଶକ ।

Digitized by PPRACHIN, SOA

ପ୍ରକାଶିତ ପୁସ୍ତକ:—ରବୀନ୍ଦ୍ର ଜୀବନ କଥା (ଅନୁବାଦ), ସାହିତ୍ୟ ମୀମାଂସା, ଅଳଙ୍କାର ଶାସ୍ତ୍ର ପରିଚିତି, ସାହିତ୍ୟ ଦୃଷ୍ଟି ; Vervier Elwin : A Pioneer Indian Anthropologies.

ବହୁ ରାଷ୍ଟ୍ରୀୟ ଓ ଆନ୍ତର୍ଜାତୀୟ ସାହିତ୍ୟ, ଶିକ୍ଷା, ସମାଜସେବା ଅନୁଷ୍ଠାନ ସହ ସଂପୃକ୍ତ ।

ବର୍ତ୍ତମାନ ଠିକଣା :—ସି/୫ ଲେବର କଲୋନୀ, ଭୁବନେଶ୍ୱର ।

*

# ଆର୍ଯ୍ୟଙ୍କ ପ୍ରତିଷ୍ଠାର ସାଧନ-ଭାଷା

ପ୍ରତିଷ୍ଠିତ ସଭ୍ୟତାର ଉପାସନା ଓ ଅନ୍ଧବିଶ୍ୱାସରେ ଆତ୍ମଦାନ କରି ତାକୁ ସବୁ ନିଜର କରନ୍ତୁ, ଆବଶ୍ୟକ ମତେ ଗ୍ରହଣ କରନ୍ତୁ ବା ଦର୍ଶନରେ ପ୍ରଭାବିତ ହୁଅନ୍ତୁ । ଏ ସମସ୍ତ ବିଜୟୀ ପରାଜୟ ଭିତରେ ଆଗନ୍ତୁକ ଆର୍ଯ୍ୟମାନେ ଏକା ପ୍ରାୟ ସବୁଠି ନିଜ ନାମରେ ସମାଜ ଓ ସଭ୍ୟତାକୁ ପରିଚିତ କରିବାରେ ସମର୍ଥ ହୋଇ ପ୍ରତିଷ୍ଠା ଲାଭ କରିଥିଲେ ଓ ଆଜି ମଧ୍ୟ ଖ୍ରୀଷ୍ଟ ମୁସଲମାନ ଧର୍ମର ପ୍ଲାବନୀ ପ୍ରତିଷ୍ଠା ଭିତରେ ଆର୍ଯ୍ୟଙ୍କର ଏ ପ୍ରଭାବ ଓ କୃତିତ୍ୱ ଦେଖିବାରେ ଅସୁବିଧା କିଛି ନାହିଁ । ଗ୍ରୀସ, ରୋମ ତଥା ଇଂରେଜ, ଫରାସୀ, ଜର୍ମାନ ପ୍ରଭୃତିର ସଭ୍ୟତା ବିନା ଇଉରୋପର ଖ୍ରୀଷ୍ଟ ସଭ୍ୟତା ଦର୍ଶନ ହୀନ । ପାରସ୍ୟ ମଧ୍ୟ ନିଜ ସଭ୍ୟତାର ନାମ ଦେଇଛି ପହ୍ଲବୀ । ପୃଥିବୀର ସଭ୍ୟତାରେ ଆର୍ଯ୍ୟଙ୍କର ଏ ପ୍ରଭାବ ଓ ପ୍ରତିଷ୍ଠା ଅନନ୍ୟ ସାଧାରଣ । ହୁଏତ ଖୋଳି ଦେଖିଲେ କୌଣସି ସଭ୍ୟତା ମୂଳତଃ ତାଙ୍କ ନିଜର ନୁହେଁ ; ମାତ୍ର ସବୁ ସଭ୍ୟତା ପୁଣି ତାଙ୍କରି । ଏ ପ୍ରଭାବ ଓ ପ୍ରତିଷ୍ଠାର ସାଧନ ତେବେ କଣ ? ଏହାର ଉତ୍କୃଷ୍ଟ ସାଧନ ହେଉଛି, ଭାଷା । ପୃଥିବୀରେ ପ୍ରାଚୀନ ସଭ୍ୟତା ତ ବହୁତ ଥିଲା । ଆର୍ଯ୍ୟଙ୍କ ପୂର୍ବରୁ ଆର୍ଯ୍ୟଙ୍କ ସଭ୍ୟତାକୁ ବଳି ବଡ ବଡ ସଭ୍ୟତାମାନ ବହୁତ ଥିଲା ; କିନ୍ତୁ ଆର୍ଯ୍ୟଙ୍କ ଭାଷା ପରି ବିଶାଳ ଓ ପୁଷ୍କଳ ପ୍ରକାଶରେ ତଥା ସୂକ୍ଷ୍ମାତି-ସୂକ୍ଷ୍ମ ଭାବରେ ପ୍ରୟୋଗ-ପ୍ରବଣ ଓ ନମନୀୟ ଚିନ୍ତା ଓ ଭାବ ପ୍ରକାଶରେ ସାଧନ ଆଉ କାହାରି ନ ଥିଲା ।

(ସଂସ୍କୃତ ଓ ସଂସ୍କୃତି) * * **ନୀଳକଣ୍ଠ ଦାସ**

Digitized by PPRACHIN, SOA

*With Best Compliments From :*

# KONARK TELEVISION LIMITED

[ A GOVT. OF ORISSA ENTERPRISE ]

**OFFERS**

**FOLLOWING PRESTIGIOUS MODELS :—**

**BLACK & WHITE**

1. ROHINI PREMIER
2. ROHINI DELUXE
3. ROHINI 001
4. GEETANJALI DELUX (PORTABLE)
5. GEETANJALI (PORTABLE)

**COLOUR**

1. RAINBOW DELUX (Remote Control)
2. RAINBOW DELUX
3 RAINBOW PREMIER
4. RAINBOW SUPER DELUX
5. RAINBOW MONITOR

**PLEASE CONTACT :—**

1 ) **Konark Tv Showroom**
Bapuji Nagar
Bhubaneswar

2 ) **Konark Tv Showroom**
Market Complex
Buxi Bazar, Cuttack.

**A N D**

DEALERS THROUGH-OUT ORISSA


Digitized by PPRACHIN, SOA

# ବିଦ୍ୟୁତ ଖର୍ଚ୍ଚ କମ୍ କରନ୍ତୁ

୧ । ଆବଶ୍ୟକ ନ ଥିବାବେଳେ ଆଲୁଅ, ପଙ୍ଖା, ହିଟର, ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ପ୍ରଭୃତି ବିଦ୍ୟୁତ ଉପକରଣ ଗୁଡ଼ିକୁ ବନ୍ଦକରି ଦିଅନ୍ତୁ ।

୨ । ଘରେ ଅଧିକ ପରିମାଣରେ ସୂର୍ଯ୍ୟାଲୋକ ବ୍ୟବହାର କରି ବିଦ୍ୟୁତ ଆଲୋକ ବ୍ୟବହାର କମାଇ ଦିଅନ୍ତୁ ।

୩ । ବଲବ୍ ଓ ବାର୍ ଲାଇଟରେ ଧୂଳି ଲାଗିଲେ ଆଲୁଅ ଭଲ ହୁଏ ନାହିଁ । ଏଗୁଡ଼ିକୁ ସର୍ବଦା ସଫା ରଖନ୍ତୁ ।

୪ । ସାଜ ସଜ୍ଜାରେ ବିଦ୍ୟୁତ୍ ଶକ୍ତିର ଅପଚୟ କରନ୍ତୁ ନାହିଁ ।

୫ । ବଲ୍‌ବ ଅପେକ୍ଷା ବାରଲାଇଟ୍ କମ୍ ଖର୍ଚ୍ଚରେ ଅଧିକ ଆଲୋକ ଦେଉଥିବାରୁ ଭଲ କିସମର ବାର୍ ଲାଇଟ ବ୍ୟବହାର କରନ୍ତୁ ।

୬ । ରେଫ୍ରିଜରେଟର ଖୋଲିବା ସମୟ କମ୍ କରନ୍ତୁ ।

୭ । ବିଦ୍ୟୁତ ଖର୍ଚ୍ଚ କମାଇବା ପାଇଁ ଏବଂ ନିଜକୁ ବିପଦ ମୁକ୍ତ ରଖିବା ପାଇଁ ଭାରତୀୟ ମାନକ ସଂସ୍ଥା (I.S.I.) ଚିହ୍ନିତ ବିଦ୍ୟୁତ ଉପକରଣ ବ୍ୟବହାର କରନ୍ତୁ ।

୮ । କମ୍ ଖର୍ଚ୍ଚରେ ଅଧିକ ଆଲୋକ ପାଇଁ ଲାଇଟ ପଏଣ୍ଟ ଗୁଡିକ ଉପଯୁକ୍ତ ସ୍ଥାନରେ ଲଗାନ୍ତୁ ।

୯ । ନୂଆ ଲାଇଟ ପଏଣ୍ଟ ଲଗାଇବାବେଳେ କେତେ ଖର୍ଚ୍ଚ ହେବ ତାହା ହିସାବ କରିବା ପରିବର୍ତ୍ତେ ଏହାକୁ ବ୍ୟବହାର କଲେ କେତେ ଅଧିକ ଖର୍ଚ୍ଚ ପଡ଼ିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ।

୧୦ । ଦୀର୍ଘ ସମୟ ପାଇଁ ଘରେ ଅନୁପସ୍ଥିତ ରହିବାକୁ ପଡ଼ିଥିଲେ ମେନ୍ ସୁଇଚ ବନ୍ଦ କରି ଯାଆନ୍ତୁ ।

୧୧ । ସମସ୍ତ ଶିଳ୍ପ କାରଖାନାମାନଙ୍କରେ ଅଯଥା ବିଦ୍ୟୁତ ବ୍ୟବହାର ବନ୍ଦ କରନ୍ତୁ ଓ ଉତ୍ପାଦନ ନ କମାଇ ଶତକଡ଼ା ୧୫ଭାଗ ବିଦ୍ୟୁତ ସଞ୍ଚୟ ପାଇଁ ଚେଷ୍ଟା କରନ୍ତୁ ।

**ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ଼, ଭୁବନେଶ୍ୱର**

Digitized by PPRACHIN, SOA

*With Best Compliments from :*

**The Orissa Mining Corporation Limited**

( A Government of Orissa Undertaking )
BHUBANESWAR INCORPORATED-1956

*Registered Office :*

**BHUBANESWAR - 1**

*Exploiting & Marketing :*

- Iron Ore Lumps & fines
- Manganese Ore of all grades
- Chrome Ore of all grades
- China Clay
- Fire Clay (Plastic & non-plastic)
- Tin Concentrates
- Stone chips

*Economic & Commercial Activities :*

- Mineral production-Over 15 million tonnes
- Export to earn Foreign Exchange Over 10 million tonnes
- Indigeneous Sales-Nearly 5 million tonnes
- Turn Over-Over Rs. 1130 million

*We are setting up Mineral-Based Industries :*

- A 50,000 Tonne per year Charge Chrome Plant in collaboration with VOEST ALPINE (Austria) and OY OUTOKUMPU (Finland) at Bamnipal in Keonjhar District.
- Chrome Ore Benefication Plant in Sukinda Valley
- China Clay Washery

*Our new mining venture and Feasibilities :*

- Gemstones
- Bauxite
- Graphite
- Dimension Stones.

Cable : "ORMINCORP" Telex : 0675-201
Telephones : 52220/52370/52293/54322/50777/50889/ 52925.

Digitized by PPRACHIN, SOA